ଆଧୁନିକା ଧନୀ ଦୁଲାଳୀ ସୁନନ୍ଦା ଶାନ୍ତ...ସୁରୁଚିର ବନ୍ଧୁର
ଆସନ ହଏ...ସାନିଧ ହଏ। କିନ୍ତୁ ପୁରୁଷ ଗୃହେ ନାରୀର
ଦେହ, ମନ ନୁହେଁ । ଦ୍ୱନ୍ଦ୍ୱ ଉଠେ ମନରେ...
ନାରୀ ଜୀବନରେ ସାର୍ଥକତା କେଉଁଠି ?
ରୂପସୀ ସୁନନ୍ଦା ତା'ର ଉତ୍ତର
ଦେଇଛନ୍ତି...

# ହେ ଚିରବାଞ୍ଛିତ

ଲାଇବ୍ରେରୀ

ଦାମୋଦର ମିଶ୍ର

*

ଏ ଉପନ୍ୟାସର ସମସ୍ତ ଚରିତ୍ର କାଳ୍ପନିକ



'ମନେ କରିବ ଅନୁ, ମୁଁ ସ୍ତ୍ରୀ ନୁହେଁ, ଜଣେ ପୁରୁଷ···।'
ଅତି ସାଧାରଣ ଭାବରେ ନନ୍ଦା କହିଲା ।

( ପୃଷ୍ଠା—୫୧

ଘଣ୍ଟି ଉତ୍କଳ ସଂଘ ଲାଇବ୍ରେରୀ
ନଂ.ଓ/୧୩୨
ତା..................
ରାଉରକେଲା

ଶେଷ ଆଶ୍ୱିନର ଗୋଟିଏ ଅଳସ ଅପରାହ୍ଣ......

ଅସ୍ତାୟମାନ ସୂର୍ଯ୍ୟର ସ୍ୱର୍ଣ୍ଣାଭ ରଶ୍ମି ଭିତରେ ସବୁଜ ପୃଥିବୀ ଆସନ୍ନ ରାତ୍ରିର ଅଭିସାର ପାଇଁ ପ୍ରସ୍ତୁତ ହେଉଥିଲା । ତଳେ ପୃଥିବୀର ଶ୍ୟାମଳ ଟକଦାର ପ୍ରାନ୍ତରୁ କାଶତଣ୍ଡୀ ଫୁଲର ସରମ ଶିର ସଞ୍ଚାଳନ, ଉପର ଆକାଶର ସୁନୀଳ ବକ୍ଷ ଉପରେ ଉଡ଼ି ଯାଉଥିବା ଶୁଭ୍ର ବକପଙ୍କ୍ତିକୁ ବିଦାୟ ଅଭିନନ୍ଦନ ଜଣାଉଥିଲା । ଦୂରରୁ ଏକ ଅଜ୍ଞାତନାମା ଗୋପାଳ ବାଳକର ଅନଭ୍ୟସ୍ତ ବଂଶୀର ମୂର୍ଚ୍ଛନା ଶାରଦୀୟ ବାତାବରଣକୁ ମୋହମୁଗ୍ଧ କରି ତୋଳୁଥିଲା...

ଧୀରେ ଧୀରେ ଶୁଷ୍କ ପ୍ରତିପଦାର ନରମ ଗୋଧୂଳି ଜମାଟ ବାନ୍ଧି ଉଠୁଥିଲା । ପଶ୍ଚିମାକାଶରୁ ଅରୁଣିମା ଆସ୍ତେ ଆସ୍ତେ ଅପସରି ଯାଉଥିଲା । ମୃଦୁ ମନ୍ଦ ପବନର ଶୀତ ସିତ୍କାର ବଳଙ୍ଗ ନଦୀ ବକ୍ଷକୁ ଆଲୋଡ଼ିତ କରି ତା' ଉପରେ ଅଯୁତ ତରଙ୍ଗର ଶୋଭାଯାତ୍ରା ଆରମ୍ଭ କରି ଦେଇଥିଲା ।

ଗୃହଆଡ଼େ ଶସ୍ୟକ୍ଷେତ୍ରର ଶାରଦୀୟ ଶ୍ୟାମଳିମା ଭିତରେ ଅଙ୍କ-ପ୍ରମତ୍ତ ବଳଙ୍ଗ ନଦୀର ଅଳସ ଭଙ୍ଗୀ ଯାଉଥିଲା । ତାର ତରଙ୍ଗାୟିତ ବକ୍ଷ ଉପରେ ବହମାନ ଏକ ବିରାଟ ନୌକାର ବାହାର ପଟାତନ ଉପରେ ବସି ଏକ ଦୈନିକା ପଢ଼ୁ ପଢ଼ୁ ପ୍ରକୃତିର ଏଇ ଅପରୂପ ରୂପ ସମ୍ଭାର ଉପରେ ଆପଣାର ସୁପ୍ତ କବିତ୍ୱକୁ ପ୍ରତିଫଳିତ କରିବାକୁ ଚେଷ୍ଟା କରୁଥିଲେ—ପୌଢ଼ ଜମିଦାର ହରପ୍ରତାପ ।

ବୟସର ସୀମାରେଖା ହରପ୍ରତାପଙ୍କୁ ବାର୍ଦ୍ଧକ୍ୟର ପ୍ରଥମ ସୋପାନରେ ଉପନୀତ କରି ସାରିଥିଲା । ତଥାପି ତାଙ୍କର ଅସରନ୍ତି ଜୀବନୀଶକ୍ତି, ତାଙ୍କୁ ଯଥେଷ୍ଟ ସତେଜ କରି ରଖିଥିଲା । ନିଜ କୁଳର ଆଭିଜାତ୍ୟ ତାଙ୍କୁ ନିଶ୍ଚିନ୍ତ ଆରାମ ଭିତରେ ସମୟ ଅତିବାହିତ କରିବାକୁ ସୁଯୋଗ ଦେଉଥିଲା । କେତେବେଳେ ନିଜର ବଉଁର ବା ଲେଣ୍ଟରସ୍ଥ ଜମିଦାରୀର ପ୍ରାସାଦୋପମ ଅଟ୍ଟାଳିକାର କକ୍ଷ ଭିତରେ ପାରମାର୍ଥିକ ଚିନ୍ତାରେ ନିଜକୁ ସେ ନିମଜ୍ଜିତ କରୁଥିଲେ ତ, ଅନ୍ୟ କେତେବେଳେ କଲିକତାର ନିଜସ୍ୱ ତ୍ରିତଳ ପ୍ରାସାଦର ବିରାଟ ଆଡ଼ମ୍ବର ଭିତରେ ବାସ କରି, ସେ ପୁଣିଥରେ ନିରାଟ ବାସ୍ତବତା ଭିତରକୁ ଫେରି ଆସୁଥିଲେ ।

···ସମ୍ପ୍ରତି ନିଜ ଦୌହିତ୍ରୀ ସୁନନ୍ଦା ଚିକିତ୍ସା ବିଜ୍ଞାନରେ ଶେଷ ପରୀକ୍ଷା ଦେଇ ସାରିବା ପରେ, କଲିକତାର ବାତାବରଣ ଭିତରେ ଆଉ କିଛିଦିନ ବିତେଇ, ଆଗାମୀ ଶାରଦୀୟ ମାତୃପୂଜାର ଆୟୋଜନ କରିବାକୁ ସେ ନିଜ ଜମିଦାରୀକୁ ଫେରି ଆସୁଛନ୍ତି । ଅନ୍ୟାନ୍ୟ ବର୍ଷ ଭଳି ଏବର୍ଷ ମଧ୍ୟ ମହାସମାରୋହରେ ଅନୁଷ୍ଠାନଟିକୁ ସୁସମ୍ପନ୍ନ କରିବା ପାଇଁ ସେ ଉଦ୍-ଗ୍ରୀବ ହୋଇ ପଡ଼ିଥିଲେ ।

ଖରାଦିନିଆ ରାସ୍ତାରେ ଗାଡ଼ି ମୋଟର ଚଳିବାକୁ ଆରମ୍ଭ କରିନାହିଁ । ଏଣୁ ଷ୍ଟେସନରେ ଓହ୍ଲେଇ ପାଦଚଲା ରାସ୍ତା ଧରିବାକୁ ସେ ଠିକ କରୁଥିଲେ । କିନ୍ତୁ ନଦୀ ପଥରେ ଯାତ୍ରାକୁ ଉପଭୋଗ କରିବାକୁ ସୁନନ୍ଦା ପ୍ରସ୍ତାବ ଦେବାରୁ ଅଗତ୍ୟା ନୌକା ଯୋଗେ ସେମାନଙ୍କୁ ଫେରିବାକୁ ପଡୁଥିଲା··· ।

ବଲଙ୍ଗା ନଦୀର ସେଇ ବହମାନ ନୌକା ଉପରେ ବସି ତନ୍ମୟ ହୋଇ ଶାରଦୀୟ ପ୍ରକୃତିକୁ ଉପଭୋଗ କରୁଥିଲେ ହରିପ୍ରତାପ, ଆଉ ତାଙ୍କର ପ୍ରାଣପ୍ରତିମ ଦୌହିତ୍ରୀ ସୁନନ୍ଦା ନୌକାର ଆଚ୍ଛାଦିତ ଅଂଶ ଭିତରେ ବସି ନିଜର ହାଁନଳିଆ ବନ୍ଧୁ ନଠାକୁ ସଙ୍ଗ କରୁ କରୁ ଅଜାଙ୍କର ଜଳଖିଆ ତିଆରିର ତତ୍ତ୍ୱ ନେଉଥିଲା ।

କିଛି ସମୟ ପରେ ଅତି ମୃଦୁ ସ୍ୱରରେ ହରପ୍ରତାପ ଡାକିଲେ, 'ନନ୍ଦା······ !'

ଦୁ'ନଳିଆ ବନ୍ଧୁକଟିକୁ ହାତରେ ଧରି ସେଇ ଅଳ୍ପାଦୃତ ଅଂଗଣା ଭିତରୁ ପଦାକୁ ବାହାରି ଆସିଲା ନନ୍ଦା । ପୂର୍ଣ୍ଣ ଯୁବତୀ ଓ ଅପରୂପ ସୁନ୍ଦରୀ ନନ୍ଦା, ନିଜର ମୁକ୍ତ ଅଞ୍ଚଳଟାକୁ ଅଣ୍ଟା ବୃଦ୍ଧପାଖରେ ଭଲ କରି ଗୁଞ୍ଜେଇ ଦେଇ, ବୃଦ୍ଧଆଡ଼କୁ ଏକ ସତର୍କ ଦୃଷ୍ଟି ନିକ୍ଷେପ କରି ହରପ୍ରତାପଙ୍କ ପାଖକୁ ଆଗେଇ ଆସି ସେ କହିଲା, 'କଣ ଅଜା··· ?'

ତା ଆଡ଼କୁ ଚାହିଁ ଟିକିଏ ହସି ହରପ୍ରତାପ କହିଲେ 'ଆ··· ବସ···' ପାଖରେ ପଡ଼ିଥିବା ଅନ୍ୟ ଖଣ୍ଡିଏ ବେତ୍ରାସନ ଉପରେ ବସି ପଡ଼ିବାକୁ ସେ ନନ୍ଦାକୁ ନିର୍ଦ୍ଦେଶ ଦେଲେ ।

ବନ୍ଧୁକଟା ଉପରେ ନିଜ ଦେହର ସମସ୍ତ ଭାର ଅଜାଡ଼ି ଦେଇ, ଡାହାଣ ହାତରେ ନିଜର ଲମ୍ବମାନ ବେଣୀଟାକୁ ହଲେଇ ହଲେଇ ଅଭିମାନର ସୁରରେ ନନ୍ଦା କହିଲା—'ଏଇଥିପାଇଁ ମୋତେ ଡାକି

ହରପ୍ରତାପଙ୍କ ମୁହଁରେ ସେଇ ହସ ଲାଗି ରହିଥିଲା । ମେଁର [illegible]
'ଆଉ ତୁ କଣ ମନେ କରିଥିଲୁ, ଶୁଣେ··· ?'

ବନ୍ଧୁକଟାକୁ ସେଇ ବେତ୍ରାସନର ପଛପଟକୁ ଆଉଜେଇ ଦେଇ ଆସନ ଉପରେ ବସି ପଡ଼ି ଚରମ ନୈରାଶ୍ୟ ଭିତରେହିଁ ନନ୍ଦା କହିଲା, 'ତୁମର ସତର୍କ ଡାକ ଶୁଣି ଏକ ଚମତ୍କାର ଶୀକାରର ସନ୍ଧାନ ମିଳିଛି ମନେ କରି ବେଶ୍ ସନ୍ତର୍ପଣରେ ମୁଁ ପଦାକୁ ବାହାରି ଆସିଲି, କିନ୍ତୁ ବୁଆଡ଼େ କିଛି ନାହିଁ ଅନ୍ତତଃ ଏକ ଯୋଡ଼ା ଫେରନ୍ତା ପକ୍ଷୀ ଦମ୍ପତ୍ତି ହେଲେ ବି ଚାଲି ଯାଇଥାନ୍ତା ।

କଷ୍ଟ ସ୍ୱରରେ ଟିକିଏ ବ୍ୟଙ୍ଗ ମିଶେଇ ହରପ୍ରତାପ କହିଲେ, 'ସେଇ ଯୋଡ଼ ଫେରନ୍ତା ପକ୍ଷୀ ଦମ୍ପତ୍ତିଟିର ନିର୍ବାଣପ୍ରାପ୍ତି ତୁ ତୋ'ର ବନ୍ଧୁକ ସାହାଯ୍ୟରେ କରି ଦେଇଥାନ୍ତୁ ? ଚମତ୍କାର କଥା··· !

ଆଲୋଚନାର ଗତି ପରିବର୍ତ୍ତିତ ହେଇ ଯାଉଛି ଲକ୍ଷ୍ୟ କରି ନନ୍ଦା ଏକ ସହଜ ଭଙ୍ଗୀରେ ବସିଲା । ଅଞ୍ଚଳର କଟିବେଷ୍ଟିତ ଅଂଶଟାକୁ ମୁକ୍ତ କରି ଟିକିଏ ହସି ସେ କହିଲା—'ବନ୍ଧୁକ ସାହାଯ୍ୟରେ ପକ୍ଷୀ ଦମ୍ପତ୍ତିଙ୍କର ନିର୍ବାଣ ପ୍ରାପ୍ତି ହୋଇ ପାରିବ କି ନାହିଁ ସେ ବିଷୟରେ ତ ଅନେକ ତର୍କ ଚଳିପାରେ ଅଜା ! କିନ୍ତୁ ତୁମର ବୈଠକଖାନା'ର ସାଜସଜ୍ଜା ତୁମର ବର୍ତ୍ତମାନ ଯୁକ୍ତିକୁ

ଅନୁମୋଦନ କଲ୍ଲ ଭଳି କୌଣସି ସାକ୍ଷ୍ୟ ତ ହୁଏ ନାହିଁ । ବୈଠକଖାନାର ମୁଣ୍ଡଟି ସ୍ଥାନ ମୃତ ବନ୍ୟଜନ୍ତୁଙ୍କର ଅବୟବ ଦେଇ ସଜ୍ଜିତ, ସେମାନେ କଣ ତୁମର ବୈଠକଖାନାକୁ ମୃତ ଅବସ୍ଥାରେ ସ୍ୱଇଚ୍ଛାରେ ପଶି ଆସିଥିଲେ ନା ତୁମର ଏଇ ବନ୍ଧୁକ ମୁନର ଶୀକାର ହେବାକୁ ବାଧ ହୋଇଥିଲେ ?'

କଥାଟା ଅଜାଙ୍କୁ ଆଘାତ ଦେଇ ପାରେ ମନେକରି, କଥାଟାର ଗୁରୁତ୍ୱ କମେଇ ଦେବାକୁ ନନ୍ଦା ଟିକିଏ ହସିଲା, ତା'ପରେ କହିଲା—'ତୁମର ତ ଚତୁର୍ଥ ଷ୍ଟୁ ବୟସ ହୋଇ ନାହିଁ ଅଜା ! ଆଜିଠାରୁ ତୁମର ଏ ବୈରାଗ୍ୟ କାହିଁକି ?'

ବସ୍ତ
ଭିତରକୁ

ହରପ୍ରତାପ ଚୁପ୍ ହୋଇ ବସି, ପ୍ରଗଳ୍ଭା ନାତୁଣୀଟିର ବାକ୍ଚାତୁରୀରେ ·ଗ୍ଧ ହେଉଥିଲେ । କିଛି ସମୟ ପରେ ସେ କହିଲେ, 'ତୋର ପରୀକ୍ଷା ଦେଖିଛିକି ନନ୍ଦା ! ଚତୁର୍ଥ ବୟସ ଆସିବା ପୂର୍ବରୁ ହିଁ ମୋ ଜୀବନରେ ବନ୍ଧନ ବଡ଼େଇ ଦେଖା ଦେଇଛି । ତୋର ଏଇ ବୁଢ଼ା ଅଜା କେବଳ ଗୁଡ଼ିଏ ତିକ୍ତ ଅଭିଜ୍ଞତାର ସମଷ୍ଟି ବୋଲି ତୁ ହୁଏତ ମନେ କରି ପାରୁନୁ, କିନ୍ତୁ ଏଇ ତିକ୍ତ ଅଭିଜ୍ଞତା ସବୁ ମୋତେ ଆଜି ସମ୍ବଳ ଶୂନ୍ୟ କରି ଦୁନିଆ ଦାଣ୍ଡକୁ ଠେଲି ଦେଇଛି । ଯୌବନର ଉତ୍ତେଜନାରେ ଏକ କୁତ୍ସିତ ଖିଆଲର ବଶବର୍ତ୍ତୀ ହୋଇ, କ୍ଷଣିକ ଆତ୍ମତୃପ୍ତି ପାଇଁ ମୁଁ ନିରୀହ ବଣପଶୁଗୁଡ଼ିକୁ ଅତି ନିର୍ମମ ଭାବରେ ହତ୍ୟା କରିଛି, ଆଉ ତାହାର ଫଳରେ ଭଗବାନ୍ ଗୋଟିକ ପରେ ଗୋଟିଏ, ସମସ୍ତଙ୍କୁ ମୋ ପାଖରୁ ଛଡ଼େଇ ନେଇଚନ୍ତି । ତୋର ମା' ଅତି ଅସମୟରେ ତା'ର ଏ ବାପକୁ ଏକୁଟିଆ ଛାଡ଼ି ଚାଲି ଯାଇଛି, ପରେ ପରେ ତୋର ବାପା ମଧ୍ୟ···ଆଉ ଶେଷକୁ କେବଳ ରହିଛୁ ତୁ···, ତୋତେ ଛାଡ଼ିଦେଲେ ଦୁନିଆରେ ଆଜି ମୋର ହେଲୁ ଆଉ କିଏ ଅଛି ନନ୍ଦା ?'

ତା' ପରେ ଅତି କରୁଣ ସ୍ୱରରେ ସେ କହିଲେ—'ସେଇଥିପାଇଁ ତ ତୋତେ ମୁଁ କହୁଛି ନନ୍ଦା, ତୁ ଏ ବଦ୍ଖିଆଲ ଛାଡ଼ିଦେ । ଏଇ ଖିଆଲର ବଶବର୍ତ୍ତୀ ହୋଇ ମୁଁ ଆଜି ଯେମିତି ଏକ ଅଭିଶପ୍ତ ଜୀବନ ଯାପନ କରୁଛି, ସେମିତି ସର୍ବହରାର ଜୀବନ ତୋତେ ଯେମିତି ଯାପନ

କରିବାକୁ ନ ପଡନ୍ତି ।' ହରପ୍ରତାପଙ୍କ ଆଖିରୁ କି ଚିନ୍ତା ଲହରି ଅନେକ ପଡ଼ିଲା ··· ।

ପୁଣି ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣ ଭିତରେ କଥାବାର୍ତ୍ତା ମନ୍ଦୁ ବା ଅଟକି ଯିବାର ଦେଖି, ନନ୍ଦା ବ୍ୟଥିତ ହୋଇ ପଡ଼ିଲା ··· ।

କିଛି ସମୟ ପରେ ଗୋଟାଏ କପ୍‌ରେ କପେ ଚା' ଓ ଗୋଟାଏ ଥାଳିଆରେ କିଛି ବିସ୍କୁଟ୍ ଆଣି ସତିଆ ଟେବୁଲ ଉପରେ ରଖିଲା । ନନ୍ଦାକୁ ତା' ହାତକୁ ନିଜର ବନ୍ଧୁକଠା ବଢ଼େଇ ଦେଇ, ହରପ୍ରତାପଙ୍କୁ ଉଦ୍ଦେଶ୍ୟ କରି କହିଲା—'ଚା' ଖାଇନିଅ ଅଜା ! ଥଣ୍ଡା ହୋଇଯିବ··· ।' ତାପରେ ନିଜେ ଖଣ୍ଡେ ବିସ୍କୁଟ୍ ନେଇ ତା' ସହିତ ଖେଳିବାକୁ ଆରମ୍ଭ କରିଦେଲା ।

ଏଇ ଅସ୍ୱାଭାବିକ ପରିସ୍ଥିତିରୁ ଖସିଯିବା ପାଇଁ ନନ୍ଦା ଆପ୍ରାଣ ଚେଷ୍ଟା କରୁଥିଲା । ହରପ୍ରତାପ ଚା' ଖାଇବାକୁ ଆରମ୍ଭ କଲେ । ଚା' ପରେ ପାନଡବା ବାହାର କରି, ଖଣ୍ଡେ ସୁବାସିତ ଓଡ଼ିଆ ପାନ ପାଟିରେ ପୂରେଇ ସେ ନନ୍ଦା ଆଡ଼କୁ ଚାହିଁଲେ । ହରପ୍ରତାପଙ୍କ ମୁହଁକୁ ଚାହିଁ ନନ୍ଦା ଦେଖିଲା—ସେ ମୁହଁରେ ପ୍ରସନ୍ନତା ଫୁଟି ଉଠିଛି । ନନ୍ଦା ଆଶ୍ୱସ୍ତ ହେଲା, ଚା' ପରେ ପରେ ଖଣ୍ଡେ ଓଡ଼ିଆ ପାନ ଅଜାଙ୍କୁ ଖୁଆଇ ଦେଇ ପାରିଲେ, ଆଉ ଚିନ୍ତା କରିବାକୁ କିଛି ନ ଥାଏ ।

ହରପ୍ରତାପ କହିଲେ 'ଯାଉ ସେ କଥା । ଯାହାକୁ ଗୋଟାଏ ଦୁଃସ୍ୱପ୍ନ ମନେକରି ମୁଁ ପାଶୋରି ସାରିଛି ତା'ର ପୁନରାବୃତ୍ତି କରି ଆଉ କିଛି ଲାଭ ନାହିଁ । କିନ୍ତୁ ନନ୍ଦା, ତୋତେ ମୁଁ ବାହାରକୁ ଡାକିଲି କ'ଣ ଏଇଥିପାଇଁ, ଶାନ୍ତ ଏଇ ଶରତ ଗୋଧୂଳି ଭିତରେ ଗୋଟାଏ ଅଶାନ୍ତ ବାତାବରଣ ଖେଳେଇ ଦେବାପାଇଁ··· ?'

ନନ୍ଦା କିଛି କହିଲା ନାହିଁ । ଟେବୁଲ୍ ଉପରେ ଦୁଇଟି କହୁଣୀର ଭାର ନ୍ୟସ୍ତ କରି, ପଦ୍ମ କୋରକ ପରି ହାତ ପାପୁଲି ଦୁଇଟି ନିଜର ଗୋଲାପୀ ଗାଲ ଉପରେ ଚାପିରଖି, ସେ ହରପ୍ରତାପଙ୍କ ମୁହଁକୁ ଚାହିଁରହିଲା ଏକ ପ୍ରଶ୍ନବାଚୀ ଦୃଷ୍ଟି ନେଇ । ଅଜାଙ୍କର ଅଭିଯୋଗକୁ ସମର୍ଥନ କରୁ ନ

O111/75

ମୁଣଟି ସୁଦ୍ଧାଁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବାର ଉପାୟ ନଥିଲା । ଅଜା ସ୍ମୃତି କଣ ତୁନ୍ଦିବାକୁ ଆରମ୍ଭ କରିବେ, ସେ କଥା ଅନୁମାନ କରିବାକୁ ଯାଇ ସେ ନା ଭୁମହେଉଥିଲା ।

ହରପ୍ରତାପ ହସିଲା ଦୃଷ୍ଟିରେ ଗୃହଆଡ଼କୁ ଚାହିଁ କହିଲେ 'ଏଇ ଏ ବାତାବରଣ ଭିତରୁ, ତୁ କ'ଣ କବିତ୍ୱର କୌଣସି ଗନ୍ଧ ପାଉନୁ ନନ୍ଦା !'

ଖୁବ ଜୋ ନନ୍ଦା ଆଶ୍ୱସ୍ତିର ନିଶ୍ୱାସ ଛାଡ଼ି ସହଜ ହୋଇ ବସିଲା । କହିଲା, ବିରାଟ ...ଙ୍କ କଥାର ଭୂମିକା ପାଇଁ ଯେତିକି କୌତୂହଳ ସୃଷ୍ଟି କରିବାର କଥା, ଭିତର ...ସ ତା'ଠୁ ଯଥେଷ୍ଟ ବେଶି କରିଦେଲ ଅଜା ! ମୁଁ ତ ଭାବୁଥିଲି ତୁମେ ...ନ ଆନ୍ତର୍ଜାତିକ ସମସ୍ୟା ଉପରେ କୌଣସି ଗୁରୁତର ଟିପ୍ପଣୀ ପରୀକ୍ଷା ଦେବ'

...ହରପ୍ରତାପ ଏକ ଦୀର୍ଘ ନିଶ୍ୱାସ ଛାଡ଼ିଲେ । କହିଲେ, 'କୁନ୍ତଳା କୁମାରୀ ଆଉ ଅପର୍ଣ୍ଣା ଦେବୀର ଓଡ଼ିଶା କ'ଣ ସତରେ ମରିଗଲା ନନ୍ଦା ? ଆଉ କ'ଣ ଏ ଦେଶରେ ନାରୀ କବି ତିଆରି ହେବେ ନାହିଁ ।'

ଟିକିଏ ହସି ନନ୍ଦା କହିଲା, 'ହେବେ ନାଇ କାହିଁକି ଅଜା', ହେବେ, ହୁଏତ କୁନ୍ତଳା କୁମାରୀ ଆଉ ଅପର୍ଣ୍ଣା ଦେବୀ ପ୍ରଭୃତିଙ୍କଠାରୁ ଆହୁରି ଭଲ ନାରୀ କବି ଏ ଦେଶରୁ ବାହାରିବେ । କିନ୍ତୁ ସଉକ କରି କବି କବିତାର ଯୁଗ ଚାଲି ଗଲାଣି । ଓଡ଼ିଶାରେ କବି ଆଉ ଲେଖକମାନଙ୍କର ଆଜି ଅବସ୍ଥା ଯାହା, ତାକୁ ଲକ୍ଷ୍ୟକରି ଆଜିର କୌଣସି ଉଦୀୟମାନ ତରୁଣ ବା ତରୁଣୀ କବିତ୍ୱ କରିବାକୁ ମନ ବଳେଇବ ନାହିଁ । ଆଜିର ଓଡ଼ିଶାରେ, ଯେଉଁଠି କବିର କବିତାର ହୁଏ ଅପମୃତ୍ୟୁ···ଯେଉଁ ଦେଶର ଜନତା ସମ୍ମାନ ଦେଇ ଜାଣେନା କବିକୁ, ଯେଉଁଠି କବି ମୁଠାଏ ଖାଇବାକୁ ପାଏନା, ·ସେଇ ଦେଶରେ କବି ହେବାକୁ ମନକରି, କିଏ ଭଲା ଜୀବନ ସହିତ ଖେଳିବାକୁ ଆଗେଇ ଆସିବ । ତା' ଅପେକ୍ଷା ବରଂ ହାକିମ ହୁଅ, ଡାକ୍ତର ହୁଅ, ଇଞ୍ଜିନିୟର ହୁଅ, କିମ୍ବା ବେଶି ପାଠ ଶଠ ପଢ଼ି ନ ହେଇଚ ତ ଗସ୍ତା ନେତା କିମ୍ବା ମନ୍ତ୍ରୀ ହୁଅ, ସବୁ ମିଳିବ···ସବୁ ଅଛି ସେଥିରେ, ମାନ··· ସମ୍ମାନ···ଯଶଃ ପ୍ରତିପତ୍ତି··· ।'

ଲଲାଟ ଉପରେ ଚିନ୍ତାର କୁଞ୍ଚିତ ରେଖା ଫୁଟି ଉଠିଲା ହରପ୍ରତାପଙ୍କର । ଏକ ନିର୍ଲିପ୍ତ ଦୃଷ୍ଟିରେ ଶୂନ୍ୟକୁ ଚାହିଁ ସେ କହିଲେ···'ସେଇ କଥାତ ମୁଁ ଅନେକ ସମୟରେ ଭାବେ ନନ୍ଦା, ଓଡ଼ିଶା ପରି ଦେଶରେ କ'ଣ ନେଇ କବି ବଞ୍ଚିବ··· କାହାପାଇଁ ସେ କବିତା ଲେଖିବ, ଆଉ କବିତାକୁ ପଢ଼ିବାକୁ ସମୟ ବା ଅଛି କାହାର ?'

କରୁଣରୁ କରୁଣତର ହୋଇ ଉଠିଲା ହରପ୍ରତାପଙ୍କର ସ୍ୱର—'ତା' ଅପେକ୍ଷା ତୋ'ର କଥାହିଁ ଠିକ୍ ନନ୍ଦା ! ବଡ଼ ଚାକିରି କରି କେତେ ରୋଜଗାର କରି ପାରିଲେ ହିଁ ଆଜିକାଲିର ସମାଜରେ ଚତୁର୍ବର୍ଗ ମିଳିଗଲା ବୋଲି ଲୋକେ ମନେ କରନ୍ତି ।'

ନନ୍ଦା କିଛି କହିଲା ନାହିଁ । ସେ ଜାଣେ ଅଜାଙ୍କର ବକ୍ତବ୍ୟ ସରିନାହିଁ । ଏଇ କରୁଣତା ଭିତରେ ହିଁ ଏକ ବଳିଷ୍ଠ ଆଶାବାଦୀର ସୁର ନେଇ ସେ ପୁଣି ହୁଏତ କହିବେ ଆଶାର କଥା, ଆଶ୍ୱାସନର କଥା ! ତେଣୁ ନନ୍ଦା ସେଇମିତି ଚାହିଁ ରହିଲା ଅଜାଙ୍କ ମୁହଁକୁ, ଏକ ଅନନ୍ୟମନସ୍କ ଛାତ୍ରୀ ଶିକ୍ଷକଙ୍କ ଆଡ଼କୁ ଚାହିଁ ରହିଲା ପରି··· ।

ହରପ୍ରତାପ କିଛି ସମୟ ପରେ ଟିକିଏ ହସିଲେ । କହିଲେ—'ମୁଁ ତୋର କଥା ବେଳେବେଳେ ଭାବେ ନନ୍ଦା ! ସାଧାରଣ ବ୍ୟକ୍ତି ବିଶେଷଙ୍କର, କବି ହେବା ପଛରେ ଯେତେ ବାଧା ବନ୍ଧନ ଥାଉ ନା କାହିଁକି, ତୋ ପାଇଁ ତ ସବୁ ପରିଷ୍କାର—ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ତ ତୋତେ କୌଣସି ଦିନ ପଡ଼ିବ ନାହିଁ, ତୋ ପାଇଁ ତ ମୁଁ ଗଚ୍ଛିତ କରି ଯାଉଛି ବହୁତ ସମ୍ପତ୍ତି, ପ୍ରଚୁର ଟଙ୍କା । ଆଉ ମାନ, ସମ୍ମାନ, ଯଶ, ପ୍ରତିପତ୍ତି ଦିଗରୁ, ମୋର ସମସ୍ତ ଜମିଦାରୀ ତ, ତୋତେ ସେତିକ ଦେବାପାଇଁ ସବୁବେଳେ ପ୍ରସ୍ତୁତ ହୋଇ ରହିଛି । ଏକ ନ୍ୟାୟପରାୟଣ, ପ୍ରଜାବତ୍ସଳ ଜମିଦାରର ଏକମାତ୍ର ଉତ୍ତରାଧିକାରିଣୀ ପ୍ରିୟତମା ଦୌହିତ୍ରୀଟିକୁ ସେମାନେ ସେତିକ ନ ଦେବେ କାହିଁକି ? ଏଇ ସମସ୍ତକୁ ମୂଳଧନ ହିସାବରେ ଗ୍ରହଣ କରି ତୁ ସ୍ୱଚ୍ଛ ସାଧନାରେ ଲାଗିପଡ଼ନ୍ତୁ···ତେବେ ଧୀରେ ଧୀରେ ତୁ ହୁଏତ ଏକ ଶ୍ରେଷ୍ଠ ନାରୀ କବି ପାଲଟି ଯାଆନ୍ତୁ ।'

କଥା ମଝିରେ ପ୍ରିୟତମା ଶବ୍ଦଟି ଉପରେ ଇଚ୍ଛାପୂର୍ବକ ଟିକିଏ ଅଧିକ ଜୋର ଦେଇ ହରପ୍ରତାପ ନନ୍ଦା ଆଡ଼କୁ ଚାହିଁ ରହିଲେ । ନନ୍ଦାର ଗୋଲାପୀ ଗଣ୍ଡ ଉପରେ ରକ୍ତ ଅବିରର ଫଗୁ ଖେଳ ଦେଖିବାକୁ ତାଙ୍କୁ ଚମତ୍କାର ଲାଗେ ।

ନନ୍ଦା ଅଳ୍ପ ଟିକିଏ ହସି, ଟିକିଏ ଲାଲ ହୋଇ କୃତ୍ରିମ ରୋଷ ପ୍ରକାଶର ଭଙ୍ଗୀରେ କହିଲା—'ପ୍ରିୟତମା ଶବ୍ଦର ବ୍ୟବହାର ତମେ ଦୟା କରି ଆଉ ଟିକିଏ କମେଇ ଦିଅ ଅଜା !'

ପରିପୂର୍ଣ୍ଣ ଯୌବନା ନାତୁଣୀ ମୁହଁରେ ଆଶ୍ଚର୍ଯ୍ୟ ରକମର ସୁନ୍ଦର କଥା । କଥାଟାକୁ ଆଉ ଟିକିଏ ପରିହାସ ରଞ୍ଜିତ କରି ଫେରାଇଲେ ମନ୍ଦ ହୁଅନ୍ତା ନାହିଁ । ତେଣୁ ନିପୁଣ ବାକ୍ୟ କଳାକୁଶଳୀ ହର ପ୍ରତାପ ପୁରୁଣା କଥାର କ୍ରମଶଃ ଉପରେ ଆଉଥରେ ଜୋର୍ ଠାଣିଲେ···

'ଆଉ ତା'ଛଡ଼ା ମୋର ତ ମନେ ହୁଏ ନନ୍ଦା, ଯେ ତୁ ଏ ଭିତରେ କିଛି ପରିମାଣରେ କବି ହୋଇ ପଡ଼ିଲୁଣି, କିଛି ସମୟ ଆଗର ତୋର ସଂକ୍ଷିପ୍ତ ଭାଷଣ, ତା'ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ !'

ନନ୍ଦା ଟିକିଏ ଲଜ୍ଜିତ ହୋଇ ପଡ଼ିବାର ଭଙ୍ଗୀ ଦେଖାଇ କହିଲା—'ସ୍ରଷ୍ଟାର ସୃଜନ ଭିତରେ କିଛି ନା କିଛି କବିତ୍ୱ ସବୁଠି ତ ପୂରି ରହିଛି ଅଜା ! ପ୍ରତ୍ୟେକ ଏକକ ସୃଷ୍ଟିର ସେତିକି ନିଜସ୍ୱ ବିଶେଷତ୍ୱ । କିନ୍ତୁ ନିହାତି ଯଦି ସେଇ କବିତ୍ୱର ସଜ୍ଞା ଭିତରେ ମୋତେ ଆବଦ୍ଧ କରି ରଖିବାକୁ ଚାହୁଁଛ ତ, ମୋତେ ବରଂ କବିଣୀ କୁହ । କବି ଶବ୍ଦଟା ଆଜିକାଲି ପୁରୁଷମାନଙ୍କର ସମ୍ପୂର୍ଣ୍ଣ ଏକଚାଟିଆ ହୋଇ ପଡ଼ିଛି ।

ନନ୍ଦା କଥାର ଉତ୍ତରରେ ହସି ହସି ହରପ୍ରତାପ କହିଲେ, 'ତଥାସ୍ତୁ' ।

ଅଜା ଆଉ ନାତୁଣୀଙ୍କର କଥୋପକଥନ ସରି ଯାଇଛି । ଦୁହେଁ ଶୂନ୍ୟ ଦୃଷ୍ଟିରେ ବାହାର ଆଡ଼କୁ ଚାହିଁ ରହିଛନ୍ତି । ବାହାରେ ଶରତ ଋତୁର ଶୁକ୍ଳ ପ୍ରତିପଦା ସଂଧ୍ୟା କ୍ରମେ ଘନୀଭୂତ ହୋଇ ଉଠୁଛି, ଆଉ କ୍ରମେ ବାଳଙ୍ଗୀ ନନ୍ଦା ଅସ୍ପଷ୍ଟରୁ ଅସ୍ପଷ୍ଟତର ହୋଇ ପଡ଼ୁଛି··· ।

ବାହାରର ପ୍ରାନ୍ତର ଉପରୁ ଏକ ସମୟରେ ନଦୀ ଭିତରକୁ ଭଠ ଆସିଲା । ଅନ୍ଧକାର ଭୋଜନ ସାମଗ୍ରୀ ତାକୁ କଟକେ ଦେଖିବାକୁ ପଡ଼ିବ । ବହୁଦିନର ପୁରାତନ ଭୃତ୍ୟର ସନ୍ତାନ ଉପରେ ବି ଏ ବୟସରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ଭରସା ହୁଏନା ।

ବାହାରେ ନୌକା ବାନ୍ଧିବାର ଝୁପ୍‌ଝାପ୍ ଶବ୍ଦ ଭିତରେ ଟିକିଏ ପାଟି କରି ହରପ୍ରତାପ ଡାକ ପକାଇଲେ—'ମଦନ, ଓ ମଦନ !'

ନାଉରୀମାନଙ୍କ ଦାୟିତ୍ୱରେ ଥିବା ମଦନ ଆସି ପାଖରେ ଠିଆ ହେଲା । ତା' ଆଡ଼କୁ ନ ଚାହିଁ ହରପ୍ରତାପ ପଚାରିଲେ, 'ଆଉ କେତେ ଘଣ୍ଟାର ବାଟ ବାକି ରହିଲା ମଦନ ?'

'ଆଉ ଗୋଟିଏ ଘଣ୍ଟାର ବାଟ ଅଛି—' ମଦନ ଉତ୍ତର ଦେଲା ।

'ହଉ ତମେ ଯାଅ, ଟିକିଏ ଆଗରୁ ସତିଆକୁ ଜିନିଷ ପତ୍ର ବନ୍ଦୋବସ୍ତ କରିବାକୁ କହିବ ।'

ମଦନ ଚାଲିଗଲା । ହରପ୍ରତାପ ସେଇମିତି କେନାସନଟି ଉପରେ ବସି ଏକ ହାଲୁକା କବିତ୍ୱ ଭିତରେ ବୁଡ଼ି ରହିଲେ ।

—ଆଉ କଳିଙ୍ଗ ନଦୀର ଅନ୍ଧାରିତ ବକ୍ଷ ଉପରେ ସେଇ ବିରାଟ ନୌକାଟା ଭାସି ଚାଲିଥିଲା ଆଗକୁ···ଆଗକୁ ।

ଜମିଦାରଙ୍କ ବୁନିଆଦ କୋଠାର ଏକ ପ୍ରକୋଷ୍ଠ ଭିତରେ ଠିଆହୋଇ ବାତାୟନ ଭିତର ଦେଇ ବାହାର ପୃଥିବୀକୁ ଏକ ପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲା ସୁନନ୍ଦା, ପାହାନ୍ତର ଅଳସ ଆଲୋକିତ ପୃଥିବୀ··· ତନ୍ଦ୍ରାଳସୀ···ଦୂରରୁ ବିହଙ୍ଗମାନଙ୍କର କୂଜନ ସହିତ ପାଖ ବଗିଚାରୁ ଭାସି ଆସୁଥିଲା ଏକ ଅନିର୍ବଚନୀୟ ସୁଗନ୍ଧି··· ।

ଅଜାଙ୍କ କଥାରେ, ସମସ୍ତ ଜିନିଷଟା ଭିତରୁ ଯେମିତି କେବଳ କବିତ୍ୱର ଗନ୍ଧହିଁ ବାହାରୁଛି··· ।

ବାହାରର ଥଣ୍ଡା ପବନ ଖୋଲା ଝରକା ଦେଇ ଘର ଭିତରେ ପଶୁଥିଲା, ସୁନନ୍ଦାର ଅଯତ୍ନ ବିନ୍ୟସ୍ତ କୁନ୍ତଳ ଭିତରେ, ତାର ସମସ୍ତ ଅବୟବର ଅନ୍ତର୍ବାସ ଭିତରେ କ୍ରୀଡ଼ା ରତ ସେଇ ଶାରଦୀୟ ପବନ ମୁଗ୍ଧ ହେଉଥିଲା ଯେମିତି··· । ସୁନନ୍ଦାର ସାରା ଅଙ୍ଗରେ ଶିହରଣ ଜାଗୁଥିଲା । ଝରକା ପାଖରେ ସଚେତ ଦୁଇଟି ସୌନ୍ଦର୍ଯ୍ୟ ପିପାସୁ ଆଖି ଆଗରେ ବାହାର ପଲ୍ଲୀ ପୃଥିବୀ ସ୍ୱପ୍ନର ମାୟାଜାଲ ସୃଷ୍ଟି କରୁଥିଲା । ସୁନନ୍ଦା ମନେ ମନେ ପଲ୍ଲୀ ପ୍ରକୃତି ଉପରେ ଅଜାଙ୍କର ମନ୍ତବ୍ୟଗୁଡ଼ାକୁ ତାରିଫ କରୁଥିଲା । ଅଜାଙ୍କ ପାଖରେ ନିଜର ସୁପ୍ତ କବିତ୍ୱକୁ ପ୍ରକାଶ କରିବାକୁ ତା ମନରେ ଯେତେ ସଙ୍କୋଚ ଜାଗିଲେ ବି ନିଜ ପାଖରେ ସେ ନିଜେ ଧରା ପଡ଼ି ଯାଉଥିଲା ।

କଲିକତାର ସଙ୍କୁଚିତ ପରିସ୍ଥିତି ଭିତରେ ପୃଥିବୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ମିଳେ ନାହିଁ । ଏକାଦିକ୍ରମେ କେତୋଟି ବର୍ଷ କଲିକତାର କୃତ୍ରିମ ଆବେଷ୍ଟନୀ ଭିତରେ କଟେଇ ପଲ୍ଲୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପୂର୍ଣ୍ଣ ପ୍ରାଣରେ ଆସ୍ୱାଦନ କରୁ କରୁ ସୁନନ୍ଦା ଯେମିତି, ସେହି ଚିରନ୍ତନ ସତ୍ୟକୁହିଁ ପୁଣି ଥରେ ଆବିଷ୍କାର କରିବାକୁ ଚେଷ୍ଟା କରୁଥିଲା । ତାର ମନେ ହେଉଥିଲା ସେ ଯେମିତି ଏକ ପୂର୍ଣ୍ଣଯୌବନା ଶିକ୍ଷିତା ତରୁଣୀ ନୁହେଁ···ସେ ଯେମିତି ଗତକାଲିର ଏକ ନବଜାତକ ଶିଶୁ··· ।

କିନ୍ତୁ ଗତକାଲିର କ୍ଳାନ୍ତି ତା ଦେହ ଆଉ ମନରୁ ଯାଇନି, ଦୀର୍ଘ ପଥ ଯାତ୍ରାରେ ସୁନନ୍ଦାର ସବୁଦିନେ ଏକ ବାଁଧାଗତ ଅରୁଚି ଥାଏ । ଭାଗ୍ୟକୁ ଶୀତଦିନଆ ରାସ୍ତାରେ ଗାଡ଼ି ମୋଟରେ ଚାଲିବାକୁ ଆରମ୍ଭ କରି ନାହିଁ, ନଚେତ୍ ଅଜା ହୁଏତ ସିଧା କଲିକତାରୁ ଏ ପର୍ଯ୍ୟନ୍ତ ଗାଡ଼ି ଧରି ଚାଲି ଆସିଥାନ୍ତେ । ତା'ହେଲେ କିନ୍ତୁ ବଡ଼ ଅସୁବିଧା ହୋଇଥାନ୍ତା । ସାରା ଦେହରେ ଆଉ ଟିପ ମାରିବାକୁ ଜାଗା ନ ଥାନ୍ତା ।

ସୁନନ୍ଦ ବିଛଣା ପାଖକୁ ଫେରିଆସି ଅଳସ ଭାଙ୍ଗିଲା । ଆଉ ଟିକିଏ ଶୋଇ ପଡ଼ିଲେ କ୍ଳାନ୍ତି ଅନେକ କମି ଯାଆନ୍ତା ହୁଏତ । ତେଣୁ ସବୁଦିନେ ଅତି ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗରେ ଅଭ୍ୟସ୍ତା ସୁନନ୍ଦା ଆଉ ଟିକିଏ ଶୋଇ-

ପଡ଼ିଲା । ମୁଣ୍ଡ ପାଖର ମାଣ୍ଡିଟାକୁ ଆଉ ଟିକିଏ ଘୁଞ୍ଚ ପାଖକୁ ଭିଡ଼ି ଆଣି ନିଜକୁ ଟିକିଏ ସଙ୍କୁଚିତ କରି ନେଇ ସେ ଆଖି ବନ୍ଦ କଲା ।

...କିନ୍ତୁ ଚୈତକ ଉଠି ପଡ଼ିବଣି..., ବିଚରା ଚୈତକ...ତାର ପୂର୍ବ ପୁରୁଷ ହୁଏତ କେବେ ଅଷ୍ଟ୍ରେଲିଆରୁ ଏ ଦେଶକୁ ଅଣା ଯାଇଥିଲେ । ଆଜି ଚୈତକର ଶିରା ପ୍ରଶିରାରେ ଓ୍ବେଲସର ରକ୍ତ ପ୍ରବାହିତ ହେଉଥିଲେ ବି ନିଜ ପୂର୍ବପୁରୁଷର ସମସ୍ତ ବିଶ୍ବସ୍ତତା ନେଇ ସେ ସୁନନ୍ଦାର ପ୍ରିୟ ହୋଇଥିଲେ ବି, ସେ ଆଜି ସମ୍ପୂର୍ଣ୍ଣ ଓଡ଼ିଆ ହୋଇ ପଡ଼ିଛି । ଓଡ଼ିଆ କଥା ଚମତ୍କାର ବୁଝେ । ତେଣୁ ଦୀର୍ଘ ସାତ ବର୍ଷ ପରେ ଗତ ସନ୍ଧ୍ୟାରେ ନନ୍ଦାକୁ ଚିହ୍ନିବାକୁ ସେ ଭୁଲ କରି ନାହିଁ, ଏବଂ ତା ଭାବ ଭଙ୍ଗୀକୁ ଯଥାସମ୍ଭବ ମଣିଷର ବୋଧଗମ୍ୟ କରି ସେ ବୁଝେଇବାକୁ ଚାହିଁଛି ଯେ ତତ୍‌କ୍ଷଣାତ ନନ୍ଦାକୁ ପିଠିରେ ବସେଇ ସେ ସମସ୍ତ ପୃଥିବୀ ଜୟ କରିବାକୁ ଆଗେଇ ଯିବ ।

କିନ୍ତୁ ଦୀର୍ଘ ପଥଶ୍ରମ ପରେ ସେତେବେଳେ ଘୋଡ଼ା ଉପରେ ଚଢ଼ି ଘେରାଏ ବୁଲି ଆସିବାକୁ ନନ୍ଦାର ଆଉ ଉତ୍ସାହ ନଥିଲା । ସେ ଠିକ କଲା ରାତିରେ ଏକ ନିଶ୍ଚିନ୍ତ ବିଶ୍ରାମ ପରେ, ସେ ବରଂ କାଲି ସକାଳୁ ବାହାରିବ, ଦୀର୍ଘ ସାତବର୍ଷର ବିସ୍ମୃତ ପଲ୍ଲୀର ପଥ ଉପରକୁ ତାର ଅନେକ ଦିନର ବନ୍ଧୁ ଚୈତକକୁ ନେଇ । ତେଣୁ ଚୈତକର ମସୃଣ ଲୋମ ଉପରେ ନିଜ ହାତର ଏକ କୋମଳ ପରଶ ଦେଇ, ସେ ଚୈତକକୁ ସେଇକଥା ଗତକାଲି ବୁଝେଇ ତା ଆଖିରୁ ଝରିପଡୁଥିବା ଦୁ'ଧାର ଆନନ୍ଦାଶ୍ରୁକୁ ହାତ ରୁମାଲରେ ସେ ବଡ଼ ଆଦରରେ ପୋଛି ଦେଇଥିଲା । ତାପରେ ତା ବେକ ଉପରେ ହାତ ଆପୁଡ଼ି ତାକୁ ଶୁଭରାତ୍ରୀ ଜଣେଇ, ଘୋଡ଼ସବାର ହାତକୁ ଲଗାମ ବଢ଼େଇ ଦେଇ ଫେରି ଆସିଥିଲା ନିଜର ବିଶ୍ରାମ କକ୍ଷକୁ । କିନ୍ତୁ ସେ ତ ଗତ ସଂଧ୍ୟାର କଥା... ।

...ଚୈତକର ଚିତ୍କାର ଶୁଭୁଛି, ପଶୁ ହେଲେ ବି ଲକ୍ଷଣ ପ୍ରଭୁଭକ୍ତ ଜାତିଟା । ସୁନନ୍ଦା ଭାବିଲା—'ଆଜି ବି ଚୈତକକୁ ଦେଖିବାକୁ ପଡ଼ିବା ଦେହ ଆଉ ମନରେ ଏଇ କ୍ଲାନ୍ତି ନେଇ, ଚୈତକକୁ ସାଙ୍ଗରେ ଧରି ଦାଣ

ମାଇଲ ଘୁରି ଆସିବା ଆଉ ସମ୍ଭବ ନୁହେଁ । …ହୁଁ ନୈତିକ ଆଜି ଦିନଟି ବରଂ ସେଇମିତି ରହୁ, ଯେମିତି ସେ ଥିଲା ଦୀର୍ଘ ସାତେତାଟି ବରଷ, ଆଉ ସୁନନ୍ଦା…ସେ ବରଂ ଶୋଇ ପଡ଼ିବ ଆଉ ଘଣ୍ଟାଏ କି ଦୁଇଘଣ୍ଟା…।

ସତକୁ ସତ ଏଇମିତି ଚିନ୍ତା ଭିତରେ ସୁନନ୍ଦା, ବଗ ପକ୍ଷୀ ପରି ଧୋବ ନରମ ବିଛଣା ଉପରେ ଏକ ପ୍ରଶ୍ନବାଚକ ଚିହ୍ନ ପରି ପଡ଼ିରହିଲା । ଆଉ ଯେତେବେଳେ ତଳ ମହଲରୁ, ଚାକର ବାକରମାନଙ୍କର ବିଛଣାରୁ ଉଠିବା ପରେ ଖାଣ୍ଟି ଶୁଭିବାକୁ ଆରମ୍ଭ କଲା, ସେତିକିବେଳେ ହଠାତ୍ ଏକ ଗାଢ଼ ନିଦରେ ସେ ଶୋଇପଡ଼ିଲା ।

* * * *

ଖୁବ୍ ବେଳ କରି ଉଠିଲା ସୁନନ୍ଦା । ବିଛଣାରୁ ଉଠୁ ଉଠୁ ଡ୍ରେସିଂ ଟେବୁଲ ଉପରେ ଥିବା ଘଡ଼ି ଉପରେ ତାର ଦୃଷ୍ଟି ପଡ଼ିଲା, ଆଠଟା ବାଜିବାକୁ ସତର ମିନିଟ ବାକି । ଟେବୁଲ ଡ୍ରୟର ଭିତରେ ଥିବା ଗୋଟେଲକ୍ସ ରିଷ୍ଟୱାଚଟା ବାହାର କରି ସେ ସନ୍ଦେହ ମେଟନ କରିବାକୁ ଚାହିଁଲା, ରେଡ଼ିଓ ଟାଇମ ସେଇ ଆଠଟା ବାଜିବାକୁ ସତର ମିନିଟ…

ତା' ଜୀବନରେ ବୋଧହୁଏ ପ୍ରଥମ ଥର ଏତେ ବିଳମ୍ବ କରି ସେ ବିଛଣା ଛାଡ଼ିଲା । ପାଖର ଗାଧୁଆ ଘରେ ସବୁ ଜିନିଷ ପ୍ରସ୍ତୁତ ହୋଇ ରହିଚି, ଦାନ୍ତଘଷା ବ୍ରସ, କଲଗେଟ ପେଷ୍ଟରୁ ଆରମ୍ଭ କରି, ଗାଧୁଆ ପାଇଁ ଗରମ ପାଣି ଓ ତା' ପରର ପ୍ରସାଧନ ପାଇଁ କୁଟିକୁରା ଟାଲକମ ପାଉଡ଼ର ପର୍ଯ୍ୟନ୍ତ ।

ସଞ୍ଜଆ ସାଙ୍ଗରେ ଥରେ ଦି'ଥର କଲିକତାକୁ ଯାଇ ତା ଝିଅ ସେବତି ସବୁ ଶିଖି ଆସିଛି ତା'ହେଲେ । ଝିଅଟି ଗ୍ଲେଠ ହେଲେ ବି ନିଖୁଣ କାମ କରିପାରେ । ସେଇଥିପାଇଁ ହରପ୍ରସାଦ ତାକୁଇ ନନ୍ଦାର ସମସ୍ତ କାମର ଭାର ସମର୍ପି ଦେଇଥିଲେ ।

ଗାଧୁଆ ଘରକୁ ଫେରିଲା ବେଳକୁ ରାସ୍ତା ଉପରେ ପାଟିଗୋଳ ଶୁଣି ନନ୍ଦା ଝରକା ବାଟେ ପଦାକୁ ଚାହିଁଲା । ଗତ ସନ୍ଧ୍ୟାର ଅନ୍ଧକାରରେ ନନ୍ଦା

କୋଳରେ ନୌକା ଉଡ଼ିଲବେଳକୁ ସମବେତ ଆବାଳବୃଦ୍ଧବନିତାଙ୍କର ଆନନ୍ଦ କଳରବ ଶୁଣିଥିଲା ସୁନନ୍ଦା ।

ସମସ୍ତେ ଯେ ଜମିଦାର ହରପ୍ରତାପଙ୍କର ଗୃହ ଆଗମନରେ ଆନନ୍ଦିତ ହୋଇଛନ୍ତି, ତାର ସୂଚନା ମିଳୁଥିଲା ସେଇ ସମବେତ କଳରବରୁ । ହର-ପ୍ରତାପ ସମସ୍ତଙ୍କୁ ଅଳ୍ପ ବହୁତ କୁଶଳ ପ୍ରଶ୍ନ କରି, ଜମିଦାର ପ୍ରାସାଦରେ ଆଗାମୀ ସଂଧ୍ୟାରେ ଏକ ଭୋଜୀର ନିମନ୍ତ୍ରଣ ଜଣେଇ ସବାରୀ ଚଢ଼ିଲେ ।

ସେଇ ସ୍ୱଳ୍ପ ଅବସର ଭିତରେ ଅନ୍ଧକାରର ପୃଷ୍ଠଭୂମି ଉପରେ ସମବେତ ସେଲୁଏଟ୍ ମୂର୍ତ୍ତିଗୁଡ଼ିକ ବିଷୟରେ କିଛି ଧାରଣା କରିହୁଏ । କିନ୍ତୁ ଆଜି ପରି, ଏଇ କୁତ୍ସିତ ଗଣ୍ଡଗୋଳ ଯେ ପଲ୍ଲୀର ଏକ ନିତ୍ୟନୈମିତ୍ତିକ ଘଟଣା, ଏ ଧାରଣା ସୁନନ୍ଦାର ନ ଥିଲା । ବଗିରୁ ପାଚେରୀ ସେପଟରୁ କେତେଗୁଡ଼ିଏ ଲୋକଙ୍କର ପାଟିତୁଣ୍ଡ ଶୁଭୁଥିଲା, ଆଉ ତା' ଭିତରେ ହଠାତ ଚଢ଼ା ଗଳାରେ କେହି ଜଣେ ଏକ ଛୋଟ ଭାଷଣ ଦେଉଥିଲା ଯେମିତି… ।

ସୁନନ୍ଦା ଘର ଭିତରକୁ ମୁହଁ ବୁଲାଇଲା । ଛୋଟ ଟେବୁଲ୍‌ଟି ଉପରେ ଏକ ଚିନାମାଟିର ଥାଳିଆରେ କିଛି ଜଳଖିଆ ରଖି ଟେବୁଲଟିକୁ ଏକ କୁସନ ଚେୟାର ପାଖକୁ ଯଥାସମ୍ଭବ ନିଃଶବ୍ଦରେ ଉଠେଇ ଆଣିଛି ସେବ । ସେଇ ସନ୍ତିଆର ଛୋଟ ଝିଅ ସେବ । ତାର ଏଇ ଅଯଥା ସତର୍କତାରେ ମନେ ମନେ ହସିଲା ସୁନନ୍ଦା ।

ଗୋଟାଏ ପରଦା ଭିତରେ କିଛି ଆଳୁଭଜା ଗୁଡେଇ ତାକୁ ସେବ ଆଡ଼କୁ ବଢ଼େଇଲା ସେ ।

ସେବ ମୁଣ୍ଡ ହଲାଇ ନାହିଁ କଲା ।

ସୁନନ୍ଦା କହିଲା—'ଆଳୁ ଖାଇ ସାରିଲେ, ମୁଁ କଲିକତାରୁ ଯେଉଁ ସନ୍ଦେଶ ଆଣିଛି ଖାଇବାକୁ ଦେବି ।'

ସେବ ତଥାପି ନାହିଁ କଲା ।

ସୁନନ୍ଦା ପୁଣି ଲୋଭ ଦେଖେଇଲା—'ତୋ ବାହାଘରକୁ ତୋତେ ଭାରି ଭଲ ଜିନିଷଟିଏ ଦେବି । ନେ ଖାଇଦେ ।'

ସେବ କିଛି କହିଲା ନାହିଁ, ଗୋଟାଏ କାଚ ଗ୍ଲାସରେ ପାଣି ଓ ଖଣ୍ଡେ ଟର୍କିସ ତଉଲିଆ ଆଣି, ଟେବୁଲ ପାଖରେ ଧରି ଠିଆହେଲା ।

ସୁନନ୍ଦା କହିଲା, 'ତାକୁ ଟେବୁଲ ଉପରେ ରଖି ନେ ଖାଇଦେ । ତୁ ନ ଖାଇଲେ ମୁଁ ବି କିଛି ଖାଇବି ନାହିଁ ।'

'ମ୍ୟା ପରେ କଲିକତାରୁ ଯାହା ଆଣିଚ ଦବ ତ ?' ସେବ ପଚାରିଲା ।

ସୁନନ୍ଦା ହସି ହସି ଉଠିଯାଇ ଏକ ବଡ ଟିଣ ଡବା ଭିତରୁ ଦି'ଟା ସନ୍ଦେଶ ଆଣି ସେବ ହାତରେ ଦେଲା । ପଚାରିଲା—'ଆଉ ବାହାଘର ବେଳର ଜିନିଷ ବିଷୟରେ ତ କିଛି କହିଲୁ ନାହିଁ ସେବ ?'

ତା'ର ଛୋଟ ମୁହଁଟି ସେ ଆଡ଼କୁ ବୁଲେଇ ସେବ ତା'ର ଲାଜ ଘୋଡ଼େଇ ପକେଇଲା । ପରେ ଖାଇବ ବୋଲି ଜଳଖିଆ ତକ ସେବ ଅନ୍ୟ ଏକ ଥାଳିଆରେ ରଖିଲା । ସୁନନ୍ଦା ଆଉ ତାକୁ ଜୋରକଲା ନାହିଁ । ସେ ଜାଣି ପାରିଲା ଯେ ଖୁବ୍ ବଳେଇଲେ ବି ସେବ ତା ସାମନାରେ କିଛି ଖାଇବ ନାହିଁ ।

କିନ୍ତୁ ଜଣେ ମଣିଷ ଖାଇବାଠୁ ଯେତେଅଧିକ ବେଶି ଜଳଖିଆ ସେବ ନେଇ ଆସିଥିଲା । ତେଣୁ ସୁନନ୍ଦା ଖାଇ ସାରିବାପରେ ଥାଳିଆ ଉପରେ ଜଳଖିଆର ଏକତୃତୀୟାଂଶ ବଳି ପଡିଲା ।

ହାତଧୋଇ ତଉଲିଆରେ ସେ ମୁହଁ ପୋଛିଲା ।

ସେବ ଜଳଖିଆ ଥାଳିଆ ଟେବୁଲ ଉପରୁ ଉଠେଇ ନେଉଥିଲା । ତାକୁ ଲକ୍ଷ୍ୟ କରି ସୁନନ୍ଦା କହିଲା—'ସେ ସବୁ କଲକତା ଜିନିଷ ଖାଇବୁ ନାହିଁ, ମୋ ଦେହରେ କ'ଣ ରୋଗ ଥିବ ଜାଣିଛୁ··· ? ତାକୁ ଖାଇଲେ ତୁ ପୁଣି ମୋ'ର ପରି ହେଇଯିବୁ ।'

ସେବ ଯାଉଥିଲା । ସୁନନ୍ଦାର ଶେଷ କଥା ପଦକ ଶୁଣି ଫେରି ନନ୍ଦାଅଡ଼କୁ ଚାହିଁଲା । ସୁନନ୍ଦାର ହୃଷ୍ଟପୁଷ୍ଟ ଆଉ ଗୋଲାପଫୁଲ ପରି ଦେହର ରଙ୍ଗଆଡ଼କୁ ଚାହିଁ ପଚାରିଲା—'ଏ'କୁ ଖାଇଲେ ମୁଁ ତମରି ପରି ହେଇ ଯିବି ତ··· ?'

ତା ଗାଲ ଉପରେ ଏକ ଛୋଟ ଚାପୁଡ଼ା ମାରି ସୁନନ୍ଦା କହିଲା, 'ହଁଣ୍ଡୀ ।'

ସେବ ଚାଲି ଯାଉଥିବା ବେଳେ ସୁନ୍ଦୀ ତାକୁ ପଛରୁ ଡାକି ସେ କହିଲା—'ସେବ, ଆମଘରକୁ ଯେଉଁ ଛୁଆମାନେ ଆସିବେ, ତାଙ୍କୁ ତଳଘରେ ବସେଇବୁ, ମୁଁ ସେମାନଙ୍କୁ ସନ୍ଦେଶ ଖାଇବାକୁ ଦେବି।'

ସେବ ମୁଣ୍ଡ ହଲେଇ କହିଲା, 'ହଉ।'

ସେବ ଚାଲିଯିବାର ଅବ୍ୟବହିତ ପରେ ଦୁଆର ପର୍ଦ୍ଦା ଆଡ଼େଇ ଘରେ ପଶିଲେ କାଳୀପ୍ରସାଦ। ହରପ୍ରତାପଙ୍କର କେଉଁ ଏକ ଦୂରସମ୍ପର୍କୀୟ ଭାଇ। ଦୁ' ଜଣଙ୍କ ଭିତରେ ଜମାଟ ବନ୍ଧୁତ୍ୱ। ହରପ୍ରତାପଙ୍କର ସ୍ଥାବର ଅସ୍ଥାବର ସମସ୍ତ ସମ୍ପତ୍ତି ଆପାତତଃ ସେଇ ଦେଖାଶୁଣା କରନ୍ତି। ହରପ୍ରତାପଙ୍କୁ ସେ ଭାଇ ବୋଲି ଡାକନ୍ତି, ତେଣୁ ସେ ସୁନନ୍ଦାର ସାନଅଜା···।

ତାଙ୍କ ଗୋଡ଼ରେ ହାତଦେଇ ନନ୍ଦା ପ୍ରଣାମ କଲା। କାଳୀପ୍ରସାଦ ଆଶୀର୍ବାଦ କଲେ···।

ତାଙ୍କୁ ଏକ କୁସନ୍ ଚଉକିରେ ବସେଇ ନନ୍ଦା କହିଲା—'ତୁମକୁ ଚାହିଁ ଚାହିଁ ଆଖିପାଣି ଆଖି କୋଣରେ ମରିଗଲା ବେଳକୁ ଯାଇ ତୁମର ଦେଖା ମିଳିଲା ଯେ··· ?'

କାଳୀପ୍ରସାଦ କହିଲେ, 'ସେ ସବୁ ଥାଉ, ମୁଁ କାମିକା ମଣିଷ, ରଙ୍ଗରସ ପାଇଁ ମୋର ସମୟ ନାହିଁ। ସେବକୁ ଯାହା କହୁଥିଲୁ ଆଗ କାହାର କଲୁ ଦେଖେଁ··· ?'

ନନ୍ଦା ଆଶ୍ଚର୍ଯ୍ୟ ହୋଇ ପଚାରିଲା—'କଣ ?'

ସେବକୁ କହୁ ନ ଥିଲୁ, ଛୁଆମାନେ ଆସିଲେ ତୁ ତାଙ୍କୁ ସନ୍ଦେଶ ଖାଇବାକୁ ଦେବୁ ବୋଲି···? କାଳୀପ୍ରସାଦ ହସିହସି କହିଲେ।

ତାଙ୍କର ରହସ୍ୟ ନନ୍ଦା ଠିକ୍ ବୁଝି ପାରିଲା। କହିଲା—'କଲୁ ତମେ ଏକୁଟିଆ କେମିତି ଖାଇଦେଇ ଚାଲିଯିବ··· ? ଆଉଙ୍କ ପାଇଁ କିଛି ନେବ ନାହିଁ··· ?

କାଳୀପ୍ରସାଦ କହିଲେ—'ସେ କଥା ତୁ ବୁଝିବୁ···ତୋ ଆଈ ବୁଝିବ···ମୋର ସେଥିରେ ଯାଏ କେତେ, ଆସେ କେତେ··· ? ମୋ କାମ

ମୁଁ ସାବଧେଇ ଚାଲଗଲେ ଖଲ୍ଲାସ, ଦେ·· ଦେ···ଶୀଘ୍ର ବାହାର କର । ଶୁଭସ୍ୟ ଅତି ଶୀଘ୍ରଂ··· । ଏତକ କହି କାଳୀପ୍ରସାଦ ନିଜର ରସିକତାରେ ନିଜେ ହୋ’ ହୋ’ ହୋଇ ହସି ଉଠିଲେ ।

ନନ୍ଦା କହିଲା—‘ଆଉ ରଟଖଇ ଦେବାନି ଦେଖୁଛୁ··· ? ସେ ଗୋଟାଏ ସନ୍ଦେଶ ଡବା ଉଠେଇ ଆଣି ତାଙ୍କ ହାତରେ ଧରେଇ ଦେଇ କହିଲା—‘ନିଅ—ଘରକୁ ନେଇଯାଅ ଏକାଥରେ···ଘରେ ବଗୁଲି ମୁହଁକୁ ଚାହିଁ ବସି ବସି ସନ୍ଦେଶ ଖାଉଥିବ, ମୋ ଗୁଣ ଗାଉଥିବ··· ।’

କାଳୀପ୍ରସାଦ ଉଠିଲେ । କହିଲେ—‘ଆଉ ଘରକୁ ଯିବାକୁ ବେଳ ଅଛି··· ? ମୁଁ ସକାଳୁ ଆସିବା ବେଳକୁ, ଏଇଠି ମୋ ପାଇଁ ଗଟଣ୍ଡ ଯୁଟେଇ ଦେବାକୁ ପୁଷ୍ପ ସ୍ତ୍ରୀକୁ କହି ସାରିଲଣି । ସେଆଡ଼େ କେତେ କାମ ପଡ଼ିଚି । ଖାଲି ତୋତେ ଟିକିଏ ଦେଖିବାକୁ ମନ ଛକପକ ହେଲା । ସକାଳୁ ଯେତେଥର ପଚାରିଲେ ସେବକ କହୁଚି ଦେଈ ଉଠିନାହାନ୍ତି··· । ତୁ ଆଜିକାଲି ଏତେ ଅଳସୁଣୀ ହୋଇଗଲୁଣି ନନ୍ଦା··· ? ଆଗବେଳେ ତ ପାହାନ୍ତରୁ ଉଠି ଆମ ଘର ପର୍ଯ୍ୟନ୍ତ ପାଟିକର ଚହଲ ପକେଇ ଦେଉଥିଲୁ··· ?

ଅଳ୍ପ ହସି ସେ କଥାକୁ ବୁଲେଇ ଦେଲା ନନ୍ଦା··· । ପଚାରିଲା—‘କ’ଣ ତୁମର ଏତେ କାମ କି ସାନଅଜା··· ?’

‘ଜମାରୁ ଜାଣୁନାହିଁ ଯେମିତି··· ? ଏ ସବୁ ସମ୍ପତ୍ତି, ମୁଁ ଗୋଟାଏ ଲୋକ କେତେ ଆଡ଼କୁ ହୋଇ ଦେଖା-ଶୁଣା କରୁଚି, ଜାଣୁନୁ ? ଆଜି ପୁଣି ଗାଁ ଗୋଟାକ ଯାକ ନିମନ୍ତ୍ରଣ । ସେଇ ଯୋଗାଡ଼ କରିବାକୁ ହେବ ପରା··· ।’

ଏତିକି କହି କାଳୀପ୍ରସାଦ ଚାଲିଯିବାକୁ ବାହାରିଲେ । ତାଙ୍କ ହାତଧରି ନନ୍ଦା ତାଙ୍କୁ ଅଟକେଇଲା । କହିଲା—‘ମୋ ରାଣ··· ସାନ ଅଜା—ସନ୍ଦେଶ ଦି’ଟା ନିଶ୍ଚୟ ଖାଇ ଦେଇ ଯାଅ ! ନ’ହେଲେ ମୁଁ ଆଉ ତମ ସହିତ ଜମାରୁ କଥା କହିବି ନାହିଁ ।’

ଅଗତ୍ୟା କାଳୀପ୍ରସାଦ ବସି ପଡ଼ିଲେ ।

ତାଙ୍କ ଆଗରେ ଗୋଟାଏ ଥାଳିଆରେ କିଛି ସନ୍ଦେଶ ରଖି ଓ ପାଖରେ ପାଣି ଗିଲାସେ ଥୋଇ ନନ୍ଦା ପଚାରିଲା—'ବାହାରେ କ'ଣ ଏତେ ପାଟି ଶୁଭୁଚି ସାନଅଜା··· ?'

ସନ୍ଦେଶ ଖାଉ ଖାଉ କାଳୀପ୍ରସାଦ କହିଲେ, 'ସେ କଥା କହନି ମା', ଗୋଟାଏ ବଦ୍‌ମାସ ଲୋକ କିଛିଦିନ ହବ ଲୋକଙ୍କୁ ମତେଇ କହୁଚି ଯେ—'ଜମିଦାର ଘରକୁ ବାସନ୍ଦ କରିଦେବା, ଯୁଗ ଯୁଗ ଧରି ଏମାନେ ଆମକୁ ଶୋଷି ନେଇଚନ୍ତି, ଆଜି ଆମେ ତା'ର ମୁକାବିଲା କରିନେବା' । ତା କଥାକୁ କେହି କାନଦଉନ୍ତି ନାହିଁ । ଆଜି ଜମିଦାରଙ୍କ ପାଇଁ ସ୍ନେହ ଉପହାର ନେଇ ଯେଉଁ ସବୁ ଲୋକମାନେ ଆସୁଚନ୍ତି, ତାଙ୍କୁ ବାଟରେ ଅଟକେଇ ଲଗେଇଚି ଗୋଟାଏ ଯନ୍ତ୍ର—ଛାଡ଼, ଜମିଦାରୀ ଉଠିଗଲା, ନ ହେଲେ ତା' ଠାଉଟିଆ ପଣକୁ ଏ କାଳୀପ୍ରସାଦ ଗୋଟାଏ ମିନିଟ୍‌ରେ ଛଡ଼େଇ ଦିଅନ୍ତା ।'

'ଜମିଦାରର ଜମିଦାରୀ ଉଠିଯିବା ପରେ ଏମାନଙ୍କର ଏ ଆକ୍ରୋଶ କାହିଁକି ସାନଅଜା ?' ନନ୍ଦା ପୁଣି ପଚାରିଲା । କାଳୀପ୍ରସାଦ କହିଲେ—'ଆଉ କେହି ନାହିଁ ନନ୍ଦା, ସେଇ ଗୋଟାଏ ଲୋକ । ହଠାତ୍ ନେତା ହେଇ ପଡ଼ିବାର ସୁଯୋଗ ମିଳିଯାଇଛି, ଜମିଦାରୀ ଉଠିଯିବା ପରେ ପରେ କୋର୍ଟ କଚେରୀ ଯାଇ ଲୋକଙ୍କ ନାଁରେ ନାନା ମିଛ ମକଦମା ଲଗେଇ, ଲୋକମାନଙ୍କୁ ସର୍ବସ୍ୱାନ୍ତ କରି ସାରିଲାଣି । କେବଳ ଭୟରେ ଲୋକମାନେ ତା' ପଛରେ ଗୋଡ଼େଇଚନ୍ତି । ଅଥଚ ପ୍ରକୃତରେ ଲୋକଟାକୁ କେହି ଭଲ ପାଆନ୍ତି ନାହିଁ । କ'ଣ ବା କରିବେ ? ଅନ୍ୟ ଲୋକର ସବୁ ଜିନିଷ ଉପରେ ଲୋକଟାର ଆଖି···ପାଚିଲା ଧାନ କିଆରୀ, ଦୁଧିଆଳୀ ଗାଈଠୁ ଆରମ୍ଭ କରି ସୁନ୍ଦର ଅସୁନ୍ଦର ଝିଅ ବୋହୂ···ଛାଡ଼, ସେ ସବୁ କଥା ତୋତେ ଦିନ ଚାରିଟାରେ ଜଣା ପଡ଼ିଯିବ ନାହିଁକି ?'

ସନ୍ଦେଶ ଖିଆ ସାରି କାଳୀପ୍ରସାଦ ପାଣି ପିଇଲେ । କହିଲେ—'ହଉ, ନନ୍ଦା, ତୁ ଏଥର ରହ, ମୁଁ ଯାଏଁ । ଦି'ପହରେ ଯାଇ ତୋ ଆଈକି ଟିକିଏ ଦେଖି ଆସିବୁ । ସାତବର୍ଷ ହେଲା ତୋତେ ନ ଦେଖି, ଏବେ ତୁ

ଆସିରୁ ଶୁଣି ତୋତେ ଦେଖି ଆସିବାକୁ ଚାହୁଁଥିଲି । ଏକା ଘରଦ୍ୱାର ଛାଡ଼ି ହୁଏତ ଆସି ପାରିବ ନାହିଁ ।'

କାଳୀପ୍ରସାଦ ହସିଲେ । ନନ୍ଦା କହିଲା, 'ତୁମକୁ ପାନ ଦେଇ ହେଲା ନାହିଁ ସାନଅଜା, ସେବକୁ କହି ଟିକେ ପାନ ମଗେଇ ନବ ।'

ନନ୍ଦାର ମନ ଚାହୁଁଥିଲା, ସେ ଗାଁଟା ସାରା ଥରେ ଯାଇ ବୁଲି ଆସନ୍ତା । ସାତବର୍ଷ ପରେ ଦେଖିଲେ କେତେ ଜିନିଷ ଆଖିକୁ ନୂଆ ନୂଆ ଲାଗିବ । କେତେ ଜିନିଷ କେତେ ପ୍ରକାରରେ ବଦଳି ଯାଇଥିବ । ସାତବର୍ଷ ଆଗରେ ଯେଉଁସବୁ କୁନିକୁନି ଛୁଆମାନଙ୍କୁ ସେ ଘରଧାରେ କେବେ କେମିତି କାଖ କରିଥିଲା, ସେମାନେ କେଡ଼େଡ଼େଟିମାନ ହୋଇ ଯିବେଣି ! ସାତବର୍ଷ ଆଗରେ ଗାଁଟିର ଗାମ୍ଭୀର୍ଯ୍ୟ ଯେଉଁମାନେ ବଢ଼େଇ ଥିଲେ, କେତେ ମରିହଜି ଯିବେଣି ସେଇ ବୁଢ଼ାବୁଢ଼ୀମାନଙ୍କ ଭିତରୁ । କିନ୍ତୁ ତଥାପି···ତଥାପି ··ଅନେକ ଜିନିଷ ତ ଠିକ୍ ସେଇମିତି ଥିବ···ନଦୀ କୂଳକୁ ଲାଗି ସେଇ ଝଙ୍କା ବରଗଛ, ଚାରିଆଡ଼କୁ ଓହଳ ପକେଇ, ସେମିତି ଆକାଶ ସହିତ କଥାବାର୍ତ୍ତା କରୁଥିବ, ଆଉ ତା' ପାଖରେ ସେଇ ଯେ ଶିବମନ୍ଦିର···ନେଳିଲଗା ତା'ର ସମସ୍ତ ଅବୟବ ଉପରେ ସାଁବାଳୁଆର ମନ୍ଥର ଜୀବନଯାତ୍ରା, ପାରାଖୋରଡ଼ ଭିତରେ କେତେ ଯାଯାବର ପାରିଙ୍କର ବସତି ସ୍ଥାପନ ଠିକ୍ ସେଇମିତି ଚାଲିଥିବ ।

···ନନ୍ଦାକୁ ଦେଖିଲେ ବି କିଏ କେତେ କଥା ଭାବିବେ । ବୁଢ଼ାବୁଢ଼ୀ କିଏ ହୁଏତ ଦେଖିଲେ କହିବେ—'ଆରେ, ମା', ତୁ ଏତେଟିଏ ହେଇଗଲୁଣି ଇଆ ଭିତରେ···ବୁଢ଼ୀ ହେଇଥା ମା'···ବୁଢ଼ୀ ହେଇଥା ! କେମିତି ଏତେଦିନ ଏ ବୁଢ଼ାବୁଢ଼ୀଙ୍କି ପାଶୋରି ସିଆଡ଼େ ରହିଗଲୁ···ଆଚ୍ଛା··· ଆଚ୍ଛା···!'

···ଆଉ କିଏ ହୁଏତ, ସେଦିନର ଶିଶୁ ଆଜିର କିଶୋର ମୁହଁ ବୁଲେଇ ଲାଜେଇ ଲାଜେଇ ତା' ପାଖଦେଇ ଚାଲିଯିବ, ଆଉ ବାଟ ମଝିରେ ନନ୍ଦାକୁ ପାରି ହେଇ ଆଉ କିଛି ବାଟ ଆଗେଇ ଗଲେ, ତା'ର ଆଉ ଏକ

ଲାଜକୁଳୀ ସାଙ୍ଗଙ୍କୁ ହୁଏତ କହନ୍ତି···"ସେଇ ନନ୍ଦା ଦେଖୁଛ ମ' କଲିକତାରେ ପଢ଼ି ଡ଼ାକ୍ତରୀ ପଢ଼ୁଥିଲେ ! କଲିକତାକୁ ଗଲେ ସମସ୍ତେ ମେମ୍ ସାହେବ ହୋଇ ଯାଆନ୍ତି ମ'···ଦେଖିନୁ ମୋ ସାନ ମାଉସୀ ଗଲାସନ ପୂଜାକୁ ଆସିଥିଲା।"

ଭାବିବାକୁ ବେଶ୍ ମଜା ଲାଗେ ନନ୍ଦାକୁ···କିନ୍ତୁ ସାତବର୍ଷ ଆଗରେ ନୁହେଁ···କି ତା' ଆଗରୁ କେବେ ନୁହେଁ—ନନ୍ଦା ଏଇ ଗାଁର ମଣିଷ କେବେ ନଥିଲା । ତା' ଜୀବନରେ ସେ ଏଇ ଗାଁରେ ଖୁବ୍ କମ୍ ସମୟ କଟେଇଛି । ଛୁଆଟି ଦିନରୁ କନ୍‌ଭେଣ୍ଟ୍ ସ୍କୁଲରେ ହିଁ ତା' ଜୀବନର କ୍ରମାଗତ ଅଧ୍ୟାୟଗୁଡ଼ିକ ଗୋଟିକ ପରେ ଗୋଟିଏ ଅତିବାହିତ ହୋଇ ଯାଇଛି । କନ୍‌ଭେଣ୍ଟ୍ ସ୍କୁଲ ପରେ କଲିକତାର କଲେଜ୍—ତା'ପରେ ମେଡ଼ିକାଲ କଲେଜ୍···

କିନ୍ତୁ ସିଏତ ଅନ୍ୟ ଏକ ଗଳ୍ପ···।

ତଥାପି ଗାଁକୁ—ପଲ୍ଲୀବଧୂକୁ ନନ୍ଦା ଭାରି ଭଲପାଏ । କଲିକତାଠୁ ଆହୁରି ବେଶି ଭଲପାଏ, ଜନମ ମାଟି ତ—! ସେଇଠି ଅଛି ତା'ର ଏକ ସୁନ୍ଦର ଆଶ୍ରୟ । ଅଜା ଅଛନ୍ତି ଆଉ ଅଛନ୍ତି ପଡ଼ିଶା ଅଡ଼ିଗା—ଯେଉଁମାନଙ୍କର ବଂଶଗତ ଆଭିଜାତ୍ୟ ଭିତରେ ଜମିଦାରଙ୍କୁ ଦେଖନ୍ତି ବିଷ୍ଣୁ ଓ ଜମିଦାର ଘରକୁ ସ୍ୱର୍ଗ ବୋଲି ମନେ କରିବା—ଏକ ଚିରାଚରିତ ଅଭ୍ୟାସ । ସେଇ ଜମିଦାରଙ୍କର ଉତ୍ତରାଧିକାରିଣୀ, ଆଦରିଣୀ ନାତୁଣୀ—ଏକମାତ୍ର ନନ୍ଦା । ତେଣୁ ନନ୍ଦାକୁ ଭଲ ଲାଗେ ପଲ୍ଲୀର ଆଲୁଅ ଓ ଅନ୍ଧାର, ପଲ୍ଲୀର ଶିକ୍ଷା ଆଉ କୁସଂସ୍କାର, ଭଲଲାଗେ ଏଇ ସବୁ ଭିତରେ ସ୍ୱଚ୍ଛ ପଲ୍ଲୀ ମଣିଷର ଅସଲ ପ୍ରତିବିମ୍ବ ।

କିନ୍ତୁ ପାଟେଣୀ ଆରପଟରେ ପାଟି ତ କମି ନାହିଁ—? ସେଇ ଗୋଟାଏ ଲୋକର ଚଢ଼ାଗଲା ବେଶ୍ ପରିଷ୍କାର—ଏ ଦୋ'ମହଲାର ନିର୍ଜ୍ଜନ କୋଠାକୁ କି ମୁଖରିତ କରି ତୋଳୁଛି···?

ନନ୍ଦା ପାହାଚ ଦେଇ ଓହ୍ଲେଇ ପଡ଼ିଲା ତଳକୁ—ସେଇ ଲୋକଟାକୁ ଟିକିଏ ଦେଖି ଆସିବାକୁ । ଏକ କୌତୂହଳର ବଶବର୍ତ୍ତୀ ହୋଇ ସେ ଫାଟକ ପାଖକୁ ଯାଇ ଠିଆହୋଇ ପଡ଼ିଲା ତା'ର ସେଇ ଚିର ଅଭ୍ୟସ୍ତ ଭଙ୍ଗୀଟିରେ—ଅର୍ଥାତ୍ ଫାଟକର ବିଲାତି ଫେଶନ୍‌ର କାଠ ଆଉ ଲୁହାମିଶା ଦୁଆର ଉପରେ

ଗୋଟାଏ ହାତ ଭରାଦେଇ, ସେଇ ଆଡ଼କୁ ଦେହର ସମସ୍ତ ଭାର ଅଜାଡ଼ି ଦେଇ ସେ ସମବେତ ମୁଷ୍ଟିମେୟ ଜନତା ଆଡ଼କୁ ଏକ ପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ ।

ସେଇ ଜନତା ଭିତରେ ସେଇ ଉଚ୍ଚଗଳା ସେଇମିତି କହୁଚି—'ଆଜି ଜମିଦାରର ବିଷଦାନ୍ତ ଭାଙ୍ଗି ଯାଇଚି, ତା'କୁ ଭାଙ୍ଗିଚି କିଏ—? ତାକୁ ଭାଙ୍ଗିଚି ମୁଁ, ତାକୁ ଭାଙ୍ଗିଚ ତୁମେ—ତାକୁ ଭାଙ୍ଗିଚେ ସମସ୍ତେ । କିନ୍ତୁ ସେ ବିଷଦାନ୍ତର ଭୟ ତମ ମନରୁ ଦୂର ହୋଇନି, ତୁମେ ପୁଣି ଧାଇଁଚ ସେଇ ବିଷଦାନ୍ତର ଶିକାର ହେବାକୁ । ଧାଇଁଚ ଗୁଡ଼ ଟିକିଏ ପଡ଼ିଲେ ପିମ୍ପୁଡ଼ି ଧାର ଲାଗିଲା ପରି ! ତୁମେଗୁଡ଼ାକ ମଣିଷ ନୁହଁ, ତୁମେ ସବୁ ଜନ୍ତୁ । ଡେଲ ମାଲ୍‌ସ୍‌ର ଯୁଗ ତ ଚାଲି ଯାଇଚି—ଆଉ କାହିଁକି ?'

ଭଲ ଲାଗୁଥିଲା ନନ୍ଦାକୁ, ଏଇ ଶସ୍ତା ନେତାଙ୍କର ଶସ୍ତା ବକ୍ତୃତା ଶୁଣିବାକୁ । ଏକ ନିର୍ବାଚନ ଇସ୍ତାହାରର ଧାଡ଼ିଗୁଡ଼ିକୁ ମୁଖସ୍ଥ କରି ଲୋକଟା କହି ଯାଉଚି ଯେମିତି ! ନନ୍ଦାକୁ ବେଶ୍ ଆଶ୍ଚର୍ଯ୍ୟ ଲାଗିଲା—'ପଲ୍ଲୀର ତୁଳସୀ ଦଳ ଭିତରେ ଏ ବିଛୁଆତି ବି ଅଛନ୍ତି···?'

ହଠାତ୍ ସେଇ ସମବେତ ଜନତାର ଦୃଷ୍ଟି ପଡ଼ିଲା ନନ୍ଦା ଉପରେ । ଶସ୍ତା ନେତାଙ୍କର ବକ୍ତବ୍ୟକୁ କାନ ନ ଦେଇ, ନିଜ ନିଜର ଭେଟି ଧରି, ଫାଟକ ଡେଇଁ ସମସ୍ତେ ଜମିଦାର କୋଠାଆଡ଼କୁ ମୁହେଁଇଲେ, ଆଉ କେତେକ ବାଟପେଲା ନେତାଙ୍କର ବାକି କରଣୀଟିକ ଦେଖିବାକୁ ଚାହିଁ ରହିଲେ ।

ନେତାଙ୍କର ତେଜ ହଠାତ୍ ନରମ ପଡ଼ିଗଲା । ମୁହଁରେ ଯଥାସମ୍ଭବ ଏକ ସୌଦାଗରୀ ହସ ଫୁଟେଇ, ନନ୍ଦା ଆଡ଼କୁ ଚାହିଁ ଭଦ୍ରଲୋକ କହିଲେ—'କିଛି କହିବେ ଆପଣ···?'

ନନ୍ଦା ଟିକିଏ ହସିଲା । କହିଲା—'ମୁଁ ଭାବୁଥିଲି କିଛି କହିବି ନାହିଁ—ପ୍ରବୃତ୍ତିଟାକୁ ଆଉ ବନ୍ଦ କରି ରଖି ପାରିଲି ନାହିଁ, ମୋର ମନେ ହେଉଚି, ଜମିଦାରର ବିଷଦାନ୍ତ ଭାଙ୍ଗିଲା ପରେ, ସେଇ ବିଷଦାନ୍ତ ଆପଣଙ୍କ ପାଟି ଭିତରେ ପଶି ଆପଣଙ୍କର ଶୋଭା ବଢ଼େଇବାରେ ଲାଗିଚି ।'

ଆଉ କୌଣସି ଉପକ୍ରମଣିକା ନ ଦେଇ ନନ୍ଦା ଚଟକରି ବୁଲିପଡ଼ିଲା । ଘର ଭିତରକୁ ଆସୁ ଆସୁ ତା' କାନରେ ବାଜିଲା—ନେତା ତାଙ୍କ ପାଖ ଲୋକଙ୍କୁ କହୁଚନ୍ତି—'ଦେଖିଲ୍ ବେ, ଆଟେବ ଯା—ଜମିଦାର କନ୍ୟା—? ବହୁତ ବହୁତ ଜମିଦାର ଝିଅଙ୍କୁ ମୁଁ ଏଇ ହାତରେ ନଚେଇ ଦେଇଛି—ଜାଣିଲ୍ ବଧୁଆ...'

ନନ୍ଦା ପଛକୁ ଫେରି ଚାହିଁଲା, ଏକ ଶୀକାର ଉପରକୁ କ୍ରୁଦ୍ଧା ବାଘୁଣୀ ଚାହିଁଲା ପରି । ତା'ପରେ ତା'ର ସାଧାରଣ ଚାଲରେ ଆସି, ତଳଘରେ ସମବେତ ହୋଇଥିବା ଝୁଆମାନଙ୍କୁ ସନ୍ଦେଶ ବାଣ୍ଟିବା କାମରେ ଲାଗିଲା......।

ସେ କାମ ତୁଟିଲା ବେଳକୁ ଦଶଟା ବାଜି ଯାଇଚି । ନନ୍ଦା ଅନ୍ୟମନସ୍କ ଭାବରେ ରୋଷାଇଘର ଆଡ଼କୁ ମୁହାଁଇଲା । ରୋଷଘର ଭିତରେ ଚାକର, ପୂଝାରୀ ସମସ୍ତେ କାର୍ଯ୍ୟବ୍ୟସ୍ତ । ଅପରାହ୍ଣରେ ଯେଉଁ ଭୋଜିର ବନ୍ଦୋବସ୍ତ କରାଯାଇଚି, ତା'ର ପ୍ରାରମ୍ଭିକ ଆୟୋଜନ ଚାଲିଚି । ଖଣ୍ଡେ ଚେୟାର୍ ଉପରେ ବସି କାଳୀପ୍ରସାଦ ନିର୍ଦ୍ଦେଶ ଦେଉଚନ୍ତି । ସେଇ ଚେୟାର ପଛପଟରେ ଯାଇ ଠିଆ ହୋଇ ପଡ଼ିଲା ନନ୍ଦା । ପଚାରିଲା—'ଉପରବେଳା ଗାଁର ସମସ୍ତଙ୍କୁ ଖୁଆଇବ ବୋଲି—ସକାଳବେଳା ଆମେ ସବୁ ପେଟରେ ଓଦାକନା ଦେବୁ ନା କ'ଣ ସାନଅଜା ?'

କାଳୀପ୍ରସାଦ କହିଲେ—'କାହିଁକି ? ସବୁ ତ ବନ୍ଦୋବସ୍ତ ହୋଇଯାଇଚି ଆମମାନଙ୍କ ପାଇଁ । ରନ୍ଧାକାମ ସାରି ତ ଏ କାମରେ ଲାଗିଚୁ । ଏ ଭିତରେ ତୋତେ ଭୋକ ଲାଗିଲାଣି ?'

ନନ୍ଦା କହିଲା—'ନାଇଁ ଯେ—ଏକ ସମୟରେ ଭୋକ ଲାଗିବତ ପୁଣି, ବୁଝିବା ପାଇଁ ଚାଲି ଆସିଲି କ'ଣ ମିଳିବ ସେତେବେଳକୁ । ଅଜାଙ୍କ ପାଇଁ କ'ଣ ବନ୍ଦୋବସ୍ତ ହଉଚି...?'

'କିଛି ନାଇଁ—ସମସ୍ତ ଅତିଥିମାନଙ୍କର ଚର୍ଚ୍ଚା ସରିଲେ ସେ ଯାଇ ଅନ୍ନଜଳ ସ୍ପର୍ଶ କରିବେ ।' କାଳୀପ୍ରସାଦ କହିଲେ । ନନ୍ଦା ମନେ ମନେ ବିରକ୍ତ ହେଲା । 'ଅତିଥିମାନଙ୍କର ଚର୍ଚ୍ଚା ହେବାର କଥା, ସେ ତ ହବ,

ସେ ବେଳ ଅଛି । ଅଜା କିନ୍ତୁ ଏ ବୟସରେ ନିଜର ଦେହଟିକୁ କାହିଁକି ଖରାପ କରୁଚନ୍ତି ?'

କାଳୀପ୍ରସାଦ ପୂଝାରୀ ଠୋକା ଦି'ଜଣଙ୍କୁ ଉଦ୍ଦେଶ୍ୟ କରି କହିଲେ—'ଦାଅରେ ପିଲେ—ତମ ଦେଖି ପାଇଁ ଆଉ ମୋ ପାଇଁ ସେ ଘରେ ଜାଗା କରିଦିଅ । ସେ କାମଟା ତୁଟି ଯାଉ ।' ତା' ପରେ ନନ୍ଦାଆଡ଼କୁ ଚାହିଁ ଟିକିଏ ହସି କହିଲେ—'ତୋର ଏଇ ଭୂମି ଆସନରେ ଚଳିବ, ନା ଟେବୁଲ ଚେୟାର୍ ବନ୍ଦୋବସ୍ତ କରିବା ? କଲିକତିଆ ମଣିଷ ନା···?'

'ତୁମେ କଅଣ ଯେ କୁହ ସାନଅଜା ? କଲିକତାରେ କିଛିଦିନ କଟେଇ ଆସିଲି ବୋଲି ଏତେକଥା ? ପୁଣି ମୁଁ ଯେ ବଲିତ ଯିବାପାଇଁ ମନକରୁଚି, ସେଠୁ ଫେରି ଆସିଲେ, ମୋ ଖାଇବାବେଳେ, ତୁମେ ବୋଧହୁଏ ଏମାନଙ୍କୁ ମେଘ ଉପରେ ଆସନ ପାରିଦେବାକୁ କହିବ ।' ଏତିକି କହି ନନ୍ଦା ହସି ଉଠିଲା ।

ସେବ ଅସି କହିଲା—'ଜାଗା ହେଲାଣି···।'

ଖାଇପିଇ ସାରି ଘଣ୍ଟାଟିଏ ବିଶ୍ରାମ ନେବାର କଥା । ସେଇ ସମୟରେ ନନ୍ଦା ଖବରକାଗଜ ପଢ଼େ । ସେଦିନ କିନ୍ତୁ ଏମିତି କିଛି ବିଶେଷ ଘଟଣା ନଥିଲା, ଯାହା ଉପରେ ଚିନ୍ତା କରି କିଛି ସମୟ କଟେଇ ଦେଇ ହେବ । ତେଣୁ ସେ ବାହାରି ପଡ଼ିଲା କାଳୀପ୍ରସାଦଙ୍କ ଘରକୁ ।

ନନ୍ଦା ପହଞ୍ଚିଲା ବେଳକୁ, କାଳୀପ୍ରସାଦ-ଗୃହିଣୀ ସବୁ କାମଧାମ ଭୁଟେଇ, ଅଗଣାପଟ ବାରଣ୍ଡାରେ ଖଣ୍ଡିଏ ସପ ପକେଇ ରାମାୟଣ ପଢ଼ୁଥିଲେ । କପାଳ ଉପରେ କେତେକେତେ ପାଚିଲା ବାଳ ଭିତରେ, ଉଜ୍ଜ୍ୱଳ ସିନ୍ଦୁରର ଏକ ଅକର୍ଷଣୀୟ ବିନ୍ଦୁ, ଆଖି ଉପରେ ସବୁଫ୍ରେମ୍‌ର ଗୋଟିଏ ଚଷମା, ତାଙ୍କ ଜୀବନର ଚୁଟିର ଏକ ନୀରବ ସାକ୍ଷ୍ୟ ଦେଉଥିଲା ।

ନିଶବ୍ଦ ମନରେ ସେ ପୁରାଣ ପଢ଼ୁଚନ୍ତି । ଘରେ ଥେଇ ଏକା ମଣିଷ ଘୋଷା ଲାଗିଛି ଛୁଅଁଟି, ତାଙ୍କର କୋଳ ଭିତରେ ଘୁମେଇ ପଡ଼ିଚି ତା'ର ଲୋମଶ ଶରୀର ଭିତରେ ମୁହଁଟି ଲୁଚି ଯାଇଚି । ନନ୍ଦାର ଉପସ୍ଥିତି

କାଳୀପ୍ରସାଦ-ଗୃହିଣୀ, କିନ୍ତୁ ସେଇ ସ୍ୱାଭାବିକ ବାଉଳାର ଭେଦ ଜାଣିପାରିଲେ ନାହିଁ ।

ପାଦ ଛୁଇଁ ପ୍ରଣାମ କଲା ନନ୍ଦା ।

ଆଈ ତାକୁ ଆଶୀର୍ବାଦ କଲେ । ବସିଥିବା ସପର ଗୋଟାଏ ଅଂଶକୁ ନିଜ ପଣତରେ ଝାଡ଼ିଦେଇ, ସେଇଠି ନନ୍ଦାକୁ ବସିବାକୁ କହିଲେ । ସୁନାଛୁଆଟି ପରି ନନ୍ଦା ତା'ଲି ଉପରେ ବସି ପଡ଼ିଲା । ବହିଟି ବନ୍ଦ କରି, ଆଖିରୁ ଚଷମା ଖୋଲି, ଆଈ କହିଲେ—'କଲେଜ୍‌ରେ ପଢ଼ି ବି ତୋ'ର ପ୍ରଣାମ କରିବାର ପଦ୍ଧତିଟି ଠିକ୍ ଆମ ସେକାଳ ଲୋକଙ୍କର ବାନ୍ଧିଛି ପନ୍ଥା ଭିତରେ ରହି ଯାଇଚି ।'

ହସିଲା ଆଖିରେ ନନ୍ଦା ତାଙ୍କ ଆଡ଼କୁ ଚାହିଁଲା ।

ଆଈ ପୁଣି କହିଲେ—'ସକାଳୁ ତୋର ବାଟ ଚାହିଁ ବସିଚି । କେତେ କାମ ପଡ଼ିଚି, କିନ୍ତୁ ତୋତେ ଥରେ ନ ଦେଖିଲା ପର୍ଯ୍ୟନ୍ତ କିଛି କାମ କରିବାକୁ ମନ ବଳୁନାହିଁ, ଏ ଭିତରେ ତୁ ଏତେବଡ଼ଟିଏ ହୋଇଗଲୁଣି ନା......?'

ନନ୍ଦା କହିଲା—'ତୁମେ ମୋତେ ଜମାରୁ ଭୁଲିପାରନା ଆଈ, ନ ହେଲେ ଏଇ କେତିକ ବାଟ, ଥରେ ଯାଇ ଦେଖି ଆସି ନ ଥାନ୍ତ ? ଷୋଳ ବରଷର ଝିଅପରି ଦେଖାଯାଉଚ, ତମକୁ ଏଇ ବାଟ ପହଞ୍ଚିବା କ'ଣ କଲେଇ ପଡ଼ୁଥା'ନ୍ତା ?'

ଆଈ କହିଲେ—'ଶେଷକୁ ତ ମୁଁ ସେଇକଥା ଭାବୁଥିଲି । କିନ୍ତୁ ଏକୁଟିଆ ଗୋଡ଼ ଚଳିଲା ନାହିଁ, ମାଡ଼ମାଡ଼ି ପଡ଼ିଲି, ଯେତେହେଲେ ଆମେ ସେ କାଳର ଲୋକପରା...?'

ତା'ପରେ କହିଲେ—'ଆଚ୍ଛା, ତୁ ଏତେଗୁଡ଼ାଏ ସନ୍ଦେଶ ଖାଇଁକି ପଠେଇ ଦେଇଚୁ, କହ ତ ? ଛୁଆ ପିଲା ତ ସବୁ ବିଦେଶରେ—ଏ ବୁଢ଼ାବୁଢ଼ିରେ ବି କେହିହେଲେ ଥରେ ଘରମୁହାଁ ହେଲେ ନାହିଁ, କିଏ ଖାଇବ ଏତେ...?'

'କାହିଁକି ? ତମେ ଖାଇବ, ତମ ପଢ଼ିଦେବତା ଖାଇବେ, ଆଉ କ'ଣ ? କେତେ କି ଏମିତି ? ମୁଁ ତ ସବୁ ଏକା ଖାଇ ବଅନ୍ତି...' ହସି ହସି ନନ୍ଦା କହିଲା ।

'ତୁ ପୁଣି ଏତିକି ଖାଇବାବାଲୀ ହେଲୁଣି ନା ଏ ଭିତରେ ? ଖାଇଲୁ ଦେଖି ସବୁ ମୋ ଆଖି ସାମନାରେ, ମୁଁ ଏଇ ଅଣ୍ଟା !' ଆଈ କହିଲେ ।

ନନ୍ଦା କହିଲା—'ଥାଉ, ଥାଉ ଆଈ, ମୁଁ ତମ ପାଖରେ ହାର ମାନିଲି । କ'ଣ ପଢ଼ୁଥିଲ ପଢ଼, ମୁଁ ଟିକିଏ ଶୁଣେ...?'

ଆଈ କହିଲେ—'ତୁ ତ ଏଇ ପୁରାଣ ସବୁ ପଢ଼ିବୁ, ଆଉ ଡାକ୍ତରାଣୀ ହବ କିଏ ? ତୁମ ଅମଳକୁ ଏ ପୁରାଣ ସବୁ ମିଛ ହେଇଗଲା, ହେଲେ ଆମ ଛୁଆଦିନେ, ପଣ୍ଡିତମାନେ ଘରେ ଘରେ ବସାସାଇଁ ପାଇଁ ଏ ସବୁ ଆମକୁ ପଢ଼ାଉଥିଲେ । ତମକୁ ତ ସବୁ ଖରାପ ଲାଗିବ ଲୋ ଭଉଣି—ହେଲେ ଆମ ପୁରାଣରେ ଯାହା ଅଛି, ତା' ଆଉ କେଉଁ ପାଠରେ ଅଛି ? ମୋ ମୁହଁରୁ ଦି'ପଦ ପୁରାଣ ଶୁଣିଦେଲେ କ'ଣ ହବ ! ପଢ଼ିବାକୁ ମନ ଅଛି ତ, ନେଇଯା ସବୁ ପୁରାଣ ମନ ଲଗେଇ ପଢ଼ିବୁ, ଆଉ ଭାବିବୁ ମୁଁ ସତ କହୁଚି କି ମିଛ କହୁଚି । ଭାଗବତ, ରାମାୟଣ, ମହାଭାରତ, ନୃସିଂହ ପୁରାଣ ସବୁ ଅଛି, ନବୁ...?'

ନନ୍ଦା କହିଲା—'ସତରେ ଆଈ, ସେ ସବୁ ପଢ଼ିବାକୁ ମୋର ଅନେକ ଦିନରୁ ମନ, କିନ୍ତୁ ସୁଯୋଗ ବି ମିଳୁନଥିଲା କି ତମ ପରି ଗୁରୁ ବି ମିଳୁନଥିଲେ । ଏବେ ତମଠୁ ମୁଁ ଏଇ ପୁରାଣ ପାଠର ଦୀକ୍ଷା ନେବି । ଆଜି ଅପରବେଳା ଆମ ପୁଷ୍ପାରାଣୀନନାକୁ ପଠେଇଦେଲେ ସେ ସବୁ ନେଇଯିବ । ବର୍ତ୍ତମାନ ମୋ ହାତରେ କିଛି ତ କାମ ନାହିଁ, ଏଇ ପୁରାଣତକ ପଢ଼ି ସାରିଦେଇଥାଏଁ...।'

ବେଳ ଗଡ଼ିଗଲାଣି—ନନ୍ଦା କହିଲା—'ମୁଁ ଆଜି ଯାଉଚି ଆଈ, ପୁଣି ପୁରାଣ ପଢ଼ି ସାରିଲେ ସେ ବିଷୟରେ ଆଲୋଚନା କରିବା ।'

ଆଈ ଆଉଟିକିଏ ବସିବାକୁ କହୁଥିଲେ, ନନ୍ଦା ଠିଆ ହେଲା କହିଲା—'ମୋର ମନେ ନଥିଲା ଆଈ, ମୁଁ ତମକୁ ନିମନ୍ତ୍ରଣ କରିବାକୁ

ଆସିଥିଲ । ସଞ୍ଜବେଳକୁ ମୁଁ ସେବକୁ ପଠେଇ ଦେବେଲ ନିଶ୍ଚୟ ଯିବ, ଅନେକ ଦିନ ପରେ ପୁଣି ଏକା ସାଙ୍ଗରେ ଖାଇବା ।’

ଗୋଡ଼ରେ ହାତ ଲଗାଇ ପୁଣି ଥରେ ପ୍ରଣାମ କରି ନନ୍ଦା ବାହାରି ଗଲା । କବାଟ ଦରଆଉଜା କରି, ତା ଯିବା ବାଟକୁ ଚାହିଁ, କାଳୀପ୍ରସାଦ ଗୃହିଣୀଙ୍କ ଆଖିରୁ ଦି’ଟୋପା ଲୁହ ଝରି ପଡ଼ିଲା । ‘ଆ···ହା !’ ଛୁଆଦିନରୁ ବାପ, ମା’ ହେଉଣ୍ଡ ପିଲାଟି ! ମନେ ମନେ ସେ କହିଲେ— ‘ସୁଖୀ ହେଇଥା ମା’, ତୋ ଚଲା ବାଟରେ ପଦ୍ମଫୁଟୁ···।’

ନନ୍ଦାକୁ ବେଶ୍ ଲାଗେ । କେଡ଼େ ସୁନ୍ଦର ଆଦର୍ଶ ଜୀବନ—ସ୍ୱାଧୀନ ଅଥଚ ସଂଯତ । ନିଜକୁ ପଲ୍ଲୀର ମଣିଷ ବୋଲି ଭାବିବାକୁ ଗର୍ବ ବୋଧହୁଏ । ନିଜ ଦେହରେ ସହରର ଯେତେକ କୃତ୍ରିମତା ଥାଏ, ଗାଁକୁ ଆସିଲେ ସେ ସବୁକୁ ଝାଡ଼ିଝୁଡ଼ି ଦୂରକୁ ଫିଙ୍ଗି ଦେବାକୁ ଚେଷ୍ଟାକରେ । କିନ୍ତୁ ପଲ୍ଲୀଗାଁର କଥିତଭାଷା ଟିକ୍ ଯେ କ’ଣ, ତାର ସ୍ୱରୂପ ଠିକ୍ କରିପାରେନି ନନ୍ଦା । ସହର ବଜାରରେ ସେଇ କଥାଗୁଡ଼ା ଶୁଣିଲେ ତା’ ଭିତରୁ ମଫସଲର ଗନ୍ଧ ସ୍ପଷ୍ଟ ବାହାରିପଡ଼େ—ସହରର ସମସ୍ତ ସହରୀ ଚାଲ୍‌ଚଳନରେ ଏଇ କଥାଗୁଡ଼ା ଅତି ଖାପ୍‌ଛଡ଼ା ମନେହୁଏ । ‘ହଂସ ମଧ୍ୟେ ବକୋ ଯଥା’ ଭଳି ଅସୁନ୍ଦର ଲାଗେ ।

···କିନ୍ତୁ ଚେଷ୍ଟାକରି ସେଇ ରକମର କଥା କହିବାକୁ ଅଭ୍ୟାସ କରେ ନନ୍ଦା । କଷ୍ଟ କିଛି ନାହିଁ, ସାଧାରଣ କଥାକୁ ଟିକିଏ ଲମ୍ବେଇ କଣ୍ଠସ୍ୱରରେ ଟିକିଏ ବ୍ୟତିକ୍ରମ ଭରିଦେଇ ପାରିଲେ ତା’କଥା ଠିକ୍ ପଲ୍ଲୀର କଥିତ ଭାଷା ସହିତ ସମାନ ହୋଇଯାଏ । ତା’ ଛଡ଼ା ଚେଷ୍ଟାକରି ଏଇ ସ୍ୱାଧୀନ ଓ ସଂଯତ ଜୀବନକୁ ଉପଭୋଗ କରିବାକୁ ଖୁବ୍ ଭଲଲାଗେ ନନ୍ଦାକୁ । ବିନା ପ୍ରତିବାଦରେ ପଲ୍ଲୀର ଚାଲି, ଚଳଣି, ଭାବ, ଭଙ୍ଗୀକୁ ଗ୍ରହଣ କରିନେବାକୁ ସେ ପସନ୍ଦ କରେ ।

ତଥାପି, ସମୟ ସମୟରେ ଲଗାମବିହୀନ ହେଇ ଆଗକୁ ମାଡ଼ିଯିବାକୁ ମନହୁଏ । ସେତେବେଳେ ନନ୍ଦା ଭିତରୁ ତା’ ଅତୀତ ଜୀବନ ଚିତ୍କାର କରିଉଠେ । ତା’ର ସ୍କୁଲ ଜୀବନ—କଲେଜ ଜୀବନ—ସହର

ଜୀବନ—ସିଏ ବି ଗୋଟାଏ ପ୍ରକାର ଆରାମପ୍ରଦ ଜୀବନ, ତାକୁ ଅବହେଳା କରି ହୁଏନି । ନନ୍ଦାର ଜୀବନ ଉପରେ ସହରର ସେଇ କୃତ୍ରିମ ଓ ସଙ୍କୁଚିତ ଜୀବନର ପ୍ରଭାବ—ସିଏ ବି କମ୍ ନୁହେଁ···।

ଉପରବେଳାଟି ବେଶ୍ ଆରାମରେ କଟିଗଲା । ନିମନ୍ତ୍ରିତ ଭଦ୍ରଲୋକଙ୍କ ଚର୍ଚ୍ଚା, ଖିଆପିଆର ଧୂମ୍ ଭିତରେ, ସମୟ କିମିତି କଟିଗଲା ନନ୍ଦା ଜାଣି ପାରିଲାନି । ଗୋଟେଇ ଘରର ଖଣ୍ଡିଏ ଚେୟାର୍ ପକାଇ ନନ୍ଦା ଭୋଜୀ ପାଖକୁ ଜିନିଷ ପଠାଉଥିଲା । ରନ୍ଧାଘରୁ ଭୋଜୀପାଖକୁ କେତେବେଳେ କଉ ଜିନିଷ ଯିବ, ମାଂସ କେତେଥର ପରିବେଷଣ କରାଯିବ, ଏ ସବୁକଥା ପରିବେଷଣ-କାରୀଙ୍କୁ ନନ୍ଦା ବତେଇ ଦେଉଥିଲା ।

ତା'ପରେ ଯେତେବେଳେ ବାହାରର ସମସ୍ତ କାମ ସରିଗଲା, ସେବକ ନନ୍ଦା ପାଖକୁ ଆସି କହିଲା—'ଜାଗା ହେଲାଣି ଦେଈ, ଆସ, ତୁମେ ଦି'ଟା ଖାଇଦିଅ, ଅଛିଙ୍କ ପାଇଁ ମଧ୍ୟ ମୁଁ ସେଇଠି ଜାଗା କରି ଦେଇଛି ।'

ସେଦିନ ବିଛଣାକୁ ଯାଉ ଯାଉ ସବୁଦିନ ଅପେକ୍ଷା ନନ୍ଦାର ଟିକିଏ ବିଳମ୍ବ ହେଲା । କିନ୍ତୁ ନନ୍ଦା ସେଥିପାଇଁ ଭାବୁନଥିଲା । ବରଂ ବିରାଟ ଜନସମାଗମ ଭିତରେ ତା' ସମୟଟିକ ବେଶ୍ ସୁନ୍ଦର ଭାବରେ ଅତିବାହିତ ହୋଇଥିଲା । ସେଦିନର ସମସ୍ତ ତିକ୍ତ ଅଭିଜ୍ଞତାକୁ ସେ ପାଶୋରି ପକେଇଲା ଆଉ ଆଗାମୀ ଦିନର କାର୍ଯ୍ୟକ୍ରମ ଠିକ୍ କରିବା ପୂର୍ବରୁ ସେ ନିଦରେ ଶୋଇ ପଡ଼ିଲା ।

କିନ୍ତୁ ଘଣ୍ଟାରେ ଘଣ୍ଟାରେ ଠିକ୍ ଚାରିଟା ବାଜିଲା ବେଳକୁ ତା'ର ନିଦ ଭାଙ୍ଗିଗଲା । ସେଦିନ ତା' ଦେହ ବା ମନରେ ପୂର୍ବ ଦିନର ଅଳସ ନଥିଲା । ତେଣୁ ପ୍ରାତଃକୃତ୍ୟ ଶେଷକରି ଚୈତିକୁ ନେଇ ବାହାରେ କେତେ ମାଇଲ ବୁଲି ଆସିବାକୁ ସେ ଠିକ୍ କଲା । ନିକଟରେ ପ୍ରାୟ ଛଅମାଇଲ ଦୂରରେ ଏକ ମଧ୍ୟମ ପ୍ରକାର ସହର । ପାଖ ଅଧିବାସୀମାନଙ୍କର କେତୋଟି ଅତ୍ୟାବଶ୍ୟକୀୟ ଜିନିଷ ଏଇ ସହରଟିରେ ମିଳେ । ସହର ପାଖକୁ ରେଳଷ୍ଟେସନ ପର୍ଯ୍ୟନ୍ତ କେତୋଟି ବସ୍ ସର୍ଭିସ୍ ପ୍ରତିଦିନ ଯାତାୟାତ କରେ । ତେଣୁ ଆଖପାଖର ପଲ୍ଲୀଅଞ୍ଚଳଗୁଡ଼ିକ ଭିତରେ ସହରଟିର ବେଶ୍ ପ୍ରାଧାନ୍ୟ ଥିଲା ।

ସେଇ ସହର ପର୍ଯ୍ୟନ୍ତ ଯାଇ ବୁଲିଆସିଲେ ସ୍ୱାସ୍ଥ୍ୟମତ ଶରୀର ଚର୍ଚ୍ଚା
ହବ ଆଉ ସଡ଼କ ରାସ୍ତା ହୋଇଥିବାରୁ ଘୋଡ଼ାଟିର ମଧ୍ୟ କୌଣସି
ସୁବିଧା ହେବ ନାହିଁ । ପାହାଡ଼ିଆ ରାସ୍ତାକୁ ଏଇ ବିଦେଶୀ ଓଜନିଆ
ଘୋଡ଼ାଗୁଡ଼ିକ ବିଶେଷ ଭୟ କରନ୍ତି । ତେଣୁ ସବୁଦୃଷ୍ଟିରୁ ସେଇ
ହରଆଡ଼େ ବୁଲିଯିବା ହିଁ ସୁବିଧାଜନକ ବୋଲି ନନ୍ଦା ମନେକଲା ।

ଅଧଘଣ୍ଟା ଭିତରେ ତା'ର ସମସ୍ତ କାମ ସାରି, ପାଉଣ୍ଟ ହୋଇ
ନନ୍ଦା ଓହ୍ଲେଇ ଆସିଲା ତଳ ମହଲାକୁ । ତା'ପରେ ବଗିଚା ପାର ହୋଇ
ଫାଟକ ପାଖରେ ପହଞ୍ଚି ସେ ଦେଖିଲା, ରାମଶରଣ ଚୈତକକୁ ଧରି ଆଗରୁ
ଅପେକ୍ଷା କରି ରହିଛି ।

ନନ୍ଦାକୁ ଦେଖି ଚୈତକ ଏକ ଆନନ୍ଦସୂଚକ ଚିତ୍କାର କଲା । ନନ୍ଦା
ତା' ପାଖକୁ ଯାଇ ବେଶ୍ ପ୍ରଶଂସାସୂଚକ ଦୃଷ୍ଟିରେ ଚାହିଁଲା ଆଉ ତା'ପରେ
ଷ୍ଟିରପ୍ ଉପରେ ପାଦ ଦେଇ ତା' ପିଠି ଉପରକୁ ଉଠି ପଡ଼ିଲା । ରାମଶରଣ
ନନ୍ଦା ହାତକୁ ଲଗାମ୍‌ଟା ବଢ଼େଇ ଦେଲା ।

ବେଶ୍ ଶୀତ ପଡ଼ୁଛି...।

ଗାଁ ଦାଣ୍ଡଟି ପାର୍ ହୋଇସାରିଲେ, କଦମ୍ ଚାଲର ସୁଯୋଗ ପାଇ
ଚୈତକ ବି ଟିକିଏ ଉଷ୍ମତା ଅନୁଭବ କରିବ ଆଉ ନନ୍ଦାକୁ ବି ଟିକିଏ
ଆରାମ ଲାଗିବ । କିନ୍ତୁ ଗାଁ ଦାଣ୍ଡଟାତ ବେଶ୍ ଲମ୍ବା ହୋଇପଡ଼ିଛି ଏ
ଭିତରେ । ସାତବର୍ଷ ଆଗର ଗାଁ ସହିତ ଆଉ କେତେଟା ଘର ଯୋଡ଼ିହୋଇ,
ଟି ଦୀର୍ଘ ହୋଇ ଉଠିଛି ।

କାହାରି କାହାରି ଦୁଆର ମେଲା ହେଲାଣି । କେହି କେହି ଉଠି ମୁହଁ
ଧୋଉଛନ୍ତି । ଚାରିଆଡ଼ ତଥାପି ବେଶ୍ ଅନ୍ଧାରିଆ ମନେ ହେଉଛି ।

ନନ୍ଦା ଆଗେଇ ଗଲା । ଚୈତକ ଏକ ରାଜକୀୟ ଭଙ୍ଗୀରେ ଚାଲୁଛି ।
ଏତେ ଦିନ ଦିନ ଧରି ସାତବର୍ଷ ସେ ଯାହାର ପ୍ରତୀକ୍ଷା କରିଥିଲା, ଆଜି ସେଇ
ଭୁକୁ ପାଇ, ତା' ଛାତି ଆନନ୍ଦରେ ଫୁଲି ଯାଉଛି ।

ଗାଁ ଦାଣ୍ଡ ଅତିକ୍ରମ କରି, କଚ୍ଚା ସଡ଼କ ଧରି କଦମ୍‌ଚାଲରେ
ଗେଇଲା ଚୈତକ । ରାସ୍ତା ବେଶ୍ ପରିଷ୍କାର । ବିଲେଇ ଛୁଆଟିଏ ବି

ନାହିଁ । ସଡ଼କର ଦୁଇକଡ଼ରେ ଅଲଗ ଅଲଗ ଉଚ୍ଚର ପାହାଡ଼ ସବୁ ମୁଣ୍ଡଟେକି ଠିଆ ହୋଇଚନ୍ତି । ଆଗକୁ ଯେତେଦୂର ଦୃଷ୍ଟି ଯାଏ ଛୋଟ ଛୋଟ ପାହାଡ଼, ବୁଦୁବୁଦୁକିଆ ଜଙ୍ଗଲ ଓ ତା' ମଝିରେ ଏକ କ୍ଷୀଣରେଖା ପରି ସଡ଼କ ମାଡ଼ି ଯାଇଚି ।

ନନ୍ଦା ଗତିବେଗ ଆଉ ଟିକିଏ ବଢ଼ାଇଦେଲା । ଯିବା ଛଅ ମାଇଲ ଓ ଆସିବା ଛଅ ମାଇଲ—ମୋଟାମୋଟି ବାର ମାଇଲ ବାଟହେଲା । ସୂର୍ଯ୍ୟୋଦୟ ବେଳକୁ ଫେରି ଆସିବାକୁ ହେବ ।

ଚୈତନ୍ୟ ପ୍ରଭୁଭକ୍ତ, ପ୍ରଭୁର ମନଜାଣି ପବନ ବେଗରେ ସେ ଛୁଟିଚି, କିନ୍ତୁ ତଥାପି ନନ୍ଦା ଭାବୁଚି, ଆଉଟିକିଏ—ଆଉଟିକିଏ ଜୋର୍‌ରେ ଯାଇ ପାରନ୍ତା କି ଚୈତନ୍ୟ···।

କିନ୍ତୁ ସତରେ ଆଉ ଜୋରରେ ଯିବାର ଉପାୟ ନାହିଁ । ଆଗରେ ରାସ୍ତା ଖୁବ୍ ସଂକୀର୍ଣ୍ଣ ହୋଇଯାଇଚି । ଦୁଇ କଡ଼ର ପାହାଡ଼ ରାସ୍ତାଟାକୁ ଚପି ଦେଇଚନ୍ତି ଯେମିତି···। ବର୍ଷାଦିନେ ଏଇ ପାହାଡ଼ ସବୁ ରାସ୍ତା ଉପରେ ଅନଧିକାର ପ୍ରବେଶ କରନ୍ତି, ରାସ୍ତାର ବକ୍ଷ ସଂକୀର୍ଣ୍ଣ ହୋଇଯାଏ, ପୁଣି ଶୀତଶେଷ ବେଳକୁ ରାସ୍ତାର ଛାତି ପ୍ରସାରିତ ହୋଇ ଯାଏ ।

ରାସ୍ତାର ସେଇ ସଂକୀର୍ଣ୍ଣ ଅବୟବ ଉପରେ ଚୈତନ୍ୟର ଗତି ମନ୍ଥର ହୋଇ ଆସିଲା ଆସ୍ତେ ଆସ୍ତେ । ବହୁତ ବାଟ···ପ୍ରାୟ ପାଞ୍ଚମାଇଲ୍ ସମାନ ବେଗରେ ଦଉଡ଼ି ଆସିଚି ସିଏ । ଆଉ ମାଇଲଏ ବାଟଗଲେ ସହର ଉପକଣ୍ଠରୁ ଠିକ୍ ତାକୁ ଲେଉଟାଇ ଆଣିବାକୁ ହେବ । କିନ୍ତୁ ଆଗଆଡ଼ୁ ଟୋଗାଟାଏ ସାଇକେଲ୍ ଆସୁଚି ଯେ···।

ବଡ଼ ବିଷମ କଥା । ରାସ୍ତା ଉପରେ ଏପଟରୁ ଘୋଡ଼ା ଆଉ ସେପଟରୁ ସାଇକେଲ । ଏକ ସମୟରେ ପରସ୍ପରକୁ ଅତିକ୍ରମ କରି ଯିବାକୁ ଏକାନ୍ତ ସ୍ଥାନାଭାବ । ରାସ୍ତାଉପରୁ କୌଣସି ଜଣକୁ ଘୁଞ୍ଚିଯାଇ ଅନ୍ୟ ଜଣକ ପାଇଁ ସ୍ଥାନ କରି ଦେବାକୁ ପଡ଼ିବ । ନନ୍ଦା ନିଜେ ସେ ସୌଜନ୍ୟ ଦେଖାଇବା ପାଇଁ ଠିକ୍ କଲା । କିନ୍ତୁ ସେତେବେଳକୁ ସାଇକେଲ୍ ଆରୋହି ସାଇକେଲ୍‌ରୁ ଓହ୍ଲାଇ, ସାଇକେଲ୍‌କୁ ଦୁଇ ହାତରେ ଟେକିଧରି ରାସ୍ତା ଉପରୁ ଘୁଞ୍ଚି ଗଲେଣି ।

ଅନାକାଂକ୍ଷିତ ଭଦ୍ରତାରେ ନନ୍ଦା ମନେମନେ ଟିକିଏ ଖୁସି ହେଲା । ଏତେରେ ନନ୍ଦା ନିଜେ ସିନା ଓଠାଇଲା ପଞ୍ଜୁରୀ କଲୁ ଘୋଡ଼ାଟାକୁ ତ ଆଉ ଚୁନେ୍ୟ ଗୁନେ୍ୟ ଠିକ ରାସ୍ତା ସେପଟକୁ ସେ ଧରି ପାରନ୍ତା ନାହିଁ··· ।

ଚୈତନ୍ୟ ସେଇ ଭଦ୍ରଲୋକଙ୍କୁ ଅତିକ୍ରମ କଲାବେଳକୁ ନନ୍ଦା ଟିକିଏ ଚାହିଁଲା ସେ ଆଡ଼କୁ । ଭଦ୍ରଲୋକ କହିଲେ—'ନମସ୍କାର—' ନନ୍ଦା ସେ ଆଡ଼କୁ ଚାହିଁ ସହସା ଠାଣିରେ ହାତ ଉଠେଇଲା । ମୁହଁ ଖୋଲି କିଛି କହିବା ଆଉ ଆବଶ୍ୟକ ହେଇ ନାହିଁ ।

ପୁଣି ଖୋଲା ରାସ୍ତା ପାଇ ଚୈତକ ଛୁଟିଛି ପବନ ବେଗରେ । ମୁକ୍ତ ଆକାଶ ଆଉ ନିର୍ମଳ ବାୟୁ ମଣ୍ଡଳ ଭିତରେ ନନ୍ଦାର ସମସ୍ତ ଭାବନା ବାଷ୍ପୀଭୂତ ହେଇ ଯାଇଛି । ତା' ମନରେ ବର୍ତ୍ତମାନ ଆଉ କିଛି ଚିନ୍ତା ନାହିଁ । ସେ ଖାଲି ଦେଖୁଛି, ଚାରିଆଡ଼େ ପାହାଡ଼ ଆଉ ହରିବାଳପୁର ପାଟେରୀ ଭିତରେ ସେ ଛୁଟି ଚାଲିଛି ଏକ ପକ୍ଷୀରାଜ ଘୋଡ଼ା ଉପରେ ।

କାଲୁ ସହରର ଉପକଣ୍ଠରେ ହେଇଗଲା ଆସି··· । ଏଇଠୁ ଫେରିବାର କଥା । ଲଗାମ୍ ଟିକିଏ କଷିଦେଲା ନନ୍ଦା । ଚୈତନ୍ୟ ପାଇଁ କ୍ଷଣିକ ଇଶାରାହିଁ ଯଥେଷ୍ଟ, ଚୈତକ ବୁଲି ପଡ଼ିଲା, ଯେଉଁଆଡ଼ୁ ଆସିଥିଲା ପୁଣି ତୀର ବେଗରେ ସେଇଆଡ଼କୁ ଛୁଟି ଚାଲିଲା ସେ ।

ଏକ ପଞ୍ଜାବୀ ବାଳିକାର ପୋଷାକରେ ନନ୍ଦା ବାହାରିଥିଲା ସେଦିନ । ଘୋଡ଼ା ଚଢ଼ିବାକୁ ହେଲେ, ଏଇ ଧରଣର ପୋଷାକକୁ ସେ ପସନ୍ଦ କରେ ବେଶି । ଏ ଦେଶ, ଜାତି, ସମାଜ ଆଉ ଆବେଷ୍ଟନୀର ସମସ୍ତ ମାନ ସମ୍ମାନକୁ ବଜାୟରଖି ସମସ୍ତ ଅବୟବଟାକୁ ଆବୃତ କରାଯାଇ ପାରେ ଓ ତା'ସଙ୍ଗେ ସଙ୍ଗେ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ ଇଚ୍ଛାନୁରୂପ ସଞ୍ଚାଳନ ବି କରାଯାଇ ପାରେ —ଏଇ ବିଶେଷ ଧରଣର ପୋଷାକରେ । କାନ୍ଧ ଉପରର ଉଢ଼ଣୀ ବକ୍ଷ ବେଷ୍ଟନ କରି କଣ୍ଠ ଭିତରେ ଦେଇ ପବନରେ ଉଡ଼ୁଥିଲା ବେଳେ, ଏକ ପ୍ରଜାପତିର ନୂତନ ସଂସ୍କରଣ ପରି ମନେହୁଏ ।

ଚାରିଆଡ଼ ବେଶ୍ ପରିଷ୍କାର ଦେଖା ଗଲାଣି । ପୂର୍ବ ଆକାଶର ସିନ୍ଦୁରିମା ଯଥେଷ୍ଟ ବଢ଼ି ଗଲାଣି, ଏଣିକି ଉଦୀୟମାନ ସୂର୍ଯ୍ୟର ପ୍ରକାଶରେ

ପୃଥିବୀ ଆହୁରି ମନୋରମ ହୋଇ ଉଠିବ । ଅନେକ···ଅନେକ ଦିନ ପରେ ନନ୍ଦା ଆଖି ଆଗରେ ପୃଥିବୀରେ ସ୍ୱପ୍ନପୁରର ଇନ୍ଦ୍ରଜାଲ ମୂର୍ତ୍ତିମନ୍ତ ହୋଇ ଧରା ଦେବ··· ।

ନନ୍ଦା ନିଜର ବେଗ ଟିକିଏ କମେଇ ଦେଲା···ସୁନ୍ଦର ଶରୀର ଚର୍ଚ୍ଚା ହୋଇ ଯାଇଛି । ସମସ୍ତ ଲୋମକୂପ ଦେଇ ଝରି ପଡ଼ୁଛି ସ୍ୱେଦ କଣିକା···, ନାଷ ଆଉ ବକ୍ଷର ଅନ୍ତର୍ବାସ ବେଶ୍ ଓଦା ଲାଗିଲାଣି, ଝାଳରେ ସମ୍ପୂର୍ଣ୍ଣ ଓଦାହୋଇ ଗିଲାଣି ବୋଧହୁଏ ।

ତା'ପରେ—ନିଜର ପୋଷାକ ପାଖରୁ ନନ୍ଦାର ଚିନ୍ତା ଗଡ଼ି ଚାଲିଲା । ···ଓଡ଼ିଶା ଦେଶର ସ୍ତ୍ରୀ ଲୋକମାନଙ୍କ ବିଷୟ, ଆଉ ସେମାନଙ୍କ ପୋଷାକ ବିଷୟରେ ଏକ ଅତହଳୁକା ଚିନ୍ତା ପ୍ରବେଶ କଲା ନନ୍ଦା ମନରେ ।

ବାସ୍ତବିକ କି ଅସମ୍ଭବ ରକମର ଅସୁନ୍ଦର ପୋଷାକ ପିନ୍ଧି ଓଡ଼ିଆ ସ୍ତ୍ରୀଲୋକମାନେ ଚଳନ୍ତି··· ! ଗୋଟାଏ ଲମ୍ବା ଶାଢ଼ୀ ଦେହରେ ପାଞ୍ଚ ପରସ୍ତ କରି ଗୁଡ଼େଇ ତା'ଭିତରେ ଚବିଶ ଘଣ୍ଟା ଅମ୍ଳଗୋପନ କରନ୍ତି ସେମାନେ, ଶିକାରୀ ଭୟରେ ଯେମିତି ଏକ ବନ୍ୟଜନ୍ତୁ ନିଜ ଗୁମ୍ଫା ଭିତରେ ସମୟ ଯାପନ କରେ । ସ୍ୱଚ୍ଛନ୍ଦ ଗତି ଆସିବ କୁଆଡ଼ୁ··· ? ମୁକ୍ତ ଜୀବନର ସ୍ୱାଦ ସେମାନେ ପାଇବେ କିମିତି··· ? କି ଅବାନ୍ତର କଥା ସତରେ··· ? ନନ୍ଦାର ଚିନ୍ତା ଏ ବିଷୟରେ ଆଉ ଆଗେଇ ପାରେ ନାହିଁ—ଏଭଳି ଏକ ମାମୁଲିକ ପୋଷାକ ବିଷୟରେ ଚିନ୍ତା କରି ନନ୍ଦା କିଛି ପରିମାଣରେ ବିବ୍ରତ ହୋଇ ପଡ଼େ ।

ଅଥଚ···ନିଜ ଆଖି ଆଗରେ ସେ ଦେଖିଛି···ଶ୍ୱେତାଙ୍ଗୀ ତରୁଣୀମାନଙ୍କର ସ୍ୱଚ୍ଛନ୍ଦ ଆଉ ମୁକ୍ତ ଜୀବନର ବେଶ ପୋଷାକ, ତେଣୁ ସେମାନଙ୍କର ଚିନ୍ତାଧାରା ବୋଧହୁଏ ସମପରିମାଣରେ ସ୍ୱାଧୀନ, ସେଇ ବ୍ୟାପକ ସ୍ୱାଧୀନ ଚିନ୍ତାଧାରାର ପରିଚୟ ଖୁବ୍ ସହଜରେ ମିଳେ··· ।

କଲିକତାର ଲେକ୍ କୂଳେ କୂଳେ ସେମାନଙ୍କର ଗ୍ରୀଷ୍ମକାଳୀନ ସନ୍ତରଣ ଦୃଶ୍ୟ ତା'ର ମନେପଡ଼େ । ଦେହର ଅଧିକାଂଶ ସ୍ଥାନ ପ୍ରାୟ ଉନ୍ମୁକ୍ତ ···କେବଳ ବକ୍ଷ ଆଉ କଟିରେ ଝୀନ ଆଉ ହାଲୁକା ଖଣ୍ଡିଏ ଖଣ୍ଡିଏ ଅଙ୍ଗବାସ । କେଡ଼େ ଚମତ୍କାର ଦେଖାଯାନ୍ତି ସେମାନେ ସେଇ ପୋଷାକରେ ।

ଆଉ ଟିକିଏ ନିଜର କଥାଟା ଭାବିଲା ନନ୍ଦା..., ନିଜକୁ ସେଇ ଶ୍ୱେତାଙ୍ଗୀ ତରୁଣୀଙ୍କ ଭିତରେ ଜଣେ ବୋଲି ମନେ କରିବାକୁ କିନ୍ତୁ ଭାରି କୁଣ୍ଠା ଲାଗେ । ସେମାନଙ୍କୁ ଯେଉଁ ପୋଷାକରେ ଦେଖି ନନ୍ଦାର ମନ ପ୍ରଶଂସା ମୁଖର ହୋଇ ଉଠେ, ସେଇ ପୋଷାକରେ ନିଜକୁ ଦେଖିବାକୁ କେଡ଼େ ଅପମାନକର ମନେହୁଏ ବାସ୍ତବିକ୍ !

ନା... ତା' ଅପେକ୍ଷା ଏଇ ଓଡ଼ିଆଣୀର ପ୍ରାଗ୍‌ଐତିହାସିକ ଯୁଗର ପୋଷାକ ବରଂ ଭଲ । ଭାରତୀୟ ବାତାବରଣ ଭିତରେ ନିଜକୁ ଏତେଟା ଲକ୍ଷ୍ମୀହୀନା କରି ତୋଳିବା ସମ୍ଭବ ବି ନୁହେଁ ଆଉ ଉଚିତ ବି ନୁହେଁ !

ନନ୍ଦା ମନରେ ଏଇ ଅହେତୁକୀ ଚିନ୍ତା ଏକ ସିଦ୍ଧାନ୍ତ ଆଡ଼କୁ ଗତି କରୁଥିଲା ବେଳକୁ, ସମ୍ପୂର୍ଣ୍ଣ ନିଶ୍ଚିନ୍ତ ମନରେ ଟିକିଏ ଆଗେଇ ଚାଲିଥିଲା ନିଜର ନିର୍ଦ୍ଦିଷ୍ଟ ରାସ୍ତା ଧରି । ଏ ଭିତରେ ସହରକୁ ଦୁଇମାଇଲ ପଛରେ ପକାଇ ଆସିଲେଣି ସେମାନେ । ଆଗରେ ପୁଣି ସେଇ ସାଇକେଲ ଆରୋହୀ ...ସାଇକେଲଟିକୁ ଗଡ଼େଇ ଗଡ଼େଇ ଚାଲିଚନ୍ତି ଏକ ମନରେ । ରାସ୍ତାଟାର ଏଇ ଅଂଶରେ ସାଇକେଲରୁ ସମସ୍ତଙ୍କୁ ଓହ୍ଲେଇ ଚାଲିବାକୁ ପଡ଼େ । ତାଙ୍କ ପାଖରେ ପହଞ୍ଚି ହଠାତ୍ ଘୋଡ଼ାରୁ ଓହ୍ଲେଇ ପଡ଼ିଲା ନନ୍ଦା ।

ଭଦ୍ରଲୋକ ଚମକି ପଡ଼ିଲେ । ତା'ପରେ ନିଜର ସାଇକେଲ୍ ସମେତ ଗୋଟାଏ କଡ଼କୁ ଘୁଞ୍ଚିଯାଇ ନନ୍ଦା ପାଇଁ ରାସ୍ତା ପରିଷ୍କାର କରିଦେଲେ ।

ଘୋଡ଼ାର ଲଗାମଟାକୁ ଗୋଟାଏ ହାତରେ ଟାଣିଧରି ଆର ହାତଟା ଉଠେଇ ନନ୍ଦା କହିଲା—'ନମସ୍କାର ! ସେତେବେଳେ ଆପଣଙ୍କର ନମସ୍କାରଟାକୁ ଠିକ୍ ଭାବରେ ଫେରେଇ ପାରିଲି ନାହିଁ । ତେଣୁ ଫେରି ଆସିବାକୁ ପଡ଼ିଲା, କିଛି ମନେକରି ନାହାନ୍ତି ତ...?'

ନନ୍ଦା ଆଡ଼କୁ ଚାହିଁ ଭଦ୍ରଲୋକ ଟିକିଏ ହସିଲେ । କହିଲେ—'ଆପଣ କଲିକତାର ମାପକାଠିରେ ଦୁନିଆଟାକୁ ମାପିବାକୁ ଚାହୁଁଛନ୍ତି କାହିଁକି ନନ୍ଦା ଦେବି ? ଆମେ ସବୁ ପଲ୍ଲୀଗାଁର ମଣିଷ, ଜମିଦାରୀର ପ୍ରଜା, ଆପଣ ନମସ୍କାର ଫେରେଇ ନାହାନ୍ତି ବୋଲି ମନେକରିବାର ଅଧିକାର ତ ଆମର ନାହିଁ ।'

ନନ୍ଦା କହିଲା—'ସେ ଯୁଗତ ଯାଇଚି, ପୃଥିବୀରୁ ସେ ସାମନ୍ତବାଦୀ ମନୋବୃତ୍ତି ବି ଦୂରହେବାକୁ ବସିଲାଣି । କିନ୍ତୁ ଆପଣ ମୋ ନାଁ ଜାଣି ସାରିଚନ୍ତି, ତେଣୁ ଆପଣଙ୍କ ନାଁଟା...'

ଟିକିଏ କୁଣ୍ଠିତ ହୋଇ ଭଦ୍ରଲୋକ କହିଲେ—'ମୋ ନାଁ ଶ୍ରୀକାନ୍ତ—କିନ୍ତୁ ମୋ ନାଁ ଜାଣିଲେ ବି ଆପଣ ମୋତେ ଚହ୍ନିପାରିବେ ନାହିଁ, ଆପଣଙ୍କର ଜନ୍ମମାଟି ଆଉ ମୋର ଜନ୍ମମାଟି ଏକ ଜାଗା ହେଲେ ବି ଆମେ ପରସ୍ପର ସହିତ ପରିଚିତ ହେବାର ସୁବିଧା ପାଇନାହୁଁ । ମୁଁ ଛୁଆଟି ଦିନରୁ ମାମୁଁ ଘରେ ମଣିଷ ହୋଇଚି, ତେଣୁ ଏଇ ଗାଁର ଅନେକଙ୍କ ପାଖରେ ଆଜିପାଏ ବି ମୁଁ ଏକ ନୂଆ ମଣିଷ ହୋଇ ରହିଯାଇଚି । ତା'ଛଡ଼ା ପୃଥିବୀର ଯେଉଁ ବିଶିଷ୍ଟ ସମ୍ପ୍ରଦାୟଟି, ସମସ୍ତ ପୃଥିବୀର ଅଜଣା ଅଶୁଣା ହୋଇ ଜନ୍ମ ହୁଅନ୍ତି ଏବଂ ନିଜକୁ କାହାରିକୁ ଜଣେଇବା ପାଇଁ କୌଣସି ଚେଷ୍ଟା କରନ୍ତି ନାହିଁ, କିମ୍ବା ଚେଷ୍ଟା କରିବା ପୂର୍ବରୁ ମରିଯାଆନ୍ତି, ମୁଁ ସେଇ ସମ୍ପ୍ରଦାୟର ଏକ ଅଖ୍ୟାତ ଯୁବକ, ଆପଣ ମୋତେ ଚହ୍ନିବେ କିମିତି କୁହନ୍ତୁ ! କିନ୍ତୁ ଆପଣଙ୍କୁ ଆମେ ଚହ୍ନିରଖୁ—ସ୍କୁଲ କଲେଜର ଶିକ୍ଷା ନିଜ ପାଠପଢ଼ି, ତାକୁ ଘୋଷି ମନେରଖିଲା ପରି ଆମେ ମନେରଖୁ—ଜମିଦାର ଶ୍ରୀ ଶ୍ରୀ ହରପ୍ରତାପ ରାୟ ଚୌଧୁରୀଙ୍କର, ଦୌହିତ୍ରୀ ଶ୍ରୀମତୀ...'

'ଥାଉ—ଥାଉ—' ନନ୍ଦା ଅଳ୍ପ ହସିଲା । କହିଲା—'ଆପଣତ ଚମତ୍କାର କଥା କହି ପାରୁଚନ୍ତି । ଆପଣଙ୍କ କଥା ଥରେ ଶୁଣିଲେ ଆଉଥରେ ଶୁଣିବାକୁ ମନହୁଏ । କିନ୍ତୁ ହେ ଏକ ବିଶିଷ୍ଟ ସମ୍ପ୍ରଦାୟର ଅଖ୍ୟାତନାମା ଯୁବକ ! ଆପଣ ଦୟାକରି କୁହନ୍ତୁ—ଏ ସମତଳ ରାସ୍ତା ଉପରେ ଏକ ସୁସ୍ଥସବଳ ସାଇକେଲ୍ ଉପରେ ଆପଣ ଆରୋହଣ ନ କରି ପାଦଗଣି କରୁଚନ୍ତି କାହିଁକି ?'

ଶ୍ରୀକାନ୍ତ ନନ୍ଦାର ଏଇ କଥାରେ ଖୁବ୍ ଜୋର୍‌ରେ ହସି ଉଠିଲା କହିଲା—'ଆପଣ ହୁଏତ ଏକ ବ୍ୟଙ୍ଗାତ୍ମକ ନାଟକ କରିବାକୁ ଏତେ଼ ବାଟେଇ ପ୍ରଶ୍ନଟା ପଚାରିଲେ, କିନ୍ତୁ ବିଶ୍ୱାସ କରନ୍ତୁ ଆପଣଙ୍କ କଥା କହିବାର ଭଙ୍ଗୀ ମୋତେ ମୁଗ୍ଧ କରିଚି । ସାଇକେଲ୍‌ଟା କିନ୍ତୁ କିଛି ସମୟ ଆଗରୁ

...ାର୍ ଅସୁସ୍ଥ ହୋଇପଡ଼ିଛି, ତେଣୁ ଇଚ୍ଛା ବରୁଛରେ ମୋତେ ଚାଲିବାକୁ ...ଛି…’

କିଛି ସମୟ ଚୁପ୍ ରହି ଶ୍ରୀକାନ୍ତ ପୁଣି କହିଲା—‘ଏଣିକି ଆପଣ ଆଉ ...ଲନ୍ତୁ ନାହିଁ । ମୋ ପାଇଁ ଅନେକ ବାଟ କଷ୍ଟକରି ଆସିଲେଣି, ଗାଁ ଆହୁରି ...ଇ ତିନିମାଇଲ୍ ବାଟ ହେବ, ଏଣୁ ଆପଣ ଆଉ ଅଯଥା ବିଳମ୍ବ କରନ୍ତୁ ...ହିଁ ।’

ନନ୍ଦାର ସମୟ ଉପରେ ଦୃଷ୍ଟି ନଥିଲା । ପୂର୍ବ ଦିଗକୁ ଚାହିଁ ଦେଖିଲା ପ୍ରାୟ ଦିଗ୍‌ବଳୟ ରେଖା ଉପରକୁ ଉଠି ଆସିଲେଣି । ଶୀଘ୍ର ନ ଗଲେ ଚଳେ, କେତେକ ଦରକାରୀ ଚିଠି ସକାଳ ଡାକରେ ଦେବାକୁ ପଡ଼ିବ ।

ତେଣୁ ସେ କହିଲା—‘ଆଚ୍ଛା, ଆଜି ସତରେ ସମୟ ହୋଇଗଲାଣି, ମୁଁ ଉଠେ—କିନ୍ତୁ ଆପଣଙ୍କ ସହିତ ପୁଣି ଦେଖାହେବ ଯେମିତି । ଆପଣ ...ହଟର ଯିବେ ଆମ ଘରଆଡ଼େ ?’

ଶ୍ରୀକାନ୍ତ କହିଲା—‘କ୍ଷମା କରିବେ—ଦି’ପହର ପର୍ଯ୍ୟନ୍ତ ମୋର ...ଲକାମ ସରିବ ନାହିଁ, ତା’ ଅପେକ୍ଷା ବରଂ ଏଇ ବାଟରେ ଘାଟରେ ...ଦେଖାହେଲେ ଆମେ ପୁଣି ଗପିବା—ଆଚ୍ଛା—ନମସ୍ତେ…।’

‘ନମସ୍ତେ’—ନନ୍ଦା ଘୋଡ଼ା ଉପରକୁ ଉଠିପଡ଼ିଲା । ଖୋଲା ରାସ୍ତା ଓ ଗୋଡ଼ର ଚାପ ନିଜ ଉଦରର ଏକପାର୍ଶ୍ୱରେ ଅନୁଭବ କରି ଚୈତକ ଚାଲିଲା ତୀରବେଗରେ ।

ଯେତେବେଳଯାଏ ଚୈତକ ଆଖିଆଗରୁ ଅଦୃଶ୍ୟ ହୋଇ ନଥିଲା, ...ତେବେଳଯାଏ ସେଇଆଡ଼କୁ ଚାହିଁ ରହିଲା ଶ୍ରୀକାନ୍ତ । ତା’ପରେ ତା’ ଆଖି ...ରେ ଏକ ଧୂଳିର ମେଘ ସୃଷ୍ଟିକରି ଚୈତକ ଲୁଚିଗଲା ।

ଅଳ୍ପ ସମୟ ପରେ ଗାଁ ଦାଣ୍ଡ ଉପରେ ଚୈତକର ଗତି ମନ୍ଥର କଲା ...ନ୍ଦା । ଗାଁର କିଏ କେମିତି ବିଛଣା ଛାଡ଼ି ଉଠିବେଣି—ଗାଁ ଦାଣ୍ଡରେ ଛୋଟ ...ଟ ଉଲଗ୍ନ ଶିଶୁ ଖରାକୁ ଦେହ ଦେଖେଇ ଶୀତ ସକାଳଟାକୁ ଉପ...ରୁଥିଲେ ହୁଏତ—କେହି କେହି ଦନ୍ତମାର୍ଜନା କରୁଥିବେ—ସମୁଦାୟ

ପୃଥିବୀର ରାଜନୀତି ଆଲୋଚନା କରୁ କରୁ । ପଲ୍ଲୀ ଦାଣ୍ଡର ଏଇ ସାଧାରଣ ଦୃଶ୍ୟ—ଦ୍ରୁତଧାବନର ପ୍ରତିକୂଳ ହେବ ନିଶ୍ଚୟ, ତେଣୁ ନନ୍ଦା ଗତିମନ୍ଥର କଲା ।

ଗାଁ ଦାଣ୍ଡରେ ବେଶ୍ କିଛିବାଟ ଆଗେଇ ସାଇକେଲ ଯାଇ ଜମିଦାର ପ୍ରାସାଦର ଫାଟକ ପହଞ୍ଚିବ । ଏତେବାଟ ଏଇପରି ମନ୍ଥର ଗତିରେ ଆଗେଇବାକୁ ନନ୍ଦା ମନରେ ଏକ ଛୋଟ ବିଦ୍ରୋହ ଜାଗୁଥିଲା । ଅବଶ୍ୟ ସଦ୍ୟ ନିଦ୍ରୋତ୍ଥିତ ଗାଁର ଆଖିରେ ସେ ଏକ ପ୍ରଦର୍ଶନୀ ହୋଇପଡ଼ିବ । ଯେ କୌଣସି ଯୁବତୀ ଝିଅ ଏକ ଡ଼ନ୍‌ଲପିଲର ପୋଷାକ ପରିଧାନ କରି, ହଠାତ୍ ଝାନ୍‌ସିରାଣୀ ଅବତାରରେ, ଘୋଡ଼ା ଉପରେ ବସି ଗାଁ ଦାଣ୍ଡରେ ଆଗେଇଲେ, ପଲ୍ଲୀବାସୀଙ୍କ ଆଖିରେ ସେ ଏକ ଅଦୃଶ୍ୟପୂର୍ବ ବସ୍ତୁ ବିଶେଷ ହୋଇଉଠିବ, ଏଥିରେ ଆଉ ସନ୍ଦେହ କରିବାର କିଛି ନାହିଁ । କିନ୍ତୁ ସେଥିପାଇଁ ନନ୍ଦାର ଭ୍ରୂକ୍ଷେପ ନଥିଲା । ତା'ର ମନ୍ଥର ଗତିହିଁ ତାକୁ ସବୁ ବେଶି ବିଚଳିତ କରି ତୋଳୁଥିଲା । ଏଇ ମନ୍ଥର ଗତି···ଅତି ବୃଦ୍ଧ ଆ ଅକର୍ମଣ୍ୟ ଭଳି—ବିବାହଯାତ୍ରାର ଏଇ ବିଶିଷ୍ଟ ଗତିଟିକୁ ନନ୍ଦା ପସନ୍ଦ କ ପାରିଲା ନାହିଁ । ହଠାତ୍ ତା' ମନ ବିଷଣ୍ଣ ହୋଇପଡ଼ିଲା । କିନ୍ତୁ 'ନାନ୍ୟମନ୍ୟପନ୍ଥା', ସେଇମିତି ଧୀର ଅଚପଳ ଗତିରେ ଆଗେଇ ଚାଲି ଚୈତିକ ।

ଗାଁ ମଝିରେ ଖସିପଡ଼ିଥିବା ସ୍ଥାନମାନଙ୍କରେ ମେଳା ମେଳା ହୋ ବସିଚନ୍ତି ଗାଁର ଲୋକ । କେତେ ରାଇଜର କଥା ସେମାନେ ଆଲୋଚନ କରୁଥିଲେ ହୁଏତ···। ସମ୍ପ୍ରତି ନନ୍ଦାର ଚଳମାନ ମୂର୍ତ୍ତିଆଡ଼କୁ ଚାହିଁ ରହିଚ ଅନେକ, ଆଲୋଚନା ବନ୍ଦ ହୋଇଚି—କର୍ମଚଞ୍ଚଳ ଦନ୍ତମାର୍ଜ୍ଜନୀ ସ୍ଥିର ହୋ ରହିଯାଇଚି ଡାହାଣହାତର ଆଙ୍ଗୁଳି ମଝିରେ···।

କେହି କେହି ପ୍ରାଗ୍‌ଐତିହାସିକ ପନ୍ଥୀ, ଉଠି ନନ୍ଦାକୁ ଦର୍ଶନ କରୁଚନ୍ତି—'ଜମିଦାର କନ୍ୟା···ଚଳମାନ ଲକ୍ଷ୍ମୀ···!!!'

ନନ୍ଦାର ଚଞ୍ଚଳ ଆଖି ଦୁଇଟି ଚାରିଆଡ଼େ ଘୂରି ବୁଲୁଥିଲା । ସାଡିବ ପରେ ଅନେକ ନୂଆ ଜିନିଷ ସିଏ ହୁଏତ ଆବିଷ୍କାର କରିବାକୁ

ରୁଥିଲା । କିନ୍ତୁ ହଠାତ୍ ସେଇ ଖସିକୁ ବନ୍ଦ ଦେଖେଇ ଉପବିଷ୍ଟ ଇତସ୍ତତଃ
ଙ୍କ ଭିତରୁ ଟିକିଏ ଆଗେଇ ଆସିଲା ଜଣେ ଲୋକ । କହିଲା—'ବାଃ, ବାଃ···
ଲକନ୍ୟା ଯେ—ସକାଳୁ ଅଶ୍ୱପୃଷ୍ଠାରୋହଣୀ ହୋଇ ଦିଗ୍‌ବିଜୟ କରିବାକୁ
ଇଥିଲେ ବୋଧହୁଏ···।'

ତା' ପାଖଲୋକଙ୍କୁ ଉଦ୍ଦେଶ୍ୟ କରି ଲୋକଟା କହୁଥିଲା ଆଉ ନନ୍ଦା
ଜର ଆଖିକୋଣର ଏକ ବକ୍ର ଦୃଷ୍ଟିପାତରେ ଦେଖିନେଲା ଯେ—ଏଇ
ଉଦନ୍ତ ଗତ କାଲିର ତଥାକଥିତ ନେତା—ରାଜନୈତିକ ସମାଲୋଚନା
ଓ ବ୍ୟକ୍ତିଗତ ବ୍ୟଙ୍ଗରେ ମଧ୍ୟ ଭଦ୍ରଲୋକଙ୍କର ଦଖଲ ଅଛି । ନେତାଙ୍କ
ଥାର ପ୍ରଭାବ ପାଖ ଲୋକଙ୍କ ମୁହଁରେ ଉଦ୍‌ଗତ ହସ ଲୁଚେଇ ରଖିଛି ।
ନ୍ଦା ଉପରକୁ ଏହିପରି ବ୍ୟଙ୍ଗୋକ୍ତି ନିକ୍ଷେପ କରି ପାଖ ଲୋକଙ୍କ ଆଗରେ
ନତା ହୁଏତ ନିଜର ଓଜନ ବଢ଼ାଉଥିଲେ । ନନ୍ଦାର ମଗଜ ବିରକ୍ତି
ହୋଇ ପଡ଼ିଲା । କିନ୍ତୁ କିଛି ନ ଶୁଣିଲାପରି, ସମାନ ଗତିରେ ଆଗେଇ
ଲିବାପାଇଁ, ବୈତିକକୁ ଏକ ନୀରବ ଅଥଚ ମୃଦୁ ସଙ୍କେତ କଲା ସେ···।

ସେ ଲୋକଟାକୁ ଅଳ୍ପ ଅତିକ୍ରମ କରି ଆଗେଇଗଲା ନନ୍ଦା, କିନ୍ତୁ
ଭ୍ର ଲୋକଟାର ପାଟି ଏବେ ବି ଖୋଲିଛି—'ଆଜିକ, ସେ ସହରୀ ଝିଅଟି···
ମିତି କେତେ ଝିଅ ମୁଁ ସହର ବଜାରରେ ଦେଖିଆସିଚି, ହାତଠାରି
ାକିଲେ ପାଖକୁ ଚାଲିଆସିବେ—ହସି ହସି କଥା କହିବେ—ଆଙ୍ଗୁଳି
ଦେଖେଇଲେ ବାହା ଗିଳି ପକେଇବେ—ଗଲା ସହରରେ କାଁଣ
ଦ୍ରଲୋକର ଝିଅ ରହନ୍ତି ବେ—ସବୁ—ସବୁତକ ଦାଣ୍ଡିଆଣୀ !' ଏତକ
ହି ଲୋକଟା ଏକ ବ୍ୟଙ୍ଗାତ୍ମକ ହସ ହସିଲା ।

ପାଖଲୋକଙ୍କ ମନରେ ବି ଲୋକଟାର ଏଇ ଶେଷ ମନ୍ତବ୍ୟଟା ଟିକିଏ
ବାନ୍ତର ଆଉ ଭୟ ଉଦ୍ରେକକାରୀ ହୋଇପଡ଼ିଲା ବୋଧହୁଏ—ସେମାନଙ୍କର
ହଁରେ ସ୍ମିତ ହସ ବଦଳରେ, ଫୁଟି ଉଠିଲା ଏକ ଭୟ ବିବର୍ଣ୍ଣ ଚିହ୍ନ···।

ବୈତିକ ସେତେବେଳକୁ ମୁହଁ ବୁଲେଇ ସେଇ ଦାଲଟି ଆଗକୁ
ଗେଇ ଚାଲିଚି, ନନ୍ଦାର ରକ୍ତ ସେତେବେଳକୁ ଗରମ ହୋଇଯାଇଚି,
ବିଦ୍ ହୋଇ ଫୁଟୁଚି ଯେମିତି···

ସେଇ ରଣଚଣ୍ଡୀକା ମୂର୍ତ୍ତିରେ ଲୋକଟା ପାଖରେ ପହଞ୍ଚି ଓଟେଇର ଧଡ଼ିଲା ନନ୍ଦା, ତା'ପରେ ଏକରକମ ଗର୍ଜ୍ଜନ କଲାପରି ସେ କହିଲା—'ସେଇ ସହରୀ ଝିଅମାନଙ୍କର ଆଉ ଗୋଟାଏ ରୂପ ତୁମେ ଦେଖିନା, ମଫସଲ୍‌ର ଅଇଁଠା ଖିଆ କୁକୁର, ସେତକ ଦେଖେଇ ଦେବାକୁ ମୁଁ ଫେରି ଆସିଲି ।'

ଆଉ ତା'ପରେ···ଚାବୁକ ବାହାର କରି ସ୍ଥାନାସ୍ଥାନ ବିଚାର ନକରି ସେ କଷିଦେଇଗଲା ସେଇ ଲୋକଟାର ଦେହମୁଣ୍ଡ—ଯେଉଁଠି ପାରିଲା··· ନନ୍ଦା ସେତେବେଳେ ଭାବୁନଥିଲା ତା'ର ଏକାକୀତ୍ୱ କଥା, ଭାବୁନଥିଲା ଏତେଗୁଡ଼ିଏ ଉଚ୍ଛୃଙ୍ଖଳ କଦର୍ଯ୍ୟ ପ୍ରକୃତିର ଲୋକଙ୍କ ଭିତରେ ସେ ଏକାଟିଆ ଗୋଟାଏ ଦୁର୍ବଳ ନାରୀ—ସେ ଖାଲି ଭାବୁଥିଲା, ଏଇପରି ଏକ ହୀନମନା ଲୋକକୁ ସେ ଦେଇଯିବ ତା'ର ଉଚିତ ପ୍ରାପ୍ୟ—ଯାହାହେଉ ଟିକିଏ··· ।

ଅଥଚ···ଆଶ୍ଚର୍ଯ୍ୟ କଥା···, ନେତାଙ୍କ ପଛରେ ଜମିଥିବା ସେଇ କଟାପେଲା ଦଳଟି ମୁହଁରୁ କିଛି କଥା କାହାରୁ ନାହିଁ । ସମସ୍ତେ ତଟସ୍ଥ ହେଇ, ବେଶ୍ କିଛି ଦୂରକୁ ଘୁଞ୍ଚିଯାଇ, ନିଜ ଉପରେ ଭାବୀ ବିପଦର ଆକ୍ରମଣଠାରୁ ସମ୍ମାନିତ ବ୍ୟବଧାନରେ ରହିଚନ୍ତି, ଆଉ ତାଙ୍କର ଦଳର କଥାକଥିତ ନେତାଙ୍କ ଦେହମୁଣ୍ଡ ସବୁଆଡ଼େ ନନ୍ଦାର ଚାବୁକ ଗର୍ଜ୍ଜନ କରି ଉଠୁଚି ସପ୍‌ାଂ, ସପ୍‌ାଂ··· ।

ଲୋକଟା ତଳେ ପଡ଼ିଗଲାଣି···ଦେହ ହାତ ଅନେକଆଡ଼ୁ ହୁଏତ ରକ୍ତ ବାହାରିଲାଣି । ସେ ଆଡ଼କୁ ନଜର ନାହିଁ ନନ୍ଦାର···ତା'ର ଚାବୁକ ସେଇମିତି ପଡ଼ୁଚି ଆଉ ଉଠୁଚି—ପ୍ରଥମେ ଚାବୁକ୍‌ଟାକୁ ହାତରେ ଧରିନେଇ ନନ୍ଦାର ଆକ୍ରମଣକୁ ପ୍ରତିହତ କରିବାକୁ ଚେଷ୍ଟା କରୁଥିଲା ସେ, କିନ୍ତୁ ନନ୍ଦାର ଆଜନ୍ମ ବ୍ୟାୟାମପୁଷ୍ଟ ଶାରୀରିକ ଶକ୍ତି ଆଗରେ ହାରମାନିଲା, ଏଇ ଚରିତ୍ରହୀନ ପଲ୍ଲୀ ମଣିଷଟାର କ୍ଷୁଦ୍ର ପ୍ରଚେଷ୍ଟା··· । ତା'ପରେ—ଲୋକଟା 'ଆଃ'···'ଉଃ'···ଶବ୍ଦ କରୁ କରୁ ତଳେ ପଡ଼ିଗଲା ଏବଂ ଆଶୁ ସଙ୍କଟରୁ ଉଦ୍ଧାର ପାଇବାକୁ ନିଜକୁ ସଂଜ୍ଞାହୀନ ବୋଲି ଛଳନା କଲା ।

କିନ୍ତୁ ନନ୍ଦାର ଚାବୁକ୍ ତଥାପି ଚାଲିଥିଲା ସେଇମିତି । କେତେବେଳ ପରେ ନିଜକୁ ଟିକିଏ ଶ୍ରାନ୍ତ ମନେକରି ନିଜର ଚାବୁକ ବନ୍ଦ କଲା ନନ୍ଦା,

ଆଉ ଘୋଡ଼ା ପାଖକୁ ଫେରିଆସିବା ପୂର୍ବରୁ ସମବେତ ସେଇ ଜନତାପେଲ ଦଳଟିକୁ ଉଦ୍ଦେଶ୍ୟ କରି କହିଲା—'ତମ ଭିତରୁ କାହାରିକୁ ମୁଁ ଛାଡ଼ିଦେବି ନାହିଁ, ଯେଉଁ ମୁହୂର୍ତ୍ତିରେ ତମେ ଏମିତି ସୀମା ଲଙ୍ଘନ କରିବ, ସେତିକିବେଳେ ତମକୁ ଏଇ ଚାବୁକରେ ଶାସନ କରିବି, ମନେ ରହେ ଯେମିତି...'

ତା'ପରେ—ହଠାତ୍ ଘୋଡ଼ା ଉପରେ ବସି ନନ୍ଦା ନିଜର ଫାଟକ ଆଡ଼କୁ ଆଗେଇଗଲା । ତା'ର ଏଇ କାର୍ଯ୍ୟଫଳରେ ଲୋକଙ୍କ ମନରେ କି ପ୍ରତିକ୍ରିୟା ଉପୁଜିଚି, ସେ ଆଡ଼କୁ ମୁହଁ ଫେରେଇ ସେ ଚାହିଁଲା ନାହିଁ, କିମ୍ବା ସେ ବିଷୟରେ ଭାବିବାକୁ ଏତିକି ଟିକିଏ ଚେଷ୍ଟା ବି କଲା ନାହିଁ ।

ଲୋକଟା ଉପରେ ନନ୍ଦାର ଚାବୁକ ଅବିରାମ ଗତିରେ ଚାଲିଥିଲା-ବେଳେ, ଗାଁର ସମସ୍ତ ଚିଲ୍ଲାଚୁଆ ଶବ୍ଦ ଶୁଣି ଦାଣ୍ଡକୁ ବାହାରି ପଡ଼ିଥିଲେ । ସ୍ତ୍ରୀ ଲୋକମାନେ ଦାଣ୍ଡଦୁଆର ଦରଆଉଜା କରି ଘଟଣାଟା ଦେଖୁଥିଲେ ଆଉ ପୁରୁଷମାନେ ଦୁଆର ଆଗର ଦାଣ୍ଡରେ ଠିଆହୋଇ ନନ୍ଦାର ଦ୍ରୁତହସ୍ତ ଚଳନଟାକୁ ଲକ୍ଷ୍ୟ କରୁଥିଲେ । ବୃଦ୍ଧ ଆଉ ଶିଶୁମାନେ ଆଶ୍ଚର୍ଯ୍ୟ ହୋଇ ସମସ୍ତ ଘଟଣାଟାକୁ ଚାହିଁ ରହିଥିଲେ କେବଳ ।

ଅନେକ ବେଳଯାଏ ସମସ୍ତେ ନୀରବ ନିଶ୍ଚଳ ହୋଇ ରହିଲେ...।

ତା'ପରେ—ବେଶ୍ କିଛି ସମୟପରେ, ଅଶୀତିପର ବର୍ଷୀୟ ଜଣେ ବୃଦ୍ଧ କହିଲେ—'ଠିକ୍ ହୋଇଚି,' ଏବଂ ନିଜର ଦାନ୍ତଘଷା କାଠିକୁ ଉଠି ସେ ଧୀରେ ଧୀରେ ନିଜର ଘରଆଡ଼କୁ ବାଡ଼ି ଠୁକୁଠୁକୁ କରି ଚାଲିଲେ ।

ପୁରୁଷମେଳ ଭିତରେ ଥିବା ପ୍ରୌଢ଼ ପଧାନେ କହିଲେ—'ସାବାଡ଼ ହୋଇଗଲେ ବାପଧନ ଏଇଥର ।'

ଦୁଆର ମୁହଁରୁ ଗାଉତଘର ଝିଅ ଚମ୍ପା କହିଲା—'ଝିଅ ଜନମ ପାଇବ ତ ଇମିତି ହବ ।'

ସେପଟରୁ ବୁଢ଼ା ନାଇକ ନାତୁଣୀ ପେଟ ସାଙ୍ଗେ ସାଙ୍ଗେ କହି ଉଠିଲା—'ଠିକ୍ କହୁଚୁ ଲୋ ଚମ୍ପାନାନୀ ।'

ଦାସଘରର ଅଲଅଲୀ ଝିଅ ବୁଢ଼ୀ କ'ଣ କହି ଆସୁଥିଲା...କିନ୍ତୁ ସେତିକିବେଳେ ଚାବୁକରେ ମାଡ଼ଖାଇ ପଡ଼ିଥିବା ଲୋକଟା ହଠାତ୍

ଉଠିବାକୁ ଚେଷ୍ଟାକଲା । କିନ୍ତୁ ପ୍ରଥମ ଚେଷ୍ଟାରେ କୃତକାର୍ଯ୍ୟ ହୋଇପାରିଲା ନାହିଁ । ପଡ଼ିରହିଲା ଆଉ ଥରେ । ଗୃବୁକ ମାଡ଼ରେ ତା'ର ସମସ୍ତ ଦେହ କ୍ଷତବିକ୍ଷତ ହୋଇ ରକ୍ତ ଝରୁଥିଲା । ସାରା ଦେହରେ ତା'ର ଅସହ୍ୟ ଯନ୍ତ୍ରଣା ସେ ଅନୁଭବ କରୁଥିଲା । କିନ୍ତୁ ଏତେ ଲୋକଙ୍କ ସାମନାରେ ଜଣେ ଝିଅଠୁ ଗୃବୁକରେ ମାଡ଼ ଖାଇବା କଥାଟା ତାକୁ ବାଧୁଥିଲା ସବୁଠୁ ବେଶୀ···।

କୌଣସି ପ୍ରକାରେ ନିଜର ସମସ୍ତ ଶକ୍ତି ସଂଗ୍ରହ କରି ଲୋକଟା ଉଠି ବସିଲା । ତା'ପରେ ଅତି କ୍ଷୀଣ କଣ୍ଠରେ କହିଲା—'ମୋତେ ଟିକିଏ ଥାନାକୁ ନେଇ ଯାଇ ପାରିବୁ ନଟିଆ···?'

ନଟିଆ ମୁହଁରୁ କୌଣସି ଉତ୍ତର ବାହାରିବା ପୂର୍ବରୁ ଜଣେ ପ୍ରୌଢ଼ବ୍ୟକ୍ତି କହିଲେ—'ଆଉ ଛାଡ଼ିଁକି ବିଶ୍ୱମ୍ଭର—ଥାନା ଅପେକ୍ଷା ଡାକ୍ତରଖାନା ଯିବା ତୁମର ବେଶି ଦରକାର···।'

ଜଣେ ଟୋକା ତାଙ୍କ କଥାକୁ ସମର୍ଥନ କଲା—'ଠିକ୍ କଥା ବିଶୁ ଭାଇ !'

ଏକପ୍ରକାର ଗର୍ଜ୍ଜନ କରି ବିଶ୍ୱମ୍ଭର କହିଲା—'ଆବେ ଯା—ଆସିଲେ ଏଠିକି ମୋତେ ବୁଦ୍ଧି ଶିଖେଇବାକୁ, ମାମଲା ମକଦ୍ଦମା କରି କରି ମୁଁ ଏତେଟିକୁ ଏତୁଟିଏ ହେଲିଣି ! ଏଇଥର ଯଦି ଜମିଦାର ବଂଶର ଆଭିଜାତ୍ୟକୁ ମୁଁ ମୂଳରୁ ଦୋହଲେଇ ନ ଦେଇଛି, ତା' ହେଲେ ପୁଣି କହିବ ?'

ଥାନାଟା ଟିକିଏ ଦୂରରେ···କଷ୍ଟେମଷ୍ଟେ ଉଠି ବିଶ୍ୱମ୍ଭର ସେଇଆଡ଼କୁ ଆଗେଇଲା ।

ସେ କିଛି ଦୂର ଯାଇ ସାରିବା ପରେ ଜଣେ କିଏ କହିଲା—'ଥାନାକୁ ଯାଇ ଇଏ ତାଙ୍କର କ'ଣ ଆଲୁଅ କରି ପକେଇବ ହେ···?'

ବିଶ୍ୱମ୍ଭରର ଏଇ କାର୍ଯ୍ୟରେ ଅନେକ ମନେ ମନେ ହସିଲେ । ସେପଟୁ ଶ୍ରୀକାନ୍ତ ସାଇକେଲ୍‌ରେ ଆସୁଥିଲା । ବିଶ୍ୱମ୍ଭରକୁ ଏପରି ଅବସ୍ଥାରେ ଦେଖି ପଚାରିଲା—'ଅରେ···କୁଆଡ଼େ—ଡାକ୍ତରଖାନା ଯାଉଛ କି ବିଶୁ ଭାଇ···? କ'ଣ ହୋଇଛି—ଇମିତି ?'

ପଢ଼ାଶୁଣା ପିଲା ବୋଲି ଶ୍ରୀକାନ୍ତକୁ ସବୁଦିନେ ଅଳ୍ପ ଆଦର କରେ ବିଶ୍ୱମ୍ଭର । କିନ୍ତୁ ତା' କଥାରେ ବି ହଠାତ୍ ଚିଡ଼ିଉଠି ସେ କହିଲା—'ଯା… ଯା…ଗାଁ ଦାଣ୍ଡକୁ ଯା, ସବୁ ଶୁଣିବୁ, ମୋ ଦେହ ମନ ଏଇନେ ଜଳୁଚି, କ'ଣ ନାହିଁ କ'ଣ କହିଦେବି ।'

ଶ୍ରୀକାନ୍ତ ପୁଣି ସାଇକେଲ୍ ପେଡାଲ୍‌ରେ ଗୋଡ଼ଦେଇ ଭାବିଲା— ବିଶୁ ଭାଇଙ୍କର ବହୁମୁଖୀ ପ୍ରତିଭାକୁ ଚିହ୍ନି, ଉପଯୁକ୍ତ ଔଷଧ ଦେଇପାରୁଥିବା ବ୍ୟକ୍ତି, ଏଇ ଗାଁ ଭିତରୁ କିଏ ହେଇପାରେ ?

ସମସ୍ତ ଦି'ପହରଟା ପୁରାଣ ପଢ଼ାରେ ବିତିଗଲା । ନନ୍ଦା ସେଇ ଯେ ଗଣ୍ଡେ ଖାଇଦେଇ ପୁରାଣ ମେଲେଇ ବସିଚି ସେତିକିବେଳକୁ… ଆଉ ଉଠିନି, ଅଦ୍ଭୁତ ସେ ନିଜେ, ଅଦ୍ଭୁତ ତା'ର ସବୁ ଖିଆଲ । ପାଶ୍ଚାତ୍ୟ ସଭ୍ୟତାର ଆଲୋକରେ ପ୍ରତ୍ୟେକ ଜିନିଷକୁ ଆଜନ୍ମରୁ ଦେଖି ଦେଖି, ତା'ର ଦୃଷ୍ଟିଭଙ୍ଗୀ ବରଂ ପାଶ୍ଚାତ୍ୟାଭିମୁଖୀ ହେଇ ପଡ଼ିଥିବ ବୋଲି ମନେ କରାଯାଇ ପାରେ । ଯେଉଁ ଯୁଗର ପୁଅ ପିଲାଏ, ପ୍ରବେଶିକା ପରୀକ୍ଷାରେ କୌଣସି ପ୍ରକାରେ ପାଶ୍‌ଟାଏ କରିଗଲେ, ସେ ରୟାଲ୍ ଓଭରଜିନ୍ ହେଉ ବା ମହାତ୍ମା ଗାନ୍ଧି କ୍ଲାସ୍‌ରେ ହେଉ ବିଲ ହୁଡ଼ାରେ ବସିବାକୁ ନିଜର ଅସମ୍ମାନ ବୋଲି ମନେକରନ୍ତି ଓ କେବେ କମିଟି ବାଧକତାରେ ପଡ଼େ ଅଧେ ବିଲବାଡ଼ି ଦର୍ଶନ କଲେ, ନିଜକୁ ଅପମାନିତ ମନେ କରନ୍ତି… ସେଇ ଯୁଗର ଝିଅ ନନ୍ଦା… ଉଚ୍ଚ ଶିକ୍ଷିତା, ଆଧୁନିକା ଓ ଆଧୁନିକ ରୁଚିସମ୍ପନ୍ନା… ତଥାପି ସେ ବସି ପଢ଼ୁଥିଲା ସେଇ ମାନ୍ଧାତା ଅମଳର ପୁରାଣ, ସେଇ ବାଲ୍ମୀକି ଆଉ ବ୍ୟାସମୁନିଙ୍କ ମୁଖ-ନିଃସୃତ ଅମୀୟ ବାଣୀ ସବୁକୁ । ସମସ୍ତ କଳ୍ପନା, ଆଳପନା, ଜଣାଣ ସବୁକୁ ବାଦଦେଇ—କେବଳ ବିଷୟବସ୍ତୁ ଗୁଡ଼ିକୁହିଁ ସେ ଦେଖିନେଉଥିଲା ଖୁବ୍ ତତ୍ପରତାର ସହିତ । ପୁରାଣ ଯୁଗର ଚରିତ୍ର ଆଉ ଚରିତ୍ର ଚଳଣିହିଁ ନନ୍ଦାକୁ ସବୁଠୁ ବେଶି ଉପଭୋଗ୍ୟ ମନେହେଉଥିଲା । ପୃଷ୍ଠାପରେ ପୃଷ୍ଠା ତା'ର ଆଖିଆଗରେ ଲେଉଟି ଯାଉଥିଲା—ଆଜନ୍ମ ତୃଷାର୍ତ୍ତ ହଠାତ୍ ଅମୃତ ପାନୀୟ ପାଇଲେ ଯେମିତି ଆକଣ୍ଠ ପାନ କରିଯାଏ, ଠିକ୍

ସେଇମିତି ନନ୍ଦା ପିଇ ଯାଉଥିଲା ପୁରାଣର ସବୁ ରସ ଓ ସବୁ ସାରତତ୍ତ୍ୱ । ଏହି ଅଗ୍ରଗତି ଯଦି ତା'ର ବଜାୟ ରହେ, ସମସ୍ତ ପୁରାଣ ଗୁଡ଼ିକ ସାରିବାକୁ ତାକୁ ତିନୋଟି ଦିନ ସମୟ ଲାଗିବ । ନନ୍ଦା ମନେ ମନେ ହିସାବ କରି ନେଇଥିଲା ।

ଗୋଟାଏ କାଚ ଗ୍ଲାସରେ ଗ୍ଲାସେ ଗରମ ଦୁଧ ଆଣି ସମ୍ମୁଖସ୍ଥ ଟେବଲ୍ ଉପରେ ରଖି, କାନ୍ଥ ପାଖକୁ ଘୁଞ୍ଚିଯାଇ ସେବ ଠିଆହେଲା ।

ବହି ଉପରୁ ଆଖି ଉଠେଇ ନନ୍ଦା ପଚାରିଲା 'କ'ଣ ?'

'ଦୁଧ ଖାଇନିଅ ଆଗେ ଦେଈ, ଥଣ୍ଡା ହେଇଯିବ ।' ସେବ କହିଲା ।

ନନ୍ଦା ଦୁଧଗ୍ଲାସରେ ମୁହଁ ଲଗେଇ ପୁଣି ବହି ଉପରେ ଆଖି ପକେଇଲା । ପୁଣି ପୃଷ୍ଠାପରେ ପୃଷ୍ଠା ଓଲଟେଇ ଚାଲିଲା ସେ··· । ତା'ପରେ ଏକ ସମୟରେ ଗ୍ଲାସ୍‌ରୁ ଦୁଧ ସରିଗଲା ଓ ସେ ଗ୍ଲାସ୍‌ଟାକୁ ଟେବୁଲ ଉପରେ ଟିକିଏ ଜୋର୍‌ରେ ରଖିଦେଲା । ଆଖି ଦୁଇଟି କିନ୍ତୁ ପୁରାଣର ସେଇ ଅଧ୍ୟାୟ ଗୁଡ଼ିକୁ କ୍ରମଶଃ ଅତିକ୍ରମି ଯାଉଥିଲେ ।

ସେବ ଗ୍ଲାସ ଉଠେଇ ନେଉନେଉ କହିଲା—'ଜଣେ ବାବୁ ଦେଖା କରିବାକୁ ଆସିଚନ୍ତି, ତାଙ୍କୁ ପଠେଇବି···?'

ନନ୍ଦା କହିଲା—'ବାବୁ ଜଣେ ଆସିଚନ୍ତି··· ? ତାଙ୍କୁ ସେ ଘରେ ବସା, ମୁଁ ଯାଉଚି··· ।'

ସେବ ଚାଲିଗଲା । ଆଉ ଘରର ଚେୟାର ଉପରେ ଜଣେ ଲୋକ ବସିବାର ଶବ୍ଦ ଶୁଣାଗଲା । ବହିଟାକୁ ହାତରେ ଧରି ତା'ଉପରେ ଆଖି ଦୁଇଟିକୁ ସେଇମିତି ରଖି ନନ୍ଦା ଉଠିଲା । ଏପରି ଅସମୟରେ କେଉଁ ବାବୁ ଆସି ଦର୍ଶନ ଦେଲେ, ସେ କଥା ନନ୍ଦା ଭାବି ପାରୁ ନଥିଲା ।

ସେ ଘରେ ପାଦ ଦେବାକ୍ଷଣି ଭଦ୍ରଲୋକ କହିଲେ—'ନମସ୍କାର···!' ନନ୍ଦା ପ୍ରତିନମସ୍କାର ଜଣେଇଲା । ଭଦ୍ରଲୋକ ପୋଲିସ୍ ପୋଷାକରେ ସଜ୍ଜିତ ହୋଇ ଆସିଥିଲେ ।

କହିଲେ—'ମୁଁ ଏଇ ଥାନାର ପୋଲିସ୍ ସବ୍‌ଇନ୍‌ସପେକ୍‌ଟର ଅବିନାଶ ପଟ୍ଟନାୟକ ।'

ନନ୍ଦା କହିଲା, 'ଆପଣଙ୍କ ପୋଷାକରୁ ତ ସେତକ ଜଣା ପଡ଼ି ଯାଉଛି, ତେବେ ନାଁଟା ଶୁଣି ସୁଖୀ ହେଲି । କିନ୍ତୁ ଅବିନାଶ ବାବୁ, ମୁଁ ବଡ଼ ବ୍ୟସ୍ତ ଅଛି, ମୋ ପାଖରେ ଆପଣଙ୍କର ଦରକାରଟା କ'ଣ ଶୀଘ୍ର କହିଲେ ସୁବିଧା ହୁଅନ୍ତା ।'

କିନ୍ତୁ ଖୁବ୍ ଶୀଘ୍ର କଥାଟାକୁ ସାରିଦେଇ, ବିଦାୟ ନେଇ ଯିବା ମତଲବରେ ଭଦ୍ରଲୋକ ନ ଥିଲେ । ପ୍ରଥମେ ସେ ଯେଉଁ ମତଲବ ନେଇ ଆସିଥିଲେ, ଆଉ ଗୋଟାଏ ମତଲବ ଯୋଡ଼ି ହୋଇଗଲା ତା ସାଥିରେ । ଅସମ୍ଭବ ସୁନ୍ଦରୀ ନନ୍ଦାକୁ ଗୋଡ଼ରୁ ମୁଣ୍ଡଯାଏ ଦି'ଚାରିଥର ଚାହିଁ, ନିଜର ପୋଲିସ୍ ଜୀବନର ଅନ୍ତର୍ନିହିତ ପ୍ରବୃତ୍ତିକୁ ଭଦ୍ରଲୋକ କିଛି ସମୟ ଉପଭୋଗ କଲେ । ସେ ମାସର ରାଶିଫଳରେ ତାଙ୍କ ଭାଗ୍ୟରେ କାମିନୀ କାଞ୍ଚନ ଲାଭଯୋଗ ଅଛି କି ନାହିଁ ସେକଥା ସେ ମନେ ପକେଇବାକୁ ଚେଷ୍ଟା କଲେ... ।

କିନ୍ତୁ ଆଶ୍ଚର୍ଯ୍ୟ...ନନ୍ଦା ପୁଣି ସ୍ମୃତିର ପୃଷ୍ଠାଗୁଡ଼ିକ ଭିତରେ ନିଜକୁ ହଜେଇ ଦେଇଛି ।

ଶେଷକୁ ଗଳାଟା ଟିକିଏ ପରିଷ୍କାର କରି ଅବିନାଶ ବାବୁ କହିଲେ— 'ଦେଖନ୍ତୁ ସୁନନ୍ଦା ଦେବୀ, ମୋ ନାଁ ଆଉ ପରିଚୟତ ଆପଣଙ୍କୁ କହିଲି ! ସମ୍ପ୍ରତି ଗୋଟାଏ ପ୍ରମୋଶନ୍‌ରେ ବଦଳି ହୋଇ ମୁଁ ଏ ଥାନାକୁ ଆସିଛି । ମୋର କର୍ତ୍ତବ୍ୟରେ ମୁଁ ସବୁବେଳେ ଏକ ରକ୍ଷଣଶୀଳ ନୀତି ବଜାୟ ରଖେ ବୋଲି, ଆମ ବିଭାଗରେ ମୋର ସୁନାମ ମଧ୍ୟ ଯଥେଷ୍ଟ ଅଛି । ଆଶା କରୁଛି ଆପଣ ମୋ କର୍ତ୍ତବ୍ୟରେ ସହାୟତା... ।'

ନନ୍ଦା ଏଥର ବହି ଉପରୁ ମୁହଁ ଉଠେଇଲା । ବହିଟାରେ ଗୋଟାଏ ଚିହ୍ନ ଦେଇ ତାକୁ ଟେବୁଲ ଉପରେ ରଖିଲା, ଆଉ ତା'ପରେ ଅବିନାଶ ପଟ୍ଟନାୟକଙ୍କ ନିକଟସ୍ଥ ଚେୟାରଟାରେ ବସି ସିଧାସଳଖ ଭାବରେ ତାଙ୍କ ମୁହଁକୁ ଚାହିଁଲା—'ବର୍ତ୍ତମାନ ଆପଣଙ୍କର କର୍ତ୍ତବ୍ୟଟା ତେବେ ଦୟାକରି କହନ୍ତୁ ?'

ଅବିନାଶ ବାବୁ ଟିକିଏ ଖୁସି ହେଲେ । ତାଙ୍କ ପ୍ରଜାପତି ପରି ନଗର ଜନ୍ମଭାଗରୁ ତାଙ୍କ ହସର ଗୋଟାଏ ଭଗ୍ନାଂଶ ପଦାକୁ ବାହାରି ଆସିଲା । ଯଥା ସମ୍ଭବ

କୋମଳତା ଫୁଟେଇ ନିଜ ସ୍ୱରଟିକୁ ସାଧାରଣ ମଣିଷର ଶ୍ରୁତି ଉପଯୋଗୀ କରି ସେ କହିଲେ—

'ବିନା ଭୂମିକାରେ, ସିଧା ସଳଖ ଭାବରେ କଥାଟା ମୁଁ କହୁଚି,··· ଆଜି ସକାଳର ଅପ୍ରୀତିକର ଘଟଣା ପାଇଁ ଆପଣ ଗୋଟାଏ ସାଲିସ୍ କରି ନିଅନ୍ତୁ । ଆପଣ ବୋଧହୁଏ ଜାଣନ୍ତି—ବିଶ୍ୱମ୍ଭର ବାବୁ ଏ ଅଞ୍ଚଳର ଜଣେ ସ୍ୱନାମଧନ୍ୟ ବ୍ୟକ୍ତିବିଶେଷ । ଉପର ମହଲରେ ମଧ୍ୟ ତାଙ୍କର ଯଥେଷ୍ଟ ପ୍ରତିପତ୍ତି ଅଛି । ମନ୍ତ୍ରୀମାନଙ୍କ ସହିତ ତାଙ୍କର ପ୍ରକାଶ୍ୟ ଯୋଗାଯୋଗ ଅଛି ବୋଲି ମଧ୍ୟ ଶୁଣାଯାଏ । ତେଣୁ ତାଙ୍କ ସହିତ ଆପଣଙ୍କର ଯଦି ଗୋଟାଏ ସାଲିସ୍ ନ ହୁଏ, ତା'ହେଲେ ଆପଣଙ୍କର ହୁଏତ କିଛି ପରିମାଣରେ ଅସୁବିଧା ବି ହେଇପାରେ । ଏଇଟା ସମ୍ପୂର୍ଣ୍ଣ ଘରୋଇ କଥା ବୋଲି ମୁଁ ସମସ୍ୟାଟା ଘରେ ଘରେ ତୁଟିଯିବା ଠିକ୍ ବୋଲି ଭାବୁଚି, ନ ହେଲେ··· ଛାଡ଼ନ୍ତୁ, ଘଟଣାଟା ନିହାତି ସାଙ୍ଘାତିକ୍ କି ନା··· ? ବଡ଼ ରାସ୍ତା ଉପରେ, ଘୋଡ଼ା ଚାବୁକରେ ଜଣକୁ ବାଡ଼େଇ ବାଡ଼େଇ ଜରଜର କରିଦେବା ଅତି ସାଙ୍ଘାତିକ୍ ନିଷ୍ଠୁର···।'

ନନ୍ଦା ପୋଲିସ୍ କର୍ମଗୁରୁଙ୍କର ଶୁଭାଗମନର ହେତୁଟା ବର୍ତ୍ତମାନ ବୁଝି ପାରିଲା । କିନ୍ତୁ ବେଶ୍ ସପ୍ରତିଭ ଭାବରେ ଗମ୍ଭୀର ହେଇ ସେ ପଚାରିଲା —'କଥାଟାର ସାଲିସ୍ ନ ହେଲେ ମୋର ଯେଉଁ ଅସୁବିଧା ହେବ, ଖୁବ୍ ବେଶି ହେଲେ ସେଇ ଅସୁବିଧାର ରୂପରେଖ କ'ଣ ହେଇପାରେ ବୋଲି ଆପଣ ମନେ କରୁଛନ୍ତି ?'

ଉଦ୍ଦେଶ୍ୟଟା ଏକ ପ୍ରକାର ସିଦ୍ଧ ହବାକୁ ଯାଉଚି ମନେକରି ଅବିନା ବାବୁ କହିଲେ—'ଦେଖନ୍ତୁ, ତା'ର ଭବିଷ୍ୟତ ରୂପରେଖ ବିଷୟରେ କି ଅନୁମାନ କରିବା ସମ୍ଭବ ବି ନୁହେଁ ଆଉ ଉଚିତ ବି ନୁହେଁ । କଥାଟା ବର୍ତ୍ତମାନ ଛାଡ଼େଇ ଦେଲେ ଆମେ ଭବିଷ୍ୟତ ନେଇ ଚିନ୍ତାନ୍ୱିତ ହେବ କାହିଁକି··· ? କିନ୍ତୁ କଥାଟା ଏଇଠି ତୁଟେଇ ନଦେଲେ—ଆପଣଙ୍କୁ କୋ କଚେରୀକୁ ତ ବାରମ୍ବାର ଧାଇଁବାକୁ ପଡ଼ିବ, ତା'ଛଡ଼ା ହାଜତବା ଏମିତି ଶ୍ରୀଘର ବାସ, ଏବଂ ଲୌହକଙ୍କଣ ମଧ୍ୟ ପରିଧାନ କରିବା ପଡ଼ିପାରେ । ଏଇ ପ୍ରତ୍ୟେକଟି ଏକ ଏକ ମାରାତ୍ମକ ଅସୁବିଧା···କିନ୍ତୁ ଆମେ-

ବୁ ଆପଣଙ୍କର ଏକପ୍ରକାର କଳଙ୍କ ତ ଅଛୁ—ଠିକ୍ ଏ ଆମକୁ···
ାନେ···ଏଇ ଧରନ୍ତୁ, ଆମ ସହିତ ଆପଣ ଯଦି ଗୋଟାଏ ସମ୍ଭବ
ଖିପାରିବେ, ତେବେ ମୁଁ ଚେଷ୍ଟାକରି କିଛି ଗୋଟାଏ କରିଦେଇପାରେ।
ାପଣ ଏକଥା କରି ପାରନ୍ତି···କିମ୍ବା ଗୋଟାଏ ଗୁଳିନାମା···ଆପଣ ବିଶ୍ୱମ୍ଭର
ାବୁଙ୍କ ପାଖରେ ନିଜର ଦୋଷଟା ସ୍ୱୀକାର କରି ନିଅନ୍ତୁ, ଆଉ ଆମକୁ ବି
କ୍‌ଏ ମିଠାମୁହଁ କରେଇ ଦିଅନ୍ତୁ···ସବୁ ଠିକ୍ ହୋଇଯିବ···ସୁନନ୍ଦା
ଦେବୀ···'

ନନ୍ଦା ନିଜର ଅଧର ଉପରେ ନିଜ ଡାହାଣହାତ ତର୍ଜନୀର ସ୍ପର୍ଶ ଅନୁଭବ
ରୁ କରୁ ପଚାରିଲା—'କେତେ ପାଇଲେ ଆପଣ ମୋତେ ଏ ଅସୁବିଧାରୁ
ଅଇଁ ଦେଇ ପାରିବେ ?'

ଅବିନାଶ ବାବୁ ଏଇଥର ବିଗଳିତ ହୋଇପଡ଼ିଲେ । ସେ ଯାହା
ହୁଁ ଥିଲେ ଏତେଶୀଘ୍ର କଥାଟା ସେଇଠି ଅଟକି ଯିବ, ସେ ଭାବି ନଥିଲେ ।
କ ସଶବ୍ଦ ହସ ସହିତ ଯୋଗକରି କହିଲେ—'ଦେଖନ୍ତୁ ଦେଢ଼ ହଜାର
'ହଜାର ତ ଖୁବ୍ କମ୍‌ରେ ଲାଗିବାର କଥା । କିନ୍ତୁ କହିଛି ତ ଆପଣଙ୍କୁ···
ଏଇଟାକୁ ପ୍ରଥମରୁ ମୁଁ ମୋର ଘରୋଇ ସମସ୍ୟା ବୋଲି ମନେକରି ନେଇଛି ;
ତେଣୁ ଠଙ୍କା ହଜାରେ ପନ୍ଦରଶ ଭିତରେ ମୁଁ ଚଳେଇ ନେବି—ଆପଣ
ଭାବନ୍ତୁ ନାହିଁ···।'

ନନ୍ଦା ନୀରବ ରହିଲା । ବିଜୟ ଗର୍ବରେ ଅବିନାଶବାବୁ ଚେୟାର୍
ଛାଡ଼ି ଉଠିଲେ । କହିଲେ—'ତା' ହେଲେ ଏଇକଥା ହେଲା, ମୁଁ ସେଆଡ଼େ
ବୁ ଠିକ୍ କରିନେବି—ଲୋକଗୁଡ଼ାକର ମୁହଁ ବନ୍ଦ କରିବାକୁ ପୁଣି କିଛି
ଦରକାର ହୋଇପାରେ—ଆଚ୍ଛା ସେ ଦେଖାଯିବ···ମୁଁ ପୁଣି କେବେ
ଆସିବି···?'

ନନ୍ଦା ସେହିପରି ନିର୍ଲିପ୍ତ ଭାବରେ କହିଲା—'ହଁ, ଆପଣ ସେଇ
ଦରିଜା ଦେଇ ବାହାରି ଯାଆନ୍ତୁ—ଆଉ କେବେ ଏଠାକୁ ଆସିବା କଥା
ସ୍ୱପ୍ନରେ ବି ଭାବିବେ ନାହିଁ, ଯଦି ଆସନ୍ତି ଫାଟକ ପାଖରେ ଯେଉଁ ଦିହାଣି
ଦାରୱାନ ଅଛି, ଆପଣଙ୍କର ଉପଯୁକ୍ତ ସତ୍କାର କରିବ । ଯାଆନ୍ତୁ···

ବାହାର ଯାଆନ୍ତୁ । ଏତେ ଦାଇ ମନୋବୃତ୍ତି ନେଇ ଆପଣ ସରକାରୀ ଚାକିରୀ କରନ୍ତି କିମିତି, ଆଉ ଭଦ୍ରଲୋକଙ୍କ ଘର ଭିତରକୁ କୋଉ ସାହସରେ ପ୍ରବେଶ କରନ୍ତି ବଡ଼ ଆଶ୍ଚର୍ଯ୍ୟଲାଗେ ।'

ଅବିନାଶବାବୁଙ୍କର ଆଶାର ସୌଧ କେବଳ ଯେ ଭାଙ୍ଗିପଡ଼ିଲା, ସେତିକି ନୁହେଁ, ତାଙ୍କ ଚାକିରୀ ଜୀବନରେ ଇମିତି ଅପମାନର ସମ୍ମୁଖୀନ ସେ କେବେ ହୋଇଚନ୍ତି ବୋଲି ତାଙ୍କର ମନେ ପଡ଼ିଲା ନାହିଁ । ରାଗରେ ଫୁଲି ଉଠି ସେ କହିଲେ—ଆପଣ ସୀମା ଲଙ୍ଘନ କରୁଚନ୍ତି ସୁନନ୍ଦା ଦେବି !

କହି ସେ ସେଇମିତି ନିଶ୍ଚଳ ଭାବରେ ଠିଆ ହୋଇ ରହିଲେ । ତାଙ୍କ ଭିତରର କ୍ରୋଧ ଆଖି ଓ ସମ୍ପୂର୍ଣ୍ଣ ମୁଖମଣ୍ଡଳ ଦେଇ ଆତ୍ମପ୍ରକାଶ କରୁଥିଲା ।

ତାଙ୍କର ଏଇ ନିଶ୍ଚଳ ଭାବ ଦେଖି, ନନ୍ଦା ବଜ୍ରଗମ୍ଭୀର କଣ୍ଠରେ କହିଲା—'କ'ଣ, ଆପଣ ବାହାରି ଯିବେ, ନା ଦରଓ୍ୱାନ୍ ଡାକିବାକୁ ପଡ଼ିବ ? ଦରଓ୍ୱାନ୍, ଦରଓ୍ୱାନ୍...'

ଅବିନାଶ ବାବୁ ଏଇଥର ଟିକିଏ ହସିଲେ—କହିଲେ 'ଦରଓ୍ୱାନ୍ ? ଆସୁ କିଏ ଆସୁଚି—

ସେତେବେଳକୁ କପନ୍‌ଦୟାଲ୍ ଆସି ଯାଇଥିଲା । ଅବିନାଶବାବୁଙ୍କ କଥା ଉପରେ ସେ କହିଲା—'କ୍ୟା ବୋଲ୍‌ତା ବାବୁ ? ଆସ ମ !

ଅବିନାଶ ବାବୁ ପିସ୍ତଲ୍ ଉପରେ ହାତ ପକଉଥିଲେ । ନନ୍ଦା କହିଲା—'ଏଇ ମୁହୂର୍ତ୍ତିରେ ଆପଣ ଘରୁ ବାହାରି ନ ଗଲେ, କପନ୍‌ଦୟାଲ୍ ଆପଣଙ୍କର ମାନ, ସମ୍ମାନ, ପ୍ରତିପତ୍ତି ସବୁର ଗୋଟାଏ ଶେଷ କରିଦେବ । ଆଉ ଆପଣ ଯଦି ଆପଣଙ୍କ ପିସ୍ତଲ୍‌ରେ ହାତ ଦାଅନ୍ତି, ତେବେ ମନେରଖନ୍ତୁ, ଅପଣଙ୍କ ପିସ୍ତଲ୍ ଅପେକ୍ଷା ଯଥେଷ୍ଟ ଶକ୍ତିଶାଳୀ ପିସ୍ତଲ ଜମିଦାର ବଂଶ ବ୍ୟବହାର କରିବାରେ ଅଭ୍ୟସ୍ତ ।'

ନନ୍ଦାର ଜୋରରେ କପନ୍‌ଦୟାଲ୍ ଅବିନାଶବାବୁଙ୍କର ଗୋଟାଏ ହାତ ଧରି ଟେକେଇ କହିଲା—'ଆରେ, ଚାଲମ ବାବୁ—କେତେ ରଙ୍ଗ ନିକାଲୁଚ ।' ତା'ପରେ ଏକରକମ ଘୋଷାରି ନେଇ ତାଙ୍କୁ ଫାଟକ ପର୍ଯ୍ୟନ୍ତ ପହଞ୍ଚେଇ ଦେଲା । ପଛେ, ପଛେ ନନ୍ଦା ମଧ୍ୟ ଓହ୍ଲେଇଗଲା ।

ଅବିନାଶବାବୁ ପଛ ଆଡ଼କୁ ମୁହଁ ବୁଲେଇ କହିଲେ—'ଆଚ୍ଛା, ମୁଁ ଏ ର ଠିକ୍ ଜବାବ ଦେବି ।'

କ୍ଷନ୍‌ଦୟାଲ୍ କହିଲା—'ଆରେ ଲଅ, ଗୁସ୍‌ସା ହେଉଚ କି ମ ବୁ ? ଯା'...ଯା'...ଫିର୍ ମୁହଁ ଏ ହବ, ତ ମଜା ନିକାଲ ଦେବି, ...।'

ଅବିନାଶବାବୁ ମୁହଁ ଅନ୍ଧିଲା କରି ସାଇକେଲ୍ ଚଢ଼ିଲେ । ଷନ୍‌ଦୟାଲ୍ ବ୍ୟଙ୍ଗ କଲା—'ସଲାମ ବାବୁ...!'

ନନ୍ଦା ନିଜର କୋଠରୀ ଆଡ଼କୁ ଫେରୁ ଆସୁଥିଲା । କ୍ଷନ୍‌ଦୟାଲ୍‌ର ୍ୟଙ୍ଗୋକ୍ତି ଶୁଣି ତାକୁ ଖୁବ୍ ଜୋର୍‌ରେ ହସ ମାଡ଼ିଲା, ଆଉ ସେଇ ହସର ାତ ଅବିନାଶବାବୁଙ୍କର ଛାତିରେ ଯେମିତି ଗୋଟାଏ ବାୟୋନେଟ ାଫାଡ଼ିଦେଲା...।

ଅବିନାଶ ବାବୁ ରାସ୍ତାରେ ଯାଉଁ ଯାଉଁ ଏକ ନିଷ୍ଫଳ ଆକ୍ରୋଶରେ ୍ଳୁଲିବାକୁ ଲାଗିଲେ । ଯେତେ ଗଭୀର ଭାବରେ ଚିନ୍ତା କଲେବି ସେ ନନ୍ଦାକୁ କେଉଁ ଦିଗରୁ ଦେଖିନେବେ, ତା'ର କୌଣସି ସନ୍ଧାନ ପାଇଲେ ନାହିଁ । ାସ୍ତବିକ୍ ଠିକା ଯାହାର ଅଛି ତା'ର କିଏ ବା କ'ଣ କରିବ...?' ଏଇ ୍ଭଦ୍ରଲୋକମାନଙ୍କର ଏଇ ହେଲା ଗୋଟାଏ କଦର୍ଯ୍ୟ ଅଭ୍ୟାସ । ବଡ଼ ଧରଣର ଗୋଟାଏ କେସ୍‌ରେ ଜଡ଼ିତ ହେଇ ପଡ଼ିଲେ, ସେମାନେ ବଡ଼ ବଡ଼ ଦ୍ଭାକିମଙ୍କୁ ସିନା ହଜାରେ ପାଞ୍ଚଶ ଧରେଇ ଦେବେ, କିନ୍ତୁ ଏଇ ଗରିବ ାଳମୁଣ୍ଡିଆ ଏସ୍. ଆଇ. ମାନଙ୍କ ପାଖରେ ତା'ର ଅଧାରେ ବି କାମ ତୁଟେଇ ାନେବାକୁ ଗୁହିଁବେନି । ସେ ନିଜେ ଏବେ ହଜାରେ ପନ୍ଦରଶ' ାକିଦେଲେ, ତା' ବୋଲି ତମେ କ'ଣ ସେମ୍ଭା ଦେଇ ପଠେଇଥା'ନ୍ତ...? ଙ୍କା ଗହେ ଦେଢ଼ଶ ଦେଇଥିଲେ ତ କାମଟା ଚଳିଯାଇଥାନ୍ତା..., ସୁନା, ୁପାରେ ତ ଦରଦାମ୍ ଚଳୁଚି, ଆଉ ଇଏ ସେମିତି କ'ଣ ଗୋଟାଏ ଅପବର୍ଗ ହେଇଗଲା । ଜମିଦାର ନାତୁଣୀ—ସୁନନ୍ଦା ଦେବୀ କ'ଣ ନ କହିଲେ ୀତେ ? ହୀନ ମନୋବୃତ୍ତି—ଅଭଦ୍ର—ପୁଣି ଶେଷକୁ ପିସ୍ତଲର୍ ଧମକ ? ଏଇ ରଜା ଜମିଦାରଙ୍କର ପିସ୍ତଲ୍ ଲାଇସେନ୍ସ, କାନ୍‌ସେଲ୍ କରିଦିଅନ୍ତା

କି ସରକାର ? ମାଲିକର ମୁହଁ ପାଇ ଦାରଓ୍ୱାନ୍‌ଟା ବି କେତେ କମ୍ କଥା କହୁଛି ? ଯାଃ—ଶଳା—ଆଜିକାଲି ଚାକିରିରେ ନିଜର ମାନ ମହତ ବଞ୍ଚାଇବାର ଉପାୟ ଟିକିଏ ବି ନାହିଁ ।

ବିଶ୍ୱମ୍ଭର କେତେଠି ଅପେକ୍ଷା କରି ବସିଥିଲା ବୋଧହୁଏ...। ଅବିନାଶ ବାବୁଙ୍କୁ ଦେଖି ଗୋଟାଏ ନମସ୍କାର ପକାଇ ପଚାରିଲା, 'କ'ଣ ହେଲା ଆଜ୍ଞା...?'

'କିଛି ହେଲା ନାହିଁ ।' ମୁହଁ ଶୁଖାଇ ଅବିନାଶବାବୁ କହିଲେ, 'ତମେ ବରଂ ଗୋଟାଏ କାମ କର ବିଶ୍ୱମ୍ଭର ବାବୁ, କେତେକ ସାକ୍ଷୀ ଯୋଗାଡ଼ କରି, ଥାନାରେ ଗୋଟାଏ ଡାଇରି ଦେଇ ଦିଅ—।'

'ସାକ୍ଷୀ କେଉଁଠି ମିଳିବେ ଆଜ୍ଞା ? ଜମିଦାର ବିରୁଦ୍ଧରେ ସାକ୍ଷ୍ୟ ଦେବ କିଏ ? ଯେଉଁ କେତେଜଣଙ୍କ ଉପରେ ମୋର ଭରସା ଥିଲା, ସେ ଛୋଟିଆ ସବୁ, ଜମିଦାର ନାତୁଣୀ ଧମକରେ ଏମିତି ଡରିଗଲେଣି ଯେ, ତାଙ୍କୁ ବରଂ ଫାଶୀ ଦେବାକୁ କହିଲେ ସେମାନେ ରାଜିହେବେ, କିନ୍ତୁ ସାକ୍ଷୀ...?' ବିଶ୍ୱମ୍ଭର ମୁହଁରେ ଗୋଟାଏ ବିକୃତ ଭଙ୍ଗୀ କଲା, 'ସାକ୍ଷୀ କେହି ଦେବେନାହିଁ, ସେ ଆଶା ଜମାରୁ ନାହିଁ । ଆପଣଙ୍କ ଉପରେ ଭରସା ଥିଲା, କିଛି ନହେଲେ ଟଙ୍କା କିଛି ତ ରୋଜଗାର ହୋଇ ପାରିଥା'ନ୍ତା...ହଉ, ଆପଣ ଯା'ନ୍ତୁ ଆଜ୍ଞା, ମୋ କାମ ମୁଁ କରିନେବି ।'

ଏକଥାର ଉତ୍ତରରେ ଅବିନାଶବାବୁ ଟିକିଏ ହସି କହିଲେ—'ତମେ କେବଳ ଜମିଦାର ଘରର କୁକୁରର ସ୍ପର୍ଶ ପାଇଚ, ବିଶ୍ୱମ୍ଭର ବାବୁ ! ସୁନନ୍ଦା ଦେବୀ ହାତରେ ଥିବା ରିଭଲଭର୍‌ର ସ୍ୱାଦ ଚାଖିନାହଁ । ମୁଁ ତମକୁ ସାବଧାନ କରି ଦେଇ ଯାଉଚି, ବଡ଼ଲୋକ ପାଇଁ ସରକାରର କୌଣସି ଆଇନ୍ ନାହିଁ । କାରଣ...ତାଙ୍କର ଅଛି ଟଙ୍କା...। ତମେ ଯେତିକି ଅପମାନ ପାଇଚ, ସେତିକିରେ ସନ୍ତୁଷ୍ଟ ହୁଅ, ନ ହେଲେ, କାଲି ସକାଳେ ତମକୁ ନେଇ 'ଶ୍ରୀଘରେ' ପୁରେଇବାର ଭାର ପୁଣି ମୋ ଉପରେହିଁ ପଡ଼ିବ । ତାଙ୍କ ଟଙ୍କା ଜୋର୍‌ରେ ମୋ ଭଳି ଚାକିରିଆ କଥା ଛାଡ଼ ! ଯେଉଁମାନେ ମୋର ହର୍ତ୍ତା କର୍ତ୍ତା, ଭାଗ୍ୟବିଧାତା ସେମିତି କେତେ ଅଫିସର୍ ତାଙ୍କ

ଗାଡ଼ତଳକୁ ଯାଇବେ । ସେମାନେ ସବୁ ଭୁମକୁ ବାନ୍ଧ ହାଜତଘରେ ଭର୍ତ୍ତି
କରିଦେବାକୁ ମୋତେ ଆଦେଶ ଦେବେ, ତା' ହେଲେ ସେକଥାକୁ
ଅନ୍ୟଥା କରିବାକୁ ମୋ ବାପାର ବି ଶକ୍ତି ନାହିଁ । ସେଇଥିପାଇଁ
କହୁଥିଲି—ଯାହା କରୁଚ ଟିକିଏ ବୁଝି ବିଚାର କର···। ତମ ନେତାଙ୍କ
ନାଲିଆଖିରେ ଆମେ ସିନା ଦବିଯିବୁ, କିନ୍ତୁ ଠିକ୍ ଆଗରେ ସେଇ ନାଲିଆଖି
ମଧ୍ୟ ତଳକୁ ହୋଇଯିବ ।'

ଅବିନାଶ ବାବୁ ସାଇକେଲ୍‌ରେ ଚଢ଼ିଲେ । ବିଶ୍ୱମିତ୍ର ମୁହଁକୁ ଏତିକି
ଟିକିଏ କରି ଘରମୁହାଁ ହେଲେ । ବାଟସାରା ଚିନ୍ତା କରି କରି, ଏ ଅପମାନର
ପ୍ରତିକାର ସେ କିଛି ପାଇଲେ ନାହିଁ । ଶେଷକୁ ଠିକ୍ କଲେ—ସହିଯିବାଠାରୁ
ସବୁଠାରୁ ବଡ଼ଗୁଣ, ଆମର ପ୍ରାକ୍ତନ ଯୁଗର ମୁନି ଋଷିମାନେ ଏଇ ସହ୍ୟଗୁଣ
ହେତୁ ସମସ୍ତଙ୍କର ନମସ୍ୟ ହୋଇପାରିଚନ୍ତି ସିନା···।

ନନ୍ଦା କିନ୍ତୁ ସବୁ କିଛି ଭୁଲିଯାଇ, ଯେମିତି—କିଛି ଘଟିନାହିଁ,
ସେଇମିତି ଭାବରେ ପୁଣି ପୁରାଣ ପଢ଼ାରେ ମନଦେଲା । ଆଜିଯାଏଁ ତା'
ଜ୍ଞାନର ଅଗୋଚରରେ ଏପରି ଅମୂଲ୍ୟ ରତ୍ନ ଲୁଚି ରହିଥିଲା ଭାବି ତା'
ମନରେ ଗଭୀର ଦୁଃଖ ହେଲା । ଯେ କୌଣସି ଦୃଷ୍ଟିରୁ ବିଚାର କଲେ ମଧ୍ୟ
ପୁରାଣଗୁଡ଼ିକର ମୂଲ୍ୟ ଯେ ଅତି ଉଚ୍ଚରେ, ନନ୍ଦା ଏକଥା ଅତି ନିବିଡ଼
ଭାବରେ ହୃଦୟଙ୍ଗମ କଲା—ସଞ୍ଜର ଅନ୍ଧାର ଯେତେବେଳେ କୋଠରୀଟିକୁ
ଅସ୍ପଷ୍ଟ କରି ତୋଳିଲା, ସେତିକିବେଳେ ବହି ବନ୍ଦକରି ନନ୍ଦା ଯାଇ ଝରକା
ପାଖରେ ଠିଆ ହେଲା ।

ଗୋଟାଏ ଅଗ୍ନିଜ୍ୱଳ ଟେବୁଲ ଲ୍ୟାମ୍ପ ଆଣି, ଝରକା ପାଖରେ ଗୋଟିଏ
ଛୋଟ ଟେବୁଲ ଉପରେ ତାକୁ ରଖିଦେଇ ସେବ କହିଲା—'ତମକୁ ଅଜା
ଡାକୁଥିଲେ ଦେଇ !'

ନନ୍ଦା ବହି ରଖିଦେଇ ସେବ ସହିତ ତଳକୁ ଓହ୍ଲାଇଗଲା···।
ତଳମହଲାର ବାରଣ୍ଡା ଉପରେ ଗୋଟାଏ କୁସନ୍ ଚେୟାର୍‌ରେ ହରପ୍ରସାଦ
ବସିଥିଲେ । ଉଦାସ ଦୃଷ୍ଟି ତାଙ୍କର ସମ୍ମୁଖସ୍ଥ ବଗିଚା ଭିତରେ ଖେଳି

ବୁଲୁଥିଲା । ତାଙ୍କ ସାମନାରେ ଚେୟାର୍‌ଟା ଉପରେ ନନ୍ଦା ଯାଇ ବସିପଡ଼ିଲା । ତା'ପରେ ନିଜ କଥା ଉପରେ ଖୁବ୍ ଗୁରୁତ୍ୱ ଦେଇ ପଚାରିଲା—'ତମ ମୁହଁ ଆଜି ଶୁଖିଯାଇଚି, କାହିଁକି ଅଜା···?'

ହରପ୍ରତାପ କହିଲେ—'ଆଜି ନୁହେଁ ନନ୍ଦା, ଅନେକ ଦିନରୁ ମୋର ସମସ୍ତ ଅବୟବଗୁଡ଼ିକ ନିସ୍ତେଜ ହୋଇ ଆସିଲେଣି । ମୋ'ର ବୟସର କେତେ ମହାପ୍ରାଣୀ, ଏଇ ଗାଁରୁ ମଶାଣିକି ଗଲେଣି । କେବଳ ଭଲ ଖାଦ୍ୟ ଖାଇ, ଆଉ ନିଶ୍ଚିନ୍ତ ହୋଇ ମୁଁ ମୋର ସମୟଟା କାଟିଦେଉଚି ବୋଲି ଆଜିପର୍ଯ୍ୟନ୍ତ ବଞ୍ଚିରହିଚି, କିନ୍ତୁ ମୁଁ ବୁଢ଼ା ହୋଇଗଲିଣି ନନ୍ଦା, ଆଉ ବୋଧହୁଏ ବେଶିଦିନ ଏ ସଂସାରରେ ରହିପାରିବି ନାହିଁ । ଯିବା ପୂର୍ବରୁ ତୋର ଭବିଷ୍ୟତ ଜୀବନ ବିଷୟରେ ଏଇ ନିଶ୍ଚିତ ଧାରଣା ମୋର ରହିଥିବା ଆବଶ୍ୟକ···।' ଏତିକ କହି ହରପ୍ରତାପ ବାହାର ଝାପ୍‌ସା ଅନ୍ଧାର ଭିତରକୁ ଚାହିଁ ରହିଲେ । ନନ୍ଦା ମଧ୍ୟ କିଛି ସମୟ ପର୍ଯ୍ୟନ୍ତ ନୀରବ ରହିଲା···।

କିଛି ସମୟପରେ ନନ୍ଦା ପଚାରିଲା, 'ମୋତେ କାହିଁକି ଡାକୁଥିଲ ଅଜା···?'

ହରପ୍ରତାପଙ୍କର ଔଦାସୀନ୍ୟ କଟି ଯାଇଥିଲା । ନନ୍ଦା ଆଡ଼କୁ ଚାହିଁ ସେ କହିଲେ, 'ଏକାଠି ବସି ଟିକିଏ ଖୁସି ଗପ କରିବାପାଇଁ ମୁଁ ତୋତେ ଡାକି ପଠେଇଥିଲି, ଏଠାକୁ ଆସିବାପରେ, ମୋ କଥାତ ତୁ ଏକାବେଳକେ ପାଶୋରି ଦେଇଚୁ । କିନ୍ତୁ ମୁଁ ସବୁବେଳେ ତୋର କଥାହିଁ ଭାବୁଛି—ତୁ କ'ଣ କରୁଥିଲୁ ଶୁଣେ···?'

ନନ୍ଦା କହିଲା, 'ବସି ବସି ପୁରାଣ ପଢୁଥିଲି, ରାମାୟଣ ଶେଷକରି, ମହାଭାରତ ଆରମ୍ଭ କରିଚି ।'

ହରପ୍ରତାପ କହିଲେ—'କେଉଁ ମହାଭାରତ କଥା କହୁଚୁ···?'

ନନ୍ଦା କହିଲା—'ଶାରଳା ଦାସଙ୍କ ମହାଭାରତ ।'

ନନ୍ଦାର ଉତ୍ତରରେ ଖୁସି ହୋଇ ବୃଦ୍ଧ କହିଲେ—ବେଶ୍, 'ବେଶ୍, ଶାରଳା ଦାସଙ୍କ ମହାଭାରତ, ମୂଳ ମହାଭାରତଠାରୁ ମଧ୍ୟ ଅନେକ ଦିଗରେ ଆଗେଇ ଯାଇଚି, ବ୍ୟାସଦେବଙ୍କ ମହାଭାରତଠୁ ଏଇଟା ଯେମିତି

ଅନେକ ବେଶି···। ଶାରଳା ଦାସଙ୍କ ମହାଭାରତହିଁ ଓଡ଼ିଆ ମହାଭାରତର ପ୍ରକୃତ ପ୍ରାଣଶକ୍ତି । କେବଳ ମହାଭାରତ ନୁହେଁ ନନ୍ଦା—ଭାଗବତ, ରାମାୟଣ ପ୍ରଭୃତି ହିନ୍ଦୁର ସମସ୍ତ ଧର୍ମଗ୍ରନ୍ଥକୁ ଅନୁବାଦ କଲାବେଳେ, ଓଡ଼ିଆ କବିମାନେ ଯେମିତି ଅସାଧାରଣ ମେଧା ଆଉ ପ୍ରତିଭାର ପରିଚୟ ଦେଇଛନ୍ତି, ତାହା ଅନ୍ୟାନ୍ୟ ଅନେକ ସାହିତ୍ୟରେ ଏକ ପ୍ରଶ୍ନବାଚକ ଚିହ୍ନ ହୋଇ ରହିଯାଇଛି ଏପର୍ଯ୍ୟନ୍ତ !

କ'ଣ ଭାବି ବୃଦ୍ଧ ନୀରବ ହେଲେ । ଏଇ ମୂଲ୍ୟବାନ ବକ୍ତୃତା ଉପରେ ହଠାତ୍ ଏକ ପୂର୍ଣ୍ଣଚ୍ଛେଦ ପଡ଼ିଯିବାରୁ ଅଜାଙ୍କ ପାନବଟାରୁ ଖଣ୍ଡେ ପାନ ବାହାର କରୁ କରୁ ନନ୍ଦା କହିଲା—'ଗୋଟାଏ ମଜା କଥା ଶୁଣିଲଣି ଅଜା—ଜଣେ ପୋଲିସ୍ ସବ୍ଇନ୍ସପେକ୍ଟର ଆଜି ଆସିଥିଲେ, କିଛି ଉତ୍କୋଚ ହାତେଇବାର ମତଲବ୍‌ରେ ସେ ଥିଲେ, କିନ୍ତୁ ମୁଁ ତାଙ୍କୁ ସିଧା ରାସ୍ତା ଦେଖେଇ ଦେଇଛି । କିନ୍ତୁ ଯା'ହାଉ, କ'ଣ କିଛି ଭୁଲ୍ ହୋଇଗଲା ଅଜା···?'

ବୃଦ୍ଧ କହିଲେ—'ଭୁଲ୍ କ'ଣ, ଠିକ୍ କ'ଣ, ଏ ବିଚାର କରିବାର ବୟସ ତ ତୋର ହୋଇଛି ନନ୍ଦା—କିନ୍ତୁ କଥାଟା କଣ ? କାହିଁକି ପ୍ରବଳ ପ୍ରତାପୀ ପୋଲିସ୍‌ଙ୍କର ପାଦଧୂଳି ହଠାତ୍ ଆଜି ଆମ ଘରେ ପଡ଼ିଲା ?'

ନନ୍ଦା ସକାଳର ସମସ୍ତ ଘଟଣା ଧୀରେ ଧୀରେ କହିଗଲା । ସେ ସାଧାରଣତଃ ସତ, ଆଉ ସ୍ପଷ୍ଟ କଥାକୁ ଭଲପାଏ, ପୁଣି ଅଜାଙ୍କ ପାଖରେ ସଙ୍କୋଚ କରିବାକୁ ତା'ର କିଛି ନଥିଲା ।

ସବୁ ଶୁଣିସାରି ଗମ୍ଭୀର ହୋଇ ବୃଦ୍ଧ କହିଲେ—ଘୃଷ୍ କ'ଣ ? ଏ ଭଳି ନୀଚ ଗୁଡ଼ାକୁ ଗୁଳି କରିଦେବା ଉଚିତ । ସେ କେବଳ ତୋତେ ନୁହେଁ ନନ୍ଦା, ଇଆଦ୍ୱାରା ସମସ୍ତ ନାରୀଜାତିକୁହିଁ ଅପମାନିତ କରିଛି । ମୁଁ ଆଜି ବୁଢ଼ା ହୋଇଗଲିଣି, ନ ହେଲେ, ଏ ଅପମାନର ଉପଯୁକ୍ତ ଶିକ୍ଷା ତାକୁ ଦେଇଥାନ୍ତି ।'

ସେବକ ଆସି କହିଲା—'ଖାଇବାକୁ ହୋଇଗଲାଣି, ଠା'କରିବାକୁ କହିବି ?' ରାତିରେ ଟିକିଏ ଶୀଘ୍ର ଖାଇନେବାକୁ ବୃଦ୍ଧ ପସନ୍ଦ କରନ୍ତି, ସେ କହିଲେ—'ହଁ ···'

ଆର ଦିନର ସକାଳେ···

ପୂର୍ବ ଦିନପରି ପ୍ରାତଃଭ୍ରମଣ ସମୟରେ ଶ୍ରୀକାନ୍ତ ସହିତ ଦେଖା । ଟେନିଜ ଇଆଡ଼ୁ ଗଲାବେଳକୁ, ଶ୍ରୀକାନ୍ତ ମନ୍ଥର ଗତିରେ ସେଇ ସାଇକେଲ୍‌ଟି ଉପରେ ବସି ଫେରୁଛି । ଗୋଟିଏ ହାତ ହଲେଇ ସେ ନନ୍ଦାକୁ ସୁପ୍ରଭାତ ଜଣେଇଲା । ସାଇକେଲ୍‌ରୁ ଓହ୍ଲେଇବା ଦରକାର ପଡ଼ିନାହିଁ । ନନ୍ଦା ସେଇମିତି ହାତ ହଲେଇ 'ସୁପ୍ରଭାତ' ଫେରେଇ ଦେଲା, ଆଉ ଟିକିଏ ହସି କହିଲା—'ମୁଁ ଫେରିଆସେ, କଥାବାର୍ତ୍ତା ହେବା ।'

ସେଦିନ ନନ୍ଦା ଅପେକ୍ଷାକୃତ ଶୀଘ୍ର ଫେରି ଆସିଲା ଶ୍ରୀକାନ୍ତ ପାଖକୁ । ଚୈତକ ଭିତରୁ ଓହ୍ଲେଇପଡ଼ି ସେ ଶ୍ରୀକାନ୍ତକୁ ପଚାରିଲା—'ପ୍ରତିଦିନ ସକାଳୁ ଆପଣ କୁଆଡ଼େ, ଇମିତି ଯାଆନ୍ତି, କୁହନ୍ତୁ ତ···?'

ଶ୍ରୀକାନ୍ତ କହିଲା—'ସକାଳର ଖୋଲା ପବନରେ ବୁଲିଆଡ଼େ ଟିକିଏ ବୁଲି ନ ଆସିଲେ ମୋତେ ଭଲ ଲାଗେନାହିଁ । ସେଥିପାଇଁ ବାହାରି ପଡ଼େ—ପାଞ୍ଚ ଛଅମାଇଲ୍ ବାଟ ସାଇକେଲ୍‌ରେ ଘୁରିଆସିଲେ ବେଶ୍ ଆରାମ ଲାଗେ । ସମସ୍ତ ଦିନଟି ପାଇଁ ମୁଁ ଜୀବନୀ ଶକ୍ତି ସଂଗ୍ରହ କରିନିଏ ।'

ହଠାତ୍ କଥା ପରିବର୍ତ୍ତନ କରି ନନ୍ଦା କହିଲା—'ବୁଲିଆଡ଼େ ପ୍ରକୃତିର ଏଇ ଅପୂର୍ବ ଶୋଭା ସମ୍ପଦ ଦେଖିଲେ ମୋତେ ଖାଲି ଆମ୍ଭହରା ଭଳି ଲାଗେ । କେତେ ସୁନ୍ଦର ସୁନ୍ଦର ପାହାଡ଼, କି ଆଶ୍ଚର୍ଯ୍ୟ ରକମର ଜଙ୍ଗଲୀ ଗଛପତ୍ର, କେତେ ଅଦୃଷ୍ଟପୂର୍ବ ପକ୍ଷୀ, ଆଉ କେତେ ଅଶ୍ରୁତପୂର୍ବ କାକଳୀ··· ।

କଥାଟାକୁ ଶ୍ରୀକାନ୍ତ ଅନୁମୋଦନ କରୁଛି କି ନାହିଁ, ତା' ଆଡ଼କୁ ଚାହିଁ ସେତକ ଜାଣିବାକୁ ଚେଷ୍ଟାକଲା ନନ୍ଦା, କିନ୍ତୁ ଶ୍ରୀକାନ୍ତ ବେଶ୍ ବିସ୍ମିତ ହୋଇ ତାଂର ଆଡ଼କୁ ଚାହିଁ ରହିଛି । ନନ୍ଦା ତା ମୁହଁକୁ ଚାହିଁ ରହିବା ଦେଖି, ସେ ପଚାରିଲା—'ଆପଣ ଜଣେ କବି ନା କ'ଣ···?'

ବେଶ୍ ସପ୍ରତିଭ ଭାବରେ ନନ୍ଦା ସମ୍ମତି ଜଣେଇଲା—ଯିମିତି କବି ହୋଇ ପାରିବାଟା ରସଗୋଲା ଗୋଟିଏ ପାଟିକୁ ପକେଇ ଦେବା କାମ ସହିତ ସମାନ ।

ଶ୍ରୀକାନ୍ତ ଏତେ କିଛି ବୁଝିଲେ ନାହିଁ—କହିଲେ, 'ସେଇଆ କହନ୍ତୁ, ନ ହେଲେ ଆପଣ ଏ ଶୁଖିଲା ପାହାଡ଼ ପଥର, ଅନାବନା ଗଛ ଓ ନାମ ଅଜଣା ପକ୍ଷୀମାନଙ୍କର 'କିଚିର୍ ମିଚିର୍'କୁ କବିତାର ଗନ୍ଧ ପାଆନ୍ତେ କିମିତି ? କିନ୍ତୁ ଏଠାକାର ପ୍ରାକୃତିକ ଦୃଶ୍ୟ-ସମ୍ପଦରେ ଇଏତ ମୋଟେ ଉପକ୍ରମଣିକା, ପାହାଡ଼ ଆଉ ଟିକେ ଉଠାର ଅନ୍ତରାଳରେ, ଉପତ୍ୟକା ଉପରେ ଇମିତି ସବୁ ପ୍ରାକୃତିକ ଦୃଶ୍ୟ ସଜ୍ଜିତ ହୋଇ ରହିଚି, ଯାହାକୁ ଦେଖିଲେ ମୋ ପରି ଅକବି ମଧ୍ୟ କବି ହୋଇ ପଡ଼ିବ, ଆଉ ଆପଣ···ଆପଣ ତ ସ୍ୱଭାବତ ଅଭିଭୂତ ହୋଇ ପଡ଼ିବେ । କିନ୍ତୁ ଆପଣଙ୍କ ଭାଗ୍ୟରେ ସେ ସବୁ ଦେଖିବାର ସୁଯୋଗ ବୋଧହୁଏ ଘଟିବ ନାହିଁ ।'

'କିନ୍ତୁ ଆପଣଙ୍କ ଭାଗ୍ୟରେ ଘଟିଚି ତ···?' ଚେତକର ଲଗାମଟାକୁ ବାଁ ହାତରେ ଧରି ଚାଲୁ ଚାଲୁ; ଶ୍ରୀକାନ୍ତ ମୁହଁକୁ ସିଧା ସଳଖ ଚାହିଁ ନନ୍ଦା ପ୍ରଶ୍ନକଲା ।

ଶ୍ରୀକାନ୍ତ ଗୋଟାଏ କରୁଣ ହସ ଭିତରେହିଁ କହିବାକୁ ଆରମ୍ଭ କଲା—'କହନ୍ତୁ ନାହିଁ ସେ କଥା—ଆଜି ମାନବର କୌତୂହଳ ନେଇ, ମୁଁ ଆଉ କେତେକ ବନ୍ଧୁଙ୍କ ସହିତ, ପାଖଆଖ ପାହାଡ଼ ପର୍ବତର ସମସ୍ତ ରମଣୀୟ ସ୍ଥାନଗୁଡ଼ିକ ଦେଖି ପକେଇଚି···କିନ୍ତୁ ପାହାଡ଼ ଉଠିବା ଯାହା କଷ୍ଟ···ଆପଣ ପୁରୁଷ ହୋଇଥିଲେ ବୋଧହୁଏ ପାରନ୍ତେ···' କହି ଟିକିଏ ଲଜ୍ଜିତ ହୋଇ ପଡ଼ିବାର ଭଙ୍ଗୀ ନେଇ ସେ ନନ୍ଦା ଆଡ଼କୁ ଚାହିଁଲା ।

'ମନେ କରି ନିଅନ୍ତୁ ମୁଁ ସ୍ତ୍ରୀ ନୁହେଁ—ଜଣେ ପୁରୁଷ···' ଅତି ସାଧାରଣ ଭାବରେ ନନ୍ଦା କହିଲା ।

ଏଥର କିନ୍ତୁ ହୋ' ହୋ' ହୋଇ ଖୁବ୍ ଜୋରରେ ହସି ଉଠିଲେ ଶ୍ରୀକାନ୍ତ । ହସି ସାରି ସେ କହିଲେ, 'ଅନେକ ଜିନିଷକୁ ଆବଶ୍ୟକ ଅନୁସାରେ ଠିକ୍ ତା'ର ଓଲଟା ବୋଲି ମନେ କରି ନିଆଯାଇ ପାରେ···, କିନ୍ତୁ ଏଇ କ୍ଷେତ୍ରରେ ସେହିପରି ମନେ କରି ନେବାଟା ଅତି ଅବାନ୍ତର କଥା ହେବ । ତଥାପି···ଆପଣଙ୍କର କଥାହିଁ ହେଉ, ମନେ କରି ନିଆଗଲା ଯେ—ଆପଣ ଜଣେ ପୁରୁଷ, କିନ୍ତୁ ତା'ପରେ··· ?'

'ତା ପରେ ଆଉ କ'ଣ···?' ଯେଉଁସବୁ ପାହାଡ଼କୁ ଆପଣ ଥରେ ଉଠି ଗଲଦ୍‌ଘର୍ମ ହେଉ ପଡ଼ୁଚନ୍ତି—ତାକୁ ଆମେ ଆଉଥରେ ଉଠି ଦେଖିବା। ସୁବିଧା ଦେଖି ଆପଣ ଗୋଟାଏ ଦିନ ଠିକ୍ କରି ପକାନ୍ତୁ, ଆମେ ସେଇଦିନ ସାଙ୍ଗହୋଇ, ବେଶି ନ ହେଉ, ସବୁଠୁ ରମଣୀୟ ଦୃଶ୍ୟଟି ଦେଖି ନେବା।' ନନ୍ଦା କହିଲା।

ଶ୍ରୀକାନ୍ତ କହିଲା—'ଆଉ ତା' ଭିତରକୁ ମୋତେ ଠେଲନ୍ତୁ ନାହିଁ ନନ୍ଦାଦେବି···ସେ ସବୁକୁ ଯେତେ ଦେଖିଲେ ବି ମୋର ଲୋଭ ଛାଡ଼ିବ ନାହିଁ, କିନ୍ତୁ ସେଇ ତୁଳନାରେ ଯେଉଁ ପଥଶ୍ରମ···ପୁଣି ହିଂସ୍ର ଜନ୍ତୁଙ୍କର ଭୟ ତ ଅଛି··· ?'

ଏଇ ଯେ ଦୁଇଟି ଅସୁବିଧା କଥା ଆପଣ କହିଲେ, ଯା'କୁ ଛଡ଼ା ଆପଣଙ୍କର ଆଉ କିଛି କହିବାକୁ ଅଛି ?' ଟିକିଏ ହସି ନନ୍ଦା ପଚାରିଲା।

ଶ୍ରୀକାନ୍ତ କହିଲା—'ଏଇତ ସବୁଠୁ ବଡ଼ ଅସୁବିଧା···'

ନନ୍ଦା କହିଲା—ତା' ହେଲେ ଆପଣ ନିଶ୍ଚିନ୍ତ ରହନ୍ତୁ, ଆପଣଙ୍କର ଦେହ ହାତର ବଥା କମିବା ପାଇଁ, ମୁଁ ଗୋଟାଏ ସୁବିଧା ପ୍ରେସ୍‌କ୍ରିପ୍‌ସନ୍ ଲେଖିଦେବି, ଆଉ ହିଂସ୍ରଜନ୍ତୁଙ୍କ ତରଫରୁ ମୁଁ ଆପଣଙ୍କର 'ଜାନ୍‌ମାଲ୍'ର ଦାୟିତ୍ୱ ବି ନଉଚି। ଯେତେବେଳ ଯାଏ ମୋ ହାତରେ ଦୁ'ନଳିଆ ବନ୍ଧୁକ ଥିବ, ସେତେବେଳ ପର୍ଯ୍ୟନ୍ତ ସେମାନେ ଆପଣଙ୍କର କିଛି କରିବାକୁ ସାହସ କରିବେ ନାହିଁ। କ'ଣ, ଏଇଥର ହେଲା··· ?'

ଅଗତ୍ୟା ଶ୍ରୀକାନ୍ତ ପ୍ରସ୍ତାବ ସପକ୍ଷରେ ସମ୍ମତି ଜଣେଇଲା। ନନ୍ଦା ତାକୁ ଆଉ ଟିକିଏ ଚେତେଇ ଦେଲା—'ଦେଖନ୍ତୁ ଶୀଘ୍ର ଯେମିତି ଆପଣ ବାହାରିବେ, ମୋତେ ହୁଏତ ଅଳ୍ପ କିଛି ଦିନ ପରେ ବାହାରକୁ ଯିବାକୁ ପଡ଼ିପାରେ।'

ଶ୍ରୀକାନ୍ତ କହିଲା—'ଆପଣ ବ୍ୟସ୍ତ ହେବେ ନାହିଁ, ଖୁବ୍ ଶୀଘ୍ର ମୁଁ ସେ ସବୁର ବନ୍ଦୋବସ୍ତ କରୁଚି, ଆଚ୍ଛା ଆଜି ଏତିକି···ନମସ୍ତେ।'

'ନମସ୍ତେ···।'

ସାଇକେଲ୍‌ଟାକୁ ଗଡ଼େଇ ଗଡ଼େଇ ଶ୍ରୀକାନ୍ତ ବିଲ ଅଡ଼କୁ ଆଗେଇ ଗଲା । ନନ୍ଦା ଚେଡିକ ଉପରକୁ ଉଠିପଡ଼ି, କଦମ୍ ଚାଲିବାକୁ ନିର୍ଦ୍ଦେଶ ଦେଲା ।

ଏ'ପଟରେ ଆଉ କାମ ନାହିଁ ନନ୍ଦାର । ପୁରୁଣା ଗୁଡ଼ା ପ୍ରାୟ ସବୁ ପଢ଼ା ସରିଗଲାଣି । ଆଉ ଯାହାକିଛି ବାକି ଅଛି, ଏଇନେ ପଢ଼ିବାକୁ ମନ ହଉନି, ତେଣୁ ଏଇ ସମୟଟାକୁ ଆଈଙ୍କ ପାଖରେ ଯାଇ ବସି କଥାଆଳାପ କଟେଇ ଦେଲେ ମନ୍ଦ ହୁଅନ୍ତା ନାହିଁ··· ।

ଚାଲି ଚାଲି ହେଇ ଆଈଙ୍କ ଘର ପର୍ଯ୍ୟନ୍ତ ନନ୍ଦା ଆଗେଇ ଗଲା । ଅଗଣାର ଗୋଟିଏ ପାଖକୁ ଅଳପ ଖରା ଆଉ ଛାଇରେ ବସି, ଆଈ ପୁରୁଣା ଲୁଗାପଟା ଦେଇ ଗୋଟାଏ ଚମତ୍କାର କନ୍ଥା ସିଲେଇ କରୁଚନ୍ତି । ପ୍ରତ୍ୟେକ ଲୁଗାର ଖଣ୍ଡଗୁଡ଼ିକ ପରସ୍ପର ଏକାଠି ସିଲେଇ ହେଇ ବଡ଼ ସୁନ୍ଦର ଦିଶୁଚି ।

ଆଈଙ୍କୁ ପ୍ରଣାମ କରିସାରି ନନ୍ଦା କହିଲା—'କ'ଣ, କୁଟୀରଶିଳ୍ପରେ ଲାଗିଚ ଆଈ ?' ତା'ପରେ ତାଙ୍କର ପାଖରେ ତଳଟାରେ ବସି ପଡ଼ିଲା । ଆଈ କହିଲେ—'ତଳଟାରେ ବସି ପଡ଼ିଲୁ କାହିଁକି, ଲୁଗାଟା ଖରାପ ହେଇ ଯିବ ଯେ··· ?'

'ଖରାପ ହଉ—ତମେ ତ ପୁଣି ତଳେ ବସିଚ, ତମ ଲୁଗା ବି ତ ଖରାପ ହଉଚି ।' ନନ୍ଦା କହିଲା ।

ଆଈ ହସିଲେ । କହିଲେ—'ଆମ ଯୁଗର ଲୋକମାନେ ଏ ସବୁ କାମକୁ ଅଭ୍ୟାସ କରି ନେଇଚନ୍ତି, ତମକୁ ଏ ସବୁ ଅଡୁଆ ଲାଗିବ । ତଳେ ଗଦି ଆଉ ଉପରେ ବିଲାତି କମ୍ବଳ ଘୋଡ଼େଇହେଇ ତୁ ଶୋଇବା ମଣିଷ । ଏ ଜୀବନ ଶିଳ୍ପର ମର୍ଯ୍ୟାଦା ତୁ ବୁଝିବୁ କୁଆଡ଼ୁ··· ?'

ନନ୍ଦା କହିଲା—'ମୋ ଭଳି ଅଳପ କେତେଜଣ ନ୍ୟା'ର ମର୍ଯ୍ୟାଦା ନ ବୁଝିଲେ ବି ଶିଳ୍ପର ମୂଲ୍ୟ କମିଯିବ ନାହିଁ—ଆଈ ମୋ ପରି ଅପଦାର୍ଥ

ହାତରେ ଏ ଶିଳ୍ପ ସାର୍ଥକତା ପାଇବ ନାହିଁ, କିନ୍ତୁ ତମ ହାତରେ ନିର୍ଜୀବ ଛୁଞ୍ଚିସୂତା ବି ବେଶ୍ ଜୀବନ୍ତ ହୋଇ ଉଠିଚନ୍ତି ।'

'ହଉ—ସେ କଥା ଯାଉ—ତୁ ଆଜି କେମିତି ଚାଲି ଆସିଲୁ ?' ଆଈ ପଚାରିଲେ ।

ନନ୍ଦା ହସି ହସି କହିଲା—'ତମ ସହିତ କଜିଆ କରିବାକୁ ଚାଲି ଆସିଲି ।'

ଆଈ ନନ୍ଦା ମୁହଁକୁ ଚାହିଁ କହିଲେ—'ତୁ କେବେ ପୁରାଣ ପଢ଼ି ଏଇ କଜିଆ କରିବା କଥାଟା ଶିଖିଲୁ, ଏତେ ସତୀ...ତ୍ୟାଗୀ...ସହିଷ୍ଣୁ ନାରୀ ଚରିତ୍ରର ଅଧ୍ୟୟନ, ସବୁ କେବେ ନିଷ୍ଫଳ ହୋଇଗଲା...?'

ନନ୍ଦା କହିଲା—'ସେଇ କଥା ପଚାରିବାକୁ ତ ମୁଁ ତମ ପାଖକୁ ଆସିଚି ଆଈ, ପୁରାଣ ଯୁଗର ଗହଣାରୁ ତମ କହିବା ଭଳି ଚରିତ୍ର ମୁଁ ପଢ଼ିବାକୁ ପାଇଲି ନାହିଁ । ଯେଉଁ ଅଳ୍ପ କେତୋଟି ଚରିତ୍ରକୁ ପୁରାଣକାରମାନେ ଆକର୍ଷଣୀୟ କରି ଥୋଇଚନ୍ତି, ତା' ଭିତରୁ କୌଣସି ଗୋଟିଏ ହେଲେ ଅନୁକରଣୀୟ ନୁହେଁ । ଯେ କୌଣସି ଗୋଟିକୁ ଅନୁକରଣ କରିବାକୁ ମନକଲେ ନିଜର ଆତ୍ମସମ୍ମାନକୁ ଜଳାଞ୍ଜଳି ଦେବାକୁ ପଡ଼ିବ । ତା' ଅପେକ୍ଷା ଯେମିତି ଅଛୁ, ଆମେ ବରଂ ବେଶ୍ ଅଛୁ ।'

ଆଈ କହିଲେ—'ତମ ଆଜିକାଲିର ପାଠୁଆ, ପାଠୋଇମାନଙ୍କ ଆଖିକୁ ତ ସବୁ ସେଇମିତି ଜଣାପଡ଼ିବ । ଟିକିଏ ଉଦାହରଣ ଦେଇ ମୋତେ ବୁଝେଇ ଦେଲୁ ତୋ କଥାର ତାତ୍ପର୍ଯ୍ୟ କଉଠି...?'

ନନ୍ଦା ବେଶ୍ ଆସନ ଜମେଇ ବସିଲା । ତା'ପରେ କହିଲା—'ପୁରାଣ ଯୁଗର କଥାକଥିତ ସତୀମାନଙ୍କ ପାଖରୁହିଁ କଥାଟାକୁ ମୁଁ ଆରମ୍ଭ କରୁଚି ଆଈ ! ପ୍ରାତଃସ୍ମରଣୀୟ ଶ୍ଳୋକ ଅନୁସାରେ ସତୀମାନଙ୍କର ତାଲିକା ହଉଚି—ଅହଲ୍ୟା, ଦ୍ରୌପଦୀ, କୁନ୍ତୀ, ତାରା ଆଉ ମନ୍ଦୋଦରୀ; ଆଉ ଏଇ ସତୀ କନ୍ୟାମାନଙ୍କୁ ସକାଳୁ ଉଠି ସ୍ମରଣ କଲେ କୁଆଡ଼େ ମହାପାତକ ସବୁ ନାଶ ହୋଇଯିବ । ଏ କଥା କ'ଣ ସତ ଆଈ ?'

କନ୍ଥାର ଗୋଟାଏ ଧାଡ଼ି ପୁରାପୂରି ସିଲେଇ କରସାରି ଆଉ ଗୋଟାଏ ନୂଆ ଧାଡ଼ିରେ ଛୁଞ୍ଚି ଚଳାଉ ଚଳାଉ କହିଲେ—'ମିଛ ହବ କାହିଁକି, ପୁରାଣର ପ୍ରତ୍ୟେକ ଧାଡ଼ିହିଁ ବେଦବାକ୍ୟ ।'

ନନ୍ଦା କହିଲା—'ଅଥଚ, ସତୀ କହିଲେ ସାଧାରଣ ଅର୍ଥରେ ଯାହା ବୁଝାଏ, ଏମାନଙ୍କ ଭିତରୁ କାହାରି ପାଖରେ ଏ ଅର୍ଥର କୌଣସି ସାଫଲ୍ୟ ନାହିଁ । ଏ ସମସ୍ତଙ୍କର ଏକାଧିକ ସ୍ୱାମୀ ଥିଲେ । ଦ୍ରୌପଦୀ ତ ତା' ଭିତରୁ ରେକର୍ଡ଼ ସୃଷ୍ଟି କରିଚନ୍ତି, ଏକାବେଳକେ ପଞ୍ଚନାୟିକା ସେ··· ଏମାନଙ୍କୁ ସ୍ମରଣ କଲେ ଯଦି ମହାପାତକ ସବୁ ନାଶ ହୋଇଯିବ—ତେବେ ଆଜିକାଲିର ଯେ କୌଣସି ରୂପଜୀବୀର ନାମ ସ୍ମରଣ କଲେ ତ ମହାମହା ପାତକ ସବୁ ନାଶ ହୋଇଯିବାର କଥା ।'

ଆଈଙ୍କ ହାତରୁ ଛୁଞ୍ଚିସୂତା ଖସି ପଡ଼ିଲା । କିଛି ନ କହି ଏକ ବିସ୍ମୟାତ୍ମକ ଦୃଷ୍ଟିରେ ସେ ଚାହିଁ ରହିଲେ ନନ୍ଦା ମୁହଁକୁ···।

ଆଈଙ୍କର ଭାବାନ୍ତର ଉପରେ କୌଣସି ଗୁରୁତ୍ୱ ନ ଦେଇ ନନ୍ଦା ପୁଣି କହିଲା—'ରାମାୟଣ ଯୁଗର ଶ୍ରେଷ୍ଠନାୟିକା ସୀତାଙ୍କ ଚରିତ୍ରକୁ ଅନୁଶୀଳନ କରି ମଧ୍ୟ ମୁଁ କୌଣସି ପ୍ରଶଂସାର କଥା ଦେଖିବାକୁ ପାଇଲି ନାହିଁ । ନିଜ ସ୍ୱାମୀଙ୍କ ସହିତ ଚଉଦବର୍ଷ ପର୍ଯ୍ୟନ୍ତ ସେ ବଣକୁ ବାହାରି ଯାଇପାରିଥିଲେ ବୋଲି ଆମେ ତାଙ୍କର ପ୍ରଶଂସାରେ ପଞ୍ଚମୁଖ ହୋଇପଡୁ । କିନ୍ତୁ ତା' ଭିତରେ ତାଙ୍କର ତ୍ୟାଗର କଥା କ'ଣ ଅଛି ? ଇଏ କେବଳ ଏକ ବମ୍ବଟ ସ୍ୱାର୍ଥପରତା । ବୃଦ୍ଧ ଶ୍ୱଶୁର ଆଉ ବୃଦ୍ଧା ଶାଶୁଙ୍କର ସେବା କରିବା ଛାଡ଼ି, ନିଜର ଦାମ୍ପତ୍ୟ ସୁଖକୁ ଚରିତାର୍ଥ କରିବାପାଇଁ ଯଦି ଜଣେ ସ୍ତ୍ରୀ ନିଜର ସ୍ୱାମୀ ସହିତ ପଦାକୁ ବାହାରି ପଡ଼େ, ତେବେ ପ୍ରଶଂସା ପାଇଲା ପରି କାମ ସେ କ'ଣ କଲା ? କେବଳ ସ୍ୱାମୀ ସହିତ ଚହଟ ଘଣ୍ଟା ବୁଲିଲେ କ'ଣ, ଜଣେ ସ୍ତ୍ରୀର ସମସ୍ତ କର୍ତ୍ତବ୍ୟ ସମ୍ପାଦନ ହୋଇଗଲା ବୋଲି ଆମେ ନେବା ? ପରିବାରର ଅନ୍ୟମାନଙ୍କ ପ୍ରତି କ'ଣ ତା'ର କିଛି କର୍ତ୍ତବ୍ୟ ନାହିଁ ? ବିଶେଷତଃ ବୃଦ୍ଧ ଶ୍ୱଶୁର ଆଉ ବୃଦ୍ଧା ଶାଶୁ, ଏମାନଙ୍କର ଦାୟିତ୍ୱ କ'ଣ ଭାରି ଛୋଟ କାମଟିଏ ନା ଭାରି ବିନ୍ଧା ଅର୍ଜନ କଲାପରି କାମ ?

ମୋର ତ ମନେହୁଏ ଦାମ୍ପତ୍ୟ ସୁଖକୁ ଚଉଦଟି ବର୍ଷ ପାଇଁ ଜଳାଞ୍ଜଳି ଦେଇ ସେ ଯଦି ବୁଢ଼ା ଶ୍ୱଶୁର ଆଉ ବୁଢ଼ୀ ଶାଶୂଙ୍କ ସେବାରେ ନିଜକୁ ନିୟୋଜିତ କରି ପାରିଥାନ୍ତେ, ତେବେ ତାଙ୍କର ଚରିତ୍ର ଆହୁରି ମହନୀୟ ହୋଇପାରିଥାନ୍ତା । ଅଧିକନ୍ତୁ ତାଙ୍କୁ ରାକ୍ଷସପୁରୀରେ ରହିବାର ଅପବାଦ ମୁଣ୍ଡେଇବାକୁ ପଡ଼ି ନଥାନ୍ତା ଓ ଗର୍ଭ ବେଦନାର କରୁଣତମ ସମୟରେ ବନବାସ କରିବାର ଦଣ୍ଡ ଭୋଗିବାକୁ ପଡ଼ି ନଥାନ୍ତା । ତାଙ୍କର ଶେଷ ଜୀବନକୁ ଦୁଃଖମୟ କରିବାର ପ୍ରଧାନ ହେତୁ ହେଉଛି ତାଙ୍କ ପ୍ରଥମ ଜୀବନର ନିପଟ ସ୍ୱାର୍ଥପରତା ।

'...ଆଉ, ପ୍ରାଚୀନଯୁଗର ଆଉ ଗୋଟିଏ ବିଶିଷ୍ଟ ଚରିତ୍ର ହେଉଚନ୍ତି ସାବିତ୍ରୀ...। ସେ ଯୁଗର ପ୍ରାଚୀନପନ୍ଥୀ ଆଉ ରକ୍ଷଣଶୀଳ ମନୋବୃତ୍ତିର କଥା ବାଦ ଦିଅ । ସେ ସମୟରେ ସ୍ତ୍ରୀ ଲୋକମାନଙ୍କୁ ଘର କୋଣରେ ହାତେ ଓଢ଼ଣା ଦେଇ ରହିବାକୁ ପଡ଼ୁଥିଲା, ବୟଃପ୍ରାପ୍ତା କନ୍ୟାମାନଙ୍କୁ ସୂର୍ଯ୍ୟଚନ୍ଦ୍ର ଦେଖିଲେ ବି କୁଆଡ଼େ ତାହା ଏକ କଳଙ୍କର କଥା ହେଉଥିଲା ଆଜିର ପ୍ରଗତିପନ୍ଥୀ ଯୁଗରେ ସବୁ କିଛି ବଦଳି ଗଲାଣି । ଝିଅମାନେ ପରଦାକୁ ବାହାରିଲେଣି, ଏକା ଏକା କଲେଜ୍ ଗଲେଣି ଏବଂ କେବେ କେବେ ସେକେଣ୍ଡ୍ ସୋ ସିନେମା ବି ଦେଖିବାକୁ ଅନୁମତି ପାଇଲେଣି...। ତଥାପି ଏଇ ଆଣବିକ ଯୁଗର ଗୋଟିଏ ଝିଅ ଯଦି, ନିଜର ପତି ମନୋନୟନ କରିବା ପାଇଁ ଦେଶ ଦେଶ ବୁଲିବାର ଅଭିଳାଷ ପ୍ରକାଶ କରେ ଏବଂ ସେଇଥିପାଇଁ ନିଜର ବାପ, ମା'ଙ୍କ ଉପରେ ଅଯଥା ଚାପ ପକାଏ, ସେଇଭଳି ଝିଅଟିକୁ ତୁମେ କ'ଣ ଖୁବ୍ ଭଲଦୃଷ୍ଟିରେ ଦେଖିବ ଆଉ ? ବରଂ ତୁମେ ତାକୁ କହିବ—ନିର୍ଲଜୀ-ବେହିଆ । କାହିଁକି...ଯଦି ମନ ମୁତାବକ ପାତ୍ରର ଆବଶ୍ୟକତା ପଡ଼ୁଥିଲା ତେବେ ଅଶ୍ୱପତି ତ ଏକ ସ୍ୱୟଂବର ସଭାର ବନ୍ଦୋବସ୍ତ କରିପାରି ଥାଆନ୍ତେ ! ସେଇ ସଭାରେ ତାଙ୍କର କନ୍ୟା ଉପଯୁକ୍ତ ପାତ୍ରଙ୍କ ଗଳାରେ ବରଣମାଳା ଗଳେଇ ଦେଇ ପାରିଥାନ୍ତେ । ସେଭଳି ସୁବିଧା ଥାଉଁ ଥାଉଁ ଏ ପ୍ରହସନର କ'ଣ ଆବଶ୍ୟକତା ଥିଲା ? ଆଜିକାଲି ଯୁଗରେ ଏପରି ଏକ ଝିଅ ଜନ୍ମିବାର ସୂଚନା ମିଳିଲେ ବାପ 'ମା'

ପ୍ରଥମରୁହିଁ ଜନ୍ମନିୟନ୍ତ୍ରଣ କରି ପକାନ୍ତେ ଏବଂ କୌଣସି ପ୍ରକାରରେ ଯଦି ଏମିତି ଏକ ଝିଅ ଜନ୍ମହୋଇ ପଡ଼ନ୍ତା—ତେବେ ଅନୁଷଙ୍ଗରୁ ସେ ଝିଅର ଜୀବନ ଉପରେ ଯବନିକା ପଡ଼ିଯାଆନ୍ତା ।’

ଆଈଙ୍କର କଣ୍ଠ ସିଲେଇ ମେଶିନରେ ରହିଗଲା । ନନ୍ଦାର ଏଭଳି ଯୁକ୍ତିସମ୍ମତ କଥାକୁ ଅନ୍ତରର ସହିତ ଗ୍ରହଣ କରିବାକୁ କୁଣ୍ଠା ଜାଗୁଥିଲେ ବି ନନ୍ଦାର ମତ ପ୍ରତିକୂଳରେ ମତପୋଷଣ କରିବାକୁ କୌଣସି ଯୁକ୍ତି ତାଙ୍କ ପାଖରେ ନଥିଲା । ଅନନ୍ୟୋପାୟ ହୋଇ ସେ କହିଲେ, ‘କେଜାଣି ମା’ ସେକଥା ଆମେ କ’ଣ ଜାଣୁ···ଏତେ କଥା ବୁଝି ସମଝି କ’ଣ ଆମେ ଏ ସବୁକୁ ପଢ଼ୁ ? ତୋ ଭଳି ଏତେ ପାଠ ପଢିଥିଲେ ଅବା ମୁଁ ବୁଝିଥାନ୍ତି ଏ ଭିତରେ ଏତେ କଥା ଅଛି ବୋଲି···।’

ଆଈଙ୍କୁ ହତାଶ ହେବାର ଦେଖି ନନ୍ଦା ଟିକିଏ ହସିଲା । କହିଲା—‘ହଉ ଥାଉ ଥାଉ ଆଈ, ତମ ଗିଲପରେ ତମେ ମନୋନିବେଶ କର, ମୁଁ ବର୍ତ୍ତମାନ ଯାଏ···।’

ଆଈଙ୍କ ପାଖରୁ ଫେରି ପିଆନୋ ପାଖରେ ବସିଲା ନନ୍ଦା । ଗୋଟାଏ ଟେଲିକଷ୍ଟ୍ରିୟୁ ଇଂଲିଶ୍ ଟ୍ୟୁନିଙ୍ଗ୍ ବଜେଇବାକୁ ଚେଷ୍ଟାକରି ସେ କୃତକାର୍ଯ୍ୟ ହୋଇପାରିଲା ନାହିଁ । ପିଆନୋଟା ଉପରେ ବିରକ୍ତ ହୋଇ ସେ ଖଣ୍ଡେ ବହିଧରି ବସିଲା । କିନ୍ତୁ ବହି ପଢ଼ାରେ ବି ମନ ତା’ର ଲାଗିଲାନି । ଶେଷକୁ ଯା···ବର୍ତ୍ତମାନ କ’ଣ କରାଯାଇପାରେ ନନ୍ଦା ବସି ଚିନ୍ତାକଲା । ତା’ର ମନେ ପଡିଲା ଶ୍ରୀକାନ୍ତ କଥା—କାହିଁ—ସେ ତ ଜମାରୁ ଏଆଡ଼କୁ ଆସିଲା ନାହିଁ···

ଆଚ୍ଛା, ସେ ନ ଆସୁ···ନନ୍ଦା ନିଜେ ଟିକିଏ ତାଙ୍କ ଘରଆଡ଼େ ଯା’ଇ ବୁଲିଆସିବ···।

ଅଳସ ଅପରାହ୍ଣର ନରମ ସୂର୍ଯ୍ୟକିରଣ ଭିତରେ ପଲ୍ଲୀପ୍ରାନ୍ତ ନିଦ୍ରାବିଭୋର, ସଙ୍ଗହୀନ ପରି ଜଣା ପଡ଼ୁଛି । ଗାଁଟିର ଅଧିକାଂଶ ଅଧିବାସୀ କୃଷୀ, ବିଲବାଡ଼ିରୁ ଫେରିବାର ସମୟ ସେମାନଙ୍କର ହୋଇନି, ଦାଣ୍ଡରେ ଇତସ୍ତତଃ ଗୋଟିଏ ଦୁଇଟି କାକୁଡ଼ି ଛେଳି ବୁଲୁଛନ୍ତି । କାହାଁରି କାହାରି ଘର ଆଗରେ ଅସ୍ଥାୟୀ କୁକୁଡ଼ା ଦମ୍ପତିଙ୍କ ଭିତରେ କଜିଆ ଲାଗିଛି ।

ଶ୍ରୀକାନ୍ତର ଘର ଖୋଜି ପାଇବାକୁ ଅସୁବିଧା କିଛି ହେଲା ନାହିଁ । ସେବ ନନ୍ଦାକୁ ବାଟ ଦେଖେଇ ନେଇଗଲା ।

ସାଧାରଣ ଦରିଦ୍ର ପଲ୍ଲୀଜୀବୀର ଆଶ୍ରୟ··· । ଭିତରକୁ ପଶିଲା ନନ୍ଦା । କେହି ନାହିଁ ଭିତରେ । ଦୁଇଟି ବାସପୋଯୋଗୀ କୋଠରୀର ଝରକା ଖୋଲା । କିନ୍ତୁ ଦୁଆରେ ଝୁଲୁଚି ଶସ୍ତା ଠାଇଗର୍ ତାଲା । ସେପଟକୁ ଆଉ ଗୋଟିଏ କୋଠରୀ, କବାଟ ଆଉଜା ହୋଇଛି—ଏ ପଟେ ଗୋଷାଇ ଘରଟିରେ ଖାଲି ଜଙ୍ଗିରଟିଏ ଦିଆ ହୋଇଛି ମାତ୍ର ।

କାହାକୁ ନ ଦେଖି, ଫେରି ଆସିବାକୁ ଭାବୁଥିଲା ନନ୍ଦା । ଏତିକି ବାଟ ଚାଲିଚାଲି ଆସିବା ତାର ଅକାରଣ ହୋଇଗଲା । ସେବ କହିଲା— 'ଶ୍ରୀକାନ୍ତ ଭାଇଙ୍କର ମା'ଙ୍କୁ ଦେଖିବ ନାହିଁ, ଦେଈ ?'

ଏ ଘର ଭିତରେ ମଣିଷ ଅଛନ୍ତି ବୋଲି ନନ୍ଦା ଭାବୁ ନଥିଲା । ତେଣୁ ସେବ କଥାରେ ଆଶ୍ଚର୍ଯ୍ୟ ହୋଇ ସେ ପଚାରିଲା—'କେଉଁଠି ଅ।ଅଛନ୍ତି କି ସିଏ ?'

ସେବ କହିଲା···'ସେଇ ଯେ ଘରଟି ଭିତରୁ ବନ୍ଦ କରା ହୋଇଛି, ତା'ରି ଭିତରେ ସେ ଅଛନ୍ତି । ରୋଗୀ ମଣିଷ, ସବୁବେଳେ ବିଛଣାରେ ପଡ଼ି ରହନ୍ତି । ଆସ, ତାଙ୍କୁ ଟିକିଏ ଦେଖିଯିବ ।'

ନନ୍ଦା ଆଉ ସେବ, ଦର ଆଉଜା ହୋଇଥିବା କବାଟ ଠେଲି ଭିତରେ ପଶିଲେ । କବାଟ ମେଲା ହେବାର ଶବ୍ଦରେ ରୋଗିଣୀ ଆଖି ମେଲେଇ ଚାହିଁଲେ ।

ସେବ କହିଲା—'ତମକୁ ଦେଖିବାକୁ ନନ୍ଦା ଦେଈ ଆସିଚନ୍ତି ମାଉସି !' ମୁଣ୍ଡ ପାଖର ମାଣ୍ଡିଆକୁ ଅଳପ ଠେକି ଦେଇ ଦରଶୁଆ ଅବସ୍ଥାରେ ବସି ରୋଗିଣୀ ସେବକୁ ଗୋଟାଏ ଚାବିକାଠି ଦେଇ କହିଲେ, 'ଯା'ତ ମା', ସେଠୁ ଗୋଟାଏ ମାଞ୍ଚି ନେଇ ଆସିବୁ, ଟିକେ ଦେଈ ବସିବେ ।'

ସେବ ଚାବିକାଠି ନେଇ ଚାଲିଗଲା । ନନ୍ଦା ଠିଆ ହୋଇ ଘରର ଚାରି ଆଡ଼କୁ ଚାହିଁଲା—ବେଶ୍ ପରିଷ୍କାର ପରିଚ୍ଛନ୍ନ ଘରଟି । ଘରର

ଝିନଆଡ଼େ ଝରକା ଖୋଲା···ବାୟୁ ସଞ୍ଚାଳନର କୌଣସି ଅସୁବିଧା ନାହିଁ । ବିଛଣା ବି ବେଶ୍ ପରିଷ୍କାର ପରିଛନ୍ନ··· । ଟିକିଏ ସଙ୍କୁଚିତ ହୋଇ ନନ୍ଦା ପଚାରିଲା—'ତମର କ'ଣ ହୋଇଚି କି ମାଉସି ?'

ସେବକ ଗୋଟାଏ ଦଉଡ଼ି ବୁଣା ମାଞ୍ଚି ନେଇ ଆସିଲା । ତା' ଉପରେ ବସି ନନ୍ଦା ପୁଣି ପଚାରିଲା—'ଘରେ ତ ଆଉ କେହି ନ ଥିଲା ପରି ମନେ ହେଉଚି !'

ରୋଗିଣୀ ଟିକିଏ ଶୁଖିଲା ହସ ହସି କହିଲେ—'ଆଉ କିଏ ଥିବ ମା' ! ଘରେ ତ ଆମେ ମା'ଟିଏ, ପୁଅଟିଏ···ଶ୍ରୀକାନ୍ତ ବିଲ କାମରୁ ଫେରି ନାହିଁ, ସେ ଫେରି ଆସୁଥିବ ଯେ··· ମୋତେ ଏଇ ଶ୍ୱାସ ରୋଗଟା ଧରିଲା ଦିନୁ, ସେ ବିଲ ବାଡ଼ି କାମ ବି ଆଉ ଠିକ୍ କରି ପାରୁନାହିଁ । ମୋ ସେବାରେ ତ ତା'ର ଅଧେ ଦିନଯା ବେଳ କଟି ଯାଉଚି··· ।'

ନୂତନ ପରିବେଶର ସଙ୍କୁଚିତ ଭାବଟା ନନ୍ଦା ମନରୁ କଟି ଯାଉଥିଲା । ସେ ପୁଣି ପଚାରିଲା—ତେବେ ତୁମେ ରୋଗର ଚିକିତ୍ସା କାହିଁକି କରୁନା ? ରୋଗରେ ପଡ଼ି ତମର ବୟସ ଅନେକ ବଢ଼ିଗଲା ପରି ମନେ ହେଉଚି ଯେ' ।

ମୁହଁରେ କରୁଣ ଭାବ ଫୁଟେଇ ରୋଗିଣୀ କହିଲେ—'ଦିନାକେତେ ପୁଅ ଖୁବ୍ ଔଷଧ ପତ୍ର ଆଣି ଖୁଆଇଲା, କିନ୍ତୁ ଔଷଧପତ୍ର କିଛି କାମ ଦେଲା ନାହିଁ । ଯାହାକିଛି ପଇସା ପତ୍ର ଥିଲା ସବୁ ସେଇ ବାଟରେ ଗଲା । ଶେଷକୁ ଔଷଧପତ୍ର ଆଉ ନ କିଣିବାକୁ ମୁଁ କହିଲି । ଆମର ତ ଗରିବ ଘର ମା', ଏତେ ଔଷଧ ଆମେ କିଣି ପାରିବୁ କଉଠୁ ? ବରଂ ସେଇ ପଇସାକୁ ବିଲ ବାଡ଼ିରେ ଲଗେଇଲେ ପେଟ ଚିନ୍ତାରୁ ସାହା ମିଳିବ । ଏ ଜୀବନରେ ରୋଗ ମୋତେ ଛାଡ଼ିବ ନାହିଁ, ଅଯଥାରେ ଭୋକ ଉପାସରେ ପଡ଼ିବା ଅପେକ୍ଷା, ପେଟକୁ ଗଣ୍ଡେ ଖାଇବାକୁ ତ ମିଳୁଥିବ··· ।'

ନନ୍ଦା କହିଲା—'ଘରେ ଲୋକର ଏତେ ଅଭାବ···ତମର ସେବା ଶୁଶ୍ରୂଷା କରିବାକୁ କେହି ନାହିଁ—ଶ୍ରୀକାନ୍ତବାବୁଙ୍କୁ ବାହାକରେଇ ଦଉନ···ବିଲବାଡ଼ି କାମର କିଛି ଅସୁବିଧା ହୁଅନ୍ତା ନାହିଁ, ତମର ସେବାରେ ବି କୌଣସି ତ୍ରୁଟି ହୁଅନ୍ତା ନାହିଁ ।'

ଯୋଗିଣୀ ଟିକିଏ ହସି କହିଲେ—'ସେ ଚେଷ୍ଟା ମୁଁ କ'ଣ କରିନାହିଁ ? ସେ କ'ଣ ମାନୁଛି ଯେତେ କହିଲେ··· ? ବରଂ ମୋର ପୁଅ, ଝିଅ, ବୋହୂ, ସମସ୍ତଙ୍କର କାମ ସେ କରି ଦଉଛି, ବୋହୂଟିଏ ଇଆଡୁ ଆଉ ବେଶୀ କ'ଣ କରିବ ମା', ସେ ଯାହା କରୁଛି, ଖୁବ୍ କରୁଛି···।'

ନନ୍ଦା ଆଉ କିଛି କହିଲା ନାହିଁ, ଚୁପ୍ ବସି ରହିଲା । ଯୋଗିଣୀ ପୁଣି କହିଲେ—'ଶ୍ରୀକାନ୍ତକୁ ଆଉ ପଢ଼େଇ ପାରିଲି ନାହିଁ, କଲେଜ୍‌ରେ ନାଁ ଲେଖେଇ ଥିଲା, ଦି'କ୍ଲାସ୍ ପଢ଼ିଥିଲା, ହେଲେ ତାକୁ ତ ମୋ ଚିନ୍ତା ସବୁ ଲାଗିଲା—କୌଣସି ମତେ ପରୀକ୍ଷାଟା ଦେଲାସିନା, ମନର ଇମିତି ଅବସ୍ଥାରେ କ'ଣ ଭଲ ଫଳ ବା ଦେଖେଇବ ? ସେ ଫେଲ୍ ହେଲା— କେତେ ପିଲା ତ ଫେଲ୍ ହଉଚନ୍ତି, ଖବର କାଗଜରେ କାହୁଁଛି ଗତେ ପିଲା ପରୀକ୍ଷା ଦେଲେ ଏକୋଇଶ୍ କି ବାଇଶ୍ ଜଣ ପିଲା ପାଶ୍ କରୁଚନ୍ତି ବୋଲି—ହେଲେ ଅନ୍ୟମାନଙ୍କର ପଇସା ଅଛି, ପାଞ୍ଚଥର ପରୀକ୍ଷା ଦେଇ ପାରୁଚନ୍ତି, ଶେଷକୁ ପାଶ୍ ବି କରୁଚନ୍ତି । ଆମର ସେ ସୁବିଧା କାହିଁ ? ତା' ହାତକୁ ମୁଁ ଏଣେ ଚାହିଁ ବସିଚି··· । ପିଲାଟାର ମନ ଭାଙ୍ଗିଗଲା, ସେଇ ଧକ୍କାରେ ସେ ଆଉ ଉପରକୁ ଉଠି ପାରିଲା ନାହିଁ । ପଢ଼ା ତା'ର ସେଇଠିରେ ରହିଲା—କିନ୍ତୁ ମୁଁ ତ ଜାଣୁଚି, ସାଧାରଣ ଆଇ. ଏ, ବି. ଏ, ପାଶ୍‌କରା ପିଲାର କେତେ ଉପରେ ମୋ ଶ୍ରୀକାନ୍ତର ସ୍ଥାନ···ସବୁ ଭାଗ୍ୟ କଥା ମା'···

ଯୋଗିଣୀଙ୍କ କଥାରେ ସମବେଦନା ଜଣେଇ ନନ୍ଦା କିଛି କହିବାକୁ ଯାଉଥିଲା । ଏଇ ସମୟରେ ବିଲ କାମରୁ ଫେରି ଶ୍ରୀକାନ୍ତ ଘରେ ପହଞ୍ଚିଲା । ନନ୍ଦାକୁ ଦେଖି ନମସ୍କାର ଜଣେଇ ସେ କହିଲା—'ଏ ଗରିବ ଘରକୁ କିମିତି ଚାଲି ଆସିଲେ ଆଜି···କେତେବେଳୁ ଆସିଲେଣି··· ?'

ନମସ୍କାର ଫେରେଇ ନନ୍ଦା ଶ୍ରୀକାନ୍ତ ଆଡ଼କୁ ଚାହିଁଲା···ଶ୍ରୀକାନ୍ତ ବିଲକାମରୁ ସଞ୍ଜରେ ଫେରୁଛି···ଗ୍ଲେଟିଆ ଲୁଗାଟିଏ ପିନ୍ଧିଛି, ମୁଣ୍ଡରେ ଠେକା ଭିଡ଼ା ହେଇଚି, ଦେହ ହାତ ଚାରିଆଡ଼େ ଲାଗିଚି କାଦୁଅ, ଶ୍ରୀକାନ୍ତର ସୁନ୍ଦର ଆଉ ପତଳା ଦେହର ଗୋରା ଚମ ଉପରେ କାଦୁଅର ଗୋଟାଏ

ବଡ଼ ଦାଗ, ଆକର୍ଷଣୀୟ ଲାଗିଲା ନନ୍ଦାକୁ । ଖୋଲା ଛାତର ନୀଚ ଦେଲୀମଣ ଅଂଗଣ୍ଠା ଉପରେ ବଡ଼ ଗୋଟାଏ କାଦୁଅର ପ୍ରଲେପ,···ବଲରାମ ଭିତରେ ହଠାତ୍ ଛିଟିକି ପଡଚି ବୋଧହୁଏ···ନନ୍ଦା ଭାବିଲା ।

ନନ୍ଦାର ଅନୁସନ୍ଧିତ୍ସୁ ଆଖି ଆଗରେ ଶ୍ରୀକାନ୍ତ ଟିକିଏ ସଂକୁଚିତ ହୋଇ ପଡ଼ିଲା । ନିଜର ଏଇ ଧୂଳି କାଦୁଅ ବୋଳା ଅବସ୍ଥା କଥାଟା ତା'ର ଜମାରୁ ମନେ ନ ଥିଲା । ନନ୍ଦା ତା' ଆଡ଼କୁ ଏମିତି ଚାହିଁ ଥିବାର ଦେଖି, ଟିକିଏ ସଲଜ୍ଜ ହସ ହସି ସେ କହିଲା—'କଣ ଦେଖୁଛନ୍ତି ନନ୍ଦାଦେଈ ! ପଲ୍ଲୀର ଗରିବ ମଣିଷ, ଆମର ଅସଲ ଚେହେରା ତ ଏଇ···!' ତା'ପରେ ତେଲ ଟିକିଏ ଧରି ସେ ବାରିପଟର ପୋଖରୀ ଆଡ଼କୁ ଆଗେଇ ଗଲା । ଗଲାବେଳକୁ ନନ୍ଦାକୁ ଉଦ୍ଦେଶ୍ୟ କରି କହିଲା—'ମୁଁ ଏଇ ଫେରି ଆସୁଚି, ପଳେଇ ଯିବେନାହିଁ !'

ଶ୍ରୀକାନ୍ତର ଅପସୃୟମାନ ଛାଇଟା ଆଡ଼କୁ ଚାହିଁ ନନ୍ଦା ଅନ୍ୟମନସ୍କ ହୋଇପଡ଼ିଲା । ସେକ ଘର ଭିତରୁ ପଦାକୁ ଯାଇ ଫୁଲଗଛରୁ ସୁନ୍ଦର ସୁନ୍ଦର ଫୁଲଗୁଡ଼ିଏ ବାଛି ତୋଳିବାକୁ ଲାଗିଲା । ଶ୍ରୀକାନ୍ତର ମା ବହୁତ କଷ୍ଟରେ ବିଛଣା ଛାଡ଼ି ପଦାକୁ ଉଠି ଆସିଲେ । ବାହାର ପିଣ୍ଡାର କାନ୍ଥକୁ ଆଉଜି ବସି ମନକୁ ଯାହା ଆସିଲା, ନନ୍ଦା ସହିତ ଗପିଲେ । ସେ ଗପର କୌଣସି ଆଦିଅନ୍ତ ନ ଥିଲେବି ଖୁବ୍ ଆଗ୍ରହର ସହିତ ନନ୍ଦା ସେ ସବୁକୁ ଶୁଣୁଥିଲା । ଆଉ, ତା କାନରେ ବାଜୁଥିବା କଥାସବୁ ଯେତେବେଳେ ପ୍ରଶ୍ନବାଚକ ଚିହ୍ନ ପାଖରେ ହଠାତ୍ ଅଟକି ଯାଉଥିଲା, ସେତେବେଳେ ହଁ, ନାଁ, କହି ସେ କଥାର ଜବାବ ଦେଉଥିଲା ।

ଶ୍ରୀକାନ୍ତ ଫେରି ଆସିଲା । ତା' ଆଡ଼କୁ ଚାହିଁ ନନ୍ଦା ପଚାରିଲା—'ଆପଣ ଏଇ ସନ୍ଧ୍ୟାବେଳରେ ଗାଧୋଇଲେ, ଏଇ ଥଣ୍ଡା ସମୟରେ ଆପଣଙ୍କର ଦେହ ଖରାପ ହେବନାହିଁ ?'

ଟିକିଏ ହସି ଶ୍ରୀକାନ୍ତ କହିଲା—'ଦେହ ଖରାପ ହେଲେ ବି ଆଉ କ'ଣ କରାଯିବ କହନ୍ତୁ—ଏ କାମ ତ କରିବାକୁଇ ପଡ଼ିବ ଏବଂ ଏଇ କାମ କରି କରି ଏଇ ସର୍ବସାଧାରଣ ଅବେଳରେ ଗାଧୋଇବା ଆମର ବି ଏକପ୍ରକାର ଅଭ୍ୟାସ ହୋଇଗଲାଣି ।'

ଘର ଭିତରେ ଅନ୍ଧାର କ୍ରମେ ଘନୀଭୂତ ହୋଇ ଉଠୁଥିଲା । ନନ୍ଦା ସେବକୁ ଡାକି ଶ୍ରୀକାନ୍ତକୁ ଏବଂ ତା' ମା'ଙ୍କୁ ନମସ୍କାର ଜଣେଇ ଫେରି ଆସିଲା ।

ନନ୍ଦାର ଦୈନନ୍ଦିନ କାର୍ଯ୍ୟସୂଚୀ ଏଣିକି ଏକ ଧାରାବାହିକ ରୂପ ନେଇଥିଲା । ସେଇ ସକାଳର ପ୍ରାତଃଭ୍ରମଣ, ତା ପରେ ବିଶ୍ରାମ—ଭୋଜନ ଓ ବିଶ୍ରାମ, ଅଧ୍ୟୟନ ଓ ତର୍କ, ଅଜାଙ୍କ ସହିତ ସାହିତ୍ୟାଲୋଚନା ଓ କେବେ କେମିତି ଶ୍ରୀକାନ୍ତ ସହିତ ବନଭ୍ରମଣର ଯୋଜନା । ଏସବୁ ଭିତରେ ନନ୍ଦା ଆଉ କିଛି ନୂତନତ୍ୱ ଦେଖୁନଥିଲା । ସବୁ ଜିନିଷ ତାକୁ କେମିତି ଅତି ସାଧାରଣ ଆଉ ପୁରୁଣା ଭଳି ମନେ ହେଉଥିଲା ।

କିନ୍ତୁ ନନ୍ଦା ମନେ ମନେ ଅସାଧାରଣ କିଛି ଖୋଜୁଁଥିଲା । ଅଥଚ ଦିନପରେ ରାତି ଓ ରାତି ପରେ ଦିନ ହୋଇ କେତେଟା ଦିନ ନନ୍ଦାର ମନ ଉପରେ କୌଣସି ରେଖାପାତ ନ କରି ବିତିଗଲା । ନନ୍ଦା ଭାବିଲା—ପଲ୍ଲୀଜୀବନରେ ବାସ୍ତବିକ୍ ଅସାଧାରଣ କିଛି ଆଶା କରିବା ନିହାତି ବାତୁଳତା ।

ଜମିଦାର ଭବନରେ ପୂଜା ଅନୁଷ୍ଠିତ ହେଲା—କେତେ ଲୋକ ଆସିଲେ—ଗଲେ, କେତେ ମହୋତ୍ସବ, ଭୋଜୀ, ଗୀତ ବାଜଣା କେତେ କ'ଣ ଘଟିଗଲା, କିନ୍ତୁ ନନ୍ଦା ଭାବୁଚି, କିଛି ଯେମିତି ଘଟିନାହିଁ । ପୂଜାର ସାର୍ବଜନୀନ ଆନନ୍ଦ ଭିତରୁ ବି ନନ୍ଦା କୌଣସି ଆମୋଦ ପାଇଲା ନାହିଁ ।

ନନ୍ଦା ଭାବିଲା—ଆପାତତଃ ପରିକଳ୍ପିତ ବନଭ୍ରମଣଟାକୁ କାର୍ଯ୍ୟରେ ପରିଣତ କରାଯାଉ । ଶ୍ରୀକାନ୍ତ ଉପରେ ବି ଗ୍ରୀଷ୍ମକାଳର ଗୃହ ବର୍ତ୍ତମାନ ଆଉ ନ ଥିବ, ତେଣୁ ବନଭ୍ରମଣରେ ଦୃଶ୍ୟଦର୍ଶନ କାମଟା ସେ ଏବେ ଚଳେଇ ନେଇ ପାରିବ । ସକାଳର ଖିଆପିଆ ସାରି ଅଳ୍ପଟିକିଏ ବିଶ୍ରାମ ନେଇ ବାହାରି ପଡ଼ିଲେ ଠିକ୍ ସନ୍ଧ୍ୟା ପୂର୍ବରୁ ଫେରି ହେବ । ସୂର୍ଯ୍ୟକିରଣର ପ୍ରଖରତା ବି ଅନେକ କମିଲେଣି । ଖିଆପିଆ ପରେ ବଟିଗଛର ନରମ ଘାସ ଉପରେ

ଘଣ୍ଟାଏ ଖଣ୍ଡେ ଖରାରେ ବସିପିବାକୁ ତ ବେଶ୍ ମଜା ଲାଗୁଚି—ଖରାରେ ବୁଲିବାକୁ ତେବେ ଖରାପ ଲାଗିବ କାହିଁକି ?

ଆରଦିନ ସକାଳେ ଶ୍ରୀକାନ୍ତ ଅଗରେ କଥା ପକେଇଲା ନନ୍ଦା । 'ଦେଖନ୍ତୁ, ଶ୍ରୀକାନ୍ତବାବୁ—ବନଗଡ଼ନର ଅନ୍ତରାଳରେ ଚମତ୍କାର ଦୃଶ୍ୟ ସମ୍ପଦର ଅବସ୍ଥିତି ସତ୍ତ୍ୱେ ବି, ସେ ସବୁକୁ ଦେଖିବାର ସୁଯୋଗ କରେଇ ନ ଦେବାଟା ଆପଣଙ୍କର କିନ୍ତୁ ବଡ଼ ଅନ୍ୟାୟ, କେବେ ଆପଣଙ୍କୁ ସୁବିଧା ହବ କହନ୍ତୁ···ତ !'

ଶ୍ରୀକାନ୍ତ ବଡ଼ ଅଡୁଆରେ ପଡ଼ିଗଲା—ନନ୍ଦା ମୁହଁରୁ କଥାଟା ଶୁଣି ସେ ଖୁବ୍ ହତୋତ୍ସାହିତ ହୋଇପଡ଼ିଲା । ତଥାପି ନନ୍ଦାର ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଛଡ଼ା ଆଉ ଅନ୍ୟ ଉପାୟ ନାହିଁ ଜାଣି ସେ କହିଲା— 'ବେଶ୍ ତ, ବର୍ତ୍ତମାନ ତ ମୋ ହାତରେ ପ୍ରାୟ କିଛି କାମ ନାହିଁ । ଆପଣଙ୍କର ଯେଉଁଦିନ ସୁବିଧା ହେଉଚି ବାହାରି ପଡ଼ନ୍ତୁ । ଆଜି ବାହାରିବୁ ନାହାନ୍ତି···?'

ନନ୍ଦା କହିଲା—'ବେଶ୍ ଆଜି ବାହାରିବା, କିନ୍ତୁ କେତେବେଳକୁ ବାହାରିଲେ ସୁବିଧା ହବ ବୋଲି ଆପଣ ଭାବୁଛନ୍ତି···? ଖିଆପିଆ ସାରି ବାହାରିଲେ ଚଳିବ ?'

ଶ୍ରୀକାନ୍ତ କହିଲା—'ହଁ, ଖାଇପିଇ ସାରି ଟିକିଏ ବିଶ୍ରାମ ନେଇ ଆପଣ ଆସନ୍ତୁ । ମୁଁ ମୋ କାମ ତୁଟେଇ ଆପଣଙ୍କୁ ଏଇଠି ଅପେକ୍ଷା କରିଥିବି ।'

ନନ୍ଦା କହିଲା—'କିନ୍ତୁ ଆପଣ ଠିକ୍ ସମୟରେ ଆସିବାକୁ ଭୁଲିବେ ନାହିଁ ଯେମିତି, ଆଚ୍ଛା···ନମସ୍କାର, ମୁଁ ତେବେ ଯାଉଚି ?'

ନମସ୍କାର ଜଣେଇ ଶ୍ରୀକାନ୍ତ କହିଲା—'ଟିକିଏ ଶୀଘ୍ର ଆସିବାକୁ ଚେଷ୍ଟା କରିବେ । ପାହାଡ଼ିଆ ରାସ୍ତାରେ ଆମକୁ ଅନେକ ବାଟ ଯିବାକୁ ପଡ଼ିବ କିନା······ !'

ନନ୍ଦା ଚାଲିଗଲା । ରାସ୍ତାକଡ଼ର ସବୁଜ ଧାନବିଲ ଆଡ଼କୁ ଚାହିଁ, ଶ୍ରୀକାନ୍ତ ଆଗାମୀ ଫସଲ ବିଷୟରେ ଏକ ମୋଟାମୋଟି ଧାରଣା କରିବାକୁ ଚେଷ୍ଟା କରୁଥିଲା ।

ନନ୍ଦା ପହଞ୍ଚିବାର ବେଶ୍ କିଛି ସମୟ ଆଗରୁ ଶ୍ରୀକାନ୍ତ ଆସି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ସାରିଥିଲା । ନିଜର ସାଇକେଲ୍‌ଟାକୁ ପାହାଡ଼ ତଳର ଗୋଟାଏ ବଡ଼ ପଥର ଉପରେ ଡେରି ଦେଇ, ଗ୍ରୀବ ପକେଇ ନନ୍ଦା ଶ୍ରୀକାନ୍ତ ଆଡ଼କୁ ଚାହିଁଲା । ତା'ପରେ ସାଇକେଲ୍ କେରିଅାର୍ ଉପରୁ ଗୋଟାଏ ବଡ଼ ବ୍ୟାଗ୍ ଉଠେଇ ନେଇ ସେ ବାଁ ହାତରେ ଧରିଲା ଓ ଡାହାଣ କାନ୍ଧରେ ବନ୍ଧୁକଟାକୁ ସଜାଡ଼ି ନେଇ ସେ କହିଲା—'ଚାଲନ୍ତୁ, ଆପାତତଃ ଏଭରେଷ୍ଟ ଆରୋହଣ କରିଯାଉ ।'

ଶ୍ରୀକାନ୍ତ ନନ୍ଦାର ଏଇ ପ୍ରସ୍ତୁତି ଦେଖି ମନେମନେ ଟିକିଏ ଶଙ୍କିଗଲା । ନନ୍ଦାର ଏଭଳି ଆଡ଼ମ୍ବର ବହୁଳ କାର୍ଯ୍ୟସୂଚୀ ଭିତରେ ତା'ପରି ଗରିବର ଯେ ଜମାରୁ ସ୍ଥାନ ନାହିଁ, ସେ କଥା ସେ ସ୍ପଷ୍ଟ ଅନୁଭବ କରୁଥିଲା । ସେ ଭାବୁଥିଲା, ନନ୍ଦାର ସହଯାତ୍ରୀ ନୁହେଁ, ସେ ସତେ ଯେମିତି ନନ୍ଦାର ଅନୁଚର ହିସାବରେହିଁ ତା'ର ସଙ୍ଗ ନେଇଛି । କିନ୍ତୁ ବାହାରକୁ ବେଶ୍ ସପ୍ରତିଭ ଭାବ ଦେଖାଇ ସେ କହିଲା—'ଆପଣ ଦି'ଟା ଜିନିଷ ଧରିଲେ ଯେ···ସେ ହାତରେ ବନ୍ଧୁକ ଆଉ ଏ ହାତରେ ବ୍ୟାଗ୍···ପାହାଡ଼ ଉଠିବାରେ ଭାରି ଅସୁବିଧା ସୃଷ୍ଟି କରିବ, ବ୍ୟାଗଟା ମୋ ହାତକୁ ଦିଅନ୍ତୁ ।'

ଟିକିଏ ହସି ନନ୍ଦା କହିଲା—'ବ୍ୟାଗ୍‌ଟା ଭାରି ଓଜନିଆ ହେଇଛି କିନ୍ତୁ, ଆପଣ ବୋହି ପାରିବେ ତ ?'

ଶ୍ରୀକାନ୍ତ ମନ ଉପରେ ଆଉଥରେ ଆଘାତ ଲାଗିଲା । ମାଇକିନିଆ ଝିଅ ଯାହା କରି ପାରୁଛି, ପୁରୁଷ ହେଇ ଶ୍ରୀକାନ୍ତ ସେକଥା ପାରିବ ନାହିଁ ବୋଲି ନନ୍ଦା ଭାବି ପାରିଲା କେମିତି ? କିଛି ନ କହି, ନନ୍ଦା ହାତରୁ ଏକ ପ୍ରକାର ଜବରଦସ୍ତି ବ୍ୟାଗ୍‌ଟା ଛଡ଼େଇ ନେଇ ସେ ଆଗେ ଆଗେ ଚାଲିଲା । ନନ୍ଦା ଟିକିଏ ହସିଲା ମାତ୍ର··· ।

ପାହାଡ଼ର ସେଇ କଙ୍କରିଳ ପଥ ଉପରେ ଚାଲିବାକୁ ଭାରି କଷ୍ଟ ହେଉଥିଲେ ବି, ନନ୍ଦା ମନରେ ପ୍ରଚୁର ଉତ୍ସାହ ଥିଲା । ସେଇ ଉତ୍ସାହର ଆତିଶଯ୍ୟରେ ସେ ଅନ୍ୟକିଛି ଜାଣିପାରୁ ନ ଥିଲା । ନନ୍ଦାକୁ ବିବ୍ରତ କରିବା

ଦରକାର ନଥିଲେ ବି ଶ୍ରୀକାନ୍ତ ଅନେକ ସମୟରେ ଅଗମ୍ୟ ପଥ ଇ ବାଛି କଢ଼େଇ ନେଉଥିଲା । ଫଳରେ ନନ୍ଦାର ଦାମିକା ଶାଢ଼ୀ କ ଗୁଳ୍ମ ଭିତରେ କେତେଥର ଅଟକିଯାଇ, କିଛି କିଛି ପରିମାଣରେ ଯାଉଥିଲା । କିନ୍ତୁ ସେଥିପ୍ରତି ଭ୍ରୂକ୍ଷେପ ନ ଥିଲା ନନ୍ଦାର ।

ଆପାତତଃ ଏକ ବିରାଟ, ମସୃଣ ଆଉ ଉଚ୍ଚ ପଥର ପାଖରେ ଅଟକିଯାଇ କାନ୍ତ ନନ୍ଦା ମୁହଁକୁ ଚାହିଁଲା । କହିଲା—'ଏଇ ପଥରଟି ପାରି ହୋଇ ଆମେ ସୁନ୍ଦର ଏକ ଜଳପ୍ରପାତ ପାଖରେ ପହଞ୍ଚିବା ।'

ପ୍ରକୃତରେ ଜଳ ପ୍ରପାତର ଅସ୍ପଷ୍ଟ ଝିରିଝିରି ଶବ୍ଦ କାନରେ ଥିଲା ।

ନନ୍ଦା ଚାରି ଆଡ଼କୁ ଚାହିଁଲା । ତା'ପରେ ହତାଶ ହୋଇ କହିଲା—ଉ ଅନ୍ୟ ରାସ୍ତା ନାହିଁ ? ଏଇ ପଥର ଉପର ଦେଇ କିମିତି ଯାଇହେବ ନ୍ତୁ ତ ? ଆପଣ ଯାଇ ପାରିବେ··· ?'

ଶ୍ରୀକାନ୍ତ ହଠାତ୍ ଗମ୍ଭୀର ହୋଇ ପଡ଼ିଲା । ନିଜର ପୁରୁଷତ୍ୱକୁ ନନ୍ଦା ନାରେ ବଡ଼ କରି ଥୋଇବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆସିଛି । ସେ ଲା—'ଯେ କୌଣସି ପୁରୁଷ ପିଲା ପାଖରେ ଏଇ ପଥରଟା ଅତି ଲୀ କଥା, ମୁଁ ନ ପାରିବି କାହିଁକି ? କିନ୍ତୁ ଏଇ ପଥର ଅତିକ୍ରମ କରି ନ ରିଲେ, ଅନ୍ୟରାସ୍ତା ଦେଇ ଉପରକୁ ଉଠିବାର ସୁବିଧା ନାହିଁ । ଦେଖ କାନ୍ତି, କେତେ ବିରାଟ ସ୍ଥାନଟାଏ ମାଡ଼ି ରହିଛି ପଥରଟା । ଆପଣ ଯଦି ଯ୍ୟ ଦୃଶ୍ୟବହୁଳ ପର୍ବତର ଶ୍ରେଷ୍ଠ ସୌନ୍ଦର୍ଯ୍ୟ ଦେଖିବାକୁ ଆଶା କରିଥାନ୍ତି ତେବେ ଆପଣଙ୍କୁ ନିଶ୍ଚୟ ଏଇ ପଥର ଉଠି ଯିବାକୁ ପଡ଼ିବ ।' ଏତିକି କହି ହାତକୁ ବ୍ୟାଗ୍‌ଟା ବଢ଼େଇ ଦେଇ, ଆଶ୍ଚର୍ଯ୍ୟ କ୍ଷିପ୍ରତାର ସହିତ ପଥର ରକୁ ଉଠିଯାଇ ସେ କହିଲା—'ଦିଅନ୍ତୁ ବ୍ୟାଗ୍‌ଟା ଆଉ ବନ୍ଧୁକଟା ମୋ ତକୁ ବଢ଼େଇ ଦିଅନ୍ତୁ ଏବଂ ଦୟାକରି ଆପଣ ବି ଉଠି ଆସନ୍ତୁ । ଶୀଘ୍ର ନ ଲ ସମୟ ଚାଲି ଯାଉଛି ।'

ଶ୍ରୀକାନ୍ତ ହାତକୁ ବ୍ୟାଗ୍ ଆଉ ବନ୍ଧୁକ ବଢ଼େଇ ଦେଇ ଆଉଥରେ ଚାହିଁଲା ସେଇ ବିରାଟ ପଥର ଖଣ୍ଡକୁ । ବଡ଼ ଅସମ୍ଭବ କଥା । ଏଇ କଣ ପଥର ଉପରକୁ କିମିତି ଉଠି ହେବ··· । ତଥାପି ନନ୍ଦା ଚେଷ୍ଟା

କଲା, କିନ୍ତୁ ସେ ହାରିଲା ନାହିଁ—ତଳକୁ ଖସି ଆସିଲା । ମନେ ମନେ ଶ୍ରୀକ
ଉପରେ ଖୁବ୍ ବିରକ୍ତ ହୋଇ ପଡ଼ିଲା ସେ । ଲଜ୍ଜାରେ ମୁହଁ ତା'ର ଗ
ପଡ଼ିଗଲା ।

ହାତ ତାଳି ଦେଇ ନାଚିବାକୁ ଶ୍ରୀକାନ୍ତର ଇଚ୍ଛା ହେଉଥିଲା
ଏତିକି କୃତିତ୍ୱ ନେଇ ନନ୍ଦା ଦେବୀ କାହାର ବଡ଼େଇ କରୁଥିଲେ ? ବ
ନନ୍ଦା ପୁଣି ଥରେ ଚେଷ୍ଟା କରୁଛି···ଅଣ୍ଟାରେ ପଣତଟାକୁ କଷି ଗୁଡ଼େ
ଦେଇ ସେ ଏଇଥର ଶେଷଚେଷ୍ଟା କରୁଛି ଏବଂ···ଅସୁବିଧା ଅଂଶଟା
ପାର ହୋଇ ଆହୁରି ଉପରକୁ ଉଠିଆସିଲାଣି ନନ୍ଦା, ଆଉ ଅଳ୍ପ ବାକି
ଶ୍ରୀକାନ୍ତର ମୁହଁ ଶୁଖିଗଲା···ଶ୍ରୀକାନ୍ତ ପାଖକୁ ଚାଲିଆସି ନନ୍ଦା କହି
'ହାଅନ୍ତୁ, ବନ୍ଧୁବର···।'

ଶ୍ରୀକାନ୍ତ ଭାବୁଥିଲା ନନ୍ଦା ଏଇଠି ହାରିଯିବ । କିନ୍ତୁ ନନ୍ଦା ଶେ
ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇ ପଡ଼ିଲା ତ···! ଶ୍ରୀକାନ୍ତର ପୌରୁଷ ଆଉ ଟିକି
ନଇଁପଡ଼ିଲା ।

ପୁଣି ସେମାନେ ଚାଲିଲେ··· ! ଯଥାପୂର୍ବଂ ତଥାପରଃ ଅବସ୍ଥା
ଅର୍ଥାତ୍ ବ୍ୟାଗ୍‌ଟି ଧରି ଶ୍ରୀକାନ୍ତ ଆଗରେ ଓ ବନ୍ଧୁକ ଧରି ନନ୍ଦା ତା' ପ
ପଛେ··· ।

କିନ୍ତୁ ବ୍ୟାଗ୍‌ଟା ପ୍ରକୃତ ପକ୍ଷରେ ଅସମ୍ଭବ ଭରି ହୋଇଛି । ଶ୍ରୀକ
ଏ ଭିତରେ ପାଞ୍ଚଥର ହାତ ବଦଳ କରି ସାରିଛି, ତଥାପି ବେଳକୁ ବେ
ଏଇ ଭାର ବହନ ଅସମ୍ଭବ ହୋଇ ଉଠୁଛି, କିନ୍ତୁ ବ୍ୟାଗ୍‌ଟା ଧରି ନନ୍ଦ
ବେଶ୍ ଆରାମରେ ଚାଲୁଥିଲା··· । କ'ଣ ଏତେ ସବୁ ଅଛି କି ବ୍ୟାଗ୍
ଭିତରେ···? ମନକୁ ମନ ଏଇ ପ୍ରଶ୍ନ ପଚାରି ଶ୍ରୀକାନ୍ତ କୌଣସି ଉତ୍ତ
ପାଇଲା ନାହିଁ ।

ଆଉ କିଛିବାଟ ଚାଲିବା ପରେ ସେମାନେ ଆସି ପ୍ରପାତ ପା
ଦେଶରେ ପହଞ୍ଚିଗଲେ । ଶ୍ରୀକାନ୍ତ ବେଶ୍ କ୍ଳାନ୍ତ ହୋଇ ପଡ଼ିଲାଣି । ଝାଳରେ
ଜାମା ପଞ୍ଜାଆଡ଼ଟା ପୁରା ପୁରି ଓଦା ହୋଇ ଯାଇଛି ବୋଧହୁଏ··· । କି
ନନ୍ଦାର ଏଡ଼ିକି ଟିକିଏ ବି କ୍ଳାନ୍ତି ନାହିଁ···! ବେଶ୍ ସପ୍ରତିଭ ଭାବ
ପ୍ରପାତ ଆଡ଼କୁ ଚାହିଁ ସେ ସ୍ରଷ୍ଟାର ଏଇ ଆଶ୍ଚର୍ଯ୍ୟ ସୃଜନ କୌଶଳ

ଫିକେଟ୍ ଦେବାରେ ଲଗିଚ—'ଅଝ··ର୍ତ୍ତ୍ୱ ଶ୍ରଫୁଲ୍··ସଙ୍ଗରେ ବନ୍ଦ୍ୟ ଶ୍ରୀକାନ୍ତ ବାବୁ··· ।'

ଟେ ଟିଏ ପଥର ଚଟାଣ ଉପରେ ଟବଗ୍ଟି ଥୋଇ ଦେଇ ଶ୍ରୀକାନ୍ତ ଣା ପାଖକୁ ଆଗେଇ ଗଲା । ଶଙ୍କିତ ଗଳାରେ ନନ୍ଦା ତାକୁ ପଚାରିଲା— ଆଡ଼େ ଯାଉଚନ୍ତି ଶ୍ରୀକାନ୍ତ ବାବୁ ?' ଶ୍ରୀକାନ୍ତ ଟିକିଏ ଶୁଖିଲା ହସ ହସି ଲା—'ତୃଷା ନିବାରଣ କରିବାକୁ ।'

ନନ୍ଦା କହିଲା—'ଆପଣ ପାଗଳ ହେଲେ ନା କ'ଣ ? ଏ ପାଣି ଲେ ଦେହ ଖରାପ ହେବ ନାହିଁ ? ଆପଣଙ୍କୁ ଅତି କମ୍‌ରେ ଲେରିଆ କମ୍ବା ଟାଇଫଏଡ୍ ଧରି ପକେଇବ ଯେ···କେତେ ଅପରିଷ୍କାର ଦେଖୁ ନାହାନ୍ତି ? ଭୀଷଣ ଦୂଷିତ ଜଳ··· ।'

ଶ୍ରୀକାନ୍ତ ମନେ ମନେ ଭୀଷଣ ବିରକ୍ତ ହୋଇ ଉଠିଲା ନନ୍ଦା ଉପରକୁ । ଟେସ୍ତ ତ ଏଇ ପାଣି ପିଉଚନ୍ତି, କାହାରିକୁ ତ ମେଲେରିଆ କି ଟାଇଫଏଡ୍ ପକଉ ନାହିଁ··· ? ଆଜି ଇଏ ଡାକ୍ତରୀ ପଢ଼ିଲେ ବୋଲି ଷିତ ଜଳ' 'ଦୁଷିତ ଜଳ' ବୋଲି ଚିତ୍କାର ଛାଡ଼ୁଚନ୍ତି··· । କିନ୍ତୁ ମୁହଁ ଲି କିଛି କହିବାର ଉପାୟ ନାହିଁ, କ'ଣ ଭାବିବେ ଶ୍ରୀମତୀ ଦେବୀ ?

ନନ୍ଦା ସେତେବେଳକୁ ବ୍ୟାଗ୍‌ଟା ଖୋଲି ତା' ଭିତରୁ ଦୁଇଟା ସ୍କ୍ଲାସ୍କ ଓ ଗୋଟାଏ ଟିଫିନ୍ କାରିଅର୍ ବାହାର କରିଚି । ଶ୍ରୀକାନ୍ତ କୁ ଚାହିଁ ସେ କହିଲା, 'ଆସନ୍ତୁ—ଏ ପରିଶ୍ରମ ପରେ ଶୋଷ କ'ଣ, ତେ ତ ବାସ୍ତବମତେ ଭୋକ ଲାଗିଲାଣି, ଆସନ୍ତୁ ଆଉ ଡେରି କରନ୍ତୁ ।'

ଶ୍ରୀକାନ୍ତକୁ ବି ବେଶ୍ ଭୋକ ଲାଗୁଥିଲା । ପାହାଡ଼ ଉଠିବାରେ ନ୍ତୁ ତିନୋଟି ଘଣ୍ଟା ବିତି ଯାଇଥିବ, ତା'ର ଘଣ୍ଟାଏ···ଦୁଇଘଣ୍ଟା ରୁ ଯାଇ ଯାହା ସେ ଖାଇଥିଲା । ଏଇକଥା ଭାବୁଭାବୁ ସେ ନନ୍ଦା ଅଡ଼କୁ ଗଇ ଆସୁଥିଲା ।

ହଠାତ୍ ଟିକିଏ ହସି ନନ୍ଦା ପଚାରିଲା—'ଆପଣ କଣ ଭୁଟେହେଙ୍ଗୀ ?' କିଛି ବୁଝି ନ ପାରି ଶ୍ରୀକାନ୍ତ ପଚାରିଲା, 'ମାନେ··· ?'

'ମାନେ···ଆପଣଙ୍କର ଆମିଷ ଚଳେ ତ··· ?' ନନ୍ଦା ଆଉ ଟିକିଏ ସରଳକରି କଥାଟା କହିଲା ।

ଶ୍ରୀକାନ୍ତ କହିଲା—'ଏ ଖାଦ୍ୟ କଅଣ୍ଟିଆ ଯୁଗରେ ବାଛବିଚାରର କଥା ଖାଇବାର ସୁଯୋଗ ମିଳୁଚି କେଉଁଠି । ଯେତେବେଳେ ଯାହା ମିଳିଲା— ସବୁ ଚାଲିବ ।'

ଶ୍ରୀକାନ୍ତ ଆସି ନନ୍ଦା ପାଖରେ ପହଞ୍ଚିସାରିଥିଲା । ନନ୍ଦା ତା'ଆଡ଼କୁ ଅଧେ ଖାଦ୍ୟ ବଢ଼େଇ ଦେଇ କହିଲା—'ନଅନ୍ତୁ···ତା'ଭିତରେ ଆମିଷ ନିରାମିଷ ସବୁ ଅଛି । କୁର୍ମା, କଟ୍‌ଲେଟ୍, କାଏମା ଓ ଫ୍ରାଏ···ଦଅନ୍ତୁ, ଶୀଘ୍ର ହାତ ଚଳାନ୍ତୁ, ଏଇ ମୁଁ ଆରମ୍ଭ କରିଦେଲି ।'

ଗୋଗ୍ରାସରେ ଭୋଜନ ପକାଉ ପକାଉ ଶ୍ରୀକାନ୍ତ ପଚାରିଲା, 'ଆପଣ ଏତେ ଜିନିଷ ଆଣିଥିଲେ ?'

ନନ୍ଦା କହିଲା—'ଆହୁରି ଅଛି—ରାଜଭୋଗ ସବୁ ଶେଷରେ ଆପଣଙ୍କୁ ଖାଇବାକୁ ଦିଆଯିବ, ଜାଣନ୍ତି ତ 'ମଧୁରେଣ ସମାପୟେତ୍' ତା'ଛଡ଼ା ଗରମ ଦୁଧ ଅଛି ଓ ପରିଷ୍କାର ଥଣ୍ଡା ପାଣି ଅଛି, ଆଉ କ'ଣ ଦରକାର···ସିଗାରେଟ୍··· ? ଚାହିଲେ ସିଗାରେଟ୍ ବି ଆପଣ ପାଇବେ । ସବୁ ଜିନିଷ ମନେ ପକେଇ ମୁଁ ଆଣି ଆସିଚି । ଆଜିର ଏଇ ଅଭିଯାନରେ ଆପଣ ହେଲେ ମୋର ଗାଇଡ୍, ଆପଣଙ୍କର ସୁବିଧା ଦେଖିବାଟା ମୋର ହେଉଚି ପ୍ରଥମ ଆଉ ପ୍ରଧାନ କର୍ତ୍ତବ୍ୟ ।'

ନନ୍ଦାକୁ ମନେ ମନେ ତାରିଫ୍ କରୁ କରୁ ଶ୍ରୀକାନ୍ତ ସବୁତକ ଶେଷକରି ଦେଲା, ପେଟରେ ଆଉ ଜାଗା ନାହିଁ, କିନ୍ତୁ ପୁଣି ରାଜଭୋଗ ଚାରିଟି ଗିଳିବାକୁ ପଡ଼ିବ । ତାକୁ ଖାଇ ସାରିବା ପରେ ନନ୍ଦା ପୁଣି ତା' ହାତକୁ ଗରମ ଦୁଧ କପେ ଧରେଇ ଦେଲା ।

ଖିଆପିଆ ସରି ସାଇଚି, ବର୍ତ୍ତମାନ ଟିକିଏ ବିଶ୍ରାମର ପ୍ରୟୋଜନ କିନ୍ତୁ ନନ୍ଦାର ହାତଗୋଡ଼ ଥୟ ଧରୁ ନାହାନ୍ତି । ବ୍ୟାଗ୍ ଭିତରୁ ଗୋଟାଏ ମଧ୍ୟମ ପ୍ରକାର କ୍ୟାମେରା ବାହାର କରି ସେ କହିଲା—'ଜାଣନ୍ତି, ଆମର ଅଧ୍ୟାପିକା ଡାଃ ବାସନ୍ତି ଦାଶ ଏଇଟା ଆଣି ଦେଇଥିଲେ ଆମେରିକାରୁ—

ଚମତ୍କାର ଆଉ ଦାମୀ କ୍ୟାମେରାଟା, ରଙ୍ଗୀନ୍ ଛବି ଉଠିବ । ଏଇ ପ୍ରପାତର ଛବିଟା ଆପଣ ଉଠାନ୍ତୁ ନା ଶ୍ରୀକାନ୍ତ ବାବୁ...?'

ଶ୍ରୀକାନ୍ତ ହାତଯୋଡ଼ି କହିଲେ—'ନା, ନନ୍ଦା ଦେବି ! ଘରଟା ଆଉ ମାଂସ ତରକାରିର କଥା ସ୍ୱତନ୍ତ୍ର, ସେ ସବୁ ଛବି ଉଠେଇବାକୁ ମୋର କଷ୍ଟ ହୁଏ ନାହିଁ, କିନ୍ତୁ ଫଟୋ ଉଠେଇବା ! ଏ ବିଦ୍ୟା ମୋ ଦ୍ୱାରା ହବ ନାହିଁ, ଆପଣ ବରଂ ଯେତେ ପାରୁଛନ୍ତି ଫଟୋ ଉଠେଇ ନିଅନ୍ତୁ, କିନ୍ତୁ ଟିକିଏ ଚଞ୍ଚଳ କାମ ସାରି ଦେବାକୁ ଚେଷ୍ଟା କରିବେ, ସମୟ ସରି ଯାଉଛି ?'

ନନ୍ଦା କହିଲେ—'ଅଚ୍ଛା, ତେବେ ଅପଣ ଏଇଠି ଅପେକ୍ଷା କରନ୍ତୁ, ମୁଁ ଭିନ୍ନ ଭିନ୍ନ କୋଣରୁ ଏଇ ପ୍ରପାତର କେତେଟା ଛବି ଉଠେଇ ନିଏ ।'

କିନ୍ତୁ ସେଇ କେତେଟା ଛବି ଉଠେଇବାକୁ ନନ୍ଦାଙ୍କୁ ବେଶ୍ କିଛି ସମୟ ଲାଗିଗଲା । ଏଠୁ ସେଠିକି ଧାଇଁ ଷ୍ଟାଣ୍ଡ ଉପରେ କ୍ୟାମେରାଟାକୁ ସଜାଡ଼ି କିଛି ସମୟ ନିରୀକ୍ଷଣ ଓ ତା'ପରେ ନାପସନ୍ଦ କରି, ପୁଣି ଅନ୍ୟ ଗୋଟାଏ ଜାଗାକୁ ଯାଇ କ୍ୟାମେରା ଠିଆ କରୁଛି ନନ୍ଦା ଏବଂ ପୁଣି ସେଠି ମନପୂତଃ ନ ହେଲେ ଅଉ ଜାଗାଏ...ଗୋଟାଏ ହାତରେ ଶାଢ଼ୀକୁ ଆଣ୍ଠୁ ପାଏ ଟେକି —ପ୍ରପାତର ପ୍ରବହମାନ କ୍ଷୁଦ୍ର ଜଳ ସ୍ରୋତଗୁଡ଼ିକରୁ ନିଜର ଶାଢ଼ୀଟିକୁ ଯଥାସମ୍ଭବ ବଞ୍ଚେଇ ସେ ଧାଉଁଛି, ଡେଉଁଛି, ଲୁଦୁଛି ଓ ହସୁଛି... । ଶ୍ରୀକାନ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗେ...ଏଇ ନନ୍ଦା...ପୂର୍ଣ୍ଣ ଯୁବତୀ ନନ୍ଦା ଦେବୀ ପୁଣି କ'ଣ ଦଶବର୍ଷ ପଛକୁ ଫେରିଯାଇ ଏକ କିଶୋରୀ ହୋଇ ପଡ଼ିଲେ ନା କ'ଣ ?

ଶ୍ରୀକାନ୍ତ ଠିଆହୋଇ ଏଇ ଦୃଶ୍ୟ ଦେଖୁ ଦେଖୁ ବସିଲେ...ଆଉ ତା'ପରେ ସେ ମସୃଣ ସୋପାନାକାରର ପଥର ଉପରେ ପୃଷ୍ଠ ଲଗାଦେଇ ଚାହିଁ ରହିଲେ ପ୍ରପାତ ଆଡ଼କୁ... ।

କିନ୍ତୁ ତେବେ ବି ନନ୍ଦାର ଛବି ଉଠେଇବା କାମ ସରୁନାହିଁ । ଆଃ... ବଡ଼ ବିରକ୍ତିକର ଏଇ ନନ୍ଦା ଦେବୀ...ଆଉ ତାଙ୍କର ସମସ୍ତ ପିଲାମୀ..., ଶ୍ରୀକାନ୍ତ ମନେ ମନେ ବିରକ୍ତ ହୋଇ ପଡ଼ିଲେ—ଏଣେ ସମୟ ଚାଲି ଯାଉଛି, ସେ ଆଡ଼କୁ ଶ୍ରୀମତୀ ନନ୍ଦା ଦେବୀ ଟିକିଏ ହେଲେ ଦୃଷ୍ଟି ଦେଉ ନାହାନ୍ତି... ।

ଅନେକ ବେଳ ପରେ ନନ୍ଦା ଫେରି ଆସିଲା, ମୁହଁ ତା'ର ହସରେ ଭରପୂର । ଶ୍ରୀକାନ୍ତକୁ ଚାହିଁ କହିଲା—'ଆଉ ଗୋଟିଏ ମାତ୍ର ଫିଲ୍ମ ବାକି ରହିଲା ଶ୍ରୀକାନ୍ତ ବାବୁ, ଆଉ ସେଇଠାରେ ଆପଣଙ୍କର ଛବିହିଁ ତୋଲାଯିବ । ସେଇଠି ସେଇମିତି ବସିଥା'ନ୍ତୁ ଜମାକୁ ହଲବେ ନାହିଁ ।' ତା'ପରେ ଷ୍ଟାଣ୍ଡ୍ ଉପରେ କାମେରାଟାକୁ ରଖି ତା' ଭିତରେ ଶ୍ରୀକାନ୍ତ ଆଡ଼କୁ ଚାହିଁ କହିଲା— ଆଉ ଟିକିଏ ବାଁ ଆଡ଼କୁ ଅନେଇଲେ...ଇସ୍, ଏତେ ନାହିଁ...ବାସ୍... ବାସ୍...ମନେ କରି ନିଅନ୍ତୁ ଯେ ସେଇ ଦିଗରୁ, ଆପଣ ଯାହାକୁ ଯୁଗ ଯୁଗ ଧରି ଅପେକ୍ଷା କରି ବସିଚନ୍ତି...ହଠାତ୍ ସେଇ ଆସୁଚନ୍ତି...ଠିକ୍ ସେଇଭଳି ପୋଜ୍‌ଟାଏ ଦିଅନ୍ତୁ, ଆଃ...ତାଙ୍କୁ କ'ଣ ଆପଣ ଇମିତି ପଇସା ହଜେଇଲା ପରି ମୁହଁ କରି ଚାହିଁବେ...ବିସ୍ମୟ ଆଉ ଅନୁରାଗ ମିଶା ଚାହାଣିରେ ଚାହାନ୍ତୁ..., ବାଃ...କାମେରା ଭିତରେ ଆପଣଙ୍କର ଦେହର ବର୍ଣ୍ଣଟା ଚମତ୍କାର ବାରିହୋଇ ପଡ଼ୁଚି...ଆପଣଙ୍କର ପ୍ରତିବିମ୍ବ ଯେଉଁ ଉଜ୍ଜ୍ୱଳ ପ୍ରତିଫଳନ ଦେଉଚି, ବାସ୍ତବିକ୍, ଆଜିଯାଏ ମୁଁ ଇମିତି ଦେଖିନି, ଦେଖିବେ ଆପଣଙ୍କର ଆକାଶୀ ରଙ୍ଗର ବିନି ଚେକ୍ ସାର୍ଟ୍‌ଟାର ପ୍ରତ୍ୟେକ ସ୍ଥାନଟି ଉପରି ସ୍ପଷ୍ଟହୋଇ ବାହାରିବ, ସେଇମିତି ବସି ରହନ୍ତୁ, ମୁଁ ଅଟୋମେଟିକ୍ ଆରେଞ୍ଜ୍‌ମେଣ୍ଟ୍ ଦେଉଚି, ଆହା... ଟିକିଏ ହସନ୍ତୁନା ?'

ନନ୍ଦା ଅଟୋମେଟିକ୍ ସୁଇଚଟା ଦେଇ, ଶ୍ରୀକାନ୍ତର ବାଁ ପାଖରେ ଆସି ଝୁକ୍ ଲଗିକରି ବସି ପଡ଼ିଲା ।

ନିଜର ଛବି ତୋଳା ହେବାର ଆଗ୍ରହ ହେତୁରୁ ନୁହେଁ, ନନ୍ଦା କଥାର ଅବାଧ ହବାକୁ ଯୁ'ନ ଥିଲା ବୋଲି, ଶ୍ରୀକାନ୍ତ ସୁନା ଝୁଅଟି ପରି, ମୁହଁଟି ବାଁ ଦିଗକୁ ବୁଲେଇ, ଯେତେଦୂର ସମ୍ଭବ ଆଖିରେ ଅନୁରାଗ ଆଉ ବିସ୍ମୟ ମିଶେଇ, କିଛି ଦୂରର ଏକ ବିନ୍ଦୁକୁ କାଳ୍ପନିକ ପ୍ରେୟସୀ ମନେକରି ସେଇ ଆଡ଼କୁ ଚାହିଁ ରହିଥିଲା । ଏଇ ସମୟରେ ନନ୍ଦା ଆସି ଶ୍ରୀକାନ୍ତର ବାଁ ପାଖରେ ବସି ପଡ଼ିଲା । ଶ୍ରୀକାନ୍ତ ଆଖି ଆଗରୁ କଳ୍ପନାର ପ୍ରେୟସୀ ଉଭେଇ ଗଲା । ତା' ଜାଗାରେ ରହିଲା ବାସ୍ତବ ନନ୍ଦା, ଅଥଚ ଶ୍ରୀକାନ୍ତ ଆଖିରେ ସେଇ ଫଟୋଗ୍ରାଫିକ୍ ଦୃଷ୍ଟି ସେଇମିତି ବିସ୍ମୟ ଆଉ ଅନୁରାଗ ଭରି ହୋଇଚି ।



ତା' ଆଡ଼କୁ ଚାହିଁ ନନ୍ଦା କହିଲେ—'ଶ୍ରୀକାନ୍ତ, କି ଚମତ୍କାର ପୋଜ୍ ଦେଇଚ ତୁମେ !'

ଶ୍ରୀକାନ୍ତ କିଛି କହିଲେ ନାହିଁ ।

ଏଥର ନନ୍ଦା ଶ୍ରୀକାନ୍ତର ଚିବୁକରେ ହାତ ଦେଇ, ଶ୍ରୀକାନ୍ତର ଅଭିଭୂତ ଦୃଷ୍ଟି ସମ୍ମୁଖରେ ନିଜେ ଅଭିଭୂତ ହୋଇ ପଡ଼ି ଡାକିଲେ, 'ଶ୍ରୀ···କାଂ···ତ··· ?'

ଶ୍ରୀକାନ୍ତ ଖାଲି କହିଲା—'କି...ଣ... ?'

ନନ୍ଦାର ମୃଣାଳ ବାହୁ ଶ୍ରୀକାନ୍ତର ଗଳା ବେଷ୍ଟନ କଲା । ରକ୍ତଅଧରର ଗୋଲା ମୁହଁଟି ଶ୍ରୀକାନ୍ତର ବକ୍ଷ ସମୀପବର୍ତ୍ତୀ ହେଲା । ନନ୍ଦା ନିଜର ଅନ୍ୟ ହାତର ଆଙ୍ଗୁଳିଗୁଡ଼ିକୁ ଶ୍ରୀକାନ୍ତର ନାଭିଲୋମଗ ଛାତି ଭିତରେ ଖେଳଉଥିଲା, ଆଉ ତା'ର ଭାବପ୍ରବଣ ମନର ଭାବାବେଗରେ ତା'ର ମୁହଁଟି ଶ୍ରୀକାନ୍ତର ଛାତି ଉପରେ ଆଶ୍ରୟ ଖୋଜୁଥିଲା ।

ଏଇ ସମୟରେ ଅଟୋମେଟିକ୍ କାମେରାର କଠିନ୍ଟି ହଠାତ୍ ଡାବଗଲା । ଶ୍ରୀକାନ୍ତ ଆଉ ନନ୍ଦାର ଏଇ ଅଭୂତପୂର୍ବ ସାନ୍ନିଧ୍ୟର ଏକ ସ୍ୱାକ୍ଷର ରହିଗଲା ଅନ୍ଧକାର କାମେରାର ବକ୍ଷ ଭିତରେ... । ନନ୍ଦାର ସେ ଆଡ଼କୁ ଦୃଷ୍ଟି ନ ଥିଲା । ସେ କେବଳ ଶ୍ରୀକାନ୍ତର ସେଇ ଆଶ୍ଚର୍ଯ୍ୟ ଅନୁରାଗ ମିଶା ଚାହାଁଣିଟିକୁ ଚାହିଁ ଅଧୀର ହେଉଥିଲା ! ଇସ୍...ଏଇ ପୋଜ୍‌ଟାରେ ଶ୍ରୀକାନ୍ତ କେଡ଼େ ଚମତ୍କାର ଦିଶୁଛି ସତେ ! ମୁଗ୍ଧ ଚକିତ ନନ୍ଦା ଆଉ ଶ୍ରୀକାନ୍ତର ମୁହଁକୁ ଚାହିଁ ପାରିଲା ନାହିଁ । ଅଳ୍ପଟିକିଏ ହସି, ମୁହଁ ନୁଆଁଇ ସେ ଶ୍ରୀକାନ୍ତ ସାର୍ଟର ଛାତିରେ ଥିବା ଏକ ସିପ ବୋତାମକୁ ନେଇ ଖେଳିବାରେ ମନଦେଲା । ତା' ନିଜର ସମ୍ପୂର୍ଣ୍ଣ ଅଜଣାରେ ସେ ଭିତରେ ଭିତରେ ଉତ୍ତେଜିତ ହୋଇ ପଡ଼ୁଥିଲା । ଖୁବ୍ ନରମ କରି ସେ ଶ୍ରୀକାନ୍ତକୁ ଡାକିବାକୁ ମନକଲା । କିନ୍ତୁ କଥା ତା କଣ୍ଠରେ ଅଟକି ଗଲା ।

ନିଜର ଉନ୍ମୁକ୍ତ ଛାତି ଉପରେ ଶ୍ରୀକାନ୍ତ ଅନୁଭବ କରୁଥିଲା ନନ୍ଦାର ସୁବାସିତ ଓ ବର୍ଯ୍ୟଫିଲ ବେଣୀଟିର ସଞ୍ଚାଳନ । ନିଜ ଗଳାର ଚାରି ପାଖରେ ଘେରି ରହିଥିବା ନନ୍ଦାର ଗରମ ଡାହାଣ ହାତଟିର ଉତ୍ତାପ ମଧ୍ୟ, ଜାମା କପଡ଼ା ଭେଦ ଶ୍ରୀକାନ୍ତର ଲୋମକୂପ ଭିତରେ ସଞ୍ଚରି ଯାଉଥିଲା, ଆଉ ନନ୍ଦା ତା'ର ବାଁ ହାତଟିରେ ଶ୍ରୀକାନ୍ତର ଡାହାଣ ହାତଟିକୁ ଧରି ନିଜର ଉଭାଧର ଉପରେ ଅଳ୍ପ ଅଳ୍ପ ଚାପ ଦେଉଥିଲା......

ଆଉ ବାଁ ହାତଟିକୁ ନିଜର ମୁଣ୍ଡତଳେ ଦେଇ, ଆଖିବୁଜି ଶ୍ରୀକାନ୍ତ ଗୋଟିପଣେ ଅଭୁଥିଲା । କ'ଣ ଘଟୁଛି କିମ୍ବା କ'ଣ ଘଟିବାକୁ ଯାଉଛି ସେ କିଛି ବୁଝି ପାରୁ ନ ଥିଲା ! ଓସ କେବଳ ଭାବୁଥିଲା—ସମ୍ପୂର୍ଣ୍ଣ

ଅପ୍ରତ୍ୟାଶିତ ଭାବରେ କିଛି ଚେଷ୍ଟାରେ ତା' ଭିତରକୁ ମାଡ଼ି ଆସୁଛି । ତ୍ରସ୍ତ ଭୀତ ଆତଙ୍କିତ ହୋଇ ଉଠୁଥିଲା । କିନ୍ତୁ ନନ୍ଦାର ଆଖି ଦୁଇଟିକୁ ବୁଜି, ବାହାରର ସମସ୍ତ ଅଘଟଣୀୟ ଅବସ୍ଥା ପାଖରୁ ନିଜକୁ ଲୁଚେଇ ରଖିବା ବ୍ୟତୀତ ତା' ଆଗରେ ଆଉ ଅନ୍ୟ ରାସ୍ତା ନଥିଲା ।

ଶ୍ରୀକାନ୍ତର ଗୁଡ଼ ବୋଡ଼ାନ୍, ତା'ର ଡାହାଣ ହାତ, ଆଉ ଶେଷକୁ ଶ୍ରୀକାନ୍ତର ଜାମା କଲରଠୁ ସନ୍ତ୍ରସ୍ତ କିଛି ସମୟ ଖେଳସାରି ନନ୍ଦା ଡାକିଲା —'ଶ୍ରୀକାନ୍ତ.....!'

ଶ୍ରୀକାନ୍ତ କିଛି କହିଲା ନାହିଁ ।

ନନ୍ଦା ପୁଣି ଡାକିଲା......

ନିତାନ୍ତ ଅସହାୟ ଭାବରେ ଶ୍ରୀକାନ୍ତ କହିଲା, 'ମୋତେ କିଛି ପଚାରିବାକୁ ଚାହୁଁଛନ୍ତି, ନନ୍ଦାଦେଈ.....?'

ନନ୍ଦା ଚୁପ୍ ରହିଲା, ଏପରି ଅବସ୍ଥାରେ ଏମିତି ଏକ ଅବାନ୍ତର ପ୍ରଶ୍ନର ପୁଣି କ'ଣ ଉତ୍ତର ଦିଆଯାଇ ପାରେ.....?

କିଛି ସମୟ ପରେ ପୁଣି ନିଜେ ନିଜେ ନନ୍ଦା କହିଲା, 'ଏପରି ଅବସ୍ଥାରେ କିଛି ସମୟ କଟେଇ ସାରି, ମୋର ମନେ ହୁଏତ, ସେପରି ହଠାତ୍ ଏକ ବିରାଟ ଅଭାବ-ବୋଧ ଭିତରେ ମୁଁ ପଡ଼ି ଯାଉଛି...ଏକ ବିଶାଳ ସାମ୍ରାଜ୍ୟର ସମସ୍ତ ଐଶ୍ୱର୍ଯ୍ୟ, ଅତି ସଂକ୍ଷିପ୍ତ ଭାବରେ, ହାତମୁଠାରୁ ଗଳି ଆସୁ ଆସୁ ଯେମିତି ହଠାତ୍ ଖସି ଯାଉଛି....., କିନ୍ତୁ...କିନ୍ତୁ ତମେ କ'ଣ କିଛି ଅନୁଭବ କରି ପାରୁନା ଶ୍ରୀକାନ୍ତ ?'

ଶ୍ରୀକାନ୍ତ ସେଇମିତି ଆଖିବୁଜି କହିଲା—'ଅନେକ କଥା ତ ଅନୁଭବ କରାଯାଇ ପାରେ ନନ୍ଦା ଦେଈ...କିନ୍ତୁ ସମସ୍ତ ଅନୁଭବକୁ ପ୍ରକାଶ କରିବାର ଭାଷା ମୋ ପାଖରେ କାହିଁ...?'

ଆଉ କିଛି ସମୟ ସେମିତି ବସିରହି ନିଦରୁ ଉଠିଲା ପରି ନନ୍ଦା ହଠାତ୍ ଉଠି ପଡ଼ିଲା, ଆଉ କହିଲା—'ଆସ ଶ୍ରୀକାନ୍ତ...ବେଳ ଗଡ଼ି ଯାଉଛି...ଏଇ ପାହାଡ଼ିଆ ବାଟରେ ଆମକୁ ପୁଣି କେତେ ବାଟ ଓହ୍ଲେଇବାକୁ ପଡ଼ିବ, ସାଢ଼େ ଛଅଟା ବାଜିଲାଣି ...।'

ଶ୍ରୀକାନ୍ତ ଆଖିମେଲି ଚାହିଁଲା, ସେଇ ସୁରୁଣା ନନ୍ଦା···, ଶ୍ରୀକାନ୍ତ ପାଖରେ ମୁଗ୍ଧା ହରିଣୀଟି ଭଳି ବସିରହି, ଯେଉଁ ନନ୍ଦା ମହା ଲିପ୍ସିତ ସାମ୍ରାଜ୍ୟର ଅତୁଳ ବିଭବ ବିଷୟରେ ସ୍ୱପ୍ନ ଦେଖି ପକେଇଲା, ସେ ନନ୍ଦା ଆଉ ବର୍ତ୍ତମାନର ନନ୍ଦା ଭିତରେ ଅନେକ···ଅନେକ ତଫାତ୍ । ଶ୍ରୀକାନ୍ତ ଆଶ୍ଚର୍ଯ୍ୟ ହେଲା ।

କିନ୍ତୁ ଯେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ନନ୍ଦା ଶ୍ରୀକାନ୍ତର ଅତି ନିକଟକୁ ଚାଲି ଆସିଥିଲା, ତା'ର କୌଣସି ଚିହ୍ନ ନନ୍ଦା ଦେହ ବା ମୁହଁରେ ଆଉ ନାହିଁ, ସେଇ ଅଶୁଭ ମୁହୂର୍ତ୍ତଟିକୁ ସେ ସମ୍ପୂର୍ଣ୍ଣ ପାଶୋରି ପକେଇଛି ଭଳି ମନେ ହେଉଥିଲା ।

ସମସ୍ତ ଜିନିଷଗୁଡ଼ିକୁ ସଂକ୍ଷିପ୍ତ ଆକାରରେ ସଜେଇ ବ୍ୟାଗ୍ ଭିତରେ ଭର୍ତ୍ତିକରି ସେ ଶ୍ରୀକାନ୍ତକୁ ପଚାରିଲା—'ଅନେକ ଜିନିଷ ଆମ ପେଟ ଭିତରକୁ ଚାଲି ଯାଇଛି, ଏଣିକି ବ୍ୟାଗ୍‌ଟା ଖୁବ୍ ହାଲୁକା ଲାଗିବ, ଦେଖିଲ ଶ୍ରୀକାନ୍ତ, ବୋହି ପାରିବ କି ନାହିଁ ?'

କିଛି ନ କହି ବ୍ୟାଗ୍‌ଟା ଉଠେଇ ନେଲା ଶ୍ରୀକାନ୍ତ । ନନ୍ଦା ନିଜର ବନ୍ଧୁକଟା ଭିତରେ ଦି'ଟା କାର୍ଟ୍ରିଜ୍ ଭର୍ତ୍ତିକରି ଶ୍ରୀକାନ୍ତର ପଛେ ପଛେ ଚାଲିଲା ।

ସେମାନେ ଫେରି ଆସୁଥିଲେ······।

ଅପେକ୍ଷାକୃତ ଏକ ସହଜ ଅଥଚ ଗହଳିଆ ରାସ୍ତା ଦେଇ, ଶ୍ରୀକାନ୍ତ ବାଟ କଢ଼େଇ ନେଉଥିଲା । ଆଜି ଦିନଟିର ଏଇ ପରିଶ୍ରମ ପରେ ଯେତିକି କ୍ଳାନ୍ତ ହୋଇ ପଡ଼ିବାର କଥା, ତା' ଅପେକ୍ଷା ନିଜକୁ ଅଧିକ କ୍ଳାନ୍ତ ମନେ କରୁଥିଲା ଶ୍ରୀକାନ୍ତ । ଏଇ ଅହେତୁକୀ କ୍ଳାନ୍ତି ପଛରେ କି କାରଣ ଅଛି ସେଇକଥା ଭାବି ଭାବି ସେ ଅନ୍ୟମନସ୍କ ହୋଇ ପଡୁଥିଲା । କିନ୍ତୁ ସୁନନ୍ଦା··· ଚିର ଚଞ୍ଚଳା, ସୁନନ୍ଦାର ଦେହ ବା ମନରେ କ୍ଳାନ୍ତି ନଥିଲା । ବନହରିଣୀ ପରି ସାବଲୀଳ ଗତିରେ ନାଚି ନାଚି ସେ ଶ୍ରୀକାନ୍ତର ଅନୁଗମନ କରୁଥିଲା । ଶ୍ରୀକାନ୍ତର ପଛେ ପଛେ ଚାଲି, ସେ ଶ୍ରୀକାନ୍ତର ଏଇ ଅନ୍ୟମନସ୍କ ଅବସ୍ଥାଟାକୁ ଲକ୍ଷ୍ୟ କରୁଥିଲା । ଏକ ସମୟରେ ଗୋଟିଏ ଗଛ ଡାଳରେ ଦୁଇଟି ବଣ କୁକୁଟଙ୍କୁ ଦେଖି ବନ୍ଧୁକ ଉଠେଇ ସେ ଲକ୍ଷ୍ୟ ସ୍ଥିର କଲା ।

ତା' ପରେ ବନ୍ଧୁକର ଗୁଡ୍ଡୁମ୍ ଗୁଡ୍ଡୁମ୍ ଆବାଜର ଠିକ୍ ପରେ ପରେ ବଣ କୁକୁଡ଼ା ଦୁଇଟି ତଳକୁ ଖସି ପଡ଼ିଲେ, ଆଉ କିଛି ଆଗରେ ଥିବା ଅନ୍ୟମନସ୍କ ଶ୍ରୀକାନ୍ତ ଭୀଷଣ ଭାବରେ ଚମକି ପଡ଼ି, ପଡ଼ି ଯାଉଁ ଯାଉଁ ଏକ ପଥର ଉପରେ ବସି ପଡ଼ିଲେ । ଶ୍ରୀକାନ୍ତଙ୍କୁ ମୁଖ୍ୟତଃ ଏହିଭଳି ଚମକ ଲଗେଇ ଅପଦସ୍ଥ କରିଦେବାକୁ ମନସ୍ଥ କରି ନନ୍ଦା ବନ୍ଧୁକ ଫୁଟେଇଥିଲେ । କିନ୍ତୁ ଗୋଟିଏ ପଥରରେ ଦୁଇଟି ପକ୍ଷୀ ଶିକାର ହୋଇଗଲେ । ନନ୍ଦା ହସି ହସି ଶ୍ରୀକାନ୍ତ ପାଖକୁ ଆଗେଇ ଯାଇଁ, ଶ୍ରୀକାନ୍ତର ସ୍କନ୍ଧ ଉପରେ ଏକ ମୃଦୁ ଧକ୍କା ଦେଇ କହିଲେ, 'ଛି...ଛି...ଶ୍ରୀକାନ୍ତ, ତମେ ଏତେ ଦୁର୍ବଳ ? ପୁରୁଷ ଦେହ ଭିତରେ ଏକ ନାରୀର ହୃଦୟ କି ତମର ନାହିଁ ?' ଏତିକି କହି ଉଚ୍ଛ୍ୱସିତ ହସରେ ଭାଙ୍ଗିପଡ଼ିଲେ ନନ୍ଦା ।

ଶ୍ରୀକାନ୍ତ ଏକାନ୍ତ ନିରୁପାୟ ଭାବରେ ନନ୍ଦା ମୁହଁକୁ ଚାହିଁ ରହିଥିଲେ । ତା' ପରେ ନନ୍ଦାର ହସ ବନ୍ଦ ହେବା ପରେ ସେ କହିଲେ—'ମୁଁ ଦୁର୍ବଳ ବୋଲି, ଆପଣ କଣ ଏଇ ପ୍ରଥମ ଜାଣିବାର ସୁଯୋଗ ପାଇଲେ ନନ୍ଦା ଦେବୀ... ?'

ଶ୍ରୀକାନ୍ତଙ୍କୁ ଟିକିଏ ସାନ୍ତ୍ୱନା ଦେବାର ଭଙ୍ଗୀରେ ନନ୍ଦା କହିଲେ, କିନ୍ତୁ ତମ ଚେହେରାରୁ ତମେ ତ ଯଥେଷ୍ଟ ସବଳ ପରି ମନେ ହୁଅ ଶ୍ରୀକାନ୍ତ ? ତା'ପରେ ଟିକିଏ ରହି ପୁଣି କହିଲେ—'ହଉ ତମ ମାନସିକତା ସେତିକିରେ ରହୁ, ଦୟାକରି ତମେ ଟିକିଏ ସେ ଗଛ ମୂଳକୁ ଶିକାର ଦୁଇଟା ନେଇଆସ, ଦେଖୁଛ ତ; ସେ କଣ୍ଟା ଭିତରେ ମୋ ଶାଢ଼ୀଟା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ।'

ଏକାନ୍ତ ଆଜ୍ଞାଧୀନ ଭୃତ୍ୟପରି, ଗଛମୂଳକୁ ଯାଇ, ପକ୍ଷୀ ଦୁ'ଟାକୁ ଆଣି, ନନ୍ଦା ପାଖରେ ଥୋଇଦେଲେ ଶ୍ରୀକାନ୍ତ । ନନ୍ଦା ସେ ଦୁ'ଟାକୁ ବାଁହାତରେ ଉଠେଇ ନେଲେ । ତା'ପରେ ସେମାନେ ପୁଣି ଚାଲିଲେ । ପାହାଡ଼ର ପାଦଦେଶରେ ପହଞ୍ଚିଲେ ବେଳକୁ ସୂର୍ଯ୍ୟାସ୍ତ ହୋଇ ସାଇଥିଲା...।

ଅନେକବେଳ ବିଛଣାରେ ଛଟପଟ ହୋଇ, ନନ୍ଦା ଶେଷକୁ ଉଠି ପଡ଼ିଲା । ନିଦ ଜମାରୁ ଆସୁନାହିଁ··· । ସୁରେଇରୁ ଥଣ୍ଡାପାଣି ଗଡ଼େଇ ନନ୍ଦା ଆଖି ଆଉ ମୁହଁରେ ମାରିଲା । ତା'ପରେ ତଉଲିଆରେ ମୁହଁ ପୋଛିପକେଇ, ବିଛଣା ଉପରେ ବସି, ଝରକା ଦେଇ ସେ ବାହାରକୁ ଚାହିଁଲା—

ଦୂର ପରବତର ଅଳ୍ପ ଉପରେ ଏକ ବଙ୍କିମ ଚନ୍ଦ୍ର—ନିଷ୍ପ୍ରଭ ହୋଇ ଉଠୁଛି । କାନ୍ଥ ଘଣ୍ଟାକୁ ଚାହିଁ ନନ୍ଦା ଦେଖିଲା, ଗୋଟାଏ ବାଜି ପଇଁତିରିଶ ମିନିଟ୍—ଇସ୍—ଏତେରାତି ହୋଇଗଲାଣି, ଅଥଚ ଆଖିକୁ ନିଦ ଜମାରୁ ଆସୁନାହିଁ, ପଲ୍ଲୀ ଗାଁରେ, ଗୋଟାଏ ପଇଁତିରିଶ ମାନେ, ବେଶ୍ ଅନେକ ରାତି ଯେ··· ।

ନନ୍ଦା ହଠାତ୍ ଭାବିଲା—'ଆଚ୍ଛା, ଶ୍ରୀକାନ୍ତ ଏଇନେ କ'ଣ କରୁଥିବ—?

ବୋଧହୁଏ ଏକ ଗରମ ରେଜେଇ ତଳେ, ବେଶ୍ ନିଶ୍ଚିନ୍ତ ନିଦ ଭିତରେ ଆପଣାକୁ ହଜେଇ ଦେଇଥିବ ସେ । ରାତିର ଏଇ ଶୀତଳ ପବନ ସ୍ପର୍ଶରେ ତା' ଦେହରେ ହୁଏତ ରୋମାଞ୍ଚ ଜାଗୁଥିବ, ଆଉ ସେ ସ୍ୱପ୍ନ ଦେଖୁଥିବ···, ହୁଏତ କେଉଁ ଏକ ରୂପକଥାର ରାଜକୁମାରୀକୁ··· ।

ସେଇ ସ୍ୱପ୍ନିଳ ଅବସ୍ଥାରେ ଶ୍ରୀକାନ୍ତ କିମିତି ଦେଖାଯାଉଥିବ ?' ହଠାତ୍ ଶାଲଟା ଟାଣି ନେଇ ନନ୍ଦା ଦେହରେ ଦେଲା । ଶାଲଟାକୁ ମୁଣ୍ଡ ଉପରକୁ ଅଳ୍ପ ଉଠେଇ ଆଣି, କାନ୍‌ଭାସ୍ ଜୋତା ହଳକୁ ପାଦରେ ଗଳେଇ ପାଦ ଟିପି ଟିପି ବାହାରି ପଡ଼ିଲା ନନ୍ଦା, ଅତି ସନ୍ତର୍ପଣରେ··· । ··· କିନ୍ତୁ ଫାଟକର କବାଟ ମେଲେଇ ସ୍ତବ୍ଧ ହୋଇ ପଡ଼ିଲା ସେ ।

ଫାଟକଠୁ ଅଳ୍ପ ଆଗରେ, ଶୀତ ରାତିର ଏଇ ଥଣ୍ଡା ଭୂଇଁ ଉପରେ ବସି ରହିଛି ଗୋଟାଏ ମଣିଷ··· । ଅସ୍ପଷ୍ଟ ଚନ୍ଦ୍ରାଲୋକରେ ବି, ତାକୁ ଚିହ୍ନିବାକୁ ନନ୍ଦାର ଭୁଲ୍ ହେଲା ନାହିଁ । ଏ ପଲ୍ଲୀ ଗାଁରେ ଏତେ ସ୍ୱଚ୍ଛ ଆଉ ଶୁଭ୍ର ଦେହର ବର୍ଣ୍ଣ ଆଉ କାହାର ନାହିଁ···, ସେ ଶ୍ରୀକାନ୍ତ··· ।

ଅଥଚ କ'ଣ କରୁଛି ଶ୍ରୀକାନ୍ତ ସେଇ ଥଣ୍ଡା ଭୂଇଁଟା ଉପରେ ବସି···?

…ସେଇମିତି ବସିରହିଚି ଶ୍ରୀକାନ୍ତ, ଆଣ୍ଠୁ ଭିତରେ ମୁଣ୍ଡ ଗୁଞ୍ଜି ଦୁଇ ଆଣ୍ଠୁକୁ ଦୁଇ ହାତରେ ଖୁବ୍ ନିବିଡ଼ କରି ଭିଡ଼ି ଧରି ବସି ରହିଚି ସେ… ନନ୍ଦା ନିର୍ନିମେଷ ଦୃଷ୍ଟିରେ ଶ୍ରୀକାନ୍ତ ଆଡ଼କୁ ଚାହିଁ ରହିଲା । କିଛି ସମୟ ପରେ ଆଣ୍ଠୁ ଭିତରୁ ମୁଣ୍ଡ କାଢ଼ିଲା ଶ୍ରୀକାନ୍ତ । ଫାଟକ ପାଖରେ ଥିବା 'ଫର୍ଗେଟ୍ ମି ନଟ୍' ଲତା ଅନ୍ତରାଳରେ ନନ୍ଦା ଆତ୍ମଗୋପନ କଲା ।

ଚାରିଆଡ଼କୁ ଏକ ସନ୍ଦେହର ଦୃଷ୍ଟିରେ ଚାହିଁ ଶ୍ରୀକାନ୍ତ ଉଠି ବସିଲା । ତା' ପରେ ଧୀରେ ଧୀରେ ସେ ଫେରି ଚାଲିଲା ।

ନନ୍ଦାର ମନେ ହେଲା ଶ୍ରୀକାନ୍ତ ହଠାତ୍ ଖୁବ୍ ଅସୁସ୍ଥ ହୋଇ ପଡ଼ିଛି । ଚାଲିବା ପାଇଁ ତା' ପାଦରେ ଯେମିତି ଜୋର ନାହିଁ । ତା ପାଦ ଠିକ୍ ରାସ୍ତାରେ ନ ପଡ଼ି ଏ ପାଖ ସେ ପାଖ ହୋଇ ପଡ଼ୁଥିଲା । ତଥାପି କୌଣସି ରକମ ନିଜ ଦେହଟାକୁ ଘୋସାରି ନେଇ ଶ୍ରୀକାନ୍ତ ଆଗେଇ ଗଲା । ନନ୍ଦାର ଆଖି ଆଗରୁ ଅସ୍ପଷ୍ଟ ଚନ୍ଦ୍ର କିରଣରେ ପ୍ରତିଫଳିତ ଶ୍ରୀକାନ୍ତର କ୍ରମଲମ୍ବମାନ ଛାଇଟା ଆସ୍ତେ ଆସ୍ତେ ଲିଭିଗଲା… ।

ନନ୍ଦା ସେଇଠି, ସେଇମିତି ଥକ୍କା ହୋଇ କିଛି ସମୟ ଠିଆ ହେଲା । ତା'ପରେ ଧୀରେ ଧୀରେ ଦି' ମହଲାର ସିଡ଼ିଦେଇ ଉପରକୁ ଉଠିଯାଇ ଶୋଇବା କୋଠରୀର ଦୁଆର ବନ୍ଦକରି, ବିଛଣା ଉପରେ ଲେଉଟି ପଡ଼ିଲା । ଅଥଚ ପାଦ ପାଖକୁ ପଶମର କମ୍ବଳଟାକୁ ଦେହ ଉପରକୁ ଉଠାଇ ନେବାକୁ, ତା' ଦେହରେ ବଳ ନଥିଲା ପରି ସେ ଅନୁଭବ କଲା । ହେମନ୍ତର ଥଣ୍ଡା ରାତିରେ ସେଇ ଶାଲ୍ ଖଣ୍ଡ ଘୋଡ଼େଇ ହେଇ ବାକି ରାତିଟାକୁ ସେ କାଟିଦେଲା… ।

ସକାଳୁ ପ୍ରାତଃ ଭ୍ରମଣରେ ବାହାରି ସେଦିନ ଆଉ ଶ୍ରୀକାନ୍ତର ଦେଖା ପାଇଲା ନାହିଁ ନନ୍ଦା ।…ତା' ପରଦିନ ବି ସେଇକଥା… । ନନ୍ଦା ଆଉ ଦିନେ ଦୁଇଦିନ, ସକାଳୁ ସକାଳୁ ଶ୍ରୀକାନ୍ତର ଦେଖା ପାଇବାକୁ ବେଶ୍ ସାହାନ୍ତରୁ ପ୍ରାତଃ ଭ୍ରମଣରେ ବାହାରିଲା । ତଥାପି ଶ୍ରୀକାନ୍ତ ସେଇପେ

ସେଦିନର ଅଧଗ୍ରନ୍ତରୁ ନିଶ୍ଚିହ୍ନ ହୋଇ ଯାଇଚି ନନ୍ଦାର ଆଖି ଆଗରୁ ତା'ର ଆଉ ଦେଖାନାହିଁ··· ।

ନନ୍ଦା ଭାରି ଅନ୍ୟମନସ୍କ ହୋଇ ପଡ଼ିଲା । କୌଣସି କାମରେ ଆଉ ତା'ର ମନ ଲାଗିଲା ନାହିଁ । ପଲ୍ଲୀର ଯେଉଁ ସବୁ ଉପାଦାନ ପ୍ରଥମ ଦର୍ଶନରେ ତାକୁ ବେଶ୍ ରେମାଞ୍ଚକର ମନେ ହୋଇଥିଲା, ଆଜି ସେଇସବୁ ଅତି ଅପ୍ରୀତିକର ମନେ ହେଲା । ନନ୍ଦା ନିଜର ଏଇ ପରିବର୍ତ୍ତନ ମନେ ମନେ ଲକ୍ଷ୍ୟ କରୁଥିଲା, କିନ୍ତୁ କାହିଁକି ଯେ ତା' ଜୀବନର ରଙ୍ଗମଞ୍ଚ ଉପରକୁ, ଏପରି ଅସୁନ୍ଦର ଅବସ୍ଥା ଗୋଟାଏ ଓହ୍ଲେଇ ଆସିଲା, ତା'ର କୌଣସି କୂଳକିନାରା ସେ ପାଇଲା ନାହିଁ ।

ନନ୍ଦା ନିଜକୁ ନିଜେ ବିଶ୍ଳେଷଣ କଲା । କ'ଣ ହୋଇଚି ତାର ? କିଛୁ ଭଲ ଲାଗୁନାହିଁ ? ସେ କ'ଣ ଆଉ ନିଜର ଅଜାଣତରେ ଶ୍ରୀକାନ୍ତ ସହିତ ପ୍ରେମରେ ପଡ଼ିଯାଇଚି ? ଖୁବ୍ ତଲେଇ କରି ଜିନିଷଟାକୁ ଚିନ୍ତା କରି ନନ୍ଦା ନିଜକୁ ନିଜେ ଗାଳିଦେଲା । ଶ୍ରୀକାନ୍ତ ସହିତ ପ୍ରେମ···? ଦୂର୍— କ'ଣ ପାଇଁ ଶ୍ରୀକାନ୍ତ ସହିତ ସେ ପ୍ରେମ କରିବାକୁ ଯିବ ? କ'ଣ ଅଛି ଶ୍ରୀକାନ୍ତର···? ଶ୍ରୀକାନ୍ତ ଠାରୁ ରୂପ ଗୁଣ ବିଦ୍ୟା ବୁଦ୍ଧି, ଧନ, ମାନ ଓ ଉଚ୍ଚ ବଂଶ ମର୍ଯ୍ୟାଦା ସମ୍ପନ୍ନ ଅନେକ ଯୁବକ ନନ୍ଦାର ପାଣି ଗ୍ରହଣ କରିବାକୁ ଆଗେଇ ଆସିବେ । ତେବେ ଶ୍ରୀକାନ୍ତ ସହିତ ମିଳାମିଶା, ଅବଶ୍ୟ ଟିକିଏ ଘନିଷ୍ଠ ହୋଇ ଉଠୁଥିଲା । ପଲ୍ଲୀଗାଁରେ ଗପସପ କରି ସମୟ କାଟିଦେବାକୁ ନନ୍ଦା ଜଣେ ମନମୁତାବକ ମଣିଷ ଖୋଜୁଥିଲା, ଆଉ ସେମାନଙ୍କର ଅଭାବ ପୂରଣ କରିବାକୁ ଶ୍ରୀକାନ୍ତ ବ୍ୟତୀତ ଆଉ କିଏ ବା ଏଇ ଗାଁଟାରେ ଅଛି—? ଯେଉଁକି ଗୁଣ ଦେଖି ଶ୍ରୀକାନ୍ତ ସହିତ ମିଳାମିଶା ସେ ଆରମ୍ଭ କରିଥିଲା, ସେଇକି ଗୁଣ ଏଇ ଗାଁର କୌଣସି ଝିଅ ପାଖରେ ଦେଖିବାକୁ ପାଇଥିଲେ ନନ୍ଦାର ଆଉ ପୁରୁଷ ବନ୍ଧୁ ଶ୍ରୀକାନ୍ତକୁ ଖୋଜା ପଡ଼ି ନଥାନ୍ତା । କିନ୍ତୁ···ବଣ ଭିତରର ସେଇ ଝରଣା ପାଖର ଦୃଶ୍ୟଟା ? ଅତି ଅସହାୟ ଭାବରେ ଗୋଟାଏ ପଥରକୁ ଆଉଜି ବସିଚି ଶ୍ରୀକାନ୍ତ—ଆଉ ନନ୍ଦା ତା'ର ଅତି ନିକଟରେ ବସି ଶ୍ରୀକାନ୍ତର ଛାତିରେ ଗୋଟାଏ ହାତଥୋଇ, ଆଉ ଗୋଟାଏ

ହାତରେ ଶ୍ରୀକାନ୍ତର ଗଳାବେଷ୍ଟନ କରି ରଖିଛି, କେଉଁ ଅଧିକାରରେ ସେ ଏତେ ନିବିଡ଼ ଭାବରେ ଶ୍ରୀକାନ୍ତ ସହିତ ବସିଲା···?

ନନ୍ଦା ଭାବିଲା—ସେଇ କ'ଣ ତେବେ 'ପ୍ରେମ'···?

ଅସମ୍ଭବ—ତା' ହୋଇପାରେନା, ନନ୍ଦା ନିଜ ପ୍ରଶ୍ନର ଉତ୍ତର ନିଜେ ଦେଲା । ସେ ତ କେବଳ ନିଜର ବନ୍ଧୁ ହିସାବରେହିଁ ଶ୍ରୀକାନ୍ତକୁ ଏପର୍ଯ୍ୟନ୍ତ ଗ୍ରହଣ କରି ଆସିଛି । ଅବଶ୍ୟ ପଲ୍ଲୀର ଏଇ ସଂକୀର୍ଣ୍ଣ ଆବେଷ୍ଟନୀରେ ସେତିକି କଥାର ଏକ ବଡ଼ ଅର୍ଥ ବାହାର କରାଯାଇପାରେ । କିନ୍ତୁ ଯେଉଁମାନେ ସେ କଥା କରନ୍ତି, ନନ୍ଦା ସେମାନଙ୍କୁ ଥରେ ଯାଇ କଲିକତା ଦେଖି ଆସିବାକୁ କହେ—'ଯାଅ, କଲିକତା ବୁଲିଆସ, ଦେଖିଆସ, ଯାହାକୁ ତମେ ତମର ଗାଉଁଲି ଭାଷାରେ ରାସକ୍ରୀଡ଼ା ବୋଲି କହୁଚ, କଲିକତାରେ ହଠାତ୍ ଦେଖାଶୁଣା ପରେ, ଯୁବକ ଯୁବତୀ ସେତିକି ବାଟ ଆଗେଇ ଯାଆନ୍ତି, ଅଥଚ କଲିକତାର ସଭ୍ୟ ସମାଜ ସେଆଡ଼କୁ ଆଖି ଦିଏନା···। ତମେ କ'ଣ କଲିକତା ମହାନଗରୀର, ନାଗରିକମାନଙ୍କ ଅପେକ୍ଷା, ଅଧିକ ସଭ୍ୟ, ଅଧିକ ଶିକ୍ଷିତ, ଅଧିକ ମାର୍ଜ୍ଜିତ···? ନନ୍ଦା ମନେ ମନେ ଖୁବ୍ ବିରକ୍ତ ହୋଇ ଉଠିଲା । ଅସଭ୍ୟ ପଲ୍ଲୀ—ଆଉ ଅଶ୍ଳୀଳ ଏଇ ସମସ୍ତ ପଲ୍ଲୀବାସୀ···।

ହଠାତ୍ ଉଠିଯାଇ ସେ ତା' ଆଲବମ୍ ଭିତରୁ ଫଟୋଗ୍ରାଫ୍ ସବୁକୁ ବାହାର କରି ପକେଇଲା । କଲିକତାକୁ ପଠେଇ ସେଦିନ ବନଭ୍ରମଣର ଫଟୋଗ୍ରାଫ୍ ସବୁକୁ ସେ ପ୍ରିଣ୍ଟ୍ କରେଇ ଆଣିଛି—ଚମତ୍କାର ଉଠିଛି ଛବିଗୁଡ଼ିକ, ଆଉ ସେଇ ଶେଷ ଛବିଟା···? ଯାହା ଭିତରେ ନନ୍ଦା ଆଉ ଶ୍ରୀକାନ୍ତ ପରସ୍ପର ପାଖକୁ ପାଖ ଲାଗି ବସିଚନ୍ତି—ବେଶ୍, ନିବିଡ଼ ଭାବରେହିଁ ବସିଚନ୍ତି—ନନ୍ଦାର ମୁଣ୍ଡ ନଇଁ ଆସିଛି ଶ୍ରୀକାନ୍ତର ଛାତି ଉପରକୁ—ଫଟୋଗ୍ରାଫ୍ ହିସାବରେ ସିଏ ବି ତ ହୋଇଚି ଏକ ଅନବଦ୍ୟ କଳା ସୃଷ୍ଟି—କିନ୍ତୁ ନା—ଏଇ ପଲ୍ଲୀର ଅନ୍ଧାରିତ ହୃଦୟ ଭିତରେ ଏ ଛବିର କିଛି ଦାମ୍ ନାହିଁ ।

ଚିରିଚିରି କରି ସମସ୍ତ ଫଟୋଗ୍ରାଫ୍‌ଟାକୁ ଛିଣ୍ଡେଇ, ଝରକାବାଟେ ଗଳେଇ ଦେଲା ନନ୍ଦା । ତା'ପରେ ଥଣ୍ଡା ପାଣି ଗିଲାସେ ପିଇ ନିଜକୁ ସେ ଟିକିଏ ସୁସ୍ଥ ମନେକଲା ।

ତା'ପରେ ସେ ପୁଣି ଭାବିବାକୁ ଆରମ୍ଭ କରିଦେଲା···।

ନନ୍ଦା ଭାବିଲା, ଆଚ୍ଛା, ମନେକରାଯାଉ, ସେ ଶ୍ରୀକାନ୍ତକୁ ଭଲ ପାଇ ନାହିଁ ବା ପ୍ରେମ କରିନାହିଁ, କିନ୍ତୁ ଶ୍ରୀକାନ୍ତଙ୍କ ଦିଗରୁ କଥାଟାକୁ ବିଚାର କଲେ ତା' ଭିତରୁ କ'ଣ ବାହାରେ ? ସବୁ କଥାକୁ ବାଦ୍ ଦେଲେବି, ତାହାଙ୍କ ସେଦିନ ରାତିଅଧରେ ଆସି ଫାଟକ ସାମନାରେ ବସି ରହିଥିଲା ? କ'ଣ ତା'ର ଅର୍ଥ···?

'ତା'ର ଅର୍ଥ ହେଉଚି, ଛେନା ଆଉ ଗୁଡ଼—' ବଡ଼ ପାଟିରେ ଏତକ କହି ନନ୍ଦା ହସି ଉଠିଲା ଖୁବ୍ ଜୋର୍‌ରେ । ଏତେ ବାଜେ ବିଷୟ ନେଇ ମୁଣ୍ଡ ଖେଳାଇବା ଜୀବନରେ ଏଇ ବୋଧହୁଏ ପ୍ରଥମ । ସତରେ—ଏଇ ପଲ୍ଲୀ ଜୀବନର ବିଷାକ୍ତ ବାତାବରଣର ଏଇ କୁଚିନ୍ତା ଏକ ପ୍ରତୀକ···। କିଛି ଯେତେବେଳେ କାମ ନାହିଁ—କିଛି ଗୋଟାଏ ଚିନ୍ତା କରିଯାଉ ଏବଂ ଅଳସ ଜୀବନରେ ମଣିଷ ଆଉ କେଉଁ ଚିନ୍ତା କରିବ ? ଯେତେ ସବୁ ବାଜେ କଥା···।

ନନ୍ଦା ସିଦ୍ଧାନ୍ତ କଲା, ଦିନେ ଦୁଇଦିନ ଭିତରେ, ଏଇ ପଲ୍ଲୀ ଜୀବନକୁ ଆପାତତଃ ତ୍ୟାଗ କରି ସେ ପୁଣି ଫେରିଯିବ ସହର ଜୀବନ ଭିତରକୁ, ଯେଉଁ ଜୀବନ ଭିତରେ ତା'ର ଶିକ୍ଷା ପୁଷ୍ଟି ଲାଭ କରିଚି, ଯେଉଁ ଜୀବନ ଭିତରେ ସେ ମଣିଷ ହୋଇଚି । ସେଇ ଜୀବନ ଭିତରକୁ ଫେରିଗଲେ ଅଳ୍ପ ସମୟ ଭିତରେ ସେ ଠିକ୍ ସୁସ୍ଥ ହୋଇ ଉଠିବ···।

ଉପରବେଳା ଅଜାଙ୍କ ପାଖକୁ ଯାଇ, ନନ୍ଦା ତାର ସିଦ୍ଧାନ୍ତ ଜଣେଇ ଦେଲା । କହିଲା, 'ଅଜା, ତମେ ବି ଚାଲ—କିଛିଦିନ ବାହାରେ ଯାଇ ବୁଲି ଆସିବା । ଏଇ ଗୋଟାଏ ଜାଗାରେ ବସି ବସି ବଡ଼ ବିରକ୍ତ ଲାଗୁଚି···।'

'କୁଆଡ଼େ—ପୁଣି ସେଇ କଲିକତା ?' ଖବରକାଗଜ ଉପରୁ ମୁହଁ ଉଠେଇ ହରପ୍ରତାପ ପଚାରିଲେ ।

'ନା, ଏଥର ପ୍ରଥମେ ପୁରୀ ବୁଲିଆସି, କଟକରେ କିଛି ଦିନ ରହିବାକୁ ମୁଁ ଭାବୁଚି ।' ନନ୍ଦା ଅନୁମତି ମାଗିବା ଭଙ୍ଗୀରେ କହିଲା ।

ହରପ୍ରତାପ କହିଲେ, 'ବେଶ୍—ତା'ହେଲେ ଏକ ସଙ୍ଗରେ ସ୍ନାନ ଯିବା । ସେଇଠୁ ତୁ ଆସି କଟକରେ ଓହ୍ଲେଇବୁ, ଆଉ ମୁଁ ସିଧା ଏଇଠିକି ଚାଲିଆସିବି । ବେଶିଦିନ କିନ୍ତୁ ମୁଁ କ ହାରେ କଟେଇ ପାରିବି ନାହିଁ । ଏଥିରେ ତୋ'ର ଯଦି ସମ୍ମତି ଅଛି ତ, ତୁ ମୋତେ ସହଯାତ୍ରୀ କର—ନ ହେଲେ ତୁ ତୋର ନିଜ ରାସ୍ତା ଦେଖ୍, ଏ ବୁଢ଼ାକୁ ଆଉ ସେ ଭିତରକୁ ଟାଣ ନାହିଁ...'

ନନ୍ଦା ଟିକିଏ ହସି କହିଲା—'ତମେ ଇମିତି କେତେ ବୁଢ଼ା ହୋଇ ଯାଇଚ କି ଅଜା ? ନିଜକୁ ସବୁବେଳେ ବୁଢ଼ା କହି କହି ତୁମେ ବେଶି ବୁଢ଼ା ହୋଇଯିବ । ଆଚ୍ଛା—ମୁଁ ତେବେ ଜିନିଷପତ୍ର ସଜାଡ଼ି ନେଉଚି । ଦିନ, ବାର, ଠିକ୍ କରି ମୋତେ ଜଣେଇବ...?'

ତା'ପରେ ନନ୍ଦା ଯାଇ ବଗିଚା ଭିତରେ କିଛି ସମୟ ବୁଲିଲା ଏବଂ ସନ୍ଧ୍ୟାପରେ ନିଜ କୋଠରୀରେ ବସି, ସେ ଦିନର ଡାକରେ ଆସିଥିବା ଏକ ଖେଳ ପତ୍ରିକାରେ ମନ ଦେଲା ।

ହରପ୍ରତାପ ଏକ ଓକିଲ ବନ୍ଧୁଙ୍କ ଘରେ ଉଠିଲେ । ଭଦ୍ରଲୋକ ନିଃସନ୍ତାନ, ତେଣୁ ବନ୍ଧୁଙ୍କ ସହିତ କନ୍ୟାପ୍ରତିମ ନନ୍ଦାକୁ ପାଇ ତାଙ୍କର ଶୁଖିଲା ସଂସାର ହସି ଉଠିଲା ।

ଚମତ୍କାର ସ୍ଥାନ । ସମୁଦ୍ର କୂଳଠୁ ଟିକିଏ ଦୂରରେ, ଆଖିକୁ ସମୁଦ୍ର ଦେଖା ଯାଏନି, କିନ୍ତୁ ସ୍ପଷ୍ଟ ଅନୁଭବ କରିହୁଏ ଛାତ ଉପରୁ । ଦିଗ୍‌ବଳୟ ବ୍ୟାପୀ ସମସ୍ତ ସମୁଦ୍ରଟି ଆଖିରେ ପଡ଼େ । ଯେତେବେଳେ ଅଜା ତାଙ୍କର ବନ୍ଧୁଙ୍କ ସହିତ ନ୍ୟାୟବଳ ଖେଳରେ ବ୍ୟସ୍ତ ଥାନ୍ତି, ନନ୍ଦା ସେତେବେଳେ ଛାତ ଉପରକୁ ଆସି, ସମୁଦ୍ର ଆଡ଼କୁ ଏକ ସର୍ବଗ୍ରାସୀ ଦୃଷ୍ଟିରେ ଚାହିଁ ରହିଥାଏ...।

ବୃଦ୍ଧ ଓକିଲଙ୍କ ପାଖକୁ ଅନେକ ଲୋକ ଆସନ୍ତି । ବଡ଼ବଡ଼ ବିରାଟ ଧନୀ, କଳମାଲିକ, ଖଣି ମାଲିକଙ୍କଠାରୁ ଆରମ୍ଭ କରି ମଲ୍ଲମୁଣ୍ଡିଆ ଶ୍ରେଣୀର

[ ୮୧

ଲୋକ ପର୍ଯ୍ୟନ୍ତ ସମସ୍ତେ ପରାମର୍ଶ ଲୋଡ଼ନ୍ତି । ଦୀର୍ଘଦିନର ଅଭିଜ୍ଞତା ସମ୍ପନ୍ନ ବୃଦ୍ଧ ଓକିଲଙ୍କର ପରାମର୍ଶ ଅନେକ ସମୟରେ ଉପଯୁକ୍ତ ହୁଏ । ତେଣୁ ସେ କୋର୍ଟ, କଚେରୀରୁ ଅନେକ ଦିନରୁ ବିଦାୟ ନେଇଥିଲେହେଁ, ଓକିଲ ଜୀବନକୁ ଛାଡ଼ିପାରି ନାହାନ୍ତି । ତାଙ୍କଠୁ ଓକିଲତି ଶିକ୍ଷା କରିବା ପାଇଁ ମଝିରେ ମଝିରେ ଜଣେ ତରୁଣ ଓକିଲ ମଧ୍ୟ ଆସନ୍ତି ।

ଦୈବକ୍ରମେ ସେଦିନ ତାଙ୍କ ସହିତ ନନ୍ଦାର ଦେଖା ହୋଇପାଏ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେ । ଘରେ ସେତେବେଳେ ଅନ୍ୟ କେହି ନାହାନ୍ତି । ଦୁଇ ବୃଦ୍ଧବନ୍ଧୁ ଯାଇଥିଲେ ସମୁଦ୍ର ଆଡ଼କୁ । ଗୃହକର ବୋଧହୁଏ ବଜାର କରିବାକୁ ବାହାରି ଯାଇଥିଲା । କିନ୍ତୁ ନନ୍ଦା, ଗୃହସଂଲଗ୍ନ ବଗିଚାର ଏକ ସୁବାସିତ ଅଂଶରେ, ଯେଉଁଠି ସାନ୍ଧ୍ୟ ଆସରର ଆୟୋଜନ ହୁଏ, ସେଇଠି ଏକ ଚେୟାର ଉପରେ ବସି ଏକ ଶସ୍ତା ମାସିକ ପତ୍ରିକା ଉପରେ ଆଖି ବୁଲେଇ ନେଉଥିଲା···।

ଘରେ କାହାକୁ ନ ଦେଖି ବାହାରି ଯାଉଥିବା ଅବସ୍ଥାରେ ନନ୍ଦା ତାଙ୍କୁ ଦେଖି ଡାକ ପକେଇଲା, 'ଆରେ—ଆପଣ ବାହାରି ଯାଉଛନ୍ତି ଯେ—ଏଇଠିକି ଆସନ୍ତୁ ନା—ଏଇ ଚେୟାର୍‌ଟାରେ ବସନ୍ତୁ···ବସନ୍ତୁ ନା···?'

ସାବଜନୀନ ଓଡ଼ିଆ ସଙ୍କୋଚ ପ୍ରତି ପଦକ୍ଷେପରେ ଭରି ଦିଏ ଇତସ୍ତତଃ ହୋଇ ନୂତନ ଓକିଲ ଜଣଙ୍କ ଆସି ନିର୍ଦ୍ଦିଷ୍ଟ ଆସନଟି ଉପରେ ବସିଲେ । ନନ୍ଦା ତାଙ୍କର ସଙ୍କୁଚିତ ଭାବଭଙ୍ଗୀ ଦେଖି ମନେ ମନେ ହସି ଉଠିଲା । ଓଡ଼ିଆ ଯୁବକ, ବିଲାତ ଯାଉ, ଆମେରିକା ଯାଉ, କିମ୍ବା ପୃଥିବୀର ଯେ କୌଣସି ସଭ୍ୟ ଦେଶରେ ଯାଇ କିଛିଦିନ କଟେଇ ଦେଇ ଆସୁ ପଛକେ—ଏତିକ ଗୁଣ ତା' ପାଖରେ ରହିଯିବ । କେ,ଏ ବନ୍ୟ ଶ୍ୱାପ ମୁହଁକୁ ପଠେଇଦେଲେ ବରଂ କିଛି ପରିମାଣରେ ସାହସ ଧରି ସେଠ'କୁ ଯି ଯିବ, କିନ୍ତୁ ଏକ ଅପରିଚିତା ତରୁଣୀ, ବିଶେଷତଃ ସମ୍ପୂର୍ଣ୍ଣ ନିର୍ଜନ ପରିବେ ଭିତରେ—ଆରେ, ବା···ବାଃ···

ନନ୍ଦା ଏଇ ତରୁଣ ଓକିଲଙ୍କ ବିଷୟରେ ଆଗରୁ କିଛି କିଛି ଶୁଣିଥିଲା । ତାଙ୍କ ନାଁ ସହିତ ବିଦେଶୀ ବିଶ୍ୱବିଦ୍ୟାଳୟର ଏକ ସମ୍ମାନସୂଚ

ଆଇନ୍ ଉପାଧି ମଧ୍ୟ ସଂଯୁକ୍ତ, ସେ ଜାଣେ— କିନ୍ତୁ ଭଦ୍ରଲୋକ ଏଇ ଏତେଦୂର ବିଶିଷ୍ଟ ହୋଇଥିବେ, ଏକଥା ତା' ଧାରଣାର ଅତୀତ ଥିଲା ।

ତାଙ୍କ ଆଡ଼କୁ ଚାହିଁ ନନ୍ଦା ଏତକ ଭାବୁଥିଲାବେଳେ ଭଦ୍ରଲୋକ ଚୁପ୍ ହୋଇ ବସିଥିଲେ ।

ନନ୍ଦା ପ୍ରଥମେ କହିଲା—'ଆପଣ ଏଠାକୁ ଯିବା ଆସିବା କରନ୍ତି ବୋଲି ମୁଁ ଶୁଣିଥିଲି; ଆପଣଙ୍କୁ ଥରେ ଦି'ଥର ଦେଖିଲିଣି ମଧ୍ୟ । କିନ୍ତୁ ଆପଣଙ୍କ ସହିତ ପରିଚିତ ହୋଇପାରି ନଥିବା ଯୋଗୁ ମୁଁ ଦୁଃଖିତ । ଆପଣ ଏ ପରିବାର ସହିତ ଯେତେବେଳେ ଏତେଦୂର ଜଡ଼ିତ ହୋଇ ପଡ଼ିଚନ୍ତି, ମୋ'ଠୁ ଏତେ ଦୂରେଇ ରହିବା କ'ଣ ସୁନ୍ଦର କଥା ? ଆପାତତଃ ମୁଁ ବି ତ ଏଇ ଘରର ଜଣେ ମଣିଷ, କ'ଣ କହୁଚନ୍ତି...?'

ଅଳ୍ପ ହସି ତରୁଣ ଓକିଲଟି କହିଲେ—'ହଁ ।'

'ଆଃ—ଏତେ ଛୋଟ ଉତ୍ତରଟିଏ ଦେଇ ଆପଣ ଚୁପ୍ କରିଗଲେ ! ଏତେ ସ୍ୱଳ୍ପଭାଷୀ ହେଲେ ଆପଣ ଓକିଲାତି କରିବେ କିମିତି ? ଆପଣଙ୍କ ନାଁ କ'ଣ କହନ୍ତୁ ତ...?' ନନ୍ଦା ପଚାରିଲା ।

ଭଦ୍ରଲୋକ କହିଲେ—'ମୋ ନାଁ—ସୁବୋଧ ଦାସ ।'

ନନ୍ଦା କହିଲା—'ଆପଣଙ୍କ ନାଁଟା ସୁବୋଧ ଦାସ ନ ହୋଇଥିଲେ ବି ଚଳନ୍ତା, କାରଣ ଆପଣଙ୍କୁ ଦେଖିଲେ ତ ମନେହୁଏ, ଆପଣ ଅତି ମାତ୍ରାର ଏକ ସୁବୋଧ...'

'ବାଳକ—' ନନ୍ଦାର ଅସମ୍ପୂର୍ଣ୍ଣ ବାକ୍ୟଟିକୁ ପୂର୍ଣ୍ଣାଙ୍ଗ କରିଦେଇ ସୁବୋଧ ଅଳ୍ପ ହସିଲା ଓ ନନ୍ଦା ମଧ୍ୟ ଟିକିଏ ହସିଲା ଏବଂ ଏଇ ହସ ଭିତର ଦେଇ ସେମାନଙ୍କର ପରସ୍ପର ନିକଟରେ ପରିଚିତ ଆଉ ଟିକିଏ ନିବିଡ଼ ହୋଇ ଉଠିଲା ।

କଥା ପ୍ରସଙ୍ଗରେ ଅନେକ କଥାର ଅବତାରଣା ହେଲା । ନନ୍ଦାର ଅନୁରୋଧରେ ସୁବୋଧ ନିଜ ବିଲାତି ଜୀବନର କାହାଣୀ କହିଲା । ସୁବୋଧର ବିଦେଶ ଜୀବନର ସମସ୍ତ ରୋମାଞ୍ଚକୁ ନନ୍ଦା ମନେ ମନେ ଅନୁଭବ କରିବାକୁ ଚେଷ୍ଟା କରୁଥିଲା । ନିଜ ପ୍ରବାସୀ ଜୀବନର ସମସ୍ତ

ଆକର୍ଷଣୀୟ ଘଟଣାକୁ, ନନ୍ଦା ଆଗରେ ଯେତେଦୂର ସମ୍ଭବ ଶ୍ରୁତିମଧୁର କରି ବଖାଣି ସାରି, ଶେଷରେ ଟିକିଏ ପ୍ରଶଂସା ପାଇବା ଆଶାରେ ସୁବୋଧ ନନ୍ଦା ମୁହଁକୁ ଚାହିଁଲା ।

ସୁବୋଧ କଥା କହୁଥିଲାବେଳେ, ନନ୍ଦା ତା' ମୁହଁକୁ ଖୁବ୍ ଆଗ୍ରହର ସହିତ ଚାହିଁ ରହିଥିଲା । କିନ୍ତୁ ତା'ର କଥା ସରିବା ସଙ୍ଗେ ସଙ୍ଗେ, ସେ ମୁହଁରେ ଏକ କୃତ୍ରିମ ଗାମ୍ଭୀର୍ଯ୍ୟ ଖେଳେଇ କହିଲା, 'ଆପଣଙ୍କ କଥା ଶୁଣି, ବିଦେଶ ଯିବାର ସମସ୍ତ ସଙ୍କଳ୍ପ ମୁଁ ଏଇ ମୁହୂର୍ତ୍ତରୁ ପରିତ୍ୟାଗ କଲି । ଏ ଜୀବନରେ ଆଉ ବିଦେଶୀ ଉପାଧି ଗୋଟାଏ ହାସଲ କରିହେଲା ନାହିଁ ।'

ସୁବୋଧ ନନ୍ଦା ବିଷୟରେ ମଧ୍ୟ ସମସ୍ତ ଶୁଣିଥିଲା ଏବଂ ଖୁବ୍ ଶୀଘ୍ର ଚାକିରୀ ବନ୍ଧନରେ ଉଚ୍ଚଶିକ୍ଷା ପାଇଁ ସେ ଲଣ୍ଡନ ବା ଆମେରିକା ଯିବ, ଏ ଧାରଣା ତା'ର ଥିଲା । ତେଣୁ ନନ୍ଦାର ଏଇ ଅଦ୍ଭୁତ ମନ୍ତବ୍ୟ ଶୁଣି ନିଜର ବର୍ଣ୍ଣନାରେ କେଉଁଠି ତ୍ରୁଟି ରହିଲା ମନେ କରି ସେ କହିଲା, 'କାହିଁକି, ମୋ କଥା ଶୁଣି ଆପଣଙ୍କର ମନୋବୃତ୍ତି ଏମିତି ବଦଳି ଗଲା ଯେ ହଠାତ୍··· ?'

ନନ୍ଦା କହିଲା— 'କାରଣ ଆପଣଙ୍କ ବର୍ଣ୍ଣନାରେ ମୁଁ ସେମିତି କିଛି ଲୋଭନୀୟ ଦେଖିବାକୁ ପାଇଲି ନାହିଁ, ଯାହାପାଇଁ ଏତେ ପଥଶ୍ରମ କରି ଆମର ବିଲାତ, ଆମେରିକା ଧାଇଁବା ଦରକାର । ଆପଣ ଯାହାସବୁ କହିଲେ, ସେ ସବୁ ତ ଅତି ମାମୁଲି କଥା । କେବଳ ଉପାଧିଟାକୁ ବାଦ୍ ଦେଇ ଏଇଠି ବସିଥିଲେ ବୋଧହୁଏ ବିଦେଶୀ ଜୀବନର ଅଗରୁ ମୂଳ ପର୍ଯ୍ୟନ୍ତ, ସମସ୍ତଟାକୁ ଆପଣ ଅନୁଭବ କରି ପାରିଥା'ନ୍ତେ ।'

ବିସ୍ମିତ ହୋଇ କିଛି ସମୟ ନନ୍ଦାକୁ ଚାହିଁ ସୁବୋଧ କହିଲା, ଆଶ୍ଚର୍ଯ୍ୟ ମନୋବୃତ୍ତି ତ ଆପଣଙ୍କର···, ମଣିଷ ଉଚ୍ଚଶିକ୍ଷା ପାଇଁ ବିଦେଶ ଯିବ, ତା'ର ସାଧାରଣ ଅନୁଭୂତି କ'ଣ ଦରକାର ? ଆପଣ ଉପାଧି ପାଇଁ ବିଦେଶ ଯିବାକୁ ଚାହୁଁଥିଲେ, ଏବଂ ସେଠାକୁ ଗଲେ ଆପଣ ସେତିକି ପାଇବେ, ଅନୁଭୂତି ତ ହେଲା ନାହିଁ, ଉପାଧି ମିଳିବ ତ···ସେଇ ଯଥେଷ୍ଟ··· ।'

ଏ ପ୍ରସଙ୍ଗରେ ଆଉ ଅଧିକ ଆଗେଇବା ପାଇଁ ନନ୍ଦାର ଇଚ୍ଛା ନ ଥିଲା । ତେଣୁ କଥାର ଧାର ପରିବର୍ତ୍ତନ କରିବାକୁ ମନ କରି ଘଡ଼ିକୁ ଚାହିଁ ସେ କହିଲା— 'ଦେଢ଼ଘଣ୍ଟା ହୋଇଗଲା, ଏ ବୁଢ଼ା ଦୁ'ଜଣ କେଉଁଠି ବସିଯାଇ ଥିବେ, ଚାଲନ୍ତୁ ଗପ କରି କରି ସମୁଦ୍ର କୂଳ ପର୍ଯ୍ୟନ୍ତ ଚାଲିଯିବା, ସେମାନଙ୍କୁ ସଙ୍ଗରେ ନେଇ ପୁଣି ଫେରି ଆସିବା ।'

ଚଉକି ଛାଡ଼ି ସେମାନେ ଉଠିଲେ । ବାଟରେ ଗପି ଗପି ସେମାନେ ଯେତେବେଳେ ସମୁଦ୍ର କୂଳରେ ପହଞ୍ଚିଲେ, ସେତେବେଳକୁ ଟିକିଏ ଅନ୍ଧାର ହୋଇ ଯାଇଚି । ଅଥଚ ଅଜା ବା ତାଙ୍କର ଓକିଲ ବନ୍ଧୁଙ୍କର ଦେଖା ମିଳିଲା ନାହିଁ ।

ସୁବୋଧ କହିଲା—'ସମୁଦ୍ର କୂଳରେ କେଉଁଠି ହେଲେ ତ ସେମାନେ ଦେଖା ଯାଉ ନାହାନ୍ତି । ବୋଧହୁଏ ମନ୍ଦିର ଆଡ଼େ ଚାଲି ଯାଇଥିବେ । ଆଜି ମନ୍ଦିରରେ ଏକ ମହୋତ୍ସବ ହେବାର କଥା । ତାଙ୍କ ସହିତ ଆଜି ଆମର ଆଉ ଦେଖା ହୋଇ ପାରିବ ନାହିଁ, ତା' ହେଲେ ଆପଣଙ୍କ ପାଖରୁ ଏଇଠୁ ମୁଁ ବିଦାୟ ନଉଚି··· ?'

ନନ୍ଦା କହିଲା, 'ବିଦାୟ ନେବା ପୂର୍ବରୁ ମୁଁ ଆପଣଙ୍କୁ କହି ରଖୁଚି —ଆମ ଭିତରେ ତ ପରିଚୟ ହୋଇଗଲା ଏବଂ ଆମେ ପରସ୍ପର ବନ୍ଧୁ ହୋଇ ପଡ଼ିଲେ । ଏଣିକି ଅଜା ପ୍ରଭୃତି ନ ଥିଲାବେଳେ ଆପଣ ଯଦି ଆସିଯା'ନ୍ତୁ, ତେବେ ଚୁପ୍ ଚୁପ୍ ଫେରିଯିବେ ନାହିଁ ଯେମିତି··· ।'

ସୁବୋଧ ଟିକିଏ ହସି କହିଲା—'ନାଁ, ଏଣିକି ସେମିତି ଘଟଣା ଘଟିବ ବୋଲି ଆପଣ ଭାବୁଚନ୍ତି କାହିଁକି··· ? ଆଚ୍ଛା··· ନମସ୍ତେ··· ?'

'ନମସ୍ତେ !' ନନ୍ଦା କହିଲା ।

ସତରେ, ସୁବୋଧ ସହିତ ନନ୍ଦାର ପରିଚୟ ନିବିଡ଼ରୁ ନିବିଡ଼ତର ହୋଇପଡ଼ିଲା । ବୃଦ୍ଧ ଓକିଲଙ୍କଠାରୁ କୌଣସି ପରାମର୍ଶ ଗ୍ରହଣ କରିବାକୁ ନ ଥିଲେ ମଧ୍ୟ ଏଣିକି ସୁବୋଧ ଆସେ ଏବଂ ନନ୍ଦା ସହିତ କିଛି ସମୟ ଗଳ୍ପକରି ଚାଲିଯାଏ । ବେଳେବେଳେ ମିଛରେ ହେଲେ ନିଜକୁ ବ୍ୟଗ

ହୋଇଛି ବୋଲି କହି ପ୍ରେସ୍‌କ୍ରିପ୍‌ସନ୍ ମାଗେ । ପେଟେଣ୍ଟ୍ ଔଷଧ ହିସାବରେ, କେଉଁ କମ୍ପାନୀର ଔଷଧ ଭଲ ସେ କଥା ପଚାରେ । ମଣିଷର ହୃଦଯନ୍ତ୍ର ଆଉ ମସ୍ତିଷ୍କ, ଏ ଦୁ'ଟାଙ୍କୁ ମଣିଷ ଦେହରୁ କାଢ଼ି, ଆଉଥରେ ତା ଜାଗାରେ ଅନ୍ୟ ମଣିଷର ସେଇ ଯନ୍ତ୍ର ଗୁଡ଼ିକ କାହିଁକି ଖଞ୍ଜାଯାଇ ପାରିବ ନାହିଁ, ସେ ପ୍ରଶ୍ନ ମଧ୍ୟ ସେ ନନ୍ଦାକୁ ଜିଜ୍ଞାସା କରେ । ନନ୍ଦା ଯେଉଁ ଜିନିଷକୁ ଅସମ୍ଭବ ବୋଲି କହେ, ବିଲାତ ଆଉ ଆମେରିକାରେ ସେଗୁଡ଼ିକ ଅତି ସାଧାରଣ ହୋଇଗଲାଣି ବୋଲି ସୁବୋଧ କହେ, ଏଇପରି ଗୁଡ଼ାଏ···

ବେଳେବେଳେ ନନ୍ଦା ପଚାରେ ଯେ ଯେଉଁ ଜମିଦାରୀ ସରକାର ଜବରଦସ୍ତ ତାଙ୍କ ପାଖରୁ ଛଡ଼ାଇ ନେଇଚନ୍ତି, ସେଇଟା ଆଉ ଫେରି ଆସିବ କି ନାହିଁ, ଏବଂ ସେଇଥି ପାଇଁ ଯଦି ସରକାର ବିରୁଦ୍ଧରେ ଏକ ମୋକଦ୍ଦମା କରାଯାଏ, ତା'ର ଫଳାଫଳ କ'ଣ ହୋଇପାରେ ? ନନ୍ଦା ପକ୍ଷରୁ ଦକ୍ଷତାର ସହିତ ଲଢ଼ିବା ପାଇଁ ସୁବୋଧ ରାଜି ଅଛି କି ନାହିଁ ଏବଂ ସେଥିପାଇଁ ସୁବୋଧ କେତେ ଟଙ୍କା ଖର୍ଚ୍ଚ କରିବ···ଇତ୍ୟାଦି ।

ପରସ୍ପର ପରସ୍ପରକୁ ବ୍ୟଙ୍ଗ ବିଦ୍ରୂପ ବି କରନ୍ତି । ସେଥିରେ ଦୁହିଁଙ୍କୁ ବେଶ୍ ଆରାମ ଲାଗେ । ନନ୍ଦା ମନରୁ ଗଭୀର ଅବସାଦ ଦୂର ହୋଇଯାଏ । ଝାଉଁବଣ ଦେଇ ଏକାଏକା କେମିତି କେବେ ସୁବୋଧ ସହିତ ସେ ବୁଲେ । ସମୁଦ୍ର କୂଳରେ ମାଛଧରା ଦେଖେ । ବଡ଼ ଦେଉଳରେ ଜଗନ୍ନାଥଙ୍କୁ ମଧ୍ୟ ଦେଖିବାକୁ ଯାଏ । ମନ ଭିତରର ଶୂନ୍ୟସ୍ଥାନଟାରେ ଆସ୍ତେ ଆସ୍ତେ ସରସ ଅନୁଭୂତିର ସ୍ତର ଘନୀଭୂତ ହୋଇ ଉଠେ ।

ବାଧା ବନ୍ଧନ ନାହିଁ··· ଏମାନଙ୍କୁ ଆକଟ କରିବ କିଏ, ଆଉ ଆକଟ କରିବାର ଆବଶ୍ୟକତା ବା କ'ଣ···? ଦୁହେଁ ଶିକ୍ଷିତ, ମାର୍ଜିତ, ସମ୍ଭ୍ରାନ୍ତ ଆଉ କୁଳୀନ । ସେମାନଙ୍କ ଦେହରେ ତାଙ୍କ ପୂର୍ବ ପୁରୁଷର ଆତ୍ମସମ୍ମାନ ବୋଧ ଜମାଟ ବାନ୍ଧି ଯାଇଚି, ତେଣୁ କେହିହେଲେ ତଳକୁ ଖସିପଡ଼ିବେ, ଏପରି ଆଶଙ୍କା କରିବା ସମ୍ପୂର୍ଣ୍ଣ ଅମୂଳକ ।

କିନ୍ତୁ ବେଳକୁ ବେଳ, ଯେମିତି ଏ କଥାର ଏକ ସିଦ୍ଧାନ୍ତ କରିନେବାକୁ ଜମିଦାର ହରପ୍ରତାପ ବ୍ୟସ୍ତ ହୋଇପଡ଼ିଲେ । ତାଙ୍କ ମନକୁ

ଙ୍କ ଆଦିମାନବର ଦୁର୍ବଳତା ମାତ୍ର ବସିଲା । ନନ୍ଦାଙ୍କୁ ସେ ଯେ ସମ୍ପୂର୍ଣ୍ଣ ଅନ୍ୟ ଉପାଦାନରେ ଗଢ଼ିଛନ୍ତି, ଏ ଧାରଣା ତାଙ୍କର ରହିଲା ନାହିଁ ।

ତେଣୁ ସେଦିନ ନନ୍ଦାକୁ ପାଖକୁ ଡାକି ଏଣୁ ତେଣୁ ଦି'ପଦ କଥାବାର୍ତ୍ତା ପରେ ସେ ପଚାରିଲେ, 'ଆଚ୍ଛା ତୁ କ'ଣ ଏଣିକି ବାହାହେବାକୁ ଠିକ୍ କଲୁଣି ନନ୍ଦା··· ?'

ନନ୍ଦା ଭାବିଲା ଅଜା ଥଟ୍ଟା କରୁଛନ୍ତି—ସେ କହିଲା—'କାହାକୁ ବାହାହେବା କଥା କହୁଚ ଅଜା ?'

'ସେଇ ବିଲାତ ଫେରନ୍ତା ଓକିଲଟାକୁ···।' ଟିକିଏ ହସି ବୃଦ୍ଧ କହିଲେ ।

ନନ୍ଦା ସହିତ ଘନିଷ୍ଠତା ହେବାପରେ ସୁବୋଧ ମଧ୍ୟ ବୃଦ୍ଧ ଜମିଦାରଙ୍କୁ ଅଜା ବୋଲି ଡାକିବାକୁ ଆରମ୍ଭ କରିଥିଲା । ସେଇ ସୂତ୍ରରେ ଆବଶ୍ୟକ ସ୍ଥଳେ ସୁବୋଧକୁ ପରିହାସ କରିବାକୁ ସେ ଭୁଲ୍ କରୁ ନ ଥିଲେ । ବିଶେଷତଃ ନନ୍ଦା ଆଉ ସୁବୋଧର ଘନିଷ୍ଠତା ଦେଖି ସେ ମନେକରି ନେଇଥିଲେ ଯେ—ନିକଟ ଭବିଷ୍ୟତରେ ଏମାନେ ବୋଧହୁଏ ଏକ ଦମ୍ପତି ହେବାକୁ ଯାଉଛନ୍ତି ।

ଅଜାଙ୍କ କଥା ଶୁଣି ନନ୍ଦା କହିଲା—'ବିବାହ ବିଷୟରେ ଏ ଯାଏ ମୁଁ ତ କିଛି ଭାବିନାହିଁ ଅଜା···କିନ୍ତୁ ନିହାତି ଯଦି ମୋର ବିବାହ କରି ଦେବାକୁ ତୁମର ମନ ହେଉଛି, ତେବେ ସୁବୋଧ କାହିଁକି···ଅନ୍ୟ କେହି କ'ଣ ନାହାନ୍ତି··· ? ସୁବୋଧ ତ ମୋର ବନ୍ଧୁ, ତା' ସହିତ ବିବାହକୁ ଏକାଠି ମିଳେଇ ମୁଁ ଦେଖିବାକୁ ଚେଷ୍ଟା କରି ନାହିଁ ଅଜା··· ।'

ହରପ୍ରତାପ ନନ୍ଦାଠୁ ଏଭଳି ଉତ୍ତର ଆଶା କରି ନ ଥିଲେ । ନନ୍ଦାର ଉତ୍ତରରେ ବିସ୍ମିତ ବିମୂଢ଼ ହୋଇ ସେ ପଚାରିଲେ—'ତେବେ ତୁ ପୁଣି କେବେ ବଡ଼ ହେବୁ ଶୁଣେ··· ? ଆମ ଯୁଗ ହୋଇଥିଲେ ତୁ ଏତେବେଳକୁ ପାଞ୍ଚ, ଛଟି ସନ୍ତାନର ଜନନୀ ହୋଇ ସାରନ୍ତୁଣି । ତୋର ବାପ ମା' ଆଜି ନାହାନ୍ତି— ସେ ଥିଲେ ଏ ଦାୟିତ୍ୱ ମୋତେ ମୁଣ୍ଡେଇବାକୁ ପଡ଼ି ନ ଥା'ନ୍ତା ।'

କଥାର ଧାର୍‌ ବେଶ୍ ସହଜ ହୋଇ ଉଠିଲା । ମଝିରେ ଯେଉଁ କଟୁଣତା ହଠାତ୍ ଫୁଟି ଉଠିଥିଲା, ଦୁହିଁଙ୍କର ନିଷ୍କପଟ ସାରଲ୍ୟ ଭିତରେ, ସେତକ କୁଆଡ଼େ ଉଭେଇଗଲା । ସେମାନେ ପ୍ରତ୍ୟେକ ଅପରକୁ ବୁଝେଇ ଦେଇ ପାରୁଥିଲେ ଯେ, ସେମାନେ ଯାହା କହୁଚନ୍ତି, ସେ ସବୁ ପ୍ରକୃତ ଅନ୍ତରର କଥା । ସେଥିରେ ଟିକିଏ ହେଲେ ଏ ପାଖ ସେ ପାଖ ନାହିଁ ।

ବୃଦ୍ଧ ନିଜ କଥାରେ ପୂର୍ଣ୍ଣଚ୍ଛେଦ ଟାଣିବା ପରେ ପରେ ନନ୍ଦା ଖୁବ୍ ଜୋରରେ ହସି ଉଠି କହିଲା—'ତା' ହେଲେ—କଥାର ମୂଳ ଯାଇ ଏଇଠି... ? କିନ୍ତୁ କିଏ ତୁମକୁ ମୋ ଦାୟିତ୍ୱ ମୁଣ୍ଡେଇବାକୁ କହୁଚି କୁହତ... ? ମୁଁ ତ ତୁମକୁ ବାରଂବାର କହିଆସୁଚି ଯେ ତୁମେ ବରଂ ଯାବତୀୟ ଦାୟିତ୍ୱ ମୋତେ ମୁଣ୍ଡେଇ ଦେଇ ଚୁପହୋଇ ମାଳ ଗଡ଼ାଅ । ତୁମେ କାହିଁକି ଏତେ ସବୁ ଝଞ୍ଜାଟ ଭିତରେ ପଶୁଚ... ?'

ବୃଦ୍ଧ କୃତ୍ରିମ ଦୁଃଖ ପ୍ରକାଶ କରି କହିଲେ—'ନାଁ...ଏଣିକି ଦେଖୁଚି ସେଇକଥା କରିବାକୁ ପଡ଼ିବ । ନିଜର ଦାୟିତ୍ୱକୁ ତୋ ଉପରେ ପକେଇ ଦେଲେ, ବାସ୍ତବିକ ମୁଁ ଅନେକଟା ନିଶ୍ଚିନ୍ତ ହୋଇ ପାରିବ ।'

ସେଇଦିନ ଉପରଓଳି ବେଶ୍ ସହଜ ଭାବରେ ସୁବୋଧକୁ କଥାଟା ଶୁଣେଇ ଦେଲା ନନ୍ଦା । କହିଲା, 'ଶୁଣିଲଣି ସୁବୋଧ, ଅଜା କହୁଥିଲେ ଆମେ ଦୁହେଁ ବର୍ତ୍ତମାନ ପରସ୍ପର ଭିତରେ ଯେଉଁ ସମ୍ପର୍କ ସ୍ଥାପନ କରିଛେ, ଏଇଟା କୁଆଡ଼େ ବିବାହର ପୂର୍ବାଭାଷ ! କି ଆଶ୍ଚର୍ଯ୍ୟ ରକମର ମଜାକଥା କୁହତ ? ଅଜା ତାଙ୍କର ସେ ଯୁଗର ନିକିତି ଧରି ଏ ଯୁଗକୁ ତଉଲିବାକୁ ବସିଚନ୍ତି । ଦି'ଜଣ ଏକାଠି ବସି କଥାବାର୍ତ୍ତା ହେଲେ, ଏକାଠି ସିନେମା ଦେଖିଗଲେ, କିମ୍ବା ସମୁଦ୍ର କୂଳକୁ ବୁଲିବାକୁ ଗଲେ, ସେମାନେ କୁଆଡ଼େ ଭବିଷ୍ୟତରେ ବାହାହେବେ ଏଇ ଅର୍ଥର ସୂଚନା ଦିଅନ୍ତି ?' ଏତକ କହି ଉଚ୍ଛ୍ୱସିତ ହସରେ ଭାଙ୍ଗି ପଡ଼ିଲା ନନ୍ଦା । ହସି ବନ୍ଦ କରି ପୁଣି ସେ କହିଲା—'ଅଜା ବାସ୍ତବିକ୍ ବଡ଼ ମଜାର ଲୋକ । ତାଙ୍କ ମୁହଁରୁ କଥାଟା ଶୁଣିଲାବେଳୁ ମୁଁ ତ ହସୁଚି... ।'

କିନ୍ତୁ ଯେଉଁ କଥା'ଟା ସୁବୋଧକୁ ଶୁଣେଇ ନନ୍ଦାର ହସର ଅନ୍ତ ନଥିଲା, ତା'କୁ ଶୁଣି ହସ ପରିବର୍ତ୍ତେ ସୁବୋଧ ମୁହଁରେ ବିଷଣ୍ଣତା ଛାଇଗଲା । କିଛିଦିନ ପୂର୍ବରୁ ପରସ୍ପରର ଏଇ ଅନ୍ତରଙ୍ଗତାର ମାତ୍ରାଧିକ୍ୟ ଉପଲବ୍ଧିକରି, ସେ'ବି ମନେ ମନେ ଭାବି ନେଇଥିଲା ଯେ ଏଇ ଅନ୍ତରଙ୍ଗତା ସେମାନଙ୍କୁ ବିବାହ ଭିତର ଦେଇ ପ୍ରକୃତ ଜୀବନ ପାଖକୁ ଟାଣି ନେଇଯିବ । କିନ୍ତୁ ଇଏ କି କଥା··· ? ବିବାହ ପରି ଏତେ ଗୁରୁତ୍ୱପୂର୍ଣ୍ଣ କଥାଟାକୁ ଏତେ ହାଲୁକା ହସ ଦେଇ ଉଡ଼େଇ ଦେଉଛି କ'ଣ ନନ୍ଦା ?

ନନ୍ଦା ମୁହଁକୁ ଚାହିଁଲା ସୁବୋଧ···ନନ୍ଦା ମୁହଁରୁ ହସର ଦାଗ ଏବେବି ଲିଭି ନାହିଁ । ବେଶ୍ ଶାନ୍ତ ଓ ନିଷ୍କପଟ ହସ । ସୁବୋଧ ଭାବିଲା, ନନ୍ଦା ତାକୁ ଥଟ୍ଟା କରିନାହିଁ । କିନ୍ତୁ ନନ୍ଦାପାଇଁ, ସତରେ ସେ କ'ଣ ଅନୁପଯୁକ୍ତ··· ? ବିବାହ ନ କରିବାକୁ ନନ୍ଦାର ଯେତେବେଳେ କୌଣସି ଦୃଢ଼ ପ୍ରତିଜ୍ଞା ନାହିଁ, ଓ ବିବାହ କରିବା ବୟସର ସୀମାରେଖା ଭିତରକୁ ନନ୍ଦା ଯେତେବେଳେ ଆସି ସାରିଛି, ପାତ୍ର ହିସାବରେ ସୁବୋଧ··· ମନ୍ଦ କ···ଣ··· ? ବାପାଙ୍କର ଅଗାଧ ସମ୍ପତ୍ତି ଆଉ ବଂଶ ମର୍ଯ୍ୟାଦା ତା'ପଛରେ ରହିଛି । ତା' ସହିତ ଅଛି ବିଦେଶୀ ବିଶ୍ୱବିଦ୍ୟାଳୟର ଉଚ୍ଚ ଡିଗ୍ରୀ···ଆଉ ରୂପ ଓ ଗୁଣ ଦୃଷ୍ଟିରୁ ତା'ର ସ୍ଥାନ ନିଶ୍ଚୟ ଅନେକଙ୍କର ଉପରେ । ତେବେ ···ଆଉ ବିଶେଷ କ'ଣ ଚାହୁଁଛି ସୁନନ୍ଦା··· ?

ଏତେବେଳକୁ ହସ ବନ୍ଦକରି ନନ୍ଦା ସୁବୋଧ ମୁହଁକୁ ଚାହିଁଲା । ସୁବୋଧର ମ୍ଳାନ ଓ ବିଷଣ୍ଣ ମୁହଁକୁ ଚାହିଁ ସେ ଅସ୍ଥିର ହେଲା । ଖୁବ୍ ଦୁଃଖିତ ହେଇ ସୁବୋଧ ପାଖକୁ ଉଠିଆସି ସେ ପଚାରିଲା—'ତୁମେ କ'ଣ ହଠାତ୍ ଅସୁସ୍ଥ ବୋଧ କରୁଛ ସୁବୋଧ··· ?'

ସୁବୋଧ ମୁହଁ ଉପରେ ଟିକେ ମଳିନ ହସ ଖେଳେଇ କହିଲା, 'ମୁଁ ସେଇ ଅଜାଙ୍କର କଥାହିଁ ଭାବୁଥିଲି···, ତାଙ୍କ ମୁହଁରୁ କଥାଟା ନ ବାହାରିଥିଲେ, ମୁଁ ନିଜେ ହୁଏତ ଆଜି, କାଲି ଭିତରେ ସେଇ ପ୍ରସ୍ତାବ କରିଥାନ୍ତି । କିନ୍ତୁ ପ୍ରସ୍ତାବଟାକୁ ତୁମେ ଇମିତି ହସି ଉଡ଼େଇ ଦଉଛ କ'ଣ ସୁନନ୍ଦା··· ? ତମ ପାଇଁ ମୁଁ କ'ଣ ଏତେଦୂର ଅନୁପଯୁକ୍ତ··· ?'

କିଛି ସମୟ ନୀରବରେ ବସି ନନ୍ଦା କହିଲା—'ଉପଯୁକ୍ତ ବା ଅନୁପଯୁକ୍ତର ପ୍ରଶ୍ନ ଉଠୁନାହିଁ ସୁବୋଧ..., ଅସଲ କଥା ହେଉଚି ବିବାହ ବିଷୟରେ ମୁଁ କୌଣସି ପ୍ରକାର ଚିନ୍ତା କରି ନଥିଲି । ଅଥଚ, ସେଇପରି ଏକ ସମସ୍ୟା ଭିତରେ ପଡ଼ି ମୁଁ ଚିନ୍ତା କରିବାକୁ ବାଧ୍ୟହେଲି । କିନ୍ତୁ ବିବାହ ଜିନିଷଟା ଯେ କ'ଣ ସେ ବିଷୟରେ ମୋ ମନରେ କୌଣସି ସଠିକ୍ ଧାରଣା ଜନ୍ମିବା ପୂର୍ବରୁ, ବିବାହ ପାଇଁ ପାତ୍ର ମନୋନୟନ କରିବା ପରି ଅବାନ୍ତର କଥା ଆଉ କ'ଣ ଅଛି କୁହତ... ? ଆମେ ପରସ୍ପରକୁ ବନ୍ଧୁର ଆସନ ଦେଇଛେ, ସେଇ କ'ଣ ଯଥେଷ୍ଟ ନୁହେଁ... ? ମୁଁ ଠିକ୍ ଜାଣେଚି ବିବାହ ପରେ ଆମର ଏ ବନ୍ଧୁତ୍ୱ ରହିବ ନାହିଁ । କୌଣସି କାରଣରୁ ମୋ ମନରେ ଧାରଣା ହେଇଚି ଯେ ଆମେ ପରସ୍ପରକୁ ସୁଖୀକରି ପାରିବା ନାହିଁ । ଫଳରେ ବିବାହ ପୂର୍ବ ସମ୍ପର୍କରୁ ବିବାହୋତ୍ତର ସମ୍ପର୍କ ସହିତ ତୁଳନା କରି ଆମେ ସବୁବେଳେ ଦୁଃଖ ଭିତରେହିଁ ସନ୍ତୁଳିତ ହେବା । ତେଣୁ ବିବାହ ବିଷୟରେ କୌଣସି ଚିନ୍ତା ନ କରିବାହିଁ ଆମ ପକ୍ଷରେ ମଙ୍ଗଳ କର ହେବ ।'

ସୁବୋଧ ସବୁକଥା ଶୁଣିଗଲା । କିନ୍ତୁ ସେ କିଛି ବୁଝିବାକୁ ଚେଷ୍ଟା କଲା ନାଇଁ । ତା' ମନରେ ଧାରଣା ହେଲା ଯେ ନନ୍ଦା ଯାହା ସବୁ କହୁଚି ନିହାତି ବାଜେ କଥା । ଅସଲ କଥା ହେଉଚି ସେ ସୁବୋଧକୁ ନିଜ ପାଇଁ ଅନୁପଯୁକ୍ତ ମନେ କରୁଚି ।

ସେ ପୁଣି ଥରେ ପଚାରିଲା—'କିନ୍ତୁ ଏଇ କ'ଣ ତୁମର ଶେଷ ସିଦ୍ଧାନ୍ତ ନନ୍ଦା... ?'

ନନ୍ଦା କହିଲା, 'ମୁଁ ଯାହା କହେ, ବେଶ୍ ଚିନ୍ତା କରି କହେ । ତେଣୁ ଏ ବିଷୟରେ ଆଉ କୌଣସି ପ୍ରଶ୍ନ ନ କଲେ ମୁଁ ଖୁସି ହେବି ।'

ସୁବୋଧ ଚେୟାର୍ ଛାଡ଼ି ଉଠିଲା । ନନ୍ଦା ପଚାରିଲା, 'ଆଜି ଏତେ ଶୀଘ୍ର ଯିବାକୁ ବାହାରିଲଣି ଯେ .. ?'

ଟିକିଏ ଉତ୍ତେଜିତ ହୋଇ ସୁବୋଧ କହିଲା—'କୌଣସି ନାରୀବନ୍ଧୁର ମୂଲ୍ୟ ମୋ ପାଖରେ ନାହିଁ ନନ୍ଦା...ମୁଁ ଜାଣେ ଦୁନିଆରେ ଗୋଟିଏ ମାତ୍ର

ନାରୀ ପୁରୁଷର ଶ୍ରେଷ୍ଠ ବନ୍ଧୁ ହୋଇପାରେ, ଆଉ ସେ ହେଉଚି ନିଜର ସ୍ତ୍ରୀ… ସ୍ୱେଚ୍ଛାରେ ଯେତେବେଳେ ତୁମେ ତାକୁ ପାଦରେ ଆଡେ଼ଇ ଦେଇଚ, ସେତେବେଳେ ମୋର ମଧ୍ୟ ଅଧିକ ସମୟ ରହିବାର କୌଣସି ଆବଶ୍ୟକତା ମୁଁ ଅନୁଭବ କରିପାରୁ ନାହିଁ ।' ଏତିକି କହି ପେଣ୍ଟପକେଟରୁ ସିଲ୍କ ରୁମାଲ ଖଣ୍ଡେ କାଢ଼ି ସୁବୋଧ ମୁହଁ ପୋଛିଲା ।

ସୁବୋଧର ଉତ୍ତେଜିତ କଣ୍ଠସ୍ୱର ନନ୍ଦା ମନରେ ମଧ୍ୟ ନିଆଁ ଜାଳି ଦେଲା । ନନ୍ଦା କହିଲା—'ବେଶ୍ ତୁମେ ଚାଲିଯିବାକୁ ମନେକଲେ ମୁଁ ତମକୁ ଅଟକେଇ ରଖିବ ନାହିଁ । କିନ୍ତୁ ଯିବା ପୂର୍ବରୁ ମୋ ମୁହଁରୁ ବି ପଦେ କଥା ଶୁଣି ଯାଅ ସୁବୋଧ ! ଏକ ଧନୀ ପିତାର ସନ୍ତାନ ବୋଲି ଏବଂ ବିଲାତ ଯାଇ ଖୁବ ଉଚ୍ଚ ଉପାଧି ଧରି ଆସିଚ ବୋଲି, ତମେ ଯଦି ମନେ କରୁଥାଅ, ଯେ କୌଣସି ସ୍ତ୍ରୀ ଆସି ତମ ଗୋଡ଼ତଳେ ମୁଣ୍ଡିଆ ମାରିବ, ତା' ହେଲେ ଆଜିଠାରୁ ସେ ଧାରଣାକୁ ମନରୁ ପୋଛିଦିଅ । ସମ୍ପତ୍ତି ଆଉ ଉପାଧି ନାରୀର କାମ୍ୟ ନୁହେଁ, ସେ ଚାହେଁ 'ମନର ମଣିଷ' ।'

ସୁବୋଧ ଚାଲି ଯାଉ ଯାଉ କହିଲା—'ଆଚ୍ଛା, ତମର ଉପଦେଶ ମନେ ରଖିବାକୁ ଚେଷ୍ଟା କରିବି । କିନ୍ତୁ ତୁମେ ଆଜି ମୋତେ ଯେଉଁ ଅପମାନ ଦେଇଚ—ସେତିକ ମୁଁ ତମକୁ ଫେରେଇ ଦେବାର ସୁଯୋଗରେ ରହିଲି ।'

ନନ୍ଦା ଆଡ଼କୁ ନ ଚାହିଁ ସେ ଚାଲି ଯାଉଥିଲା । ମୁହଁରେ ଟିକିଏ ବ୍ୟଙ୍ଗ ହସ ଖେଳେଇ ସୁନନ୍ଦା ତାକୁ ପଛରୁ ଡାକି କହିଲା, 'ନ…ମ…ସ୍ତେ…!'

ଆଉ ସୁବୋଧର କଥା ଭାବିବ ନାହିଁ ବୋଲି ଠିକ୍ କରିଥିଲା ନନ୍ଦା । କିନ୍ତୁ ସୁବୋଧ ସହିତ ହସ ଖୁସିରେ ଯେଉଁ ସମୟଟା ଅତିବାହିତ ହୋଇ ପାରୁଥିଲା, ବର୍ତ୍ତମାନ ସେଇ ସମୟଟାରେ ସେ ସମ୍ପୂର୍ଣ୍ଣ ନିଃସଙ୍ଗ ହୋଇ ପଡ଼ିଲା । ଫଳରେ ତା' ମୁଣ୍ଡରେ ନାନାରକମର ଅବାନ୍ତର ଚିନ୍ତା ଆସନ ଜମେଇ ନେଲା । ସୁନନ୍ଦା ଅନେକ ଅସଂଲଗ୍ନ କଥାକୁ ଓଲଟପାଲଟ କରି ଭାବିଲା, ତା'ପରେ ଶେଷରେ କେତେବେଳେ ତା' ଚିନ୍ତାବୃତ୍ତି ଯେ

ସୁବୋଧକୁ କେନ୍ଦ୍ରକରି ଘୂରିବାକୁ ଆରମ୍ଭ କରିଛି ସେ ଖବର ସେ ରଖି ପାରିଲା ନାହିଁ ।

ଆହା, ବିଚରା ସୁବୋଧ··· ।

ନିଜ ଦେହ ଉପର ଦେଇ ବାଇଶଟି ବସନ୍ତକୁ ଉପଭୋଗ କରି ସାରିଛି ସୁନନ୍ଦା । ଏଇ ବାଇଶଟି ବର୍ଷ ଭିତରେ ଅନେକ ପୁରୁଷଙ୍କର ସଂସ୍ପର୍ଶରେ ସେ ଆସିଛି । କିନ୍ତୁ ସାଧାରଣ ଟିକ୍କାପରିଚୟ ବି ଆଜି କାହାରି ସାଥିରେ ନାହିଁ । ସୁଦୀର୍ଘ କଲେଜ ଜୀବନରେ ବି ନନ୍ଦାର କୌଣସି ଛାତ୍ରବନ୍ଧୁ ନଥିଲେ । ନନ୍ଦା ଯେତେବେଳେ ଷୋଡ଼ଶୀ ଥିଲା, ତା' ଦେହ ଆଉ ମନ ଉପରେ ଯେତେବେଳେ ନୂଆ ହୋଇ ରଙ୍ଗ ଲାଗିଆସୁଥିଲା, ସେତିକିବେଳେ ଟୋକାଟିଏ ଫେରାଇ କଲେଜ ଛାତ୍ର ତା' ପାଖକୁ ଲାଗିଆସି ଭାରି ଦରଦୀ କେତେ ପଦ କଥା କହିଥିଲା । ସେ ସବୁ କଥା ଆଜି ନନ୍ଦାର ମନେ ନାହିଁ, କିନ୍ତୁ ଛାତ୍ରଟି ପାଖରୁ ସେଇ କେଇ ପଦ କଥା ଶୁଣି, ନନ୍ଦା ତା' ଗାଲ ଉପରେ ଏକ ବ୍ରହ୍ମ ଚାପୁଡ଼ା ପକେଇ ଥିଲା । ସେଇ ଶବ୍ଦରେ ପ୍ରିନ୍‌ସିପାଲ ନିଜ ଅଫିସ୍ ଛାଡ଼ି ଉଠି ଆସିଥିଲେ··· । ସେଇ ଦିନଠାରୁ ସହଧ୍ୟାୟୀମାନେ ତାକୁ ଯଥେଷ୍ଟ ଭୟ କରୁଥିଲେ । ସେତେବେଳେ ନନ୍ଦା ଦୈନିକ ବ୍ୟାୟାମ କରୁଥିଲା ଏବଂ କେବଳ ଶାସ୍ତ୍ର ସମ୍ମତ ପୁଷ୍ଟିକାରକ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ତା' ପାଖରେ ଏକ ପାଚିକା ଥିଲା ।

ତା' ପରେ······ ତା' ପରେ ଯେତେଜଣ ପୁରୁଷଙ୍କୁ ସେ ନିଜ ପାଖରେ ଦେଖିବାକୁ ପାଇଛି, ସେମାନଙ୍କ ଭିତରେ ଏଇ ସୁବୋଧ, ସୁବୋଧ ହେଉଛି ବ୍ୟତିକ୍ରମ, ନମ୍ବର—ୱାନ୍······

ବେଶ୍ ଅମାୟିକ, ଶାନ୍ତ ଆଉ ସୁଶୀଳ ଏଇ ସୁବୋଧ । ବିରାଟ ବିଦ୍ୱାନ୍ ଆଉ ବିଚକ୍ଷଣ ବୁଦ୍ଧିମାନ୍ । ସତରେ···ନନ୍ଦା ଯଦି କାହାକୁ କୌଣସି ସମୟରେ ବିବାହ କରେ, ସେ ସୁବୋଧକୁ କଉ ଗୁଣରେ ବାଛିବ ? ଦୁନିଆର ଅନ୍ୟ ଯେ କୌଣସି ଉଚ୍ଚ ଦରର ପାତ୍ରଠାରୁ ସୁବୋଧ କଉଥିରେ ଊଣା···?

ସୁବୋଧ କଥା ଚିନ୍ତା କରୁ କରୁ ନନ୍ଦା ମୁହଁ ଆଗରେ ଭାସି ଉଠିଲା ଆଉ ଗୋଟିଏ ମୁହଁ, ମଳିନ···ଆଉ ସକରୁଣ ମୁହଁଟିଏ···, ସୁନନ୍ଦାର ବେଶ୍ ପରିଚିତ ମୁହଁଟି···ସେ ମୁହଁ ଶ୍ରୀକାନ୍ତର···।

ଶ୍ରୀକାନ୍ତ···କୁଆଡ଼େ ରହିଲା ଆଜି ଶ୍ରୀକାନ୍ତ···? ସୁବୋଧ ତୁଳନାରେ କିଛିନାହିଁ ଶ୍ରୀକାନ୍ତର । ସବୁ ଦିଗରୁ ବଞ୍ଚିତ ତଳେ ଶ୍ରୀକାନ୍ତର ଉପସ୍ଥିତି···। ରୂପ, ଗୁଣ, ବିଦ୍ୟା, ଧନ, ଆଉ ବଂଶମର୍ଯ୍ୟାଦା, କଉଥିରେ ହେଲେ ସୁବୋଧ ପାଖରେ ଠିଆ ହେବାର ଯୋଗ୍ୟ ସେ ନୁହେଁ । ତଥାପି ସେଇଦିନ···ସେଇ ଦୁର୍ବଳ ମୁହୂର୍ତ୍ତରେ ଶ୍ରୀକାନ୍ତ ଯଦି ନନ୍ଦାଠୁ ସବୁକିଛି ଆଦାୟ କରି ନେଇଥାନ୍ତା, ତା'ହେଲେ ପାଟି ଫିଟେଇ ନ ଥାନ୍ତା ସେ । ବରଂ ସୁନନ୍ଦା ସେତେବେଳେ କାୟମନୋବାକ୍ୟରେ ହୁଏତ ସେଇଆ ଚାହିଁଥିଲା । ସେ ଦୁର୍ବଳ ମୁହୂର୍ତ୍ତର କ୍ଷଣିକ ଉତ୍ତେଜନା ହେଉ ବା ଅନ୍ୟ କିଛି ହେଉ··· କିନ୍ତୁ ଶ୍ରୀକାନ୍ତ ସେଦିନ ପଛେଇଗଲା, ଆଉ ଶେଷ ପର୍ଯ୍ୟନ୍ତ ସେ ହାରିଗଲା ହୁଏତ···, ନିଜ ଫାଟକ ସମନାରେ ଶ୍ରୀକାନ୍ତର ସେଇ ଯୋଗମଗ୍ନ ମୂର୍ତ୍ତି ଦେଖି କିଏ ମନେ ନ କରିବ ଯେ ଶ୍ରୀକାନ୍ତ ବିକାରଗ୍ରସ୍ତ ହେଇନାହିଁ ?

ଅଥଚ, ସୁବୋଧ···ଶ୍ରୀକାନ୍ତଠାରୁ ବହୁ ଉଚ୍ଚରେ ଯାହାର ସ୍ଥିତି, ସେଇ ସୁବୋଧକୁ ଅଜି ତାହାରି ଭାଷାରେ ଅପମାନ ଦେଇ ବାହାର କରିଦେଲା ନନ୍ଦା···କାହିଁକି···?

ସୁନନ୍ଦା ଭାବୁଥିଲା···

କପାଳ ଉପରେ କେତୋଟି କୁଞ୍ଚିତ ଅଳକ ଭିତରେ ଠୋପା ଠୋପା ହୋଇ ଘର୍ମ ବିନ୍ଦୁ ଜମି ଉଠୁଥିଲା । ଆଖିର ପଲକ ନ ପକେଇ, ଦୂର ଦିଗ୍‌ବଳୟ ଉପରେ ଦୃଷ୍ଟି ନିବଦ୍ଧ କରି ନନ୍ଦା ଭାବୁଥିଲା ସେଇ ସୁବୋଧର କଥା······।

କେତେ ଆଶ୍ଚର୍ଯ୍ୟ ସତେ ଏଇ ସୁବୋଧ···? ଏତେଦିନର ମିଳାମିଶା, ଏତେଦିନର ସାହଚର୍ଯ୍ୟ ଭିତରେ କେବେ ତ ନନ୍ଦାକୁ ଏତେ ଆପଣାର କରି ପାଇବାର ଇଚ୍ଛାକୁ ପ୍ରକଟ କରି ନ ଥିଲା ସେ··· । ଅଥଚ ଭିତରେ ଭିତରେ ହୁଏତ ନନ୍ଦାକୁ ଗୋଟିପଣେ ସେ ନିଜର କରି ସାରିଥିଲା ।

ଯଦି ଏଇ କଥାକୁ ଚୂଡ଼ାନ୍ତ ବୋଲି ମନେ କରି ନିଆଯାଏ, ତେବେ ସ୍ୱୀକାର କରିବାକୁ ହେବ ଯେ ସୁବୋଧ ସଂଯମୀ···ଅସମ୍ଭବ ସଂଯମୀ······।

କିନ୍ତୁ କ'ଣ ପାଇଲା ସୁବୋଧ, ତା'ର ଏଇ ଏକନିଷ୍ଠ ସଂଯମ ବଦଳରେ ? ଆଃ··· କି ମର୍ମାନ୍ତିକ ଦୁଃଖ ନେଇ ଫେରିଗଲା ସୁବୋଧ ଆଜି ?

କିନ୍ତୁ ବିବାହ···, ବିବାହ ଗୋଟାଏ କି ଜିନିଷ···? କ'ଣ ତା'ର ଅର୍ଥ···ଆଉ କ'ଣ ତା'ର ମୂଲ୍ୟ···? ବିବାହ ପୂର୍ବରୁ ରୂପ, ଗୁଣ, ବିଦ୍ୟା, ବୁଦ୍ଧି, କୁଳମର୍ଯ୍ୟାଦା, ବଂଶପରମ୍ପରା ଏତେ ସବୁର ବିଚାର କରାଯାଏ କାହିଁକି ? ଏଇ ସବୁ ଭିତରୁ ଗୋଟିଏ କିଛି ଊଣା ହୋଇଗଲେ, ବିବାହ କର୍ତ୍ତାମାନେ ମୁହଁ ମୋଡ଼ି ପକାନ୍ତି କାହିଁକି ? ବିବାହ କ'ଣ ଏଇ ସବୁକୁ ଏକ ସମନ୍ୱୟରେ ହାସଲ କରିବାର ଏକ ମାଧ୍ୟମ ?

ଯାଉ—ବିବାହର ସଂଜ୍ଞା ଯାହା ହେଉନା କାହିଁକି, ତା' ଉପରେ ଏତେ ଗୁରୁତ୍ୱ ଆରୋପ କରିବାର ଆବଶ୍ୟକତା କିଛି ନାହିଁ । ଏଇତ, ସୁବୋଧ ଆଉ ସେ— ସେ ଆଉ ସୁବୋଧ—, ବେଶ୍ ତ ଥିଲେ, ଘନିଷ୍ଠ ହୋଇ ଉଠୁଥିଲା ଦିନୁଦିନ ମମତା—ଅନ୍ତରଙ୍ଗତା—, ବିବାହ ହୋଇଥିଲେ ଆଉ ଅଧିକ କ'ଣ ହୋଇଥାନ୍ତା ?

କିଛି ନାହିଁ, ମଣିଷ ଜୀବନରେ ବିବାହ ହେଉଛି ଏକ ମସ୍ତବଡ଼ ଫାଙ୍କି, ଆକାର ନାହିଁ—ପ୍ରକାର ନାହିଁ, ଲମ୍ବ, ପ୍ରସ୍ଥ, ଉଚ୍ଚତା କି ଆୟତନ ବି ନାହିଁ— ଅଛି ଖାଲି ଅବସ୍ଥିତି— ଏଇ ଅବସ୍ଥିତି ଭିତରେ ବିବାହକୁ କୁଆଡ଼େ ଅନୁଭବ କରାଯାଏ— ତେବେ, ବିବାହ କ'ଣ ଏକ ଜ୍ୟାମିତିକ ବିନ୍ଦୁ ବିଶେଷ ?

ଅଥଚ ଏଇ ଯେ ବିବାହ, ଯାହାର ଅର୍ଥ ହେଲା 'କିଛି ନାହିଁ', ପୁରାଣ ଯୁଗରୁ ଆରମ୍ଭ କରି ଆଧୁନିକ ସମୟ ପର୍ଯ୍ୟନ୍ତ ତା' ଉପରେ କେତେ ଯେ ସଂସ୍କାର ହୋଇ ଯାଇଛି, ତା'ର ସୀମା ନାହିଁ । କେତେକ ପୁଣି ଏକ ବିବାହରେ ସନ୍ତୁଷ୍ଟ ନ ହୋଇ, ବହୁ ବିବାହ ଆଚରଣ କରିଛନ୍ତି । ବେଶ୍ ଗୋଳମାଳିଆ କଥାଟା ତ ?

ନିଜେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲା ନାହିଁ ।

ତା' ପରଦିନ…

ଅପରବେଳା ଲ୍ୟାଣ୍ଡ୍ ରୋଭର୍ ଗାଡ଼ି ଖଣ୍ଡ ଧରି ନନ୍ଦା ସହରର ରାସ୍ତା ଉପର ଦେଇ ଗତି କରୁଥିଲା । ଗଳିକନ୍ଦି ଯୁ'ଆଡ଼େ ପାରିଲା, ଗାଡ଼ିଟାକୁ ଘୁରାଇ ଘୁରାଇ ସେ ବୁଲିଲା । ମନ ଖୁସିରେ ରାସ୍ତାକଡ଼ ଦୋକାନରୁ ପଇସା ଖର୍ଚ୍ଚ କରି ସେ ପ୍ରଚୁର ପଇଡ଼ ପାଣି ପିଇଲା । କୁନି କୁନି ଛୁଆମାନଙ୍କୁ ଗାଡ଼ିରେ ଉଠେଇ ବହୁତ ବୁଲେଇ ଆଣିଲା । ତା'ପରେ ଏକ ସମୟରେ ଗୋଟାଏ କୋଠାଘର ସାମନାରେ ସୁବୋଧକୁ ଠିଆ ହୋଇଥିବାର ଦେଖି, ସେ ହଠାତ୍ ଗାଡ଼ିରୁ ଓହ୍ଲେଇ ବାରଣ୍ଡା ଉପରକୁ ଉଠିଗଲା । ସୁବୋଧର ଦୃଷ୍ଟି ତା' ଦୃଷ୍ଟି ସହିତ ମିଳିତ ହେବାମାତ୍ରେ ହାତ ଉଠେଇ ନନ୍ଦା କହିଲା—'ନମସ୍କାର ସୁବୋଧ ବାବୁ…ଏଇ ବୋଧହୁଏ ଆପଣଙ୍କ ଘର ? ବେଶ୍, ଚମତ୍କାର ହୋଇଛି ତ… ! ଘରେ ଆଉ କେହି ନାହାନ୍ତି ବୋଧହୁଏ ?' ଏତକ କହି ନନ୍ଦା ଏକ କୁସନ୍ ଚେୟାର୍ ଉପରେ ବସି ପଡ଼ିଲା ।

ନନ୍ଦାକୁ ଦେଖି ସୁବୋଧର ମନେହେଲା—ନନ୍ଦା ମତ ପରିବର୍ତ୍ତନ କରିଛି । ଗତ କାଲିର ପ୍ରତ୍ୟାଖ୍ୟାନ ପରେ ନନ୍ଦା ହୁଏତ ଭୀଷଣ ଅନୁତାପ କରିଛି ଆଉ ସେଇଥିପାଇଁ ଉପରେ ପଡ଼ି ପ୍ରସ୍ତାବଟାକୁ କାର୍ଯ୍ୟକାରୀ କରିନେବାକୁ ସେ ହୁଏତ ତା' ପାଖକୁ ଆସିଛି ।

ତେଣୁ ସୁବୋଧ ମୁହଁରେ ଟିକିଏ ହସ ଖେଳିଗଲା । ସେ ନନ୍ଦା ପାଖରେ ଗୋଟାଏ ଚେୟାରରେ ବସି ପଡ଼ି କହିଲା—'ତମେ ତା'ହେଲେ ମୋ ସହିତ କାଲି ଥଟ୍ଟା ଖେଳୁଥିଲ ନନ୍ଦା… ? ମୁଁ ଠିକ୍ ଜାଣେ, ତମକୁ ମତ ପରିବର୍ତ୍ତନ କରିବାକୁହିଁ ପଡ଼ିବ !' ଏତକ କହି ସୁବୋଧ ଏକ ପ୍ରାଣଖୋଲା ହସ ହସିଲା ।

ଇଚ୍ଛାପୂର୍ବକ ନନ୍ଦା ବି ସେଇ ହସରେ ନିଜର ହସ ମିଳେଇଲା । ହସି ସାରି ସୁବୋଧ କହିଲା—'ମୁଁ ତ ଆଶ୍ଚର୍ଯ୍ୟ ହେଉଥିଲି, ତମ ଭଳି ସୁସ୍ଥ ମସ୍ତିଷ୍କ ସମ୍ପନ୍ନ ଝିଅ ଏପରି ମତ ପୋଷଣ କରନ୍ତି କିମିତି… ?'


ନନ୍ଦା ସୁବୋଧକୁ ଚାହିଁ କହିଲା—'ଆପଣ କ'ଣ କହୁଛନ୍ତି ମୁଁ ଜମାରୁ ବୁଝିପାରୁ ନାହିଁ । କାଲି ମୋତେ ବୋଧହୁଏ ପୁରୀ ଛାଡ଼ିବାକୁ ପଡ଼ିବ । ତେଣୁ ଆଜି ମନ ପୂରେଇ ସହରକୁ ଦେଖି ନେବାକୁ ବାହାରି ପଡ଼ିଥିଲି ।

ଘଟଣା କ୍ରମେ ଆପଣଙ୍କ ସହିତ ଦେଖା, ଭାବିଲି ଅନେକ ଦିନର ଜଣାଶୁଣା ବନ୍ଧୁ, ପାଇ ଥରେ ଆଳାପ କରି ଆସିବା ।'

ସୁବୋଧ ସ୍ତବ୍ଧ ହୋଇ ପଚାରିଲା, 'କିନ୍ତୁ ବିବାହ ବିଷୟରେ ତମର ମତ ତ'ଣ ପରିବର୍ତ୍ତନ ହୋଇ ନାହିଁ ସୁନନ୍ଦା··· ?'

ନନ୍ଦା କହିଲା—'ସୁନନ୍ଦା ଗୋଏ କୌଣସି ବିଷୟ ଦୁଇଥର ଚିନ୍ତା କରେ ନାହିଁ । ବିବାହ ବିଷୟରେ ମୁଁ ଆପଣଙ୍କୁ ସ୍ପଷ୍ଟ କଥା ଜଣେଇ ଦେଇଛି । ବିବାହ ଜିନିଷଟା କ'ଣ, ଯେତେବେଳେ ମୁଁ ଜାଣିନି, ସେ ବିଷୟର ସମାଧାନ ପାଇଁ କୌଣସି ମତ ପୋଷଣ କରିବା ସମୀଚୀନ ବୋଲି ମୁଁ ମନେ କରି ପାରୁନି । ଆପଣ ଠିକ୍ ବୁଝି ପାରୁଥିବେ, କୌଣସି ମତ ଯେତେବେଳେ ପୋଷଣ କରାହୋଇନି, ତାକୁ ପରିବର୍ତ୍ତନ କରିବାର ପ୍ରଶ୍ନ ଉଠୁଚି କି ନାହିଁ··· । ···ଆଚ୍ଛା···ବନ୍ଧୁ···ନମସ୍କାର··· ।'

ନନ୍ଦା ଗାଡ଼ିରେ ଷ୍ଟାର୍ଟ୍ ଦେଲା । ଆଉ ଅଳ୍ପ ସମୟ ପରେ ବିମୂଢ଼ ସୁବୋଧର ଆଖି ଆଗରେ, ଧୂଳିର ମେଘ ସୃଷ୍ଟିକରି ସୁନନ୍ଦାର ଗାଡ଼ିଟି ଅଦୃଶ୍ୟ ହୋଇଗଲା ।



କିନ୍ତୁ ପୁରୀ ବି ଏଣିକି ପିତା ଲାଗିଲାଣି । ପୁରୀ ସମୁଦ୍ରଟା ମନେ ହେଉଛି, ଏକ ଶ୍ରୁତିକଟୁ ଶବ୍ଦର କାରଖାନା ଭଳି, ଆଉ ଯାବତୀୟ ପାପୀମାନଙ୍କର ମିଳନ ସ୍ଥଳୀ ହେଉଛି ଏଇ ଶ୍ରୀମନ୍ଦିର । ଜୀବନସାରା ପାପ କରି, ପୁରୀ ଆସୁଚନ୍ତି ଲୋକେ ପାପ ଛଡ଼େଇବାକୁ, ଜଗନ୍ନାଥଙ୍କୁ ଖୋସାମତ କରି ଆଉ ପଣ୍ଡାଙ୍କ ହାତରେ ପଇସା ଦେଇ ସେମାନଙ୍କର ପାପ ଛୁଟିଗଲା ବୋଲି ଲୋକେ ମନେ କରୁଚନ୍ତି । ଏଇମିତି ଯେତେସବୁ ଜିନିଷ ପୁରୀର ମର୍ଯ୍ୟାଦା ଆଉ ମହିମା ବଢ଼ାଏ, ସେଇ ସବୁତକ ନନ୍ଦାକୁ ଅତି ଖରାପ ମନେହେଲା ।

ଆଚ୍ଛା..., ଏଇ ଦିନେ, ଦି'ଦିନ ଭିତରେ ବଂଠିକି ଗୁଳିଗଲେ କେମିତି ହୁଅନ୍ତା... ?

ସେଇଦିନ ବେଶ୍ କ୍ଳାନ୍ତଶ୍ରାନ୍ତ ହେଇ ବସାକୁ ଫେରିଆସିଲା ବେଳକୁ ନନ୍ଦା ଏକ ସିଦ୍ଧାନ୍ତରେ ଉପନୀତ ହେଇ ସାରିଥିଲା । ଗାଡ଼ିଟାକୁ ଦୁଆର ମୁହଁ ପୋର୍ଟିକୋରେ ରଖିଦେଇ, ପୋଷାକ ବଦଳିବାକୁ ଭିତରକୁ ଗଲା ସେ । ଅଲକା ଆଉ ତାଙ୍କର ବନ୍ଧୁ ବାରଣ୍ଡାର ଇଜି ଚେୟାର୍ ଉପରେ ବସି ଖୁସି ଗପରେ ବ୍ୟସ୍ତ ଥାନ୍ତି । ନିଜ କୋଠରୀରେ ପହଞ୍ଚି ନନ୍ଦା ଦେଖିଲା—ଟେବୁଲ ଉପରେ ଗୋଟାଏ ବଡ଼ ଗ୍ଲାସ୍‌ରେ ଦୁଧ ରଖା ଯାଇଛି, ଉପରେ ଗୋଟିଏ ଛୋଟ କାଚ ଥାଳିଆ ଢାଙ୍କୁଣୀ, ଆଉ ପାଖରେ ପଡ଼ିଛି ସେଇଦିନ ସଂଧ୍ୟା ଡାକରେ ଆସିଥିବା ଏକ ଲଫାପା ଚିଠି ।

ଦୁଧ ଗ୍ଲାସରେ ମୁହଁ ଲଗେଇ, ଲଫାପାଟାକୁ ଏ ପାଖ ସେ ପାଖ କରି, ନନ୍ଦା ଅକ୍ଷରଗୁଡ଼ାକୁ ଚିହ୍ନିବାକୁ ଚେଷ୍ଟାକଲା । ଚିଠିଟା ଗାଁ ଠିକଣାରୁ ପୁନର୍ନିର୍ଦ୍ଦିଷ୍ଟ ହେଇ ପୁରୀ ଠିକଣାକୁ ଆସିଛି । ସେଥିରୁ ଏତିକି ଅନୁମାନ କରିଯାଇପାରେ ଯେ, ପତ୍ର ପ୍ରେରକଙ୍କୁ ନନ୍ଦାର ପୁରୀ ଅବସ୍ଥିତି ବିଷୟ ସମ୍ପୂର୍ଣ୍ଣ ଅଜ୍ଞାତ ।

ଅକ୍ଷରଗୁଡ଼ିକ ବେଶ୍ ପରିଚିତ ମନେ ହେଉଛି...କିଏ ଆଉ ଚିଠି ଲେଖିଲା ? କଲିକତା ଛାଡ଼ିବା ପରେ ପରେ ଚିଠିପତ୍ରର ଦୁନିଆକୁ ନନ୍ଦା ପ୍ରାୟ ପାଶୋରି ଦେଇଚି । କେବେ କେମିତି ଖବରକାଗଜ ଅଫିସରୁ, ଟିକ୍

ସମୟରେ ଖବରକାଗଜ ଆସି ନ ପହଞ୍ଚିଲେ, ସମ୍ପାଦକଙ୍କ ପାଖକୁ ଚିଠି ଲେଖିବାକୁ ପଡ଼େ । ତା' ବ୍ୟତୀତ ଅନ୍ୟକୁ ଆଉ ସେ ତ ଚିଠି ଲେଖେ ନାହିଁ । ତେବେ···

ଦୁଧ ଗ୍ଲାସ୍‌ଟା ସରିଯାଇଚି, ତାକୁ ଟେବୁଲ ଉପରେ ଥୋଇ ଚିଠିଟାକୁ ଧରି ନନ୍ଦା ଭାବିଲା—ଆଚ୍ଛା, ଚିଠିଟା ଖୋଲିଯାଉ ଆପାତତଃ—ଏତେ ମୁଣ୍ଡ ଖେଳେଇ ଲାଭ କ'ଣ ?

ଚିଠିଟାକୁ ଖୋଲି ପକେଇ ତା' ଉପରେ ଏକ ସଶବ୍ଦ ଚୁମ୍ବନ ବସେଇ ଦେଲା ନନ୍ଦା, ଆଦର ନମିତା—ନିଜ ଚିଠି ଦେଇଚି ଜଣକରୁ । ବେଶ୍, ବେଶ୍, କାଲି ସକାଳର ଜଳଖିଆ ସମୟ ବେଳକୁ ମୁଁ ତୋତେ ସୁପ୍ରଭାତ ଜଣେଇ ପାରିବି, ଡାକ୍ତର ନମିତା ଗୃହସ୍ଥୀ, ଅନେକ ଦିନ ପରେ ମୋତେ ମନେ ପକେଇଲୁ ଭଉଣୀ ।

ନନ୍ଦା ଚିଠିଟାକୁ ଏମୁଣ୍ଡ ସେମୁଣ୍ଡ ପଢ଼ିଗଲା । ତା'ପରେ ବେଣୀଟାକୁ ଡାହାଣ ହାତରେ ହଲେଇ ହଲେଇ ଏକରକମ କୁଦ କୁଦ ନନ୍ଦା ଯାଇଁ ଅଜାଙ୍କ ପାଖରେ ପହଞ୍ଚିଗଲା । ତାଙ୍କ ଚେୟାର୍‌ର ପଛପଟେ ଠିଆହୋଇ ନନ୍ଦା କହିଲା—'ଅଜା, ଏଇ ଓକିଲ ଅଜାଙ୍କ ସହିତ ବାଜେ ଗପ କରି, ତୁମର ମୁଣ୍ଡ ଖରାପ ହେଇଗଲାଣି ।'

ହରପ୍ରତାପ ତାଙ୍କର ବିସ୍ତୃତ ଲାପ ଉପରେ ହଠାତ୍ ଏକ ପୂର୍ଣ୍ଣଚ୍ଛେଦ ପକେଇ, ଖୁବ୍ ସତର୍କ ହୋଇ ନନ୍ଦାକୁ ପଚାରିଲେ 'କ'ଣ କହିଲୁ···?'

'ମୁଁ କହୁଚି, ଓକିଲ ଅଜାଙ୍କ ସହିତ ଏତେ ଗପ କଲେ, ତୁମର ମୁଣ୍ଡ ଖରାପ ହେଇଯିବ ।' ଏତିକି କହି ଖଣ୍ଡେ ଚେୟାର୍ ଉପରେ ନନ୍ଦା ବସି ପଡ଼ିଲା ।

କିଛି ସମୟ ଖୁବ୍ ଚିନ୍ତା କରି ହରପ୍ରତାପ କହିଲେ—'ବୁଝିଲ ଓକିଲ, ନାତୁଣୀ ମୋର କିଛି ଭୁଲ୍ କଥା କହିନାହିଁ । କିନ୍ତୁ ତୁମେ ବୁଝୁଚ—ମୋ ନିଜ ଦେହର ଭଲମନ୍ଦ ବିଷୟରେ ମୁଁ ଚିନ୍ତା କରିବି କାହିଁକି ? ନନ୍ଦା ଯେଉଁଦିନଠୁ ଡାକ୍ତରୀ ପାଶ୍ କରି ଆସିଲାଣି—ସେଦିନଠାରୁ ମୋର ସ୍ୱାସ୍ଥ୍ୟରକ୍ଷା ଦାୟିତ୍ୱଟା ସମ୍ପୂର୍ଣ୍ଣ ତା'ରି ହାତରେ ଛାଡ଼ି ଦେଇଚି । ଯାହାର ନାତୁଣୀ ଗୋଟାଏ

ଚମତ୍କାର ଡାକ୍ତର, କଉ ଦୁଃଖରେ ସେ ନିଜର ଦେହମୁଣ୍ଡ ନେଇ ଚିନ୍ତା କରିବ ?'

ହରପ୍ରତାପଙ୍କର ଏଇ ଦାମିକା ରହସ୍ୟରେ ସମସ୍ତେ ଏକ ସମୟରେ ହସି ଉଠିଲେ ।

କିଛି ସମୟ ହସି ହସକୁ ସଂଯତ କରି, ମୁହଁରେ ଯଥାସମ୍ଭବ ଗାମ୍ଭୀର୍ଯ୍ୟ ଫୁଟେଇ ନନ୍ଦା କହିଲେ, 'କିନ୍ତୁ ଅଜା, ନିଜର ଦେହକୁ ସୁସ୍ଥ ରଖିବାକୁ ହେଲେ, ଡାକ୍ତରର ପରାମର୍ଶ ଅନୁସାରେ ଚଳିବା ଉଚିତ । ତମକୁ ମୁଁ ଯେତେଦୂର ଜାଣିଚି, ତୁମେ ତାଙ୍କୁ ନଗଲେ ସୁସ୍ଥ ରହିପାରିବ ନାହିଁ, ଏଣୁ ବେଡ଼ିଂପତ୍ର ବନ୍ଧାଯାଉ ।' ଏତିକି କହି ଡ୍ରାଇଭରକୁ ତାଙ୍କ ସବୁ ଜିନିଷ ସଜାଡ଼ି ନେବାକୁ ଏବଂ ଆସନ୍ନ ଯାତ୍ରା ପାଇଁ ପେଟ୍ରୋଲ୍ ଯୋଗାଡ଼ କରିନେବାକୁ ନନ୍ଦା ଆଦେଶ ଦେଲେ ।

ହରପ୍ରତାପଙ୍କର ଓକିଲ ବନ୍ଧୁ କିନ୍ତୁ କଥାଟାକୁ ହଜମ୍ କରି ପାରୁ ନଥିଲେ । ଯେମିତି ବିନା ଉପକ୍ରମଣିକାରେ ଏଇ ଅଜା ଆଉ ନାତୁଣୀ ଆସି ତାଙ୍କର ଆତିଥ୍ୟ ସ୍ୱୀକାର କରିଥିଲେ, ସେମିତି ବିନା ସୂଚନାରେ ସେମାନେ ତାଙ୍କ ଆତିଥ୍ୟ ଉପରେ ଯବନିକା ଟାଣି ଦେଉଚନ୍ତି । ସ୍ୱାଭାବିକ ହେଲେବି ଓକିଲଙ୍କ ମସ୍ତିଷ୍କକୁ କଥାଟା ବଡ଼ ଅବାନ୍ତର ମନେ ହେଲା ।

ଓକିଲଙ୍କର ଚିନ୍ତାଧାରାକୁ ଲକ୍ଷ୍ୟ କରି ହରପ୍ରତାପ କହିଲେ—'ତୁମେ ଆଶ୍ଚର୍ଯ୍ୟ ହୁଅ ନାହିଁ ଓକିଲ, ଭାବଗତିରୁ ନନ୍ଦା ଯେ, ସ୍ୱାମୀ ଉପରେ ହଠାତ୍ ବୀତଶ୍ରଦ୍ଧ ହେଇପଡ଼ିଚି, ଏଥିରେ ସନ୍ଦେହ କରିବାର କିଛି ନାହିଁ । ନନ୍ଦାକୁ ଅଭିଭାବକ ହିସାବରେ ମନେ ମନେ ଅନେକ ଦିନରୁ ମୁଁ ଠିକ୍ କରି ନେଇଚି । ଏଣୁ ତା'ର ଆଦେଶକୁ ଅମାନ୍ୟ କରିବାର ଯୁକ୍ତି ନାହିଁ । ହୁଏତ ଆଗାମୀ ଗୋଟିଏ ଘଣ୍ଟା ଭିତରେ ଆମେ ଟ୍ରଙ୍କ୍‌ରୋଡ଼ ଉପରେ ଗତି କରୁଥିବୁ, କିନ୍ତୁ ତୁମକୁ ଅନୁରୋଧ ରହିଲା—ଖୁବ୍ ଶୀଘ୍ର ଏ ଗରିବ ଘରେ ତୁମେ ଯେମିତି ପଦାର୍ପଣ କର । ତୁମେ ସହରର ମଣିଷ, କିନ୍ତୁ ପଲ୍ଲୀ ତରଫରୁ ମୁଁ ତମକୁ କଥା ଦେଉଛି, ସେଠାରେ ତମର କୌଣସି ଅସୁବିଧା ହେବନାହିଁ । ଅଚ୍ଛା ତେଇ ନମସ୍କାର, କିନ୍ତୁ ଗୋଟିଏ ସପ୍ତାହ ଭିତରେ ମୁଁ ତମକୁ ଆଶା

କରୁଛ ।' ଏତିକି କହି ହରପ୍ରତାପ ରୁମାଲ୍ ବାହାର କରି ଆଖି ପୋଛିଲେ । ଓକିଲ ଅଜାଙ୍କର ପାଦ ଛୁଇଁ ନନ୍ଦା ମଧ୍ୟ ପ୍ରଣାମ କଲା । ଆଉ ଏକ କରୁଣ ହସ ଭିତରେ ସେ କହିଲା—'ଓକିଲ ଅଜା, ତୁମର ବନ୍ଧୁଙ୍କୁ ତୁମ ପାଖରୁ ଛଡ଼ାଇ ନେଲି ବୋଲି ମୋ ଉପରେ ରାଗିବ ନାହିଁ । ତୁମର ପାଗଳୀ ନାତୁଣୀଟିକୁ କ୍ଷମା ଦେବ···।'

ନନ୍ଦା ମୁଣ୍ଡରେ ଗୋଟାଏ ହାତ ଥୋଇ, ଆଖିରେ ଲୁହ ଆଉ ମୁହଁରେ ହସ ଖେଳେଇ ଓକିଲ କହିଲେ—'ସତରେ ତୁ ପାଗଳୀଟାଏ—ପୁରୀ ଆଉ ବାଲେଶ୍ୱର, ମଝିରେ କେତେ ବା ବ୍ୟବଧାନ, ମନକଲେ ଭାଲିପରି ଯାଇ ମୁଁ ତୁମମାନଙ୍କୁ ଦେଖି ଆସିବି ।'

ହରପ୍ରତାପ କହିଲେ—'ନିଜର କଥା ଯେପରି ତୁମେ ରକ୍ଷାକର ଓକିଲ···।'

ସେଇ, ଡାକ୍ତର ନମିତା ଗୃହର୍ଯୀ ପାଖରେ କେତୋଟି ଦିନ କାଟିଦେବାକୁ ନନ୍ଦା ଠିକ୍ କରିଥିଲା । କଲକତାରେ ଅଧ୍ୟୟନ ସମୟରେ ସେ ଥିଲା ସହାଧ୍ୟାୟିନୀ—ବର୍ତ୍ତମାନ କଟକ ସହରରେ ଦୋକାନ ମେଲେଇ ସେ ବସିଚି । ପ୍ରଚୁର ରୋଜଗାର କରୁଚି କୁଆଡ଼େ । ଆଗରୁ ଥରେ ଦି'ଥର କଟକ ବୁଲିଆସି ନନ୍ଦା ନମିତାର ଘର ଦେଖିଚି । ନମିତା ତାକୁ ସବୁଆଡ଼େ ବୁଲେଇ ଦେଖେଇଚି···।

ରାସ୍ତାକଡ଼ର ଖଣ୍ଡେ ଖୋଲା ଜମି ଦେଖେଇ ନମିତା ସେ ଦିନ କହିଥିଲା···ଏଇ ସାମନା ଆଡ଼କୁ ତିଆରି ହେବ ଦୋକାନ, ବାଁପାଖ କୋଠରୀରେ ଲାବୋରେଟୋରୀ ଆଉ ଡାହାଣ ପାଖକୁ ଡିସ୍ପେନ୍ସାରୀ । ଏଇ ଯେ ତିନୋଟି କୋଠରୀ ଏକାଠି ଲାଗାଲାଗି ହୋଇ ରହିବ, ତା'ର ଚାରିଆଡ଼େ ଏକ ଚିରଫୁଟନ୍ତ ଫୁଲର ବଗିଚା ହସି ଉଠିବ । ସେଇପାଖରୁ ମୋ ପାଇଁ ଖଣ୍ଡେ ବାସୋପଯୋଗୀ ଘର । ବାସ୍···ଏତିକିକୁ ନେଇ ମୁଁ ମୋର ସଂସାର ଗଢ଼ିନେବ । ଆଉ ଜୀବନରେ ମୋର କୌଣସି ଅଭାବ, କୌଣସି ଅଭିଯୋଗ ରହିବ ନାହିଁ ।

ସେ ଜାଗାଟିର କଥା ନନ୍ଦାର ଠିକ୍ ମନେ ଅଛି । ତେଣୁ ତାହାକୁ କିଛି ନ ପଚାରି ନନ୍ଦା ଯେତେବେଳେ ସିଧା ନେଇ ନମିତାର ଔଷଧ ଦୋକାନ ଆଗରେ ଗାଡ଼ି ଠିଆ କରିଦେଲା, ନମିତା ପାଟିରୁ କଥା ବାହାରିଲା ନାହିଁ । ଆନନ୍ଦ ଆଉ ବିସ୍ମୟରେ ସେ ମୂକ ପାଲଟିଗଲା । କିନ୍ତୁ ନନ୍ଦା ସେତେବେଳକୁ ନମିତାର ଦୋକାନ ଭିତରେ ପଶି, ତା'ର ଐଶ୍ୱର୍ଯ୍ୟକୁ ବୁଲି ବୁଲି ଦେଖୁଥିଲା । ଟିକିଏ ଏପାଖ ସେପାଖ ନାହିଁ, ଠିକ୍ ନମିତା ଯେମିତି କହିଥିଲା, ସବୁ ସେମିତି ହୋଇଚି । ଗୃହଆଡ଼େ ଘେରି ରହିଥିବା ଚାରିଫୁଟିଆ ଫୁଲ ବଗିଚାର ବାସନା ବି ନାକରେ ବାଜୁଛି···।

ସବୁଆଡ଼ ଦେଖିସାରି ନମିତା ପାଖକୁ ଫେରିଆସି ନନ୍ଦା କହିଲା—'ଗାଡ଼ିରେ ଅଜା ଅପେକ୍ଷା କରିଚନ୍ତି ।'

ନମିତାର ଦୋକାନକୁ ସେତେବେଳକୁ ଭିଡ଼ କମିଯାଇଚି । ଯେଉଁ ଅଳ୍ପ କେତେଜଣ ଗ୍ରାହକ ଅଛନ୍ତି, ବୁଢ଼ା କମ୍ପାଉଣ୍ଡର୍ ଓ ନୂଆ ନର୍ସଟି ସେମାନଙ୍କର କାମ ତୁଲେଇ ନେଇ ପାରିବେ···।

ନନ୍ଦା ଉପରକୁ ଏକ କ୍ରୁଦ୍ଧଦୃଷ୍ଟି ନିକ୍ଷେପ କରି ନମିତା କହିଲା—'ବାଃ···ବାହାର ଅଣ୍ଡାରେ ଅଜା ବସିଚନ୍ତି, ଆଉ ଘର ଭିତରକୁ ପଶିଆସି ତୁ ଆରାମ କରିବାରେ ଲାଗିପଡ଼ିଚୁ ?'

ଗୋଟିଏ ଚେୟାର୍ ଉପରେ ବସିପଡ଼ି ନନ୍ଦା କହିଲା—'ବହୁତ ବାଟ ମୋଟରରେ ଚଳାଇ ଆସିଚି ନମି, ଏଣିକି ତୋ ଦାୟିତ୍ୱ ତୁ ବୁଝ । ମୋର ଏଣିକି ବିଶ୍ରାମ ଦରକାର ।'

ତରତର ହୋଇ ବାହାରକୁ ଯାଇ ହରପ୍ରତାପଙ୍କୁ ପ୍ରଣାମ କରି ନମିତା କହିଲା—'ମୋତେ ଆପଣ ଦୋଷ ଦେଇ ପାରିବେ ନାହିଁ ଅଜା, ଏଇ ବିଳମ୍ବ ପାଇଁ ନନ୍ଦା ହିଁ ଦାୟୀ । ଦଶମିନିଟ୍ ହେବ ଭିତରକୁ ଯାଇ, ଗୃହଆଡ଼େ ତନ୍ନ ତନ୍ନ କରି ଦେଖିସାରି, କହୁଚି ସାଧାରଣ କଥାଟିଏ ପରି ସେ କହୁଚି ଯେ ଅଜା ଆସିଚନ୍ତି । ଆଚ୍ଛା, ଆପଣ ଆଗ ଓହ୍ଲାଇ ଆସନ୍ତୁ, ମୁଁ ତା' କଥା ବୁଝୁଚି ।' ହରପ୍ରତାପଙ୍କ ସହିତ ଦୋକାନ ବାରଣ୍ଡା ଉପରକୁ

ଉଠି ଆସୁ ଆସୁ ନମିତା କହିଲା, 'ଗାଡ଼ିଟା କ୍ୱାର୍ଟର୍ ସାମନାକୁ ନେଇଯାଅ ଡ୍ରାଇଭର୍, ଆଉ ଜିନିଷପତ୍ର ସେଇଠି ଓହ୍ଲେଇ ଦିଅ ।'

ନନ୍ଦାର ଅଧିକାଂଶ ସହାଧ୍ୟାୟିନୀଙ୍କୁ ହରପ୍ରତାପ ଭଲଭାବରେ ଚିହ୍ନନ୍ତି । ବିଶେଷତଃ ହରପ୍ରତାପଙ୍କର କଲିକତା ବାସଭବନରେ ନନ୍ଦା ଆଉ ନମିତା—ଘରକୁ ନ ଆସି ଅନେକ ଛୁଟି କଟେଇଚନ୍ତି । ଅନେକ ସମୟରେ ସେ ନିଜେ ମଧ୍ୟ ସେମାନଙ୍କ ସହିତ ଏକତ୍ରିତ ହୋଇଚନ୍ତି । ତେଣୁ ନମିତାକୁ ମଧ୍ୟ ନାତୁଣୀ ହିସାବରେ ଅନେକ ଦିନରୁ ହରପ୍ରତାପ ଗ୍ରହଣ କରି ନେଇଥିଲେ ।

ବାହାର ପାଖର ଘରଟାରେ ଡ୍ରାଇଭର୍‌ର ଶୋଇବା ପାଇଁ ସମସ୍ତ ବନ୍ଦୋବସ୍ତ କରି ଦିଆଗଲା । ଅତିଥିମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଥିବା କୋଠରୀଟିକୁ ଅଜା ଅଧିକାର କଲେ—ଆଉ ଖିଆପିଆ ସମସ୍ତ ସରିବା ପରେ, ନନ୍ଦାକୁ ନେଇ ନିଜ ବିଛଣା ଉପରକୁ ଉଠିଗଲା ନମିତା···।

ନନ୍ଦା କହିଲା—'ଖୁବ୍ ଆଶ୍ଚର୍ଯ୍ୟ ହେଉଚୁ ତ ? ତୋ ଚିଠି ଖଣ୍ଡ ଷ୍ଟେସନରେ ପାଇ ମୁଁ ଭାବିଥିଲି କାଲି ତୋ' ପାଖରେ ପହଞ୍ଚିଥାନ୍ତି । କିନ୍ତୁ ଦି'ଘଣ୍ଟାର ବାଟ, ମନ ଆଉ ଥୟ ହେଲା ନାହିଁ । ଅଜା ଘରକୁ ଚାଲିଯିବାକୁ କହୁଥିଲେ । ବହୁତ କହିପୋଛି ଆଜି ରାତିଟି ତାଙ୍କୁ ଅଟକେଇ ରଖିଚି···।'

ଆଶ୍ଚର୍ଯ୍ୟ ହୋଇ ନମିତା କହିଲା—'ମାନେ,···ତୁମେ ସବୁ କାଲି ଚାଲିଯିବ ନା କ'ଣ ?'

ସବୁ ପଶମର କମ୍ବଳଟାକୁ ଦେହ ଉପରକୁ ଟାଣିଆଣି ନନ୍ଦା କହିଲା—'ନାହିଁ, ମୋ କଥା କହୁନାହିଁ ନମି, ମୁଁ ତ ଏଠାରେ ବେଶ୍ କିଛିଦିନ ରହିଯିବାକୁ ମନ କରି ଆସିଚି । କଟକରେ କିଛିଦିନ ମଉଜ, ମଜଲିସ୍ କଟେଇବାର ସଉକ ମୋର ଅନେକ ଦିନରୁ ଥିଲା । କିନ୍ତୁ ତୋ'ପରି କୌଣସି ବନ୍ଧୁ ଏଠାରେ ନ ଥିଲେ ବୋଲି ସେତିକି ହୋଇପାରୁ ନଥିଲା । ଏଥର କିନ୍ତୁ ବେଶ୍ ମଉଜ କରିଯାଇ ପାରିବି···, କିନ୍ତୁ ଅଜା କାଲି ପଳେଇ ଯିବେ···।'

ନନ୍ଦା ସେଇ କମ୍ବଳଟା ଭିତରକୁ ପଶି ଯାଉ ଯାଉ ନମିତା କହିଲା—'ଏତେ ଶୀଘ୍ର ଘରକୁ ଚାଲିଯିବେ କାହିଁକି ? ଆଉ ଦିନେ, ଦୁଇଦିନ ପରେ ଗଲେ କ'ଣ ଚଳିବ ନାହିଁ ? ତାଙ୍କୁ ସାଙ୍ଗରେ ପାଇଲେ ବେଶ୍ ମଜା ହୁଅନ୍ତା କିନ୍ତୁ... ବୁଢ଼ାଙ୍କୁ ଆଚ୍ଛା କରି କପେ ଚା' ଖୁଆଇ ହାତ ପାଖକୁ ଖଣ୍ଡେ ଖଣ୍ଡେ ଓଡ଼ିଆ ପାନ ଧରେଇ ଦେଉଥିଲେ—ଗଙ୍ଗାଠୁ ଗୋଦାବରୀ ଯାଏ ସେ କେତେ ଗପନ୍ତେ, ବେଶ୍ ମଜା ଲାଗେ ସତେ...।'

ଆଖି ଦୁଇଟା ବନ୍ଦକରି ନନ୍ଦା କହିଲା—'ସହରର ଜଳବାୟୁ ତାଙ୍କ ଦେହରେ ଯାଉନାହିଁ ନମି—କେବଳ ଆମର ଗାଁଟିକୁ ବାଦଦେଇ, ଆଉ ଯେଉଁଠିକି ଗଲେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ନ୍ତି । ତେଣୁ ତାଙ୍କର ଚାଲିଯିବାହିଁ ଉଚିତ ହେବ ।'

ନମିତା କହିଲା—'କିନ୍ତୁ ଆଜି ଆସି କାଲି ଚାଲିଗଲେ କେତେ ମନଦୁଃଖ ହେବ, ତୁ କ'ଣ ଜାଣି ପାରୁନୁ...?'

ଏଡ଼େ ପାଟିକରି ନନ୍ଦା କହିଲା—'ରଖ୍ ତୋ ମନଦୁଃଖ, ବକ୍‌ବକ୍ ସେତିକି ଥାଉ, ମୋତେ ନିଦ ଆସିଲାଣି—ଟିକିଏ ଆରାମରେ ଶୋଇବାକୁ ଦେ...।'

ନମିତା କାନ୍ଥ ଘଡ଼ିକି ଚାହିଁଲା—ଦଶଟା ବାଜି ପନ୍ଦର ମିନିଟ୍ ହୋଇଛି—ନନ୍ଦା ଦେହ ଉପରୁ ପଶମର କମ୍ବଳଟା କାଢ଼ିଦେଇ ସେ କହିଲା—'ସେ କଥା ହେବନାହିଁ ନନ୍ଦା..., ଏତେଦିନ ପରେ ଦେଖା, ତୋତେ ମୁଁ ଏତେଶୀଘ୍ର ଶୋଇବାକୁ ଦେବି ନାହିଁ । ତୋତେ ଯଦି କ୍ଳାନ୍ତ ଲାଗୁଛି, ବରଂ ଗୋଟାଏ କପ୍ ଓଭାଲ୍‌ଟିନ୍ ଖାଇନେ...ବେଶ୍ କିଛି ସମୟ ଗପ କରି ପାରିବୁ...।'

ନନ୍ଦା କହିଲା—'ବେଶ୍, ତେବେ ତୁ ଓଭାଲ୍‌ଟିନ୍ ତିଆରି କର, ଆଉ ସେଇ ସମୟରେ ମୁଁ ଟିକିଏ ଗଡ଼ପଡ଼ ହୋଇପଡ଼େ...।'

ନମିତା କହିଲା—'ଏଇଯେ ହେଉଚି କଥା—ଏଇ କାମକୁ ପାଞ୍ଚମିନିଟ୍ ଲାଗିବ ମୋତେ ।' ଏତିକି କହି ଇଲେକ୍‌ଟ୍ରିକ୍ ଷ୍ଟୋଭ୍‌ଟାକୁ ଲଗେଇ ନେଲା ସେ । ତା'ପରେ ଗୋଟାଏ କାଚ ପାତ୍ରରେ କିଛି ଦୁଧ ଗରମ କରି, ସେଥିରେ ଓଭାଲ୍‌ଟିନ୍ ଓ ଚିନି ମିଶେଇ ସେ ନନ୍ଦାକୁ ଡାକିଲା ।

କିନ୍ତୁ ନନ୍ଦା କୌଣସି ଜବାବ ଦେଲ୍ଲନାହିଁ । ତା'ପରେ ବିରକ୍ତ ହୋଇ ନମିତା କହିଲ୍ଲ—'ଦେଖ୍ ନନ୍ଦା, ତୁ ଯଦି ଇଚ୍ଛା ହବୁ, ସବୁତକ ଓଭାଲ୍ ଟିନ୍ ମୁଁ ନିଜେ ଖାଇଦେଇ, ତୋ'ଉପରେ ଅଣ୍ଟାପାଣି ଢାଳି, ତୋତେ ନିଦରୁ ଉଠେଇ ତୋ ସହିତ ଗପ କରିବି ।'

ନନ୍ଦା କହିଲ୍ଲ—'ଆଚ୍ଛା ତୁ କେତେ ଗପିବୁ ମୁଁ ଦେଖୁଛି ।' ଏତକ କହି ବିଛଣାରୁ ଉଠିବସି ସେ ଓଭାଲ୍ ଟିନ୍ କପ୍‌ରେ ମୁହଁ ଲଗେଇଲ୍ଲ । କିଛି ସମୟ ତା' ମୁହଁକୁ ଲକ୍ଷ୍ୟକରି ନମିତା କହିଲ୍ଲ—'ଆରେ, ତୁ ସବୁତକ ପିଇଦବୁ କି ? ମୋତେ ଟିକିଏ ଦେ ?' ତା'ପରେ ନନ୍ଦା ହାତରୁ କପ୍‌ଟା ଛଡ଼େଇ ଆଣି ସେ ସେଥିରେ ମୁହଁ ଲଗେଇଲ୍ଲ ।

ନନ୍ଦା କହିଲ୍ଲ—'ବେଶ୍ ଏଣିକି ଗପ ଆରମ୍ଭ ହେଉ...।' ନମିତା କିଛି ଗୋଟିଏ କହି କଥା ଆରମ୍ଭ କଲ୍ଲ, ଏବଂ ଏହିପରି ଭାବରେ ଅନ୍ତ ଅବାନ୍ତର କଥାକୁ ନେଇ ସେମାନେ ଅନେକ ବେଳ ଗପିଲେ—ଏବଂ ତାଙ୍କ ଗପର ଧାରା ବିଚ୍ଛେଦ ଆଉକୁ ଗତି କରୁନାହିଁ ବୋଲି ପରସ୍ପର ଜାଣି ପାରୁଥିଲେ ।

ଏକ ସମୟରେ ପଟିକର ହରପ୍ରତାପ କହିଲେ—'ମୁଁ ତୋ' ନାଁରେ ଅଭିଯୋଗ ଆଣୁଚି ନମିତା—ତୋର ଏଇ ଉଚ୍ଚ କଳରୋଳ ଭିତରେ ମୁଁ ନିଦର ସ୍ୱାଦୁ ଅନୁଭବ କରି ପାରୁନାହିଁ ।'

ହଠାତ୍ ନମିତା ଆଉ ନନ୍ଦା ଚୁପ୍ କରିଗଲେ...। କାନ୍ଥ ଘଡ଼ିକୁ ଚାହିଁ ନମିତା କହିଲ୍ଲ—'ଇସ୍, ରାତି ବା'ର ବାଜିଲ୍ଲଣି—ନନ୍ଦା, ଏଣିକି ଶୋଇ ପଡ଼ିବା ।' କିଛି ସମୟ ପରେ ନମିତା କହିଲ୍ଲ, 'ଅଜା...!'

ଆର ଘରୁ ହରପ୍ରତାପ କହିଲେ—'ହଁ...?'

'ଗୁଡ୍‌ନାଇଟ୍ ଅଜା...!' ନମିତା କହିଲ୍ଲ ।

'ଗୁଡ୍‌ନାଇଟ୍ ନାତୁଣି !' ଆରଘରୁ ଶୁଭିଲ୍ଲ ।

ତା'ପରେ ନନ୍ଦାର ଖୁବ୍ ପାଖକୁ ଲଗି ନମିତା ଶୋଇ ପଡ଼ିଲ୍ଲ । ଯେମିତି ଶୀତରାତିର କମ୍ପନ ସାରା ଅଙ୍ଗରେ ଭରି ସେ ତା'ର ହୃଦୟର ଉଷ୍ଣତାରେ ମିଶିଯାଉଚି...।

କିନ୍ତୁ ବେଶ୍ କିଛି ସମୟ ପର୍ଯ୍ୟନ୍ତ ନିଦ ତା'କୁ ଆସିଲା ନାହିଁ । ନନ୍ଦା ଆଡ଼କୁ ଚାହିଁ ସେ ଦେଖିଲା—ବେଶ୍ ନିଶ୍ଚିନ୍ତ ଆରାମରେ ଶୋଇପଡ଼ିଛି ସେ··· । ନୀଳ ଇଲେକ୍ଟ୍ରିକ୍ ବଲ୍‌ବର ଝାପସା ଆଲୋକରେ ସେ ନନ୍ଦାକୁ ଦେଖିଲା, ଦେଖିଲା ରଙ୍ଗ ରଙ୍ଗୀନ୍ କଥାଚିତ୍ରର ସ୍ୱପ୍ନନାୟିକା ପରି···, ଲଲାଟ ଉପରେ ଯାହାର ଝରିପଡ଼ିଛି କେତୋଟି ଚୂର୍ଣ୍ଣ କୁନ୍ତଳ । ବେକ ସୁନା ହାରର ଲକେଟ୍‌ଟି ଅଯତ୍ନ ଭାବରେ ଆସି ପଡ଼ିଯାଇଛି ନନ୍ଦାର ଟହ୍ଳ-ଅରୁଣ ଅଧରର ନିମ୍ନାଂଶ ଉପରେ···, ସମସ୍ତ ଦୃଶ୍ୟଟା ଉଜ୍ଜ୍ୱଳ ଆସ୍‌ମାନୀ ରଙ୍ଗରେ ଯେମିତି ଫିନସ୍ ଧୁଆଯାଇଛି । ମାଣ୍ଡି ଉପରୁ ନିଜର ମସ୍ତକକୁ ଅଳ୍ପ ଉପରକୁ



ନଂ. 01/1395
ତା...............
ରାଉରକେଲା

ଉଠେଇ, ଅନେକ ସମୟ ଧରି ଏ ଶୋଭାକୁ ନିରୀକ୍ଷଣ କଲା ନମିତା । ଆଶ୍ଚର୍ଯ୍ୟ ସୁନ୍ଦରୀ ନନ୍ଦାକୁ ଏଇ ବାତାବରଣ ଭିତରେ ଦେଖି ବେଳକୁବେଳ ଆତ୍ମହରା ହୋଇ ପଡୁଥିଲା ସେ । ତା'ପରେ ଏକ ସମୟରେ ନନ୍ଦାର ଅଧର ଉପରୁ ଲିପେଷ୍ଟିକ୍‌ଟାକୁ ଉଠେଇ, ସେ ସେଇ ଅଧର ଉପରେ ଆଙ୍କିଦେଲା ଏକ ପ୍ରଗାଢ଼ ଚୁମ୍ବନ । ତା'ର ସାରା ଅଙ୍ଗ ଶିହରି ଉଠିଲା । ତା'ପରେ ସେ ଯେମିତି ଭୀଷଣ ଗୋଟାଏ ଭୁଲ୍ କରି ପକେଇଚି, ସେଇପରି ମନୋବୃତ୍ତି ନେଇ କମ୍ବଳଟାକୁ ଉପରକୁ ଟାଣିନେଲା...।

ସେଇମିତି ଆଖି ବନ୍ଦକରି ନନ୍ଦା ପଚାରିଲା—'କିମିତି ଲାଗିଲା ନମି ? ଖୁ...ବ୍ ମିଠା...ନା...?'

ନମିତା ଅଳ୍ପ ଚମକି ପଡ଼ିଲା । ତା' ଅପରାଧଟା ନନ୍ଦା ପାଖରେ ଧରା ପଡ଼ିଯାଇଚି ମନେକରି ସେ ଟିକିଏ ସଙ୍କୁଚିତ ହୋଇ ପଡ଼ିଲା । ତା'ପରେ ଖୁବ୍ ଧୀରେ ଧୀରେ ନନ୍ଦା କଥାର ଉତ୍ତରରେ ସେ କହିଲା—'ହଁ' ।

'କାହିଁକି କହ ଦେଖି...?' ନନ୍ଦା ପୁଣି ପଚାରିଲା ।

ଏଥର ଖୁବ୍ ସହଜ ଭାବରେ ନମିତା କହିଲା—'ସେଇଟା ତୋ'ର ବିଶେଷତ୍ୱ...।'

ଅଳ୍ପ ଟିକିଏ ହସି ନନ୍ଦା କହିଲା—'ନାଁ..., ସେଇଟା ତୋ'ର ଓଭାଲ୍‌ଟିନ୍, ଦୁଧ ଆଉ ଡିମର ବିଶେଷତ୍ୱ ।'

ତା'ପରେ—ଆଖି ବନ୍ଦ କରି କିଛି ସମୟ ପଡ଼ି ରହିଲେ କୌଣସି ସମୟରେ ନିଶ୍ଚୟ ନିଦ ଆସିଯିବ ମନେକରି, ଆଖିବନ୍ଦ କରି ସତକୁ ସତ ଏକ ସମୟରେ ସେମାନେ ଶୋଇ ପଡ଼ିଲେ...।

ତା ପରଦିନ ହରପ୍ରତାପ ଗାଁକୁ ଯିବାକୁ ଉଦ୍ୟତ ହେଲେ । ପ୍ରଥମେ ସେ କାର୍‌ରେ ହିଁ ଯିବାକୁ ଠିକ୍ କରିଥିଲେ; କିନ୍ତୁ କଟକରେ ସୁନନ୍ଦା ଯେତେବେଳେ ଏକା କେତେ ରହିବ, ତା'ର ବୁଲାବୁଲିର ସୁବିଧା ଦୃଷ୍ଟିରୁ ଟ୍ରେନରେ ହିଁ ଯାତ୍ରା ଆରମ୍ଭ କଲେ ସେ । ନମିତା ଆଉ ନନ୍ଦା ଅଜାଙ୍କୁ ଟ୍ରେନରେ ବସାଇ ଫେରିଲେ । ନମିତା ଷ୍ଟେସନ ବୁକ୍‌ଷ୍ଟଲରୁ ଦି'ଗୋଟି ଖଣ୍ଡ

ବାହୁ ଓ ପରିକା କଣିଲା । ଦୁହେଁ ଆସି କାର୍‌ରେ ବସିଲେ । ନନ୍ଦା ଷ୍ଟାର୍ଟ ଦେଲା ଗାଡ଼ିରେ ।

ଅନେକ ଦିନପରେ ଜଣେ ପୁରାତନ ଆଉ ଅନ୍ତରଙ୍ଗ ବନ୍ଧୁକୁ ପାଇ, ନମିତା ଯେ ସବୁଦିନର ଧରାବନ୍ଧା ଜୀବନଠୁ ଦୂରେଇ ଯିବାକୁ ଚାହୁଁଛି, ନନ୍ଦା ସେ କଥା ବୁଝୁଥିଲା । ହଠାତ୍ ଜଣେ ବନ୍ଧୁକୁ ପାଇ ଦି’ଚାରିଟା ମାମୁଲି ପ୍ରଶ୍ନ ପଚାରିଦେଲେ—ମନେହୁଏ ଯେ ଯାହା କିଛି କହିବାର ଥିଲା ଓ ଯାହା କିଛି ଶୁଣିବାର ଥିଲା ସବୁ ଯେମିତି ସରିଗଲା । କିନ୍ତୁ ଟିକିଏ ଏକାନ୍ତରେ ପାଇ ଗପିବାକୁ ଆରମ୍ଭ କଲେ, ଶାଖାପ୍ରଶାଖା ମେଲାଇ ଗପ ବଢ଼ିଚାଲେ—ବଢ଼ିଚାଲେ ସେଇ ପର୍ଯ୍ୟନ୍ତ, ଯେଉଁ ପର୍ଯ୍ୟନ୍ତ ହଠାତ୍ ଗୋଟାଏ ପୂର୍ଣ୍ଣଚ୍ଛେଦ ତା’ ଉପରେ ପକାଇ ଦିଆ ନ ହୋଇଛି । ତଥାପି ମନରେ ଅବଶୋଷ ରହିଯାଏ—ଆଃ—କଥାଟା ସରିପାରିଲା ନାହିଁ—ଆମେ ଏକ ପରିସମାପ୍ତିରେ ପହଞ୍ଚି ପାରିଲୁ ନାହିଁ···।

ବିଶେଷତଃ ସେଇ ସବୁ କଥା—ଯାହା ଗୁରୁଜନମାନଙ୍କ ଉପସ୍ଥିତିରେ କୁହା ଚଳେନା—କେବଳ ମାତ୍ର ବନ୍ଧୁ ଆଗରେ କୁହାଯାଏ ।

ଗାଡ଼ି ଚଳାଉ ଚଳାଉ ନନ୍ଦା ଏତିକି ଭାବୁଥିଲା । ନମିତା ବାହ୍ୟ ଉପରେ ଦୃଷ୍ଟି ନିବଦ୍ଧ କରିଛି—କେତେଦୂର ଯାଏ ଗାଡ଼ି ଚଳେଇବାକୁ ହେବ, ସେ ବିଷୟରେ ବି କୌଣସି ନିର୍ଦ୍ଦେଶ ଦେଉନାହିଁ, କିମ୍ବା ନନ୍ଦାର ବି ସେ ବିଷୟରେ କିଛି ଧାରଣା ନାହିଁ ।

ଅନେକ ଆଡ଼େ ଗାଡ଼ିଟାକୁ ଘୂରେଇ ଘୂରେଇ, ଶେଷରେ ବିରକ୍ତ ହୋଇ କାଠଯୋଡ଼ି କୂଳ ଉପରେ ହିଁ, ରାସ୍ତାରୁ ଟିକିଏ ଘୁଞ୍ଚେଇ ଗାଡ଼ିଟାକୁ ଠିଆ କରିଦେଲା ନନ୍ଦା । ତା’ପରେ ନମିତା ଆଡ଼କୁ ଚାହିଁ ସେ କହିଲା—‘ମେମ୍‌ସାବ୍, ଗାଡ଼ି ରୁକ୍‌ଗୟୀ···।’

ବହିଟାକୁ ପଛପଟକୁ ଫୋପାଡ଼ି ଦେଇ ନମିତା ମୋଡ଼ିଭାଙ୍ଗି ହେଲା । ତା’ପରେ କାହାରିକୁ ଚାହିଁ କହିଲା—‘ନା’ କାଠଯୋଡ଼ି କୂଳକୁ ଓହ୍ଲେଇ ଯାଇ ହାୱା ଖାଇବାର ବେଳ ହୋଇ ନାହିଁ । ଖରା ବେଶ୍ ତାଣ ଅଛି । ଏଣୁ ଏଇ ଗାଡ଼ି ଉପରେ ବସି କଥାବାର୍ତ୍ତା କରାଯାଉ···।’

ପତ୍ରପଠକୁ ଆଉଜଣ ପଡ଼ି ନନ୍ଦା କହିଲା—'ଯଥା ଆଜ୍ଞା...।' ନମିତା କହିଲା—'ଏଭଳି ଉତ୍ତରରେ ମୁଁ ଆଜି ତୋତେ ଛାଡ଼ି ଦେଉନି ନନ୍ଦା, ତୋତେ ଆଜି ସ୍ପଷ୍ଟ ଭାବରେ ମୋ କଥାର ଉତ୍ତର ଦେବାକୁ ହେବ ।'

ନନ୍ଦା କହିଲା—'ତେବେ କେଉଁ ପ୍ରଶ୍ନ ଉପରେ ତୁ ସ୍ପଷ୍ଟ ଉତ୍ତର ଚାହୁଁଛୁ କହିନି...?'

ବେଶ୍ ଗମ୍ଭୀର ହୋଇ ପଡ଼ି ନମିତା କହିଲା—'ତୁ ପରା ମନୋନୀତ କଲୁଣି...?'

'ହୁଁ...ତା'ପରେ...?' ନନ୍ଦା ସେଇମିତି ଗମ୍ଭୀର ହୋଇ ପଚାରିଲା ।

ନନ୍ଦାର ଏ ଉତ୍ତରରେ, ନମିତା କିଛି ସମୟ ତା' ଆଡ଼କୁ ଚାହିଁଲା । ତା'ପରେ କଣ୍ଠରେ ଅଭିମାନ ଭରି କହିଲା—'ମୋ କଥାର ଜବାବ ଦେବୁନି ନନ୍ଦା...?'

କଥାଟାକୁ ହାଲୁକା କରି ଦବାକୁ ନନ୍ଦା କହିଲା—'ତୁ ନିଜେ ଆଗେ ସେଇ ପ୍ରଶ୍ନର ଉତ୍ତର ଦେଲୁ ନାହିଁ...?'

ନମିତା କହିଲା—'ବେଶ୍ ଉତ୍ତର ମୁଁ ଦଉଚି, କିନ୍ତୁ ମନେରଖ, ତୋତେ ମଧ୍ୟ ଉତ୍ତର ଦେବାକୁ ପଡ଼ିବ—ତୋତେ ମୁଁ ଏତେ ସହଜରେ ଛାଡ଼ିଦେବି ନାହିଁ...।'

ନନ୍ଦା କହିଲା—'ଆଚ୍ଛା', ତୁ ନିଜକଥା ପ୍ରଥମେ କହି ସାର୍ ।' କିଛି ସମୟ ଗୁମ୍ ମାରି ବସି ନମିତା କହିଲା—'ମୁଁ କ'ଣ ଆଉ ବାହାହେବ ବୋଲି ତୁ ଭାବୁଚୁ ? ମୁଁ ଆଉ ବାହା ହେବନି—କାହିଁକି ଜାଣୁ ଜାଣୁ ଶୃଙ୍ଖଳିତ ହୋଇପଡ଼ିବି, ବରଂ ଏଇମିତି ଅଛି ବେଶ୍ ଅଛି— ଖାଉଚି, ପିଉଚି, ସିନେମା ଦେଖୁଚି, ଗୀତ ଗାଉଚି ଓ ବହି ପଢୁଚି । ଗୋଟାଏ ଅବଲମ୍ବନ ପାଇଁ ଆମ ଦେଶର ନାରୀ ପୁରୁଷକୁ ବରଣ କରେ—ଆଉ ମନ ଥାଉ ବା ନ ଥାଉ ତାକୁ ପତିଦେବତା କହି ନିଜର ଅବଶିଷ୍ଟ ଜୀବନଟାକୁ କଟେଇ ନିଏ । ପୁରୁଷର ରୋଜଗାର ଉପରେ ସ୍ତ୍ରୀକୁ ଚଳିବାକୁ ପଡ଼େ ବୋଲି ପୁରୁଷର ସେ ଏକାନ୍ତ ବାଧ୍ୟହୋଇ ପଡ଼େ । କିନ୍ତୁ ମୋର ତ ସେ ଅବଲମ୍ବନ ଦରକାର ନାହିଁ, ନିଜ ଗୋଡ଼ରେ ମୁଁ ତ ଚମତ୍କାର ଠିଆ ହୋଇ

ପାରିବ ! ମୋର ତ ମନେହୁଏ, ବର୍ତ୍ତମାନ ମୋର ଆର୍ଥିକ ଉପାର୍ଜନ ଦେଇ ମୁଁ ଆଉ କେତେଜଣ ମୁମୂର୍ଷୁଙ୍କର ଗ୍ରାସାଚ୍ଛାଦନର ଅଭାବ ପୂରଣ କରିଦେଇ ପାରିବି । ତେବେ, ମୁଁ ବାହାହେବି କାହିଁକି କହ···?'

ନନ୍ଦା ନମିତା ଆଡ଼କୁ ଚାହିଁ କହିଲା—'ବିବାହ ବିଷୟରେ ତୋର ତ ଚମତ୍କାର ଧାରଣା ଅଛି ଦେଖୁଚି, କେବଳ ଏଇଥିପାଇଁ କ'ଣ ସମସ୍ତେ ବିବାହ କରନ୍ତି ନମି···?'

ଟିକିଏ ହସି ନମିତା କହିଲା—'ନାହିଁ—ବିବାହର ଆଉ ଗୋଟିଏ ଦିଗ ରହିଯାଇଚି, ଆଉ ସେଇଟା ହେଉଚି ସ୍ୱଜାତୀୟ ପ୍ରବୃତ୍ତିର ବିନିଯୋଗ । ଆମ ଦେଶର ଅନେକ ହୁଏତ ଏଇ ଶେଷ କାରଣ ପାଇଁ ବିବାହ କରନ୍ତି । କିନ୍ତୁ ବ୍ୟକ୍ତିଗତ ଭାବରେ ମୁଁ କଥାଟାକୁ ପସନ୍ଦ କରେ ନାହିଁ । ବିବାହ ନ କରି ଯେତେବେଳେ, ଆମ ଦେହର ସ୍ୱଜାତୀୟ ପ୍ରବୃତ୍ତିକୁ ବିନିଯୋଗ କରିବାର ପ୍ରଚୁର କ୍ଷେତ୍ର ଆମ ଆଗରେ ପଡ଼ି ରହିଥିବାର ଆମେ ଦେଖୁଚେ—ସେତେବେଳେ ବିବାହର ସଂକୀର୍ଣ୍ଣ ଗଣ୍ଡି ଭିତରକୁ ଆମେ ପଶିଯିବା କାହିଁକି ?'

ନନ୍ଦା କିଛି କହିଲା ନାହିଁ । କେବଳ ଆଶ୍ଚର୍ଯ୍ୟ ହୋଇ ନମିତା ମୁହଁକୁ ଚାହିଁ ରହିଲା ।

ନନ୍ଦାର ଭାବାନ୍ତରକୁ ଲକ୍ଷ୍ୟ ନକରି ନମିତା କହି ଚାଲିଲା—'ଅଥଚ ଏଇ ଯେ ଏତେବଡ଼ ଆକର୍ଷକ ଜିନିଷ, ଯାହାକୁ ନେଇ ଆମ ଦେଶର ପ୍ରାଚୀନ କବିମାନେ ଗଦା ଗଦା କାବ୍ୟ, କବିତା ଗ୍ରନ୍ଥ ଲେଖିଚନ୍ତି— ତା' ଭିତରେ ବି ସେମିତି ବିରାଟ କିଛି ଆକର୍ଷଣୀୟ ବସ୍ତୁର ସ୍ୱାଦ ମୁଁ ପାଇଲି ନାହିଁ ନନ୍ଦା ! ରସଗୋଲାଟିଏ ଖାଇ ସାରିଲା ପରେ ଯିମିତି ଖୁବ୍ ଅଳ୍ପ ସମୟ ପରେ ଆମେ ସେ କଥା ଭୁଲିଯାଉ, ସେଇମିତି ତା'କୁ ବି ଭୁଲିଯାଇ ହୁଏ । ପୁଣି ଦୋକାନରେ ରସଗୋଲା ଦେଖି, ହାତରେ ପଇସା ନଥିଲେ ଯେମିତି ଲାଗେ, ସେହିପରି ତୀବ୍ର ଅଭାବବୋଧ ବି ଅନୁଭବ କରିବାକୁ ପଡ଼େ—ଯୌବନ-ଜିଜ୍ଞାସାର କୌଣସି ଉତ୍ତର ନ ପାଇଲେ । କିନ୍ତୁ ମୋଟ କଥା, ପ୍ରାଗ୍‌ବୈବାହିକ ଜୀବନରେ ଜିନିଷଟାକୁ ଆମେ ଯେତେ ସ୍ୱର୍ଗୀୟ ମନେକରି ନେଇଥାଉଁ—କାର୍ଯ୍ୟତଃ ସେତେ ବିରାଟ ଜିନିଷ କିଛି

ପାଉନା । ପୁରୁଷଙ୍କ ପାଖରେ, ନିଜକୁ ନାନାଭାବରେ ଧରେଇ ଦେଇ ବି ଆମର ଏ ଧାରଣାର କୌଣସି ପରିବର୍ତ୍ତନ ହୁଏନି । ଅନେକ ପୁରୁଷଙ୍କ ପାଖରେ ନିଜକୁ ବିକେଇ ଦେଲେବି ସେଇ ଏକ କଥା···।

ଅଥଚ ଏଇ ଯେ ପୁରୁଷ ଗୁଡ଼ାକ—ବଡ଼ ଦୁର୍ବଳ ସେମାନେ । ମୁହଁ ଉପରେ ଖୁବ୍ ପତଳା ଆବରଣ ଦେଇ ସେମାନେ ପଦାକୁ ବାହାରି ପଡ଼ନ୍ତି, ଆଉ ନାରୀର ଅତି ଅଳ୍ପ ଚେଷ୍ଟା, ପୁରୁଷ ମୁହଁର ଏଇ ଆବରଣକୁ ଖସେଇ ପକାଏ । ସାମାନ୍ୟ ଟିକିଏ ଆଡ଼ଚାହାଣି, ଅଳ୍ପଟିକିଏ ହସ ପୁରୁଷର ଅସଲ ଚେହେରାଟାକୁ ପଦାକୁ ଟାଣିଆଣେ—ଖୁବ୍ ବିରାଟ, ଲବ୍ଧପ୍ରତିଷ୍ଠ, ପ୍ରଗତିଶୀଳ ସମାଜ ସଂସ୍କାରକ, ଜ୍ଞାନୀ, ଗୁଣି, ମାନୀ, କ୍ଷମତାଶାଳୀ ନେତା, ମନ୍ତ୍ରୀ, ଯାହାର କଥା କହୁନା କାହିଁକି—ସବୁ ଏକ···ସବୁ ସେଇ ଗୋଟିଏ ଚରିତ୍ରର ଘର···। ଜଣେ ସାଧାରଣ ପ୍ରଗତିଶୀଳା ସୁନ୍ଦରୀ ଯୁବତୀ ଅକ୍ଳେଶରେ ଯେ କୌଣସି ପୁରୁଷକୁ ନାକରେ ଦଉଡ଼ି ଲଗେଇ ଟାଣି ଦେଇପାରେ । ଆଜିକାଲି ସମୟରେ ଇଏ କିଛି ବଡ଼ କଥା ନୁହେଁ···।’

ନମିତାର କଥା ଶୁଣୁ ଶୁଣୁ ନନ୍ଦା ସତେ ଯେମିତି ସ୍ଥାଣୁ ପାଲଟି ଯାଉଥିଲା—କ’ଣ କହୁଛି ନମିତା ? କାହାର ଅନୁଭବ କଥା ଇଏ ? ନମି, ନିଜେ ତେବେ ଏତେ ସବୁ ଅଭିଜ୍ଞତା ହାସଲ କରିଛି··· ?

ନମିତାର କଥା କିନ୍ତୁ ସରି ନଥିଲା···।

ସେ କହିଲା—‘ସବୁ ଶୁଣିଲେ ତୁ ଅଜି ମୋତେ ହୁଏତ ଘୃଣା କରିବୁ ନନ୍ଦା—କିନ୍ତୁ ଏ ଭିତରେ ମୋ ନିଜ ଦେହ ଉପରେ ମୁଁ ଅନେକ ପରୀକ୍ଷା ଚଳେଇଛି । ନିଶ୍ଚିନ୍ତ ନିର୍ବିବାଦରେ କେତେକ ଲୋକଙ୍କୁ ମୋ ଦେହର ସ୍ୱାଦୁ ଚାଖିବା ପାଇଁ ମୁଁ ଅନୁମତି ଦେଇଛି । ମୋର ଏଇ ବଦାନ୍ୟତା ବିଷୟ ଯେତେବେଳେ ଉପର ମହଲର ଭିତରେ ଭିତରେ ଜଣା ପଡ଼ିଗଲା—ଠିକ୍ ସେଇ ସମୟରୁ ମୋର ରୋଗୀ ସଂଖ୍ୟା ହଠାତ୍ ଆଶ୍ଚର୍ଯ୍ୟ ଭାବରେ ବଢ଼ି ଉଠିଲା···।

ସେଇ ସୂତ୍ରରେ ଆସିଲେ ଦେଶର ରାଜନୈତିକ କର୍ଣ୍ଣଧାର, ତାଙ୍କ ଭେଟରେ ଇତିହାସ ସେ କହିଲେ ଯେ କୁଅଡ଼େ ତାଙ୍କ ସ୍ତ୍ରୀଙ୍କର ଅକାଳ

ବର୍ଷ୍ୟୋଗ ପରେ ତାଙ୍କୁ ହଠାତ ଏକ ଅଜଣା ରୋଗ ଧରିଚି, ରାତିରେ ନିଦ ହୁଏ ନାହିଁ, ସବୁବେଳେ ସ୍ତ୍ରୀଙ୍କ କଥା ମନେପଡ଼େ, ଆଉ ସବୁଠୁ ବଡ଼କଥା, ତାଙ୍କ ସ୍ତ୍ରୀଙ୍କର ଚେହେରା ସହିତ-କୁଆଡ଼େ ମୋ ଚେହେରାର ଆଶ୍ଚର୍ଯ୍ୟ ସାଦୃଶ୍ୟ ଅଛି ।

ରୋଗ ନିରୂପଣ କରିବାର ସାଧାରଣ ଡାକ୍ତରୀ ପନ୍ଥା ଧରି ଗାଡ଼ି ଭିତରେ ଥର୍ମୋମିଟର ରଖି ମୁଁ ତାଙ୍କର ଉତ୍ତାପ ମାପିଚି—ହାତଧରି ମୁଁ ନାଡ଼ିର ଗତି ନିରୂପଣ କରିଚି, ଛାତିରୁ ସମସ୍ତ ଆବରଣ ଖସେଇ, ମୁଁ ତାଙ୍କର ଛାତିକୁ ଷ୍ଟେଥୋସ୍କୋପ୍ ଦେଇ ଶୁଣିଚି । ଆଖିର ତଳପଟାକୁ ମେଲେଇ ଶରୀରର ରକ୍ତ ପରିମାଣ ବିଷୟରେ ଧାରଣା କରିଚି, ଆଉ ଏଇ ସବୁ ଭିତରେ ମୁଁ ଦେଖିଚି, ତାଙ୍କର ବୁଢ଼ା ଲୁଆ ମନ ଭିତରେ ହଠାତ୍ ଯୁବକ ହେଇ ପଡ଼ିବାର ଅଦମ୍ୟ ଆଗ୍ରହ···

ତା'ପରେ···ଜଣକ ପରେ ଜଣେ···ଆସିଚନ୍ତି ପ୍ରଫେସର୍, ଇଞ୍ଜିନିୟର୍, ବ୍ୟାରିଷ୍ଟର୍ ଓ ଅନେକ ରକମର ଅଫିସର୍ ଆଉ ଶେଷକୁ ତରୁଣ କଲେଜ୍ ଟୋକା ପର୍ଯ୍ୟନ୍ତ···

ମୁଁ ସମସ୍ତଙ୍କର ରୋଗ ପରୀକ୍ଷା କରିଚି, ଆଉ ଶେଷକୁ ଏଇ ସିଦ୍ଧାନ୍ତରେ ଉପନୀତ ହେଇଚି ଯେ, ମୋ ପାଖକୁ ଏଇ ରକମର ରୋଗୀ ଆସିଚନ୍ତି, ସମସ୍ତେ ଚମତ୍କାର ସୁସ୍ଥ ଅଛନ୍ତି···ତେବେ ଏମାନେ ଆସିଚନ୍ତି କ'ଣ ପାଇଁ··· ? ସୁନ୍ଦରୀ ନମିତା ଗୃହିଣୀର ଅଯାଚିତ ବଦାନ୍ୟତା ପାଖରେ ହାତ ପାତିବାକୁ··· ?

ତା'ପରେ କାହାକୁ ମୁଁ ହସି ପଦେ କଥା କହିଚି, କାହା ସହିତ ସିନେମା ଦେଖିଯାଇଚି, କାହାସହିତ କାଠଯୋଡ଼ୀ କୂଳରେ ପବନ ଖାଇବାକୁ ଆସିଚି, ସାଧ୍ୟମତେ ମୁଁ କାହାକୁ ନିରାଶ କରିନାହିଁ··· !'

ଏତିକି କହି ଏକ ଶୂନ୍ୟଦୃଷ୍ଟିରେ କାଠଯୋଡ଼ୀର ଶୀର୍ଣ୍ଣ ଜଳସ୍ରୋତ ଆଡ଼କୁ ନମିତା ଚାହିଁ ରହିଲା··· । ପୃଥିବୀ ଉପରକୁ ସନ୍ଧ୍ୟା ନଇଁ ଆସୁଚି···, ଦୂରରୁ ପକ୍ଷୀମାନଙ୍କର କାକଳୀ ଶୁଭୁଚି ଆଉ କାଠଯୋଡ଼ୀ ନଦୀରେ ପ୍ରତିଫଳିତ ହେଉଚି କଟକ ନଗରୀ ବିଜୁଳିବତୀର ଆଲୋକ··· ।

କିଛି ସମୟପରେ ନିଜେ ନିଜେ ସେ ପୁଣି କହିଲା—'ମୁଁ ଯାହା'ସବୁ କହୁଚି, ଅଳ୍ପକଥାରେ କହିଲେ—ମୁଁ ନିଜକୁ ଏକ ଗଣିକା ପର୍ଯ୍ୟାୟରେ ନେଇ ପକାଇଚି ବୋଲି ବୁଝାଯାଇ ପାରେ । ଗଣିକା—ଅର୍ଥାତ୍ ସମାଜ ଅଙ୍ଗରେ ଏକ ଘୃଣ୍ୟ ଜୀବବିଶେଷ…, କିନ୍ତୁ ଖୁବ୍ ଉଚ୍ଚର ଚିନ୍ତାକରି ମଧ୍ୟ, ସାଧାରଣ ଜଣେ ଭଦ୍ରମହିଳା ଜଣେ ଗଣିକାଠୁ କେଉଁ ଗୁଣରେ ଉନ୍ନତ, ମୁଁ ତା'ର ଉତ୍ତର ଖୋଜି ପାଇନି ।

ମୋ କଥା ଛାଡ଼ ଜଣେ ସାଧାରଣ ବଜାରର ରୂପଜୀବୀର କଥାହିଁ ଧରାଯାଉ । ସାମାନ୍ୟ କେତୋଟି ପଇସା ବିନିମୟରେ ସେ ଯାହା କରୁଛି ବୋଲି ବୁଝାଯାଉଚି, ସେ କଥା କେତେ ଦୂର ସତ୍ୟ, ମୁଁ ଜାଣିବାକୁ ଚାହେଁ । ଯେଉଁ ଜିନିଷର ମୂଲ୍ୟ ସୁନା ରୂପାରେ କଳନା କରିବା ସମ୍ଭବ ନୁହେଁ—ଆଲ୍ଲାଉଦ୍ଦୀନର ବିରାଟ ସାମ୍ରାଜ୍ୟ ବିନିମୟରେ ଯେଉଁ ସମ୍ପତ୍ତିକୁ ନାରୀ ଦେବାକୁ ସ୍ୱୀକାର କରି ନଥିଲା—ବଜାରରେ ସାଧାରଣ ପଣ୍ୟ ଦ୍ରବ୍ୟ ଭଳି ସେଇ ଜିନିଷ ବିକ୍ରି କରାଯାଉଚି ବୋଲି ବୁଝାଯାଉଚି…, ଆଶ୍ଚର୍ଯ୍ୟ କଥା, ସମାଜ ବି ସେଇ କଥାକୁ ବିଶ୍ୱାସ କରି ନେଉଚି !

ମୁଁ କହୁଚି—ପଇସା ନୁହେଁ—ନାରୀର ନାରୀତ୍ୱହିଁ ପୁରୁଷ ହାତରେ ଏ ବିରାଟ ଦାନକୁ ଟେକି ଦେଉଚି । ଆଜି ସମାଜ ଗଣିକାକୁ ଘୃଣା କରୁଚି, କିନ୍ତୁ ଦିନଥିଲା ଯେତେବେଳେ ଏଇ ଗଣିକାମାନେହିଁ ସମାଜର ସର୍ବୋନ୍ନତ ସ୍ଥାନ ଅଧିକାର କରିଥିଲେ । ପୁରାଣ ଯୁଗର ସେ'ଦିନ ଆଜି ଆଉ ନାହିଁ, କିନ୍ତୁ ଆଜି ବି ନୈଷ୍ଠିକ ହିନ୍ଦୁ ସକାଳୁ ଉଠି…'ଅହଲ୍ୟା, ଦ୍ରୌପଦୀ, କୁନ୍ତୀର ନାମ ପ୍ରଥମେ ଉଚ୍ଚାରଣ କରେ… । ବୈଜ୍ଞାନିକ ଦୃଷ୍ଟି କୋଣରୁ ମଧ୍ୟ ପରକୀୟା ପ୍ରେମ ଓ ତା'ର ଫଳାଫଳକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଏ । ଏ ଯୁଗର ଜଣେ ଶ୍ରେଷ୍ଠ ମନୀଷୀ ବର୍ଣ୍ଣାଡ୍ ଶ' କହିଚନ୍ତି—ଜଣେ ସ୍ତ୍ରୀ ଜଣେ ପୁରୁଷ ଦ୍ୱାରା ଏକାଦିକ୍ରମେ ସାତୋଟି ସନ୍ତାନର ମା' ହେବା ଅପେକ୍ଷା, ସାତଜଣ ବିଭିନ୍ନ ପୁରୁଷଙ୍କ ଦ୍ୱାରା ସାତୋଟି ସନ୍ତାନ ଜନ୍ମ କଲେ, ସାତପ୍ରକାର ବିଭିନ୍ନ ବିଶିଷ୍ଟ ଗୁଣ ନେଇ ଏମାନେ ଭବିଷ୍ୟତ ପୃଥିବୀକୁ ଏକ ନୂଆ ରୂପରେଖ ଦେବାକୁ ସମର୍ଥ ହେବେ । ତା'ଛଡ଼ା ତାଙ୍କ ମତରେ

ବିବାହ ତ ଏକପ୍ରକାର ଅନୁମୋଦିତ ବେଶ୍ୟାବୃତ୍ତି··· । ବିବାହିତ ଜୀବନରେ ଜଣେ ସ୍ତ୍ରୀ ଜଣେ ମାତ୍ର ପୁରୁଷକୁ ସନ୍ତୁଷ୍ଟ ରଖି ପାରୁନ ବୋଲି ଆଜି କେତେ ପରିବାର ଉଚ୍ଛନ୍ନ ହୋଇଗଲେଣି । କିନ୍ତୁ ଜଣେ ରୂପଜୀବୀ ଏକାଧିକ୍ରମେ ଅନେକ ପୁରୁଷଙ୍କୁ ମାନସିକ ଓ ଶାରୀରିକ ଶାନ୍ତି ଦେବାରେ ସମ୍ପୂର୍ଣ୍ଣ ସମର୍ଥ ବୋଲି ପ୍ରତି ମୁହୂର୍ତ୍ତରେ ପ୍ରମାଣିତ ହେଉଛି ।

ଅଥଚ··· ସେଇ ମହୀୟସୀ ନାରୀ ଆଜି ସମାଜ ଆଖିରେ ଘୃଣ୍ୟ··· !

ପୁଣି କିଛି ସମୟ ଚୁପ୍ ରହିବା ପରେ ନମିତା କହିଲା—'କିନ୍ତୁ ଯେଉଁ ଅଭିଜାତ ମହିଳାମାନେ ବଜାରର ରୂପଜୀବୀକୁ ଦେଖି ଘୃଣାରେ ନାସିକା କୁଞ୍ଚନ କରନ୍ତି, ସେଇ ଭଦ୍ରମହିଳାମାନଙ୍କର ଅସଲ ସ୍ୱରୂପ କେତେ ଜଣ ଦେଖିଛନ୍ତି ? ପୃଥିବୀ ସେମାନଙ୍କର ଗୁପ୍ତ ଜୀବନର କିଛି ଖବର ରଖିନାହିଁ, କିନ୍ତୁ ମୁଁ ରଖିଛି । ଘର ଭିତରେ ରହି ବଜାରର ବେଶ୍ୟାଠାରୁ ସେମାନେ ଯେ ଆହୁରି ଜଘନ୍ୟ ବେଶ୍ୟାବୃତ୍ତି କରୁଛନ୍ତି, ତା'ର ପ୍ରମାଣ ମୋ ହାତରେ ଅଛି । ନାରୀ ଚିକିତ୍ସକ ହିସାବରେ ମୋ'ଠୁ ସହାନୁଭୂତି ପାଇବା ପାଇଁ ଅନେକ ଆସିଛନ୍ତି, ଖୁବ୍ ବଡ଼ଘରର ଝିଅ ଆଉ ବୋହୂମାନେ କାନ୍ଦିକାନ୍ଦି ମୋ ଗୋଡ଼ତଳେ ଗଡ଼ିପଡ଼ିଛନ୍ତି··· । ସମାଜରେ ଅତି ସୁଖ୍ୟାତି ଲାଭ କରିଥିବା ଭଦ୍ରମହିଳା ବି ମୋର ଦ୍ୱାରସ୍ଥ ହୋଇଛନ୍ତି ! ମୋର ହାତଗୋଡ଼ ଧରି, ମୋତେ ଭଉଣୀ ବା ବାନ୍ଧବୀ ବୋଲି ସମ୍ବୋଧନ କରି, ଭ୍ରୂଣହତ୍ୟା ପାଇଁ କାନପାଖରେ ଚୁପଚୁପ୍ ମିନତି କରିଛନ୍ତି । କିଏ ମୋତେ ପ୍ରଚୁର ଅର୍ଥର ଲୋଭ ଦେଖାଇଛି ଆଉ କିଏ ମୋତେ ଧମକ ବି ଦେଇଛି, କିନ୍ତୁ ସମସ୍ତଙ୍କୁ ମୁଁ ଗୋଟିଏ ମାତ୍ର ଉତ୍ତର ଦେଇଛି—ତମେ ତ କିଛି ଭୁଲ୍ କରିନାହଁ ଭଉଣୀ··· ପ୍ରାପ୍ତବୟସ୍କା ନାରୀ ମାତୃତ୍ୱ କାମନା କରେ, ସିଏ ତା'ର ସହଜାତ ପ୍ରବୃତ୍ତି—ତୁମେ ଆଜି ମା' ହେବାକୁ ଯାଉଛ—ଇଏ ତ ଗୌରବର କଥା, ତୁମେ ଦୁଃଖ କରୁଛ କାହିଁକି··· ?' ନିରାଶ ହୋଇ ମୋ ପାଖରୁ ଫେରି ସେମାନେ ଅନ୍ୟ ରାସ୍ତା ଦେଖିଛନ୍ତି ।

କିନ୍ତୁ···ମୁଁ ସେମାନଙ୍କୁ ଆନ୍ତରିକ ଘୃଣା କରେ ନାହିଁ ବା ସେମାନଙ୍କ ଉପରେ ଦୋଷ ଲଦିଦେବାକୁ ମୁଁ ଇଚ୍ଛା କରେ ନାହିଁ । ପୃଥିବୀକୁ ଅତି

ସୀମିତ ସମୟ ପାଇଁ ମଣିଷ ଆସିଛି, ଅଥଚ ଆଜିର ମଣିଷ ସୁଖ ଶାନ୍ତି କ'ଣ ଜାଣୁ ନାହିଁ । ସବୁବେଳେ ଦୁଃଖ ଦାରିଦ୍ର୍ୟ ଭିତରେ ପେଷିହେଉଛି, ତା' ଜୀବନର ଏକ ସଂକ୍ଷିପ୍ତ-ମୁହୂର୍ତ୍ତକୁ, କୌଣସି ନାରୀ ଯଦି ସରସ କରିବାକୁ ପ୍ରୟାସ କରେ, ସେଥିପାଇଁ ସେ ଘୃଣ୍ୟ ହେବ କାହିଁକି··· ? ନାରୀ ଉପରେ ଏଇ ଯେଉଁ ସାମାଜିକ ଚାପ ପଡୁଛି, ପୁରୁଷ ଉପରେ ସେଇ ସାମାଜିକ ଚାପର କୌଣସି ଆଧିପତ୍ୟ ତ ଖଟୁନାହିଁ··· ? ବରଂ ଯେଉଁ ପୁରୁଷ, ଯେତିକି ବେଶି ନାରୀ ସଂସ୍ପର୍ଶରେ ଆସୁଛି, ବନ୍ଧୁ ମହଲରେ ତା'ର ଓଜନ ସେତିକି ବଢ଼ି ଯାଇଛି । କାହିଁକି··· ? ପୁରୁଷ ନିଜେ ସମାଜ ତିଆରି କରିଛି ବୋଲି··· ?'

ନନ୍ଦା ଆଉ ଶୁଣି ପାରିଲା ନାହିଁ···, ଉତ୍ତେଜିତା ନମିତା ମୁହଁରେ ହାତ ଦେଇ ସେ କହିଲା—'ଆଉ ନମି, ଆଉ ମୋର ଧୈର୍ଯ୍ୟ ନାହିଁ, ତୁ ଦୟାକରି ଚୁପ୍ କର··· ।'

ନମିତା କହିଲା—'କିନ୍ତୁ ମୋ କଥାରେ କୌଣସି ଅଯୌକ୍ତିକ ବିଚାର ତୁ ଦେଖିବାକୁ ପାଇଲୁ ନନ୍ଦା··· ?'

ନନ୍ଦା କହିଲା—'ଥାଉ ନା ଆଜି ସେ ସବୁ···ତୁ ଯେଉଁ ସମସ୍ୟା ଉପରେ ଆଲୋଚନା କରି ନିଜର ମୁଣ୍ଡ ଭାରାକ୍ରାନ୍ତ କରି ହେଉଛୁ, ତାହା ଆଜି କେବଳ ତୋ ନିଜର ପ୍ରଶ୍ନ ହୋଇ ନାହିଁ ନମି, ଏହା ଆଜି ସମଗ୍ର ଶିକ୍ଷିତା ନାରୀ ସମାଜ ଆଗରେ ଏକ ବିରାଟ ପ୍ରଶ୍ନବାଚୀ ହୋଇଛି । ତୁ ଶୁଣିଲେ ବୋଧହୁଏ ଆଶ୍ଚର୍ଯ୍ୟ ହେବୁ ଯେ ଏଇ ପ୍ରଶ୍ନ ଅନେକ ଦିନରୁ ମୋ ମୁଣ୍ଡ ଭିତରେ ବି ବସା ବାନ୍ଧିଛି କିନ୍ତୁ ତୁ ଯେମିତି ଏକ ସିଦ୍ଧାନ୍ତରେ ଉପନୀତ ହୋଇପାରିଛୁ, ମୁଁ ତା' ପାରିନାହିଁ । ତା'ର କାରଣ ମାନସିକ ଦୃଷ୍ଟିକୋଣରୁ ମୁଁ ବଡ଼ ଦୁର୍ବଳ । ଅଥଚ ତୁ ଆଜି ଯେମିତି ଯୁକ୍ତିକରି ତୋ କଥା ଉପରେ 'ସତ୍ତ୍ୱ ପ୍ରାମାଣ୍ୟଂ ଆସୀତ୍' ଠାଣି ଦେଇ ପାରିଛୁ, ମୁଁ ବି ସେମିତି ଯୁକ୍ତି କରି ସମାଜକାରମାନଙ୍କର ସମସ୍ତ ଯୁକ୍ତିକୁ ଖଣ୍ଡନ କରନ୍ତି । କିନ୍ତୁ ନମି···ଯୁକ୍ତିଦ୍ୱାରା କ'ଣ ସବୁ ଜିନିଷର ସମାଧାନ ହୋଇପାରେ ? ମୁଁ କୌଣସି ସମାଧାନରେ ଉପନୀତ ହୋଇପାରି ନାହିଁ, ତେଣୁ ଜୀବନରେ

କେତେକଙ୍କୁ ପୁରୁଷ ବନ୍ଧୁ ହିସାବରେ ଗ୍ରହଣ କରି ନେଇଥିଲେ ହେଁ, କାହାରିକୁ ପ୍ରେମିକ ମନେକରି ମୁଁ ନିଜକୁ ଧରା ଦେଇ ନାହିଁ । କୌଣସି ପୁରୁଷର ବାହୁବନ୍ଧନ ଭିତରେ ନିଜକୁ ହଜେଇ ଦେବାର ସ୍ୱପ୍ନ ମୁଁ ଦେଖିନାହିଁ । ମୋ ଜୀବନରୁ ଯୌନ-ଜିଜ୍ଞାସାଟାକୁ ସମ୍ପୂର୍ଣ୍ଣ ବାଦ୍ ଦେଇ ମୁଁ ଜୀବନଟାକୁ କାଟିନେବାକୁ ଚାହୁଁଚି ।'

କିଛି ସମୟ ପରେ ନନ୍ଦା ପୁଣି କହିଲା—'ମୋ ବିଷୟରେ ତୁ ଜାଣିବାକୁ ଚାହୁଁଥିଲୁ ନା ନମି ? ସେଇଥିପାଇଁ ଏତକ କହିଲି । ବର୍ତ୍ତମାନ ମୁଁ ଗାଡ଼ି ଘୁରଉଚି···ବେଶ୍ ରାତି ହୋଇଗଲାଣି ।'

ନନ୍ଦା ଗାଡ଼ିରେ ଷ୍ଟାର୍ଟ ଦେଲା··।

ନମିତାର ସ୍ୱୀକାରୋକ୍ତି ନନ୍ଦା ମନରେ କିଛି ହେଲେ ପ୍ରଭାବ ପକେଇ ପାରିଲା ନାହିଁ । ନିଜେ ଏକ ସମୟରେ ଯେଉଁ ପ୍ରଶ୍ନର ସମ୍ମୁଖୀନ ସେ ହୋଇଚି, ଆଜି ସେଇ ପ୍ରଶ୍ନ ତା'କୁ ବିଚଳିତ କରି ପାରନ୍ତା କିମିତି ? କିନ୍ତୁ ନମିତାର କଥା ଶୁଣି ସାରିବା ପରେ ତାକୁ ଆଉ ଟିକିଏ ଅନ୍ତରଙ୍ଗ ମନେ କରିବାକୁ ଆରମ୍ଭ କଲା ନନ୍ଦା । କିନ୍ତୁ କୌଣସି କାରଣ ନ ଥିଲେହେଁ ସମାଜର ଗତାନୁଗତିକ ଦୃଷ୍ଟିକୋଣରୁ ନନ୍ଦା ମନରେ ଏକ ପ୍ରଶ୍ନ ଜାଗିଲା ।

'···ନମିତା ଯାହା କହୁଚି, ସେଇଟା ହୁଏତ ଠିକ୍, କିନ୍ତୁ ନମିତା ଯାହା କରୁଚି···?'

ଅଥଚ ନମିତାର ସାହଚର୍ଯ୍ୟରେ ନନ୍ଦାର ଦିନଗୁଡ଼ିକ ବେଶ୍ କଟୁଥିଲା । ନନ୍ଦା ଭାବୁଥିଲା—ହଠାତ୍ ସେ ପୁଣି ଯେମିତି ଏକ ଛୋଟ ବାଳିକା ହୋଇ ପଡ଼ିଚି—ଚିନ୍ତା ନାହିଁ, ଦୁଃଖ ନାହିଁ, କାମ ନାହିଁ କି ପରୀକ୍ଷା ପାଇଁ ପାଠ ପଢ଼ା ନାହିଁ, କେବଳ ଖାଇପିଇ ମଉଜ୍ କରି ଓ ମନ ଖୁସି ଖୁଆ···।

ଦିନ ଭିତରେ ଦୁଇଟି ଘଣ୍ଟା ନମିତା ନିଜର ଔଷଧ ଦୋକାନକୁ ଯାଏ । ସେହି ସମୟତକ ନନ୍ଦା ପଢ଼ାପଢ଼ିରେ କଟେଇଦିଏ । ଖବରକାଗଜ, ଖେଳ ଖବର । ଏହି ସବୁକୁ ନେଇ ଲିଭିଂଚେୟାର ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ରହି ପଢ଼ିବାକୁ ନନ୍ଦାକୁ ଭାରି ଭଲ ଲାଗେ । ବାକୀ ସମୟତକ

ସାଙ୍ଗହୋଇ ସେମାନେ ବୁଲନ୍ତି, ସିନେମା ଦେଖନ୍ତି—କିମ୍ବା କେବେ କେବେ ମହିଳା କ୍ଲବ୍‌କୁ ଯାଇ ଖେଳନ୍ତି ବା ଗପନ୍ତି···।

ଏଇପରି ହାଲୁକା ଭାବରେ ଆଗାମୀ କେତୋଟି ଦିନ କଟେଇ ଦେଇ କଟକ ଛାଡ଼ିଦେବାକୁ ନନ୍ଦା ଠିକ୍ କରିଥିଲା । ତା'ପରେ ସେ ହୁଏତ ସେଇ ପଲ୍ଲୀଗାଁରେ ଥିବା ନିଜ ଅଜାଙ୍କ ପାଖକୁ ଫେରି ଯାଇଥାନ୍ତା । କିନ୍ତୁ ନନ୍ଦାର ଏଇ ହାଲୁକା ଜୀବନ ହଠାତ୍ ଦିଗ ପରିବର୍ତ୍ତନ କଲା···।

ନମିତାର କେତେଜଣ ବାନ୍ଧବୀଙ୍କ ସହିତ ଆକସ୍ମିକ ଭାବରେ ନନ୍ଦାର ଦେଖା ହୋଇଗଲା । ସେମାନଙ୍କ ଭିତରୁ ଅଧ୍ୟାପିକା ପଟ୍ଟନାୟକହିଁ ନନ୍ଦାକୁ ବେଶି ଆପଣାର କରିନେଲେ । ସେ ମହିଳା କଲେଜ୍‌ର ଅଧ୍ୟାପନା କରନ୍ତି—ସ୍ୱାମୀ ତାଙ୍କର ଜଣେ ଉଚ୍ଚପଦସ୍ଥ କେନ୍ଦ୍ରୀୟ କର୍ମଚାରୀ ।

ଅଧ୍ୟାପିକାଙ୍କ ସହିତ ପରିଚୟ, ସାଧାରଣ ଆଳାପ ଏବଂ ତା'ପରେ ନିମନ୍ତ୍ରଣ ଓ ପ୍ରତି ନିମନ୍ତ୍ରଣର ସୂତ୍ରପାତ ହେଲା । ଅଧ୍ୟାପିକା ଅନେକ ସମୟରେ ନମିତା ଘରକୁ ଆସନ୍ତି, ନନ୍ଦା ଆଉ ନମିତାର ଆତିଥ୍ୟ ଗ୍ରହଣ କରନ୍ତି ଏବଂ ନନ୍ଦା ଓ ନମିତା ମଧ୍ୟ ତାଙ୍କ ଘରେ ଯାଇ ଚା'ଭୋଜୀ କରନ୍ତି । ଅଧ୍ୟାପିକାଙ୍କର ସ୍ୱାମୀ ବେଶ୍ ବଡ଼ ଚାକିରିଆ—ଖୁବ୍ ବିରାଟ କୋଠାଘର, ଘର ଆଗରେ ସୁନ୍ଦର ବଗିଚା ଏବଂ ବଡ଼ଲୋକଙ୍କର ଉପଯୋଗୀ ସମସ୍ତ ଆଡ଼ାଚଉଡ଼ା···।

ଅଥଚ ଦମ୍ପତ୍ତିଟି ବେଶ୍ ଅମାୟିକ । ସ୍ୱାମୀ ଯେମିତି, ସ୍ତ୍ରୀ ମଧ୍ୟ ସେମିତି, ମୁହଁରେ ସବୁବେଳେ ସରୁ ହସଟିଏ ଲାଗି ରହିଥାଏ । ଅଧ୍ୟାପିକାଙ୍କର ସ୍ୱାମୀ ଶ୍ରୀଯୁକ୍ତ ପଟ୍ଟନାୟକ ପ୍ରତି ମାସରେ ବନ୍ଧୁମାନଙ୍କୁ ଡାକି ଏକ ଭୋଜୀ ଦିଅନ୍ତି ଏବଂ ସେଇ ସୂତ୍ରରେ ବେଶ୍ ଆଳାପ ଓ ଆଲୋଚନା ମଧ୍ୟ ଜମିଉଠେ । ପ୍ରଥମ କଲେଜ୍ ଜୀବନରୁ ଯେତେଜଣଙ୍କ ସହିତ ଅନ୍ତରଙ୍ଗତା ହୋଇଛି, ସମସ୍ତଙ୍କୁ ନିମନ୍ତ୍ରଣ ଦିଆଯାଏ, ଅଧ୍ୟାପିକା ମଧ୍ୟ ନିଜର ବାନ୍ଧବୀମାନଙ୍କୁ ଡାକନ୍ତି । ଶ୍ରୀଯୁକ୍ତ ପଟ୍ଟନାୟକ ବନ୍ଧୁ-ଚର୍ଚ୍ଚାରେ କାର୍ପଣ୍ୟ କରନ୍ତି ନାହିଁ । ଅଗାଧ ପୈତୃକ ସମ୍ପତ୍ତି, ଆଉ ମୋଟା ବେତନ—ଖର୍ଚ୍ଚକୁ ତାଙ୍କର ଖାତିର ନଥାଏ । ତାଙ୍କର ବନ୍ଧୁମାନଙ୍କ ଭିତରୁ ମଧ୍ୟ ଅନେକ

ବଡ଼ଲୋକ—ବେଶ୍...ବଡ଼ଲୋକ । ତେଣୁ ଏଇ ଯେ ବଡ଼ଲୋକୀ ବାତାବରଣ ଭିତରେ ଏମାନେ ସମୟ କାଟିନିଅନ୍ତି—ସେଥିପାଇଁ କେବେ କେହି ଚିନ୍ତା କରିବା ଦରକାର ପଡ଼େ ନାହିଁ ।

ଅଧ୍ୟାପିକା ପଟ୍ଟନାୟକଙ୍କ ସହିତ ପରିଚୟର ଅଳ୍ପଦିନ ପରେ ଏହିପରି ଏକ ବନ୍ଧୁ ମିଳନୀକୁ ନନ୍ଦା ପ୍ରଥମଥର ପାଇଁ ନିମନ୍ତ୍ରିତା ହେଲା । ନମିତା ପକ୍ଷରେ ଏସବୁ ପୁରୁଣା ହୋଇ ଯାଇଚି...।

ତେଣୁ ସେଦିନ ଅପରାହ୍ଣରେ ପରିପାଟୀ ହୋଇ ଯେତେବେଳେ ସେମାନେ ଏଇ ନିମନ୍ତ୍ରଣ ରକ୍ଷା କରିବାକୁ ବାହାରୁଥିଲେ, ସେତେବେଳେ ନନ୍ଦା ମନରେ ଯଥେଷ୍ଟ ଉଦ୍‌ବେଗ ଥିଲା । ସେ ଭାବୁଥିଲା ହଠାତ୍ ଏକ ନୂତନ ବାୟୁମଣ୍ଡଳ ଭିତରେ ସେ ନିଜକୁ ଖାପ ଖୁଆଇବ କିମିତି ?

କିନ୍ତୁ ନମିତା ବେଶ୍ ସହଜ ଓ ସପ୍ରତିଭ ଭାବରେ ବାହାରି ପଡ଼ିଲା । ନନ୍ଦାର ଏଇ ହାବଭାବ ଦେଖି ସେ କହିଲା—'ଧୁଃ' ଭିତରେ ଅଡୁଆ ଲାଗିବାଭଳି କଥାତ କିଛି ନାହିଁ ନନ୍ଦା..., କଲେଜ୍‌ରେ ତ ଏହିଭଳି କେତେ ପାର୍ଟିରେ ଆମେ ଯୋଗ ଦେଇଚେ, ସେଠି ଯେମିତି ଅନେକ ଲୋକଙ୍କ ଭିତରେ ହସ ଖୁସିରେ ଆମେ ସମୟ କାଟୁ, ଇଏବି ତ ସେଇପରି ଏକ ଅନୁଷ୍ଠାନ—କିଛି ଅସୁବିଧା ହବ ନାଇଁ, ତୁ ଏତେ କୁଣ୍ଠିତ ହୋଇପଡ଼ୁଚୁ କାହିଁକି...?'

ପଟ୍ଟନାୟକ ବାସଭବନରେ ନନ୍ଦା ନେଇ ଗାଡ଼ି ଠିଆ କଲା । ଅଧ୍ୟାପିକା ପଟ୍ଟନାୟକ ଘର ଭିତରୁ ଉଠିଆସି ନନ୍ଦା ଆଉ ନମିତାକୁ ପାଛୋଟି ନେଲେ ।

ଘର ଭିତର ସରଗରମ ହୋଇ ଉଠିଚି—ନିମନ୍ତ୍ରିତ ଭଦ୍ରଲୋକମାନେ ଆସି ଯାଇଚନ୍ତି । ନନ୍ଦାକୁ ସମସ୍ତଙ୍କ ପାଖରେ ପରିଚିତ କରାଇ ଦେବାକୁ ଆରମ୍ଭ କଲେ ଅଧ୍ୟାପିକା ପଟ୍ଟନାୟକ—

'ଇଏ ହଉଚନ୍ତି ଶ୍ରୀଯୁକ୍ତ ପାଣିଗ୍ରାହୀ, ଜଷ୍ଟିସ୍, ଇଏ ହଉଚନ୍ତି ଶ୍ରୀଯୁକ୍ତ ଦାସ, ଇଞ୍ଜିନିୟର୍, ଇଏ ପ୍ରଫେସର୍...

ହାତ ଉଠେଇ ନନ୍ଦା ସମସ୍ତଙ୍କୁ ନମସ୍କାର କଲା । ସମସ୍ତଙ୍କୁ ଉଦ୍ଦେଶ୍ୟ କରି ଅଧ୍ୟାପିକା ପୁଣି କହିଲେ—'ଇଏ ଶ୍ରୀମତୀ ସୁନନ୍ଦା ରାଏ—ଏମ୍. ଡି. ସମ୍ପ୍ରତି ଚିକିତ୍ସାବିଜ୍ଞାନରେ ଉଚ୍ଚଶିକ୍ଷା ପାଇଁ ଲଣ୍ଡନ୍ ଟିକେଟ୍ କାଟୁଚନ୍ତି ।'

ବେଶ୍ ସୁନ୍ଦର ଭାବରେ ସେ ଅପରାହ୍ଣଟି କଟିଗଲା । ଆଲୋଚନା, ସମାଲୋଚନା, ତର୍କ, ବିତର୍କ, ସାହିତ୍ୟ, ସଙ୍ଗୀତ, ବିଜ୍ଞାନ, କଳା, ସବୁର ଆଲୋଚନା ସେ ଭିତରେ ହୋଇଗଲା ।

ତା'ପରେ ଏକ ସମୟରେ ସମସ୍ତେ ବିଦାୟ ନେଲେ । ଅଧ୍ୟାପିକା ଘନିଷ୍ଠଭାବେ ନନ୍ଦାକୁ କହିଲେ—'ଆପଣ ତ ବୁଲବୁଲ ସମୟ କାଟିଦେବାକୁ ଏଠାକୁ ଆସିଚନ୍ତି, କଟକରେ ବି ଆହୁରି କେତେଦିନ ରହିବେ, ମଝିରେ ମଝିରେ ଆସୁନାହାନ୍ତି... ! ମିଳାମିଶି ଆମେ ସମୟ ବେଶ୍ କାଟି ଦେଉଚେ—ଯେ କୌଣସି ସମୟରେ ଆସନ୍ତୁ...କଲେଜ୍‌ରେ ଦୁଇଘଣ୍ଟା ସମୟ ଛାଡ଼ିଦେଲେ, ଅନ୍ୟ ସବୁ ସମୟରେ ଆପଣ ମୋତେ ଘରେ ପାଇବେ । ପ୍ରତିଦିନ ଆସନ୍ତୁ ନା...?'

ନନ୍ଦା ଟିକିଏ ହସି କହିଲା—'ମୁଁ କଟକରେ ଆଉ ବେଶିଦିନ ବୋଧହୁଏ ରହି ପାରୁନି, ତେବେ ଯେତେଦିନ ଅଛି, ଆପଣଙ୍କ ପାଖକୁ ମଝିରେ ମଝିରେ ଆସିବାକୁ ଚେଷ୍ଟା କରିବି ।'

ରାସ୍ତାରେ ନମିତା କହିଲା—'ଆଜିର ଉତ୍ସବଟା କେମିତି ଅସମ୍ପୂର୍ଣ୍ଣ ମନେହେଲା ନନ୍ଦା—ରାତିରେ ଖାଇସାରି ସେକେଣ୍ଡ୍ ସୋ'ଗଲେ କେମିତି ହୁଅନ୍ତା...?'

ନନ୍ଦା ସେତେବେଳକୁ ହଠାତ୍ ଅନ୍ୟମନସ୍କ ହୋଇ ପଡ଼ିଥିଲା । ନମିତା କଥାର ଉତ୍ତରରେ ସେ କହିଲା—'ଆଚ୍ଛା...'

ସିନେମାରୁ ଫେରି ସେଦିନ ରାତିରେ ନନ୍ଦାକୁ ଆଉ ନିଦ ହେଲା ନାହିଁ । ଅନେକ ପ୍ରକାରର ଚିନ୍ତା ଏକ ସମୟରେ ତା' ମୁଣ୍ଡ ଭିତରେ ପ୍ରବେଶ କରି, ମୁଣ୍ଡଟାକୁ ବେଶ୍ ଭାରାକ୍ରାନ୍ତ କରି ଦେଲା । ବିଛଣାରେ ଏପାଖ ସେପାଖ ହୋଇ, ଶେଷକୁ ବିଛଣାରୁ ଉଠିଆସି, ଇଜିଚେୟାରଟା ଉପରେ ବସି ସେ ଭାବିବାକୁ ଲାଗିଲା । ଅନେକ ଚିନ୍ତା

ଭିତରୁ ଆଜିଦିନର ବନ୍ଧୁମିଳନୀ ବିଷୟରେ ସେ ସବୁଠୁ ବେଶି ଭାବୁଥିଲା । କେତେ ବୟସର ଲୋକଙ୍କ ସହିତ ଆଜି ତା'ର ପରିଚୟ ହୋଇଗଲା । ବିରାଟ ବିଦ୍ୱାନ୍ ସବୁ, ଆଉ ଯଥେଷ୍ଟ ଅମାୟିକ ପରି ମନେହେଲେ ତ ସମସ୍ତେ ।

ଅଧ୍ୟାପିକା ତାଙ୍କୁ ସେମାନଙ୍କ ସହିତ ପରିଚୟ କରାଇ ଦେଲାବେଳେ, ଯେମିତି କେତେ ଯୁଗର ଚିହ୍ନାଜଣା, ସେହିପରି ଭାବଭଙ୍ଗୀ ଦେଖାଇ ନନ୍ଦାର ଉପସ୍ଥିତିକୁ ସହଜ ଭାବରେ ସମସ୍ତେ ଗ୍ରହଣ କରିନେଲେ ।

କିନ୍ତୁ ସମସ୍ତଙ୍କର···ଏଇ ଅତି ଅସ୍ୱାଭାବିକ ବ୍ୟବହାର—ନନ୍ଦା ଭାବିଲା, ସମସ୍ତେ କ'ଣ ତାକୁ କେବଳ ମାମୁଲି ଦୃଷ୍ଟିକୋଣରୁ ଚିହ୍ନି ରଖିଲେ ? କାହାରି ମନରେ କ'ଣ ବିଶେଷ କିଛି ଅଭିସନ୍ଧି ଜାଗି ନଥିବ ? ଆଜିର ଏତେଗୁଡ଼ିଏ ପୁରୁଷ, ସବୁଗୁଡ଼ିକ କ'ଣ କେବଳ ତୁଳସୀ ? ଅଥଚ ନମିତା କୁହେ—ଖୁବ୍ ଅଲଟିକିଏ ଆଉ ଅଖିର ଚୃହାଣି । କୁଆଡ଼େ···?

ଦେଖାଯାଉ—ନନ୍ଦା ବି ଏକ ପରୀକ୍ଷା କରିନବ···ଭଦ୍ରଲୋକମାନଙ୍କର ଏଇ ଭଦ୍ରାମି ଭିତରେ ଆନ୍ତରିକତାର ପରିମାଣ କେତେ ଓ ଛଳନା କେତେ ? କିନ୍ତୁ ଏଇ ପରୀକ୍ଷା···ଏଇ ପରୀକ୍ଷାରେ ନମିତା ପରି ନନ୍ଦା ବି ଦିଗ୍‌ଭ୍ରାନ୍ତ ହୋଇଯିବ ନାହିଁ ତ ? ନମିତା ହୁଏତ ଜାଣିପାରି ନାହିଁ···, କିନ୍ତୁ ଯେଉଁମାନଙ୍କ ବାହୁବନ୍ଧନ ଭିତରେ ସେ ନିଜକୁ ଧରାଇ ଦେଉଛି··· ସେମାନେ, ପରମୁହୂର୍ତ୍ତରେ ତାଙ୍କୁ କି ଆଖିରେ ଦେଖିଥିବେ ? ସେମାନେ ଭାବିଥିବେ—ନମିତା, ଡାକ୍ତର ନମିତା ଗୃହିଣୀ ବେଶ୍ ଶସ୍ତା, ରାସ୍ତାକଡ଼ର ହିପୁଆଜା ବାଳିକାର ମୂଲ୍ୟ ସହିତ ତା'ର ମୂଲ୍ୟ ସମାନ । ଉଃ···ନନ୍ଦା ନିଜପ୍ରତି ଏହିପରି କଟୁମନ୍ତବ୍ୟ ସହି ପାରିବତ···?

କିଛି ନ ଭାବି ଗାଧୁଆ ଘର ଭିତରେ ପଶି ନନ୍ଦା ଖୁବ୍ ସନ୍ତର୍ପଣରେ, କବାଟଟାକୁ ଭିତରପଟୁ ଦେଇଦେଲା । ତା'ପରେ ଉଜ୍ଜ୍ୱଳ ବିଜୁଳିବତୀର ଆଲୋକରେ ଉଦ୍ଭାସିତ ସେଇ ଗାଧୁଆ ଘରେ—ପାଇପ୍ ଖୋଲିଦେଇ, ତା' ତଳେ ବସି ପଡ଼ିଲା । ଥଣ୍ଡା ରାତିର ସ୍ପର୍ଶରେ ପାଇପ୍ ଭିତରର ପାଣି ବି ବେଶ୍ ଶୀତଳ ହୋଇ ଯାଇଥିଲା । କିନ୍ତୁ ସେଥିପ୍ରତି କୌଣସି ଦୃଷ୍ଟି ନ ଦେଇ,

ଆରାମରେ ଆଖିବୁଜି ବସି ପାଇପ୍‌ର ସେଇ ଥଣ୍ଡା ପାଣିକୁ ନନ୍ଦା ନିଜ ମୁଣ୍ଡ ଦେହ ସବୁଆଡ଼େ ଅନୁଭବ କରିବାକୁ ଲାଗିଲା ···ଏବଂ ପୂରା ଦୁଇଟି ଘଣ୍ଟାପରେ ପାଇପ୍ ବନ୍ଦକରି ସେ ଉଠି ପଡ଼ିଲା । ତା'ପରେ କାନ୍ଥ ଆଲମାରୀ ଭିତରୁ ଟର୍କିସ୍ ତଉଲିଆ ଖଣ୍ଡେ ଧରି, ସେ ଡ୍ରେସିଂରୁମ୍ ଭିତରକୁ ପଶିଗଲା । ଦେହ ଉପରର କ୍ରମସଙ୍କୁଚିତ ଜଳବିନ୍ଦୁ ଗୁଡ଼ିକୁ ପରିଷ୍କାର ଭାବରେ ପୋଛି—ତଉଲିଆଟାକୁ ତଳେ ପକେଇ ଦେଇ, କାନ୍ଥ ପାଖରେ ଥିବା ବିରାଟ ବେଲଜିଅମ୍ ଗ୍ଲାସ୍‌ର ଦର୍ପଣଟା ଉପରୁ ପରଦା ଆଡ଼େଇ ଦେଲା ନନ୍ଦା ଏବଂ ଏକ ସ୍ଥିରଦୃଷ୍ଟିରେ ସେ ସେଇ ଦର୍ପଣ ଭିତରକୁ ଚାହିଁ ରହିଲା···

ଇସ୍···ଦର୍ପଣ ଭିତରେ କ'ଣ ଦେଖୁଛି ସେ··· ! ତା' ଦେହର ପ୍ରତି ବର୍ଗଇଞ୍ଚି ସ୍ଥାନ ପ୍ରତିବିମ୍ବିତ ହେଉଚି ଦର୍ପଣଟିରେ । ପଛଆଡ଼ର ଦର୍ପଣଟିରେ ନନ୍ଦାର ପଛପଟଟି ପ୍ରତିଫଳିତ ହେଉଚି, ସାମନାର ବିରାଟ ଦର୍ପଣଟାକୁ ଚାହିଁ ଏକ ସମୟରେ ନନ୍ଦା ନିଜର ନଗ୍ନ ଦେହଟିର ଆଗ ଆଉ ପଛ ଉଭୟ ଦେଖିପାରୁଚି··· ।

ଦର୍ପଣ ଭିତରେ ଠିଆ ହେଉଚି ଅନାବୃତା ସୁନନ୍ଦା ରାଏ···। ନନ୍ଦା ଗୋଡ଼ରୁ ମୁଣ୍ଡ—ଆଉ ମୁଣ୍ଡରୁ ଗୋଡ଼ ଏହିପରି ଅନେକ ବାର ଚାହିଁଗଲା । ତା'ପରେ ଗୋଟିଏ ଗୋଟିଏ ବିଶେଷ ଅଙ୍ଗପ୍ରତ୍ୟଙ୍ଗକୁ ନିରୀକ୍ଷଣ କରି ଦେଖିବାକୁ ଆରମ୍ଭ କଲା ସେ···

କାକକୃଷ୍ଣ କୁଞ୍ଚିତ କେଶଦାମ ଭିତରେ ଚମତ୍କାର ମୁହଁଟିଏ, ସୁନ୍ଦର ଦୁଇଟା ଭ୍ରୂ···, ତଳେ ଚଳ ଚଳ ଢ଼'ଟା ଆୟତ ଚକ୍ଷୁ, ପ୍ରତି ପକ୍ଷ୍ମପାତରେ ସ୍ୱପ୍ନ ହେଇ ଉଠୁଚି ଜୀବନ୍ତ—, ଦୁଇଟି ଆଖି ମଝିରେ ନାକ ଲମ୍ବିଯାଇଚି, ସମସ୍ତ ମୁହଁଟିର ସୌନ୍ଦର୍ଯ୍ୟକୁ ପରିବର୍ଦ୍ଧିତ କରି, ତା' ତଳକୁ ଧଳା ଅଥଚ ଅତି କ୍ଷୁଦ୍ର ଧୂସର ଲୋମର ଅଭିଯାନ—ତା'ପରେ ପାଟଳୀପୁଷ୍ପର ଆଭା ନେଇ ସନ୍ନିବେଶିତ ହେଇଛି ଅତି ନିବିଡ଼ ଦୁଇଟି ଅଧର—ବେଶ୍ ବହଳ, ଆର୍ଦ୍ର ଆଉ ମସୃଣ, ମନ ଭିତରେ ଏକ କୃତ୍ରିମ ହସର ରେଖା ଫୁଟେଇ ନନ୍ଦା ଦନ୍ତପାଟିର ଶୋଭା ସନ୍ଦର୍ଶନ କଲା । ସ୍ମିତହାସ୍ୟର ଶୋଭାକୁ ଦ୍ୱିଗୁଣିତ କରି, ନିମ୍ନ ଅଧର ସହିତ ଏକ ସୂକ୍ଷ୍ମକୋଣ ସୃଷ୍ଟିକରି ଅବସ୍ଥିତ

ଝଲଟଲୁ ନାଚଉଠିଲା । ମୁହଁକୁ ଏପାଖ ସେପାଖ କରି ନନ୍ଦା ନିଜ କାନ ଆଉ ଗଣ୍ଡର ସୌନ୍ଦର୍ଯ୍ୟ ଉପଭୋଗ କଲା···।

ତା'ପରେ ତା'ର ଦୃଷ୍ଟି ନିବଦ୍ଧ ହେଲା ବକ୍ଷୋଜ ଉପରେ । ଦ'ଟା ଗମ୍ବୁଜାକୃତି, ଉଚ୍ଚ ଘଞ୍ଚ ଆଉ ଗୋଲାପୀ ବକ୍ଷାଂଶ, ତା' ଭିତରେ ଝୁଲୁଛି··· ଜମିଦାର ବଂଶର ଆଭିଜାତ୍ୟ-ସୂଚକ ଏକ ବହୁମୂଲ୍ୟ ସ୍ୱର୍ଣ୍ଣହାର ।

ତା'ପରେ କ୍ଷୀଣ-ଉଦର ଓ ନାଭିମଣ୍ଡଳର ନିମ୍ନାଂଶ ଉପରେ ଏକ ସତର୍କ ଦୃଷ୍ଟି ଚାଳନା କରି ନନ୍ଦା ଚାହିଁଲା—ନିଜର ଆଜାନୁ ଲମ୍ବମାନ ମୁକ୍ତ ଆଉ କୁଞ୍ଚିତ କେଶଗୁଚ୍ଛ ଆଡ଼କୁ···।

ସେ ଏତେ ସୁନ୍ଦର ହୋଇଥାଇ ପାରେ—ଏ ଧାରଣା ତା'ର ନଥିଲା । ନିଜର ସମ୍ପୂର୍ଣ୍ଣ ନଗ୍ନ ଦେହଟିକୁ ଇତିପୂର୍ବରୁ ସେ ଦେଖି ନଥିଲା କିମ୍ବା ମଣିଷ ନିଜ ଦେହକୁ ଖାଲି ଏମିତି ଚାହିଁ ଦେଖିଲେ ଯେତିକି ଧାରଣା କରେ— ଏକ ଦର୍ପଣ ସାମନାରେ ଠିଆହେଲେ ତା'ର ସେଇ ଧାରଣା ଯେ ଚକ୍ରବୃଦ୍ଧି ଆକାରରେ ବଢ଼ିଉଠେ—ଏକଥା ମଧ୍ୟ ସେ ଜାଣି ନଥିଲା ।

ନିଜ ଦେହର ପ୍ରତିବିମ୍ବ ଆଡ଼କୁ ଆଉ କିଛି ସମୟ ଚାହିଁ ନନ୍ଦା ହସି ଉଠିଲା, ଆଉ ତା'ପରେ ନିଜ ମନକୁ ମନ କହିଲା—'ଶ୍ରୀମତୀ ସୁନନ୍ଦା ରାୟ···, ନା, ଆଗାମୀ ପରୀକ୍ଷାରେ ତୁମେ ହାରିଯିବାର ଆଶଙ୍କା କରନାହିଁ । ଏଇ ବିରାଟ ପୃଥିବୀର ସମସ୍ତ ବୈଭବ, ତୁମର ଏଇ ଅପୂର୍ବ ସୁନ୍ଦର ଶରୀର ତୁଳନାରେ ଅତି ତୁଚ୍ଛ, ଅତି ହେୟ ଆଉ ନିହାତି ନଗଣ୍ୟ···। ଆଉ··· ପୁରୁଷ ? କେତେ ତା'ର ମୂଳଧନ ? କ'ଣ ଦେଇ ସେ ତୁମର ସମକକ୍ଷ ହେବାକୁ ସାହସ କରିବ ? ତୁମେ କ'ଣ ଅପାରରେ ତୁମର ଏ ଅମୂଲ୍ୟ ଦାନକୁ ତୋଳିଦେଇ ପାରିବ ? ନା···, ଏଣୁ ଆଗାମୀ ପରୀକ୍ଷାରେ ତୁମେ ନିଃସନ୍ଦେହରେ ଜୟଯୁକ୍ତ ହେବ !'

ଗାଧୁଆ ଘର ଭିତରେ, ଏକ ଶୀତରାତିର ମଧ୍ୟଯାମରେ, ନନ୍ଦାର ଅଧର ଉପରେ ବିଜୟିନୀର ନିର୍ଲ୍ଲଜ ହସ ନାଚ ଉଠିଲା···।

ଦର୍ପଣ ଉପରେ ପରଦା ପକେଇ ଦେଇ ନନ୍ଦା ଶୋଇବା ଘରକୁ ଫେରି ଆସିଲା । ଲୁଗାଟାଏ ବଦଳି ସେ ଯେତେବେଳେ ଯାଇ ବିଛଣା

ଉପରେ ଲେଟିପଡ଼ିଲା, ଠିକ୍ ସେତିକିବେଳକୁ ତିନଟା ବାଜିବାର ଶବ୍ଦ ସେ ଶୁଣିଲା ଏବଂ ଏକ ନିଶ୍ଚିନ୍ତ ନିଦରେ ସାଙ୍ଗେ ସାଙ୍ଗେ ସେ ଶୋଇ ପଡ଼ିଲା ।

ସକାଳେ—ନମିତା ଯେତେବେଳେ ତା'କୁ ଉଠିବାକୁ ଡାକିଲା, ନନ୍ଦା କହିଲା—'ସବୁ କାମ ସାରି ଜଳଖିଆ ସମୟକୁ ତୁ ମୋତେ ଡାକିବୁ ନମି...ବାକି ସମସ୍ତ କାମ ମୁଁ ସାରିନେଇଛି ।'

ଆଶ୍ଚର୍ଯ୍ୟ ହୋଇ ନମିତା ତା' ଆଡ଼କୁ ଚାହିଁଲା । ନନ୍ଦା ରାତିରେ ଯେଉଁ ଶାଢ଼ୀଟି ପିନ୍ଧି ଶୋଇଥିଲା, ସେ ଶାଢ଼ୀଟିକୁ ତା' ଦେହରେ ନ ଦେଖି ଏବଂ ତା'ର ମୁକୁଳା ବାଳର ଜଳୀୟ ଭାବ ସେ ଜାଣିଲା—ନନ୍ଦା ରାତିରେ ଗାଧୋଇ ପଡ଼ିଛି ।

ମନେ ମନେ ଅନେକ କିଛି ବୁଝିପାରିଲା ଭଳି, ଏକ ଭଙ୍ଗୀ ଦେଇ ହସି ହସି ସେ କହିଲା—'ଗତ ରାତିରେ ହଠାତ୍ ଗାଧୋଇବା ଭଳି ଘଟଣା କେବେ ଘଟିଗଲା..., ନାହିଁ...?'

ନନ୍ଦା କିଛି ନ କହି ଶୋଇ ରହିଲା ଏବଂ ତା' ଜୀବନରେ ପ୍ରଥମ ଥର ପାଇଁ ସେଦିନ ଖୁବ୍ ବିଳମ୍ବରେ ସେ ବିଛଣା ଛାଡ଼ିଲା ।

ଏକ ପରୀକ୍ଷାର୍ଥୀର ମନୋବୃତ୍ତିକୁ ନିଜ ମନ ଭିତରେ ଜବରଦସ୍ତ ଆସନ ଦେଇ ନନ୍ଦା ଧୀରେ ଧୀରେ ବଦଳିଗଲା... ତା'ର ସ୍ୱଭାବ ଓ ନମିତା ମଧ୍ୟ ଲକ୍ଷ୍ୟ କଲା—ନନ୍ଦା ଏ ଭିତରେ ବଦଳିଯାଇଛି—ତା'ର ଏଇ ଅଭୂତପୂର୍ବ ପରିବର୍ତ୍ତନରେ ନମିତା କିଛି ପରିମାଣରେ ଆଶ୍ଚର୍ଯ୍ୟ ହେଲା—କିନ୍ତୁ କାରଣ ନିରୂପଣ କରିବାକୁ ଯେତିକି ଅନୁଶୀଳନ ଓ ସମୟ ଦରକାର ନମିତା ସେତିକି ପାଇଲା ନାହିଁ ।

ଆଜି ନନ୍ଦା..., ମନଇଚ୍ଛା ମୋଟରେ ନେଇ କାହିଁକି ନଜାଣି ଛାତି ଉପରେ ବିଜୁଳିର ଚମକ ଖେଳାଇ ଘୂରି ବୁଲିଲା ସେ । ସନ୍ଧ୍ୟାସମୟ ଭେଟ କିଛି କହିଲା ନାହିଁ । ଯେତେବେଳେ ନମିତା ନନ୍ଦାକୁ ପାଖରେ ପାଇବାକୁ ମନକଲା, ସେ ଜାଣିବାକୁ ପାଇଲା ଯେ ନନ୍ଦା ନାହିଁ କି ତା' ମୋଟରେ ଗାଡ଼ି ବି ନାହିଁ । ବେଳେବେଳେ ସମସ୍ତ ଦିନଟି ଅନୁପସ୍ଥିତ ରହି, ରାତିବେଳକୁ ଫେରିଆସେ ସୁନନ୍ଦା— ବେଶ୍ ସନ୍ତୁଷ୍ଟ ଓ ସରସ ଅବସ୍ଥାରେ

ଘଣ୍ଟାଏ ଦୁଇଘଣ୍ଟା ବସି ନମିତା ସହିତ ଖୁସି ଗପକରେ, ତା'ପରେ ସେମାନେ ଶୋଇ ପଡ଼ନ୍ତି—ସକାଳୁ ଉଠି ହୁଏତ ନମିତା ଦେଖେ ଯେ ନନ୍ଦା ତା'ର ଗାଡ଼ି ନେଇ କୁଆଡ଼େ ବୁଲିବାକୁ ବାହାରି ଗଲାଣି ।

ନମିତାକୁ ଏସବୁ ଭଲ ଲାଗେନାହିଁ । ନନ୍ଦାର ପ୍ରିୟବାନ୍ଧବୀ ହିସାବରେ ସେ ନନ୍ଦା ବିଷୟରେ ସବୁକଥା ଜାଣିବାକୁ ଚାହେଁ । ଅତି ଅସ୍ୱାଭାବିକ ଭାବରେ ସେ ନିଜର ପ୍ରାପ୍ୟରୁ ବଞ୍ଚିତ ହେଇ, ନନ୍ଦା ଉପରେ ମନେ ମନେ ବିରକ୍ତ ହୁଏ । ନନ୍ଦା ଫେରିଆସିଲେ, ସେ ତା'କୁ ଦି'ପଦ ଶୁଣେଇ ଦେବାକୁ ଭାବେ । କିନ୍ତୁ ନନ୍ଦା ଆସିଲେ ତା'ର ହସ ହସ ମୁହଁକୁ ଚାହିଁ ନମିତା ସବୁ ଭୁଲିଯାଏ । ନନ୍ଦା ଜୀବନରେ ଯେମିତି କୁଆଁର ନାହିଁ । ତା'ର ଜୀବନଶକ୍ତି ଏ ଭିତରେ ଯେମିତି ଦନ୍ଦୁଗୁଣିତ ହେଇପଡ଼ିଛି, ସବୁବେଳେ ନନ୍ଦା ହସୁଛି···

ହସି ହସି ନମିତା ପଚାରେ, 'କୁଆଡ଼େ ଯାଇଥିଲୁ ଶୁଣେ ?' ନନ୍ଦା ସେଇମିତି ହସି ହସି କହେ—'ଏଇ ଅଧ୍ୟାପିକା ପଟ୍ଟନାୟକଙ୍କ ଘରଆଡ଼େ···।'

ଅଥଚ ମନେ ମନେ ନନ୍ଦା ସବୁବେଳେ ଭାବୁଥିଲା ଯେ, ଅଯଥାରେ ସ୍ୱରୂପ ପ୍ରକୃତି ଜାଣିବାପାଇଁ ସେ ଚେଷ୍ଟାକରୁଛି । ସେଦିନର ନିମନ୍ତ୍ରିତ ଆପାତ ଭଦ୍ରଲୋକମାନଙ୍କୁ ଦେଖି, ନନ୍ଦାର ମନେହେଲା ଯେ ଏମାନଙ୍କର ଏସବୁ ଭଦ୍ରାମି ନିଚ୍ଛକ ଗୋଟାଏ ବାହ୍ୟ ରୂପ ମାତ୍ର । ତା' ନ ହେଲେ ଏମାନଙ୍କ ଭିତରେ ଯଦି ପ୍ରକୃତ ମନୁଷ୍ୟତ୍ୱ ଥା'ନ୍ତା···ସେମାନେ କେବେହେଲେ ନମିତା ପରି ଜଣେ ନିରୀହା ପାଖରୁ ସବୁକିଛି ଛଡ଼େଇ ନେଇ ନଥା'ନ୍ତେ ।

ଆହା··· ବିଚରା ନମିତା··· !

କିନ୍ତୁ ଏଇ ସମସ୍ତେ—ସମସ୍ତେ କ'ଣ ଅପରାଧୀ···??? ଏଇ ବିରାଟ ପ୍ରଶ୍ନାତ୍ମକ ବାକ୍ୟର ଗୋଟାଏ ଉତ୍ତର ପାଇବା ପାଇଁ ନନ୍ଦାର ଏଇ ଅଭିଯାନ । ବାହାରେ ନିଜକୁ ଯଥେଷ୍ଟ ଭଦ୍ରବୋଲି ବିଜ୍ଞାପିତ କରି, ଭିତରର ହିଂସ୍ର ପ୍ରକୃତି ପ୍ରଭାବରେ ନମିତା ଭଳି କେତେ ଝିଅଙ୍କର ସର୍ବସ୍ୱ ଏମାନେ ଲୁଟି ନେଇ ନଥିବେ···?

ଗୋଟାଏ ସାନ୍ତ୍ୱନାର କଥା, ନମିତା ସେଥିପାଇଁ ଦୁଃଖ କରୁନାହିଁ । ହୁଏତ ଦୁଃଖ କରିବାକୁ ପଡ଼ିବ ବୋଲି ସେ ଜାଣିନାହିଁ, ସେଥିପାଇଁ ସେଦିନ ନିମନ୍ତ୍ରଣରୁ ଫେରି ବେଶ୍ ହସି ହସି ନମିତା କହିପାରିଲା—'ବୁଝିଲୁ ନନ୍ଦା··· ଆଜିର ନିମନ୍ତ୍ରଣରେ ଭେଟିଥିବା ସବୁ ଲୋକଗୁଡ଼ିକୁ ତୁ ଭଦ୍ରବୋଲି ମନେ କରିନେଲେ ଚୂଡ଼ାନ୍ତ ଭୁଲ୍ କରିବୁ । ତା' ଭିତରୁ ସମସ୍ତେ ପ୍ରାୟ ସୁବିଧା-ବାଦୀ···।'

ନନ୍ଦା ଭାବିଲା—'ଆଚ୍ଛା, ଧରି ନିଆଯାଉ—ସେମାନେ ସମସ୍ତେ ସୁବିଧାବାଦୀ, ଅସଚ୍ଚରିତ୍ର ଓ ଖରାପ । କିନ୍ତୁ କ'ଣ ହେଇଗଲା ସେଇଠୁ ? କ'ଣ କରିପାରିବ ନନ୍ଦା ସେମାନଙ୍କର···?'

ସେଇ ପ୍ରଶ୍ନର ଉତ୍ତରରେ ନନ୍ଦା ପୁଣି ଭାବିଲା—କିଛି ନ ହେଉ, ଆଜିକାଲିର ସହରୀ ସଭ୍ୟତା ବିଷୟରେ ଏକ ସ୍ପଷ୍ଟ ଧାରଣା ଜନ୍ମିଯିବ ତ ? ସେତିକି ତ କମ୍ କଥା ନୁହେଁ । କଟକରେ ଖାଲି ବସି ବସି ସେ ସମୟ କଟେଇ ଥାନ୍ତା, ନ ହେଲା, ସେଇ ସମୟରେ ସେ କଟକ ସହରକୁ ବୁଲିବୁଲି ଦେଖିବ ଓ ତା' ସହିତ ଆଧୁନିକ ଶିକ୍ଷିତ ସମ୍ପ୍ରଦାୟର ଚରିତ୍ର ମଧ୍ୟ ଅଧ୍ୟୟନ କରିବ···କ୍ଷତି କ'ଣ···?

ସବୁଦିନେ ନନ୍ଦାର ଜୀବନ, ଲଗାମ-ବନ୍ଧନ—ଏ ଭିତରେ ସେଇ ଲଗାମକୁ ସେ ଆଉ ଟିକିଏ ଢିଲା କରିଦେଲା । ଫଳରେ ରୂପସୀ, ବିଦୁଷୀ ନନ୍ଦା ଅଳ୍ପଦିନରେ ଶିକ୍ଷିତ ମହଲର ମାନସୀ ହୋଇ ଉଠିବ ।

ସେଦିନ···

ଅଧ୍ୟାପିକା ଚିନ୍ମୟୀଙ୍କ ଘରେ ଏକ କ୍ଷୁଦ୍ର ଗୃହଭୋଜିରେ ଅଳ୍ପ କେତେଜଣ ନିମନ୍ତ୍ରିତା ଭଦ୍ରମହିଳାଙ୍କ ଭିତରେ ସେ ବି ଥିଲା । ଜଣେ ତଥାକଥିତ ଉଚ୍ଚପଦର କର୍ମୀ ନାରୀମାନଙ୍କ ପ୍ରତି ହେଉଥିବା ଅବିଚାର ଓ ଅନ୍ୟାନ୍ୟ ସମ୍ବନ୍ଧରେ ଅଯଥା ଏକ ଦୀର୍ଘ ଓ ଶ୍ରୁତିକଟୁ ଭାଷଣ ଦେଇ, ଉପସ୍ଥିତ ମହିଳାମାନଙ୍କ ପାଖରୁ ପ୍ରଶଂସା ପାଇବା ଆଶାରେ ଲୋଭ ଉତ୍ସୁକ ହୋଇ ଚାହିଁ ରହିଲେ । ନନ୍ଦା ବ୍ୟତୀତ ଅନ୍ୟ ମହିଳାମାନେ ଭାଷଣ ପରେ ଘନଘନ କରତାଳି ଦେଇ ବକ୍ତାଙ୍କୁ ଉତ୍ସାହିତ କଲେ । କିନ୍ତୁ ନନ୍ଦା ଚୁପ୍‌ଚାପ୍ ବସି

ରହିଲା । ଉତ୍ସାହଜନକ କୌଣସି ପ୍ରେରଣା ନନ୍ଦା ପାଖରୁ ନ ପାଇ ବକ୍ତା ନନ୍ଦା ପାଖକୁ ଆସି, ଖୁବ୍ ବିନୀତ କଣ୍ଠରେ ପଚାରିଲେ—'ଶ୍ରୀମତୀ ରାୟ..., ମୋ ଭାଷଣରେ ଆପଣ କ'ଣ କିଛି ତ୍ରୁଟି ଦେଖିଲେ...?

ମୁହଁରେ ଟିକିଏ କୃତ୍ରିମ ହସ ଫୁଟାଇ ନନ୍ଦା କହିଲା—'କିମିତି ଜାଣିଲେ...?'

ଟିକିଏ ଅଭିମାନ ଭରା କଣ୍ଠରେ ଭଦ୍ରଲୋକ କହିଲେ—'ଆପଣମାନଙ୍କ ପାଇଁ ସମାଜ ଆଗରେ ନ୍ୟାୟ ପାଇଁ ଦାବୀ ଜଣେଇ ଆପଣମାନଙ୍କ ପାଖରୁ ଆମର କ'ଣ କିଛି ଆଶା କରିବାର ନାହିଁ ?

ନନ୍ଦା ବୁଝିପାରିଲା—'ତଥାକଥିତ ଖଦଡ଼ଧାରୀ, କ'ଣ କହିବାକୁ ଚାହୁଁଛନ୍ତି । ମୁହଁରେ ଟିକିଏ ହସ ଖେଳେଇ ସେ କହିଲା—'ଦେଖନ୍ତୁ, ନାରୀ ଜାତି ପାଇଁ ଆପଣ ଯେତେ କଷ୍ଟ ସ୍ୱୀକାର କରିଛନ୍ତି—କେବଳ କରତାଳି ଦେଇ, ତା'ର ମୂଲ୍ୟ ନିରୂପଣ କରି ଚଳିବ ବୋଲି ମୁଁ ଭାବୁନାହିଁ । ଆପଣଙ୍କର ଯଦି ଆପତ୍ତି ନଥାଏ, ମୁଁ ବରଂ ଆପଣଙ୍କୁ ଆଜି ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ ଜଣାଉଛି । ତା'ଛଡ଼ା ରାତ୍ରିଭୋଜନ ପୂର୍ବରୁ ଆମେ ଏକାନ୍ତରେ ଟିକିଏ ସାନ୍ଧ୍ୟ ଭ୍ରମଣ ମଧ୍ୟ କରି ପାରନ୍ତେ...?'

'ଆପତ୍ତି...?' ବକ୍ତା କହିଲେ, 'ଏହା'କୁ ବରଂ ପରମ ସୌଭାଗ୍ୟ ବୋଲି ମନେ କରିବାକୁ ହେବ, ଚାଲନ୍ତୁ...।'

ଅଧ୍ୟାପିକାଙ୍କ ଘରଛଡ଼ି ନନ୍ଦା ଆସି ଗାଡ଼ିର ଷ୍ଟିଅରିଂ ଧରିଲା ଓ ତା' ପାଖରେ ଭଦ୍ରଲୋକ ବସିପଡ଼ିଲେ ।

ଭଦ୍ରଲୋକ ମନେ ମନେ ଯେତେବେଳେ ଆକାଶ କୁସୁମ ତୋଳିବାରେ ଲାଗିଥିଲେ ସେଇ ସମୟରେ, ଅପେକ୍ଷାକୃତ ଏକ ଜନବିରଳ ପଥ ଉପରେ ନନ୍ଦା ଗାଡ଼ି ଛୁଟେଇଥିଲା । ହଠାତ୍ ନନ୍ଦା ଅନୁଭବ କଲା ଯେ, ତା'ର ଗୋଟାଏ ହାତ ଉପରେ ଭଦ୍ରଲୋକଙ୍କର ଗୋଟାଏ ହାତ ଯେମିତି ଅଟକି ଯାଇଛି...।

ସନ୍ଧ୍ୟାର ଅନ୍ଧକାରରେ—ନନ୍ଦାର ମୁହଁ ଉପରେ ଏକ କ୍ରୂର ହସ ଖେଳିଉଠିଲା । ଜନବିରଳ ସେଇପଥ ଉପରେ ହଠାତ୍ ଗାଡ଼ିଟା ଅସମ୍ଭବ

ବେଗରେ ଛୁଟିଚାଲିଲା, ଆଉ ଭଦ୍ରଲୋକ କିଛି ବୁଝିପାରିବା ପୂର୍ବରୁ ନନ୍ଦା ହଠାତ୍ ବ୍ରେକ୍ ଦେଇ ଗାଡ଼ିଟା ଠିଆ କରେଇ ଦେଲା । ଇଚ୍ଛାକୃତ ଭାବରେ ଏଭଳି କଲାବୋଲି ସେ ନିଜକୁ ସମ୍ଭାଳି ନେଲା, କିନ୍ତୁ ଭଦ୍ରଲୋକ ମୋଟରର ଏକ ଇସ୍ପାତ୍ ଅଂଶ ଉପରେ ଜୋରଥରେ ବାଡ଼େଇ ହେଲେ, ମୁହଁକୁ ଆମ୍ବିଳା କରି କହିଲେ—'ଉଃ, ଆପଣଙ୍କର ଆଘାତଟା ବି ବେଶ୍ ସୁନ୍ଦର···।'

ଭଦ୍ରଲୋକ ଆଉ କିଛି କହି ପାରିଲେ ନାହିଁ । ତାଙ୍କ ମୁଣ୍ଡରେ ଖୁବ୍ ଜୋରରେ ଆଘାତ ଲାଗିଥିଲା । ଯନ୍ତ୍ରଣାର ଆଧିକ୍ୟ ତାଙ୍କୁ ହଠାତ୍ ଚେତନାଶୂନ୍ୟ କରିଦେଲା । ବସିଥିବା ଜାଗା ଉପରେ ସେ ଲେଉଟି ପଡ଼ିଲେ ।

ନନ୍ଦା ଏତେଟା ଆଶା କରି ନଥିଲା । ଗାଡ଼ି ଭିତରର ଆଲୁଅ ଜଳେଇ ସେ ଦେଖିଲା, ମୁଣ୍ଡର ଆଘାତଟାରୁ ଖୁବ୍ ଜୋରରେ ରକ୍ତ ଛୁଟୁଛି···ଖୁବ୍ ଶୀଘ୍ର ଆରୋଗ୍ୟ ଲାଭର ସମ୍ଭାବନା ଥିଲେ ବି ଦାଗଟା ବୋଧହୁଏ ଅନେକଦିନ ରହିଯିବ, ଆଉ ଦାଗଟା ଥିବା ପର୍ଯ୍ୟନ୍ତ ଭଦ୍ରଲୋକ ଶ୍ରୀମତୀ ରାଏଙ୍କୁ ଭୁଲି ପାରିବେ ନାହିଁ । ଏଭଳି ମନେ ମନେ ଭାବି ନନ୍ଦା ଟିକିଏ ହସିଲା ।

ତା'ପରେ ଗାଡ଼ିଟାକୁ ମେଡ଼ିକାଲ୍ ଆଡ଼କୁ ଘୁରେଇ ନେଲା ସେ ।

କିଛି ସମୟପରେ ଡାକ୍ତରଖାନାର ଏକ ବିଛଣା ଉପରେ ଭଦ୍ରଲୋକ ଆଖି ମେଲିଲେ ।

ନନ୍ଦା କହିଲା—'ଗାଡ଼ିରେ ଅସାବଧାନ ହୋଇ ବସିଲେ ଅନେକ ସମୟରେ ଏଇଭଳି ଅବସ୍ଥା ହେବାକୁ ପଡେ···ଡାକ୍ତର କହୁଚନ୍ତି, ଆଘାତଟା ବେଶି ହୋଇନାହିଁ ବୋଲି । ଆଚ୍ଛା—ନମସ୍ତେ ! ମୁଁ ତେବେ ଆସୁଛି···ଭୁଲିବେ ନାହିଁ···।' ନନ୍ଦା ଚାଲିଗଲା ଆଉ ତା'ର ଯିବା ବାଟକୁ ଚାହିଁ ଭଦ୍ରଲୋକ ଭାବିଲେ—'କ'ଣ ନ ଭୁଲିବାକୁ କହିଲେ ଶ୍ରୀମତୀ ରାଏ, ତାଙ୍କୁ ନା ତାଙ୍କ ଦିଆ ଆଘାତଟାକୁ···?'

ଆଉଦିନେ···

ସେଇ ଦଳର ଆଉ ଜଣେ ସଦସ୍ୟ—ଜଣେ ବରିଷ୍ଠ ଇଞ୍ଜିନିୟର୍···ତାଙ୍କ ସହିତ ଟିକିଏ ଅନ୍ତରଙ୍ଗତା ଯୋଡ଼ିଇ ନନ୍ଦା କେତେପଦ ନରମ କଥା କହିଲା ।

ଭଦ୍ରଲୋକ ବିହ୍ୱଳ ହୋଇ ପଡ଼ିଲେ ଏବଂ ସେ ଏତେଦୂର ବିଚଳିତ ହୋଇପଡ଼ିଲେ ଯେ, କାଠଯୋଡ଼ି କୂଳରେ ପବନ ଖାଇବାକୁ ମନ ନକରି, ମହାନଦୀ କୂଳେ କୂଳେ ଘେରାଏ ବୁଲି, ଆଲୋଚନାଟା ଚାଲୁ ରଖିବାକୁ ନନ୍ଦାଙ୍କୁ ନିମନ୍ତ୍ରଣ କଲେ ।

ପରିହାସ କରି ନନ୍ଦା ତାଙ୍କୁ ପଚାରୁଥିଲା—'ଆଚ୍ଛା, ଇଞ୍ଜିନିୟର୍‌ର ଠିକ୍ ଅର୍ଥ ଯାହା, ଆପଣମାନେ ତ ସେ କାମ କରୁନାହାନ୍ତି । କୌଣସି ଇଞ୍ଜିନ୍ ସହିତ ସମ୍ପର୍କ ନ ଥାଇ ମଧ୍ୟ ଆପଣ ନିଜକୁ କିମିତି ଜଣେ ଇଞ୍ଜିନିୟର୍ ବୋଲି ପରିଚୟ ଦିଅନ୍ତି ?'

ଭଦ୍ରଲୋକ କହିଲେ—'ଚାଲନ୍ତୁ ନା ମହାନଦୀ କୂଳ ଆଉ କିଛି ସମୟ ବୁଲି ଆସିବା । ମହାନଦୀର ଆନିକଟ୍ ଦେଖିବା । ତା'ର ଇଞ୍ଜିନିୟରିଂ କୌଶଳ, ସମସ୍ତ ମୁଁ ଆପଣଙ୍କୁ ବୁଝେଇ ଦେବି ।'

ନନ୍ଦା ଆପତ୍ତି କଲା ନାହିଁ । ସେଦିନ ବରଂ ସେଇ ଇଞ୍ଜିନିୟରଙ୍କର ଅସଲ ଚେହେରାଟା ଦେଖିବାକୁ ସେ ମନେ ମନେ ସଂକଳ୍ପ କରିଥିଲା ।

ଆନିକଟ୍ ବିଷୟରେ କୌଣସି କଥାବାର୍ତ୍ତା ହେବାର ସୁଯୋଗ ହେଲା ନାହିଁ । ସମ୍ପୂର୍ଣ୍ଣ ଭିନ୍ନ ବିଷୟରେ ଆଲୋଚନା କରି ସେମାନେ ମହାନଦୀ କୂଳେ କୂଳେ ବୁଲିବାକୁ ଲାଗିଲେ ।

ଏକ ସମୟରେ ନନ୍ଦା ଆଡ଼କୁ ଚାହିଁ ଭଦ୍ରଲୋକ କହିଲେ—'ମିସ୍ ରାୟ, ବୁଝନ୍ତୁ ଦେଖି, ଆମ ଦୁଇଜଣଙ୍କୁ ଏହିପରି ଚମତ୍କାର ପରିବେଶ ଭିତରେ ଦେଖି, ସାଧାରଣ ଲୋକେ ଆମ ବିଷୟରେ କ'ଣ ଧାରଣା କରୁଥିବେ ?' ଏତିକି କହି ସେ ଏକ ଦ୍ୱ୍ୟର୍ଥକ ହସ ହସିଲେ ।

ନନ୍ଦା କହିଲା—'ସାଧାରଣ ଲୋକଙ୍କ ପରି, ଅଳ୍ପ ଛୋଟକଥା ବିଷୟରେ ଚିନ୍ତାକରିବା ଏବଂ ସେ ବିଷୟରେ କିଛି ଧାରଣା କରିବା, ମୋ ଦ୍ୱାରା ସମ୍ଭବ ହୁଏନି । କିନ୍ତୁ ଆପଣ ବରଂ ମୋ ପ୍ରଶ୍ନର ଉତ୍ତର ଦିଅନ୍ତୁ ।'

କଥାଟାର ଗୂଢ଼ାର୍ଥ ହୃଦୟଙ୍ଗମ କରି ଭଦ୍ରଲୋକ ନିଜକୁ ଟିକିଏ ଅପମାନିତ ମନେ କଲେ । କିନ୍ତୁ ସେ କୌଣସି ଉତ୍ତର ଦେବା ପୂର୍ବରୁ ଆଉ ଗୋଟାଏ ଘଟଣା ଘଟିଗଲା ।

ଖୁବ୍ ନିବିଡ଼ ଭାବରେ ଗୃହଳୁ ଗୃହଳୁ ନନ୍ଦା ଗୋଡ଼ସହିତ ଧକ୍କା ଖାଇ ଭଦ୍ରଲୋକ ନିଜ ଦେହର ଭାରସାମ୍ୟ ରକ୍ଷା କରି ନପାରି, ନଦୀର ଅତଡ଼ା ତଳେ ଟିକେ ପାଣି ଭିତରେହିଁ ପଡ଼ିଗଲେ । ଦାମିକା ଆମ୍ବାସାଡ଼ର୍ ଜୋତା ଓ ଚମତ୍କାର ପଶମୀ ପୋଷାକ କାଦୁଅ ଆଉ ପଙ୍କପୋଗୁ ଏକପ୍ରକାର ନଷ୍ଟ ହୋଇଗଲା । କୌଣସି ଏକ କର୍କଶ ବସ୍ତୁ ବିଶେଷର ସଂସ୍ପର୍ଶରେ ଆସି ଭଦ୍ରଲୋକଙ୍କର ଡାହାଣ ଗାଲ ଉପରେ ଗୋଟାଏ ବଡ଼ ଲମ୍ବାଦାଗ ହୋଇଗଲା । ନନ୍ଦା ଚାହିଁ ଦେଖିଲା, ସେ ଜାଗାରୁ ଚମଡ଼ା ସମ୍ପୂର୍ଣ୍ଣ ଛିଡ଼ି ଯାଇଛି ଓ ଝିରି ଝିରି ହୋଇ ରକ୍ତ ବାହାରୁଛି । ସେ ଗୋରା ସୁନ୍ଦର ମୁହଁଟି ପଙ୍କ ବୋଳାହୋଇ କିମ୍ଭୂତ କିମାକାର ଦେଖାଯାଉଛି । ନନ୍ଦା ହସ ସମ୍ଭାଳି ପାରିଲା ନାହିଁ ।

ଅନେକ କଷ୍ଟରେ ଅତଡ଼ା ତଳୁ ଉଠିଆସି, ଭଦ୍ରଲୋକ କହିଲେ—‘କିନ୍ତୁ ଆପଣ ଇଚ୍ଛାପୂର୍ବକ ଏପରି କଲେ ବୋଲି ମୁଁ ସ୍ପଷ୍ଟ ଜାଣିପାରୁଛି ।’

ନନ୍ଦା କହିଲା—‘କିନ୍ତୁ ପଙ୍କ ଆଉ କାଦୁଅର ଏଇ ଅଙ୍ଗରାଗ ଭିତରେ ଆପଣ ତ ଚମତ୍କାର ଦେଖାଯାଉଛନ୍ତି । ବର୍ତ୍ତମାନ କୁହନ୍ତୁ ଦେଖି—ଆପଣଙ୍କୁ ଆଉ ମୋତେ, ଏମିତି ଅବସ୍ଥାରେ ଦେଖି ଭଦ୍ରସମାଜ କ’ଣ କହିବ ?’

ସେଇଟିକି···। ନନ୍ଦା ଭାବିଲା—ନମିତା ପ୍ରକୃତରେ ମିଛ କହି ନଥିଲା । ସମାଜର ଖୁବ୍ ଉଚ୍ଚସ୍ତରର ଲୋକମାନେ ହିଁ ବେଶି ଅଭଦ୍ର । ଏମାନଙ୍କର ଏଭଳି ଚିକ୍‌କଣ କଥାରେ, ଜଣେ ସାଧାରଣ ଯୁବତୀ ବାଟ ଭୁଲିଯିବା ଆଦୌ ଅସମ୍ଭବ ନୁହେଁ ।

ତେଣୁ···ବିନା କାରଣରେ ଏଭଳି ଏକ ନିରୀହ ଭଣ୍ଡାମୀ ପଛରେ ନନ୍ଦା ଧାଇଁ ବୁଲିବ କାହିଁକି ? ବରଂ ପଲ୍ଲୀ···, ପଲ୍ଲୀର ସରଳ ମଣିଷ, ପଲ୍ଲୀର ସରଳ ମନ, ସେଇ ବେଶ୍, ସେଠାରେ ଏଭଳି ପ୍ରତାରକ ନାହାନ୍ତି ।

କାହାକୁ ଦେଖିବାକୁ ଛାଡ଼ିଲା ନନ୍ଦା···?

ସୁବୋଧ ଦାସ— ବିଲାତ ଫେରନ୍ତା ଓକିଲ । କିନ୍ତୁ ମସ୍ତିଷ୍କଟି ବେଶ୍ ମାନ୍ଧାତା ଅମଳର । ଚଳିବୁଲିବା କରିବା ପାଇଁ, ଅନ୍ୟ କୌଣସି ସୁବିଧା ନ ପାଇ, ଯଦି ଜଣେ ତରୁଣୀ ତାଙ୍କ ସହିତ କେତୋଟି ସନ୍ଧ୍ୟା ଆଉ

କେତେଟି ସକାଳ କଟାଇଲେ, ତା'ହେଲେ ନ୍ୟାୟତଃ ସେଇ ତରୁଣୀ ତାଙ୍କର ଭାବିପତ୍ନୀ ବୋଲି ମିଷ୍ଟର୍ ସୁବୋଧଚନ୍ଦ୍ର ଦାସ ମନେ କରିନେବେ । ହାଏ···ହାଏ, ବାଲ୍ୟରୁ ଡିଗ୍ରୀ ନେଇ ପୁଣି ସେ ଫେରି ଆସିଚନ୍ତି !

ଆଉ ଏଇଠି ଜଣେ କର୍ମୀ, ଯିଏ ହୁଏତ ଆସନ୍ତାକାଲି ମନ୍ତ୍ରୀ ହେଇ ପଡ଼ିବାର ସ୍ୱପ୍ନ ଦେଖୁଚନ୍ତି, ସର୍ବସାଧାରଣଙ୍କୁ ଭୁଲାଇ ତାଙ୍କ ପାଖରେ ହାତପାତି, ଆଖିରୁ ଲୁହ ଗଡ଼େଇ, ସର୍ବସାଧାରଣଙ୍କର ମାଲିକାନ ସତ୍ତ୍ୱକୁ ନିଜ ହାତକୁ ନେବାକୁ ଫନ୍ଦି କରୁଚନ୍ତି, ସିଏ ବି ଜଣେ ସୁନ୍ଦରୀ ନାରୀର ଅନୁକମ୍ପା ଭିକ୍ଷା କରୁଚନ୍ତି···

ଏବଂ ଶ୍ରୀଯୁକ୍ତ—ଇଞ୍ଜିନିୟର···?

ସମସ୍ତେ ସମାନ···। ନିହାତି କ୍ଷୁଦ୍ର ବାୟୁମଣ୍ଡଳ ଭିତରେ ଯେଉଁମାନଙ୍କର ସମସ୍ତ ଅସ୍ତିତ୍ୱ ସୀମିତ, ସେଇମାନଙ୍କୁ ନେଇ ଖେଳିବ ନନ୍ଦା ?

ନା—ନା—ବରଂ ଏଇ ଖେଳର ପରିସମାପ୍ତି ଏଇଠି ହେଇଯାଉ । ଭାତହାଣ୍ଡିରୁ ଗୋଟିଏ ଚିପି, ସମସ୍ତ ଭାତହାଣ୍ଡିଟି ବିଷୟରେ ଧାରଣା କରାଯାଏ, କିନ୍ତୁ ଗୋଟିଏ, ଯୋଡ଼ିଏ ନୁହେଁ, ତିନି ତିନିଟାଙ୍କୁ ନନ୍ଦା ପରୀକ୍ଷା କରି ସାରିଚି—ସବୁ ସମାନ···।

କିନ୍ତୁ···ତଥାପି···, ସମସ୍ତ ପୁରୁଷଜାତିଟା ଯେ ଏଇପରି ଖରାପ, ଏ ବିଷୟରେ ନନ୍ଦା ଏକମତ ହେଇ ପାରିଲା ନାହିଁ । ସେ ଭାବିଲା—ସେ ହୁଏତ ସେମିତି କୌଣସି ପୁରୁଷର ସନ୍ଧାନ ଆଜିଯାଏ ପାଇନି—ଯାହାକୁ ପ୍ରକୃତ ପୁରୁଷ କୁହାଚଳେ, ଯାହାର ସ୍ଥାନ ଏମାନଙ୍କର ଯଥେଷ୍ଟ ଉପରେ !

ଏହିପରି ଚିନ୍ତା ଭିତରେ ନନ୍ଦାର ମନ ବେଶ୍ ଭାରାକ୍ରାନ୍ତ ହେଇ ପଡ଼ିଲା । ନିଜର ମନକୁ ହାଲ୍‌କା କରିବା ପାଇଁ, ସେଦିନ ଅପରାହ୍ନରେ ମୋଟର ନେଇ ସେ କାଠଯୋଡ଼ୀ କୂଳରେ ଟିକିଏ ବୁଲି ଆସିବାକୁ ଠିକ୍ କଲା ।

କାଠଯୋଡ଼ୀ କୂଳ ସେତେବେଳକୁ ଏକପ୍ରକାର ନିର୍ଜନ କହିଲେ ଚଳେ । ଯେଉଁ ସୌଖୀନ ସମ୍ପ୍ରଦାୟର ବ୍ୟକ୍ତିବିଶେଷ କାଠଯୋଡ଼ୀ କୂଳକୁ

ପବନ ଖାଇବାକୁ ଆସନ୍ତି, ସେମାନଙ୍କ ଭିତରୁ ଅନେକ ହୁଏତ ପଢ଼ା ଭିତରେ, ଆଉ କେତେକ ଅଫିସ୍‌ର ଫାଇଲ ଭିତରେ, ଏଇ କାଠଯୋଡ଼ୀର ସ୍ୱପ୍ନହିଁ ଦେଖୁଥିବେ···। ଆହା—ବିଚରା···! ନନ୍ଦା ଟିକିଏ ହସିଲା।

ମଝିରେ ମଝିରେ ଜଣେ ଦୁଇଜଣ ଏକାଠି ବସି ଗପ ଜମେଇବାକୁ ଆରମ୍ଭ କରିଦେଲେ। ଗାଡ଼ି ଭିତରୁ ନନ୍ଦା ଏଇ ଲୋକମାନଙ୍କୁ ଭଲକରି ଦେଖିଲା। କିଛି ଦୂରରେ ସମ୍ପୂର୍ଣ୍ଣ ଏକାକୀ ଅବସ୍ଥାରେ ଜଣେ ଯୁବକଙ୍କୁ ବସିଥିବାର ଦେଖି ନନ୍ଦା ସେଇ ପାଖକୁ ଗାଡ଼ି ଚଳେଇଲା।

ହଠାତ୍ ଗାଡ଼ିର ଶବ୍ଦରେ ଚମକିପଡ଼ି ପଛଆଡ଼କୁ ମୁହଁ ବୁଲେଇ ଯୁବକ ନନ୍ଦାଙ୍କୁ ଦେଖିଲେ ଆଉ ତା'ପରେ ହାତ ଉଠେଇ କହିଲେ—'ନମସ୍ତେ—ନମସ୍ତେ ସୁନନ୍ଦା ଦେବି···!'

ନନ୍ଦାକୁ ବେଶ୍ ଅସ୍ୱସ୍ତି ଲାଗିଲା। ଗାଡ଼ିରୁ ଓହ୍ଲେଇ ସେ ତାଙ୍କ ପାଖକୁ ଆଗେଇ ଯାଇ କହିଲା—'କିନ୍ତୁ ଆପଣଙ୍କୁ ତ ଆଗରୁ ଦେଖିଥିବା ପରି ମନେ ହେଉନାହିଁ, ଆପଣ ମୋତେ ଚିହ୍ନିପାରିଲେ କେମିତି···?'

ଯୁବକ କହିଲେ—'କଟକ ସହର ଭିତରେ ଆପଣଙ୍କୁ ନ ଚିହ୍ନିଥିବା ବ୍ୟକ୍ତି ଆଉ ନାହାନ୍ତି ସୁନନ୍ଦା ଦେବି ! ଏଇ କେତେଦିନ ଭିତରେ ଆପଣ ବେଶ୍ ଜନପ୍ରିୟ ହୋଇ ପଡ଼ିଲେଣି।'

ନନ୍ଦା ଗୋଟାଏ ନୂଆ ଖବର ଶୁଣିଲା···। କିନ୍ତୁ ଯୁବକଙ୍କ ବିଷୟରେ ତା'ର କୌତୂହଳ ବେଳକୁ ବେଳ ବୃଦ୍ଧି ପାଉଥିଲା ! ଦେଶ ବିଷୟରେ ଏତେ ଖବର ରଖିଥିବା ଜଣେ ବ୍ୟକ୍ତିବିଶେଷଙ୍କୁ ସେ ଚିହ୍ନି ରଖିବା ଉଚିତ ମନେକଲା।

କାଠଯୋଡ଼ୀର ସେଇ ବାଲି ଉପରେ ବସିପଡ଼ି, ଯୁବକଙ୍କୁ ଉଦ୍ଦେଶ୍ୟ କରି ସେ କହିଲା—'କିନ୍ତୁ ମୁଁ ତ ଆପଣଙ୍କୁ ଚିହ୍ନିପାରୁନି, ଦୟାକରି ଆପଣଙ୍କର ପରିଚୟ ଦେଲେ ମୁଁ ଭାରି ଖୁସି ହୁଅନ୍ତି···।'

ଯୁବକ ଟିକିଏ ସୁସ୍ଥହୋଇ କହିଲେ, 'ମୋର ପରିଚୟ ଆହୁରି ଦେବାକୁ ପଡ଼ିବ ! ଆପଣ ଅନୁମାନ କରି ସେତିକି ଜାଣି ପାରୁ ନାହାନ୍ତି ? ଚେହେରା, ପୋଷାକ, ସ୍ଥାନ, କାଳ, ଏମିତିକି ମୋର କହିବାର ବିଶେଷ

ଭଙ୍ଗୀଟିରେ ମଧ୍ୟ ମୋ ପରିଚୟର ଏକ ଉଜ୍ଜ୍ୱଳ ସ୍ୱାକ୍ଷର ଅଛି । ତଥାପି ଆପଣ ମୋତେ ଚିହ୍ନି ପାରୁନାହାନ୍ତି···?'

ଟିକିଏ ଅପ୍ରସ୍ତୁତ ହୋଇ ନନ୍ଦା ଯୁବକଙ୍କ ଆଡ଼କୁ ଚାହିଁଲେ । ମୁଣ୍ଡରେ ଠିଆ ଠିଆ ଆଉ ରୁଖୁରୁ ବାଳ, ମୁହଁରେ ଗତ ସପ୍ତାହର ଦାଢ଼ୀ, ଆଉ ସମସ୍ତ ଚେହେରାଟି ଉପରେ ଯେମିତି ବିତୃଷ୍ଣା ଖେଳି ବୁଲୁଛି । ପୋଷାକ ଅତି ଅପରିଷ୍କାର, ପିନ୍ଧା ଧୋତିଟିରେ ଏକ ବଡ଼ ଚୀର ଦାଗ ଓ ଜାମା କାନ୍ଧରେ ଫାଟି ଯାଇଛି । ଏଇତ ଭଦ୍ରଲୋକଙ୍କର ଚେହେରା ଆଉ ଏଇ ତ ପୋଷାକ । ମୁଁ' ଭିତରୁ ଦେଖି କିଛି ତ ଜାଣି ପଡ଼ୁନାହିଁ···।

ନନ୍ଦା ମୁହଁରେ ହତାଶାର ଚିହ୍ନ ସ୍ପଷ୍ଟତର ହୋଇ ଉଠୁଥିବାର ଦେଖି ଯୁବକ କହିଲେ—'କହି ପାରିଲେ ନାହିଁ ନନ୍ଦା ଦେବୀ ? ଆପଣଙ୍କର ଦୂରଦୃଷ୍ଟି ଜମାରୁ ନାହିଁ । କିନ୍ତୁ ଅନ୍ୟ ଯେ କୌଣସି ଲୋକକୁ ଡାକି ଆପଣ ପଚାରନ୍ତୁ—ମୋ' ଚେହେରା, ମୋ ବେଶପୋଷାକ, ଆଉ ମୋର ଖାପଛଡ଼ା ଜୀବନକୁ ଲକ୍ଷ୍ୟକରି, ସେ ସଙ୍ଗେ ସଙ୍ଗେ ଜାଣିପାରିବ ଯେ ମୁଁ ବିଚରା ଗୋଟାଏ କବି···।' ଏତିକି କହି ହୋ' ହୋ' ହୋଇ ହସି ଉଠିଲେ କବି ।

'ଆପଣ ଜଣେ କବି ?' ଅସ୍ଥିର ହୋଇ ନନ୍ଦା ପଚାରିଲେ—

'କିନ୍ତୁ 'କବି' ଏକା ବ୍ୟକ୍ତି ବିଶେଷଙ୍କର ସମ୍ପୂର୍ଣ୍ଣ ପରିଚୟ ଦେବାକୁ ତ ସମର୍ଥ ହେଉନାହିଁ, ଆପଣ ଦୟାକରି ଆପଣଙ୍କର ଲିଖିତ କୌଣସି ବହି, କିମ୍ବା ପତ୍ରପତ୍ରିକାରେ ପ୍ରକାଶ ପାଇଥିବା ଆପଣଙ୍କର କେତୋଟି ଲେଖାର ନାଁ କୁହନ୍ତୁ ତ ? ମୁଁ ଆପଣଙ୍କୁ ଜାଣିବା ପାଇଁ ଚେଷ୍ଟାକରେ···।'

ବେଶ୍ ଅମାୟିକ କଣ୍ଠରେ କବି କହିଲେ—'ମୋର ସମସ୍ତ ଲେଖା ଆଜି ଅପ୍ରକାଶିତ···, କୌଣସି ପତ୍ରପତ୍ରିକାରେ ସାମାନ୍ୟ ଦି'ଧାଡ଼ିର କବିତା ବି ଆଜି ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ ।'

'ଅଥଚ ଆପଣ ଜଣେ କବି ? କବି ଶବ୍ଦର ଠିକ୍ ଅର୍ଥଟା ତା'ହେଲେ କ'ଣ···?' ନନ୍ଦା ପଚାରିଲେ ।

ଏକ ଶୂନ୍ୟଦୃଷ୍ଟିରେ ନନ୍ଦା ମୁହଁକୁ ଚାହିଁ କବି କହିଲେ—'ଆପଣ କବି ଶବ୍ଦର ଅର୍ଥ ବି ଜାଣନ୍ତି ନାହିଁ···?'

କବିଙ୍କ ପ୍ରଶ୍ନରେ ନନ୍ଦା ଟିକିଏ ଲଜ୍ଜିତ ହୋଇ ପଡ଼ିଲା ।

ନନ୍ଦାର ହାବଭାବକୁ ଲକ୍ଷ୍ୟ କରି କବି କହିଲେ—'ଆପଣ ଦୁଃଖିତ ହୁଅନ୍ତୁ ନାହିଁ ସୁନନ୍ଦା ଦେବି, କବି ଶବ୍ଦର ଠିକ୍ ଅର୍ଥ ଜାଣିବା ଲୋକ ଆଜି ଦୁନିଆରେ ବହୁତ କମ୍ ଅଛନ୍ତି । ମୁଁ ନିଜେବି 'କବି' ଶବ୍ଦର ଅର୍ଥ ଜାଣେ ନାହିଁ । କିନ୍ତୁ କବି ବିଷୟରେ ଏକ ସ୍ଥୂଳ ଧାରଣା ମୁଁ ଆପଣଙ୍କୁ ଦେଇପାରିବି । ପ୍ରକୃତ ପକ୍ଷରେ କବି ଶବ୍ଦର ଅର୍ଥ ଭୀଷଣ ବ୍ୟାପକ··· । ପୁଣି ଦେଶ, କାଳ ଓ ପାତ୍ର ଭେଦରେ ଏଇ କବି ଶବ୍ଦର ଭିନ୍ନ ଭିନ୍ନ ଅର୍ଥ ମଧ୍ୟ ହୁଏ । ଅର୍ଥାତ୍ ବଙ୍ଗପ୍ରଦେଶରେ 'କବି' ଶବ୍ଦର ଅର୍ଥ ଯାହା, ଓଡ଼ିଶାରେ କବି ଶବ୍ଦର ଅର୍ଥ ତାହାନୁହେଁ, କିମ୍ବା ଓଡ଼ିଶାରେ 'କବି'ର ଅର୍ଥ ଯାହା, ଅନ୍ୟ କେଉଁଠି ତା'ର ଅର୍ଥ ଓସନ୍ଧ୍ୟା ନୁହେଁ । ତେବେ କବି ସମ୍ବନ୍ଧରେ ଏକ ସ୍ଥୂଳ ଧାରଣା କରିବାକୁ ଗଲେ—ଆପଣଙ୍କୁ ମନେ ରଖିବାକୁ ହେବ ଯେ, କବି ହେଉଛି କ୍ଲୀବ ଲିଙ୍ଗ, ତୃତୀୟ ପୁରୁଷ, ଏକବଚନ ଓ କର୍ମକାରକ । କଥାଟା ଟିକିଏ ଭଲକରି ବୁଝି ନିଅନ୍ତୁ । ଆମ ସମାଜରେ ଲୋକମାନଙ୍କର ଧାରଣା ଯେ କ୍ଲୀବତ୍ୱ ପ୍ରାପ୍ତ ନ ହେଲେ କୁଆଡ଼େ କବିତା ଲେଖାଯାଇ ପାରେନା । ଅର୍ଥାତ୍ କୌଣସି ପୁରୁଷ ଯଦି କବିତା ଲେଖେ, ତେବେ ତାକୁ ସମସ୍ତେ କହିବେ ମାଇଚିଆ ଆଉ କୌଣସି ନାରୀ ଯଦି କବିତା ଲେଖେ ତାକୁ ଲୋକେ କହିବେ—ଅଣ୍ଡିରିଚଣ୍ଡୀ । ଯୁଗାନୁକ୍ରମେ, କବିଜାତିକୁ ସମାଜ ଏ କ୍ଲୀବତ୍ୱ ଦେଇ ଆସିଛି । ତା'ପରେ କବି ତୃତୀୟ ପୁରୁଷ କାହିଁକି—ନା, କବି କେବେହେଲେ ନିଜେ ସାହସ କରି କାହା ସହିତ କୌଣସି ସମ୍ପର୍କ ରଖିପାରିବ ନାହିଁ, କିମ୍ବା ଅନ୍ୟ କେହି ମଧ୍ୟ 'କବି' ପରି ବାଜେଲୋକ ସହିତ ସମ୍ପର୍କ ରଖିବାକୁ ଉଚିତ ମନେ କରିବେ ନାହିଁ । ଅର୍ଥାତ୍ କବି ପ୍ରଥମ ବା ଦ୍ୱିତୀୟ ପୁରୁଷ ହୋଇ ପାରିଲା ନାହିଁ, ସେ ହେଲା ତୃତୀୟ ପୁରୁଷ । ପୁଣି କବିଙ୍କୁ ଏକବଚନ ବୋଲି ମଧ୍ୟ ମୁଁ କହିଥିଲି । କାରଣ ଏକରୁ ଦୁଇ ହେବାମାନେ କବି ମରିଯିବ । ମାନେ, ଏକକ ଅବସ୍ଥାରେ ଥିଲାବେଳେ ତ ଖାଇବାକୁ ଦାନା ଓ ପିନ୍ଧିବାକୁ କନା ପାଉନାହାନ୍ତି—ଆଉ କେଉଁ ସାହସରେ ସେ ଏକରୁ ଦୁଇ ହୋଇ ପଡ଼ିବେ ? କବି କେବେହେଲେ ହେଲେ କର୍ତ୍ତାକାରକ ମଧ୍ୟ ହୋଇ ପାରିବେ ନାହିଁ ।

ପ୍ରକାଶକ ଯେମିତି ନିର୍ଦ୍ଦେଶ ଦେବେ, ତାଙ୍କୁ ସେମିତି ଲେଖା ଲେଖିବାକୁ ହେବ, ନିର୍ଦ୍ଦେଶକ ତଥା ଅଭିନେତା ଯେମିତି କହିବେ, ସେଇମିତି ସଂଳାପ ଓ ଗୀତ ରଚନା କରିବାକୁ ହେବ । ନ ହେଲେ—ସେମାନେ ଅନ୍ୟ ଜାଗା ଦେଖିବେ । କବି ବିଚାରା ନ ଖାଇ ନ ପିଇ ମରିଯିବ—।'

ଏତିକି କହି କବି ଏକ ଦୀର୍ଘଶ୍ୱାସ ଛାଡ଼ିଲେ ।

ନନ୍ଦା ଭାବିଲା—ଲୋକଟା ପାଗଳ ନା କ'ଣ ? କିନ୍ତୁ ଏଇ ପାଗଳାମି ଉପରେ ମଧ୍ୟ, ତା'ର କେମିତି ଟିକିଏ ମାୟା ଜନ୍ମିଲା । କବିଙ୍କ ମୁହଁରୁ ଆଉ କିଛି ଶୁଣିବାକୁ ସେ କହିଲା, 'ଆପଣଙ୍କ କଥା ମୁଁ କିଛି ବୁଝି ପାରିଲି ନାହିଁ, ଟିକିଏ ବୁଝେଇଲା ପରି କହନ୍ତୁ···?'

ଏକ ବ୍ୟଙ୍ଗାତ୍ମକ ହସ ମୁହଁରେ ଖେଳେଇ କବି କହିଲେ—'ଏଇ ବିରାଟ ଓଡ଼ିଆ ଜାତି ତ ଏକଥା ବୁଝି ପାରିଲା ନାହିଁ, ଆଉ ଆପଣ କେମିତି ବୁଝିବେ କୁହନ୍ତୁ ? ଏତିକି କଥାକୁ ସରଳକରି ବୁଝେଇବାକୁ ଯେତିକି ସମୟ ଦରକାର, ସେଇ ସମୟ ଆପଣ ଖର୍ଚ୍ଚ କରି ପାରିବେ ତ ? ଧୈର୍ଯ୍ୟଧରି ଆପଣ ମୋର ସବୁ କଥା ଶୁଣି ପାରିବେ ତ ?'

ନନ୍ଦାର ଆଗ୍ରହ ବଢ଼ି ଉଠୁଥିଲା । ସେ କହିଲା—'ମୋର ଖୁବ୍ ଧୈର୍ଯ୍ୟ ଅଛି । ଆପଣ ଜଣେ କବି ବୋଲି ଜାଣିଲା ପରେ, ଆପଣଙ୍କର କବିତାର ସନ୍ଧାନ ନ ନେଇ ମୁଁ ଫେରିଯିବାକୁ ଉଚିତ ମନେ କରୁନାହିଁ । ତା'ଛଡ଼ା—କେବଳ ମୋର ସମୟ ନଷ୍ଟ ହେଉଛି ମନେକରି ଆପଣ ଯଦି ସ୍ଥାନତ୍ୟାଗର ଉଦ୍ୟମ କରୁଥାଆନ୍ତି—ତେବେ ଆପଣ ଭୁଲ୍ କରୁଛନ୍ତି ବୋଲି ବୁଝିନିଅନ୍ତୁ । ଆପଣଙ୍କ ସହିତ ଯେତିକି ସମୟ ମୁଁ ଅତିବାହିତ କରିଛି, ଆପଣଙ୍କର ଆଲୋଚନା ମୋର ସେଇ ସମୟର ମୂଲ୍ୟ ଯଥେଷ୍ଟ ବଢ଼େଇଛି । ତେଣୁ ଆପଣ ଆଉ କିଛି ସମୟ ବସନ୍ତୁ ନା···?'

କବି ବସି ପଡ଼ିଲେ··· କହିଲେ—'କବି ଦୁନିଆର ସମସ୍ତ ଐଶ୍ୱର୍ଯ୍ୟକୁ ଛାଡ଼ିପାରେ, କିନ୍ତୁ ତା'ର କବିତ୍ୱକୁ ଠିକ୍ ଭାବରେ ଗ୍ରହଣ କରିଥିବା ଏକ ହୃଦୟର ଆହ୍ୱାନକୁ ସେ ଏଡ଼େଇ ପାରେନା··· ।'

କବିଙ୍କ କଥାରେ ନନ୍ଦା ମନେ ମନେ ଖୁସି ହେଲା । ଭୂଇଁ ଉପରେ ଦୁଇଟିଯାକ ହାତର ଭରାଦେଇ, ନିଜର ଦେହଟିକୁ ପଛଆଡ଼କୁ ଝୁଙ୍କେଇ,

ସେ ଚାହିଁଥିଲେ ଦୂର ଆକାଶରେ ଘନୀଭୂତ ହୋଇ ଉଠୁଥିବା ଏକ ସ୍ତୂପ ମେଘ ଆଡ଼କୁ । ନିତମ୍ବଠାରୁ ପାଦ ପର୍ଯ୍ୟନ୍ତ ସମସ୍ତ ଅଂଶଟା ତା'ର କାଠପୋଡ଼ୀର ବାଲିସହିତ ଅତି ନିବିଡ଼ ଭାବରେ ମିଶି ଯାଇଥିଲା ।

...ହଠାତ୍ ତା'ର ମନେହେଲା—ଏଇ ଲୋକଟାକୁ ବି ଠିକ୍ ଏ ପରୀକ୍ଷା କରିନେଲେ କ୍ଷତି କ'ଣ ? ଅନେକ ତ ଅଛନ୍ତି—ମୁହଁରେ ବେଶ୍ ଲମ୍ବା ଚଉଡ଼ା କଥା କହିପାରନ୍ତି, କିନ୍ତୁ ଅସଲ ବେଳକୁ ତାଙ୍କ ମୁହଁରୁ ଆଦର୍ଶବାଦୀର ମୁଖା ଖସି ପଡ଼େ...।

ନନ୍ଦା କାଠପୋଡ଼ୀର ସେଇ ବାଲି ଉପରେ ଆଉ ଠିକିଏ ପଛଆଡ଼କୁ ଝୁଙ୍କି ପଡ଼ିଲା । କିଛି ସମୟ ଆଗରୁ ତା' ଦେହର ଯେଉଁ ଊର୍ଦ୍ଧ୍ୱ ଅଂଶଟା ଭୂମି ସହିତ ଏକ ବିଶିଷ୍ଟ ସୂକ୍ଷ୍ମକୋଣ ସୃଷ୍ଟି କରିଥିଲା, ବର୍ତ୍ତମାନର ଭଙ୍ଗୀରେ ସେଇ ସୂକ୍ଷ୍ମକୋଣର ସୂକ୍ଷ୍ମତା ଆହୁରି ବଢ଼ି ଉଠିଲା । ତା'ର ଉନ୍ନତ ବକ୍ଷାଂଶ ଦୁଇଟିକୁ ଆକର୍ଷଣୀୟ କରି, ସ୍ୱପ୍ନିଳ ଆଖି ଦୁଇଟିର ପଲକକୁ ଅଳସ ଠିକିଏ ନଚେଇ ନନ୍ଦା ଡାକିଲା—'କବି...ଆପଣ ଆଉ କିଛି କୁହନ୍ତୁ କବି ! ସମସ୍ତ ଦେହ ଆଉ ମନ ଦେଇ ଆପଣଙ୍କୁ ଗ୍ରହଣ କରିବା ପାଇଁ ମୁଁ ଯେ ପ୍ରସ୍ତୁତ ହୋଇଗଲିଣି ।' ଏତିକି କହି କବିଙ୍କ ମୁହଁକୁ ମୁଗ୍ଧ ଦୃଷ୍ଟିରେ ଚାହିଁଲା ନନ୍ଦା ।

କିନ୍ତୁ କବିଙ୍କ ପ୍ରାଣରେ ଏତିକି ବଡ଼ ଭାବବ୍ୟଞ୍ଜକ କଥାର କୌଣସି ପ୍ରଭାବ ପଡ଼ି ନାହିଁ । କବି ବେଶ୍ ଖୁସି ହୋଇ କହିଲେ—'ମୋ କଥା ଯଦି ଆପଣ ଶୁଣିବାକୁ ଚାହୁଁଥିବେ, ତେବେ ମୁଁ ତ ଅନର୍ଗଳ ବକ୍ତୃତା ଦେଇ ଚାଲିବି । ଯୁଗ ଯୁଗ ଧରି କହି ଚାଲିଲେ ବି ମୁଁ କ୍ଳାନ୍ତ ହେବି ନାହିଁ...।'

ନନ୍ଦା ଆଉ ଠିକିଏ ଅଧୀରା ହୋଇ ପଡ଼ି କହିଲା—'ବେଶ...ଯୁଗ ଯୁଗ ଧରି ଆପଣ, ଏମିତି ଭାବପୂର୍ଣ୍ଣ ଭାଷଣ ଦେଇ ଚାଲନ୍ତୁ, ଆଉ ଯୁଗ ଯୁଗ ଧରି ଆପଣଙ୍କ ପାଖରେ ଏମିତି ଆପଣଙ୍କ ମୁହଁକୁ ଚାହିଁ ମୁଁ ଆପଣଙ୍କ କଥା ଶୁଣୁଥିବି...।'

ଏଥର କଥାଟିକୁ କବି ଠିକ୍ ଧରି ପାରିଛନ୍ତି ବୋଲି ନନ୍ଦାର ମନେ ହେଲା । ବେଶ୍ ଅସ୍ଥିର ହୋଇପଡ଼ି କବି କହିଲେ—'ମୋ ମୁହଁରୁ ଆପଣ କ'ଣ ଶୁଣିବାକୁ ଚାହାନ୍ତି ନନ୍ଦା ଦେବି...?'

ନନ୍ଦା ହଠାତ୍ ଉଠି ପଡ଼ିଲା । କବିଙ୍କ ମୁହଁକୁ ଚାହିଁ ଆଉ ଟିକିଏ ତରଳ ପଡ଼ିବାର ଅଭିନୟ କରି ସେ କହିଲା—'ଆପଣ ସେଇ କଥାହିଁ କୁହନ୍ତୁ କବି, ଯାହା ଜଣେ ତରୁଣ ତାର ପ୍ରିୟବାନ୍ଧବୀକୁ ନିକଟରେ ପାଇ ହଠାତ୍ କହି ପକାଏ, ନାରୀ ପୁରୁଷ ପାଖରୁ ଆଉ ବେଶି କ'ଣ ଶୁଣିବାକୁ ଚାହେଁ କବି ?'

ଚାରିଆଡ଼କୁ ଥରେ ଚାହିଁ କବି କହିଲେ—'ଆପଣଙ୍କ କଥା ଶୁଣି ଖୁବ୍ ବଡ଼ପାଟିରେ ହସିବାକୁ ମୋର ମନ ହେଉଥିଲା । କିନ୍ତୁ କାଠଯୋଡ଼ି କୂଳରେ, ସନ୍ଧ୍ୟାର ଏ ବହଳ ଅନ୍ଧାର ଭିତରେ ବି ଯେଉଁ କେତେ ଜଣ ଅଛନ୍ତି, ସେମାନେ ମୋର ହସଟାକୁ ସ୍ପଷ୍ଟ ଶୁଣିପାରିବେ ବୋଲି, ଚାରିଆଡ଼କୁ ଚାହିଁ ମୁଁ ଜାଣିପାରିଲି । ଅଗତ୍ୟା..., କିନ୍ତୁ କଥାଟା କ'ଣ କହନ୍ତୁ ତ ସୁନନ୍ଦା ଦେବୀ—ଆପଣ ହଠାତ୍ ମୋ ସହିତ ପ୍ରେମରେ ପଡ଼ିଗଲେ ନା କ'ଣ ?' ଏତିକି କହି ନିଜ କଥାକୁ ନିଜେ ବ୍ୟଙ୍ଗକରି ଖୁବ୍ ମୃଦୁସ୍ୱରରେ ହସି ଉଠିଲେ କବି ।

ନନ୍ଦା ଏଥର ପ୍ରମାଦ ଗଣିଲା । କବିଙ୍କର କଥା ଯେ ଜମାରୁ ବୁଝି ପାରୁନାହିଁ, ପୁଣି ଏମିତି ଏକ ପ୍ରଶ୍ନର ଉତ୍ତର ବା ସେ କ'ଣ ଦେଇପାରେ ? କବି କ'ଣ ତା'ର ଅଭିନୟ ଧରି ପାରିଛନ୍ତି ? ହୁଏତ ସେ ନନ୍ଦାର ଅଭିନୟ ଧରି ପାରିଛନ୍ତି, କି ଧରି ପାରିନାହାନ୍ତି—ନନ୍ଦା ନିଜ ମନକୁ ଏ ଦୁଇଟି ପ୍ରସ୍ତାବ ଦେଲା । କିନ୍ତୁ ଖୁବ୍ ଶୀଘ୍ର ଉତ୍ତରଟିଏ ଦେବା ଦରକାର...। କ'ଣ ଉତ୍ତର ସେ ଦେବ ? ହଠାତ୍ ସ୍ୱରଟାକୁ ଖୁବ୍ ନରମ, କମ୍ପିତ ଆଉ ଦୀର୍ଘ କରି ନନ୍ଦା ଡାକିଲା, 'କ...ବି...!'

ଏଥର କବି ବଡ଼ ପାଟିରେ ହସି ଉଠିଲେ । କହିଲେ, 'ସୁନନ୍ଦା ଦେବୀ—ସତରେ ଆପଣ ମୋ ପ୍ରତି ବଡ଼ ଅବିଚାର କରୁଛନ୍ତି । ମୁଁ ବିଚରା ନିରୀହ କବିଟିଏ, ଦୁନିଆରେ କାହାରି ପ୍ରତି କୌଣସି ଅଭିଯୋଗ ନ ରଖି ନିଜର ବିଫଳତାରେ ନିଜେ ଝୁରି ମରୁଛି । କେବଳ ମୁଁ ନୁହେଁ, ମୋ ଦେଶର ଆହୁରି ଅନେକ ଯେଉଁମାନଙ୍କୁ ପ୍ରକୃତି କବି କୁହାଗଲେ—ସେଇ ସମସ୍ତଙ୍କର ଅବସ୍ଥା ଆଜି ମୋ'ରି ସହିତ ସମାନ । ଆପଣ ଦୟାକରି,

ଅନ୍ତତଃ ଏଇ ଗରିବ କବି ଜାତିଟାକୁ ମିଥ୍ୟା ଦୁର୍ନାମ ଦିଅନ୍ତୁ ନାହିଁ ।...ମୁଁ ସ୍ପଷ୍ଟ ଜାଣିପାରୁଛି ଆପଣ ମୋ ଉପରଦେଇ ଏକ ପରୀକ୍ଷା ଚଳେଇଛନ୍ତି । କାହିଁକି ଜାଣିପାରୁଛି ଶୁଣିବେ...କାରଣ ମୁଁ ନିଃସ୍ୱ ପୁଣି ଜଣେ କବି । ଦୁନିଆର ଅନେକ ଘାତ ପ୍ରତିଘାତ ସହିତ ଲଢ଼େଇ କରି ଏ କବି ଜାତିଟାକୁ ବଞ୍ଚିବାକୁ ପଡ଼େ ।' କିଛି ସମୟ ନୀରବ ରହି କବି ପୁଣି କହିଲେ—'କିନ୍ତୁ ଭଗବାନଙ୍କ ନାମରେ ଶପଥ କରି କହୁଛି, କୌଣସି ଅଭିନୟ ନକରି ଆପଣ ଯଦି ପ୍ରକୃତରେ ନିଜକୁ ମୋ ପାଖରେ ଧରେଇ ଦିଅନ୍ତେ ତେବେ ବି ମୁଁ ଦୂରେଇ ଯାଆନ୍ତି । ମୋ ଚଲିବାଟରେ ଆପଣ ଚାଲି ପାରିବେ ନାହିଁ ସୁନନ୍ଦା ଦେବି—ଜୀବନ-ଯୁଦ୍ଧର ଅନେକ ପ୍ରତିଯୋଗିତାରେ ଧନୀ ଜାତିଟା ଗରିବ ଜାତିଠୁ ସବୁବେଳେ ଅନେକ ପଛରେ ପଡ଼ିରହିବ...।'

ନନ୍ଦା ମନର ପ୍ରତିକ୍ରିୟା ଲକ୍ଷ୍ୟ କରିବାକୁ କବି ଆଉ ରହିଲେ ନାହିଁ । ସୁନନ୍ଦା ପାଖରୁ ଉଠିପଡ଼ି କ୍ଷିପ୍ରଗତିରେ ସେ ଚାଲିବାକୁ ଲାଗିଲେ । ତା'ପରେ ଏକ ଟଳବ୍ରସ୍ତାର ଅନ୍ଧାରରେ ମିଶିଗଲେ ସେ ।

ଆଉ..., ସେଇ ଛାୟାନ୍ଧକାର ଭିତରେ କବିଙ୍କର ଅପସୃୟମାନ ମୂର୍ତ୍ତିଆଡ଼କୁ ଚାହିଁ ନନ୍ଦା ଭାବିଲା—'ଏ କବି ସମ୍ପ୍ରଦାୟଟା କ'ଣ ମଣିଷ ଜାତିଠୁ ଏକାବେଳକେ ଅଲଗା ?'



ବାହାରେ ଗାଡ଼ିଟାକୁ ଠିଆ କରିଦେଇ, ନନ୍ଦା ଘର ଭିତରକୁ ପଶିଗଲା । ସେତେବେଳକୁ ନିଜର ଔଷଧ ଦୋକାନର ସମସ୍ତ କାମ ତୁଟାଇ, କଲିକତାର ଗୋଟାଏ ଔଷଧ ଫାର୍ମ ପାଖକୁ ନମିତା ବସି ଚିଠି ଲେଖୁଥିଲା । ନନ୍ଦାକୁ ଦେଖି ସେ ତା' ଆଡ଼କୁ ଟିକିଏ ଚାହିଁ ପୁଣି ନିଜ କାମରେ ମନ ଦେଲା ।

ନମିତାର ଏ ଧରଣର ଭାବଭଙ୍ଗୀ ଦେଖି, ନନ୍ଦା ଟିକିଏ ହସିଲା । ତା'ପରେ ପୋଷାକ ବଦଳେଇବା କାମ ବନ୍ଦ କରି ସେ ନମିତା ପାଖକୁ ଯାଇ ତା' ହାତରୁ କାଗଜ କଲମ ଛଡ଼େଇ ନେଇ କହିଲା—'ତୋ କାମ ଆଜି ସେତିକିରେ ଥାଉ । ଆ, ଟିକିଏ ଗପସପ କରିବା···।'

ନମିତା ନନ୍ଦା ଆଡ଼କୁ ଏକ ଅଭିମାନଭରା ଦୃଷ୍ଟିରେ ଚାହିଁ କହିଲା—'କିନ୍ତୁ ଏତେଦିନ ପରେ ମୋ ସହିତ ଗପ କରିବା ପାଇଁ ତୋତେ ସମୟ ମିଳିଲା ? ଏଇ କେତେଦିନ ହେଲା ପଦେ କଥା ହେବାକୁ ତ ତୋତେ ବେଳ ନଥିଲା···?'

ନନ୍ଦା କହିଲା—ଗୋଟାଏ ବଡ଼ କାମରେ ବ୍ୟସ୍ତ ରହି ଯାଇଥିଲି ନମି, ସେ କାମ ଆଜି ସରିଲା, ଅଳ୍ପ ଘଣ୍ଟା ମୋର ଛୁଟି, ପୁଣି କାଲିଠାରୁ ଅନ୍ୟ ଏକ କାମ ଆରମ୍ଭ କରିବାକୁ ପଡ଼ିବ···।'

ନମିତା ପଚାରିଲା—'କି କାମ ତୁ କରୁଥିଲୁ ଶୁଣେ···?'

ନମିତାର ଏ ପ୍ରଶ୍ନରେ ନନ୍ଦା ହଠାତ୍ ଗମ୍ଭୀର ହୋଇପଡ଼ିଲା । କିଛି ସମୟ ଚୁପ୍ ରହି ଧୀରେ ଧୀରେ ସେ କହିଲା—'ତୋ'ର କଥାର ସତ୍ୟତା ପରୀକ୍ଷା ପାଇଁ ଏ ଭିତରେ ମୁଁ ବେଶ୍ ପରିଶ୍ରମଟାଏ କରି ପକେଇଲି ନମି···, ଆଉ ଶେଷରେ ମୁଁ ଏଇ ସିଦ୍ଧାନ୍ତରେ ଉପନୀତ ହେଲି ଯେ ତୁ ଯାହା କହିଚୁ, ସବୁ ଅକ୍ଷରେ ଅକ୍ଷରେ ସତ । ଏଇ ପୁରୁଷ ଜାତିଟା ସତରେ ବିରାଟ ସ୍ୱାର୍ଥପର ଆଉ ବିରାଟ ସୁବିଧାବାଦୀ ।···ଏ ଭିତରେ ଅନେକ ଧରଣର ଲୋକଙ୍କ ସହିତ ମୁଁ ମିଶିଚି ଏବଂ ପ୍ରତ୍ୟେକ କ୍ଷେତ୍ରରେ ମୁଁ ଦେଖିବାକୁ ପାଇଚି ଯେ—ସାମାନ୍ୟ ସୁଯୋଗ ପାଇଲେ ସେମାନେ ଯେ କୌଣସି

ନାରୀର ରକ୍ତମାଂସର ସମସ୍ତ ଦେହଟାକୁ ଗିଳି ପକାଇବାକୁ ପଛାଇବେ ନାହିଁ ।

...ସେମାନଙ୍କର ଏଇ ସୁବିଧାବାଦୀ ମନୋବୃତ୍ତି ଗଢ଼ିଉଠିଛି ବହୁ ଆଦିମ ଯୁଗରୁ । ମାତ୍ର, ପରାଗତ ଯୁଗରେ ଏଇ ମନୋବୃତ୍ତି ଉପରେ ରଙ୍ଗ ମରାଯାଇଛି ଓ ତା'ପରେ ଯୁଗଯୁଗ ଧରି ସମାଜକାରମାନେ ତା' ଉପରେ ପାଲିସ୍ ମାରିବାରେ ଲାଗିଛନ୍ତି, ଯେମିତି ସେଇ ପାଲିସ୍ ଉପର ଦେଇ ବେଶ୍ ନିଶ୍ଚିନ୍ତ ଭାବରେ ପୁରୁଷ ଜାତିଟା ଖସି ଯାଇ ପାରିବ...ତା'ର କୌଣସି ଚିହ୍ନବର୍ଣ୍ଣ ରହିବ ନାହିଁ ।

ବୁଝିଲୁ ନମି...ପୁରୁଷ ଆଉ ନାରୀ, ଦୁହେଁ ଏକ ସମୟରେ ଗୋଡ଼ ଖସାନ୍ତି—କିନ୍ତୁ ପୁରୁଷର ଏଥିକି ଟିକିଏ ହେଲେ କ୍ଷତିହୁଏ ନାହିଁ, ଆଉ ନାରୀ..., ସବୁକିଛି ହରାଇ, ଶୂନ୍ୟ ମନପ୍ରାଣ ନେଇ ସେ କେବଳ ଚାହିଁରହେ ମରଣର ବାଟକୁ...।

ମୁଁ ଯେଉଁ କେତେ ଜଣ ତୁଙ୍ଗସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସହିତ ମିଶିଛି, ତା ଭିତରୁ ଜଣେ ଭଦ୍ରଲୋକ ଆଜି ବି ଡାକ୍ତରଖାନାର ବିଛଣା ଉପରେ ପଡ଼ି ଚିକିତ୍ସିତ ହେଉଛନ୍ତି...ଆଉ ଜଣେ ମହାନଦୀର ଅତଡ଼ା ତଳକୁ ଖସିପଡ଼ି ଅନେକ ଲୋକଙ୍କ ସାମନାରେ ଯଥେଷ୍ଟ ଅପମାନିତ ହୋଇଛନ୍ତି । ସବୁ ମୋର ଇଚ୍ଛାକୃତ, କିନ୍ତୁ ମୁଁ ଭଲକରି ବୁଝିଛି ଏତିକି ଶିକ୍ଷା ସେମାନଙ୍କ ପାଇଁ ଆଦୌ ଯଥେଷ୍ଟ ନୁହେଁ । ଏମାନଙ୍କୁ ଗୋଟାଏ ସ୍ଥାୟୀ ଶିକ୍ଷା ଦେବା ପାଇଁ, ଏକ ମହାବିଦ୍ୟାଳୟ ସ୍ଥାପନ କରି ମୁଁ ସେଥିରେ ଅଧ୍ୟକ୍ଷ ହେବାକୁ ଭାବୁଛି...।'

ହସି ହସି ପୁଣି ନନ୍ଦା କହିଲା—'କଥାଟା ତୋର ପସନ୍ଦ ହେଉଛି ନମି...?'

ନନ୍ଦାର କଥା ଶୁଣି, ନମିତାର କୌତୁହଳ ବଢ଼ି ଚାଲିଥିଲା । ନନ୍ଦା କହିସାରିବା ପରେ ସେ ପଚାରିଲା—'ତେବେ ଏଇ କେତେଦିନ ଧରି ତୁ ଏକ ବୀରାଙ୍ଗନାର ଭୂମିକାରେ ଅବତରଣ କରିଥିଲୁ...?'

ସେଇମିତି ହସି ହସି ନନ୍ଦା କହିଲା—'ହଁ,...ବରଂ ଗୋଟାଏ ପରୀକ୍ଷା ଚଳେଇଥିଲି କହ...।'

ନମିତା ପୁଣି ପଚାରିଲା, 'କେହି ପାସ୍ କରି ପାରିଲେ ନାହିଁ ପରୀକ୍ଷାରେ...?'

କିଛି ସମୟ ଚିନ୍ତା କରି ନନ୍ଦା କହିଲା—'ସେ କଥା ଥାଉ ନମି..., ଏ ଭିତରେ ମୁଁ କଟକ ଛାଡ଼ିବାକୁ ଭାବୁଚି, ତୁ ଯଦି କିଛି ନ ଭାବିବୁ ତ ମୁଁ କାଲି ବାହାରି ପଡ଼ିବାକୁ ଠିକ୍ କରିଚି ।'

ନମିତା କହିଲା—'କିନ୍ତୁ କୁଆଡ଼େ ଯିବୁ...?'

'କିଛି ଠିକ୍ ନାହିଁ, ତେବେ କିଛିଦିନ ପାଇଁ ଯାଇ ବାହାରେ ବାହାରେ ଟିକିଏ ବୁଲି ଆସିବାର ଇଚ୍ଛା ଅଛି । ମୁଁ ଅଜାଙ୍କ ପାଖକୁ ଚିଠି ଲେଖି ଦେଇଚି, ସେ କାଲି ହୁଏତ ଡ୍ରାଇଭରକୁ ପଠେଇ ଦେବେ । କିନ୍ତୁ ସେ ଯଦି ଆସି ନପାରେ ଗାଡ଼ିଟା ତୋ ଜିମାରେ ରହିଲା ।' ଏତିକି କହି ନନ୍ଦା ଉଠିଲା । ତାର କଥା ଶୁଣି, ନମିତା ଆଖିରେ ଜମି ଆସୁଥିବା କେତେ ବିନ୍ଦୁ ଲୁହକୁ ରାତିର ଅସ୍ପଷ୍ଟ ଆଲୋକରେ ସେ ଦେଖି ପାରିଲା ନାହିଁ ।

ଅନେକ ଦିନ ଧରି ହରପ୍ରତାପଙ୍କ ମନ ଭଲ ନ ଥିଲା । ନନ୍ଦାର ନିରୁଦ୍ଦେଶ ଖବର ତାଙ୍କୁ ଅଧିକ ବିଚଳିତ କରି ତୋଳିଲା । ସେ ଭାବିଲେ କୌଣସି କାରଣରୁ ହୁଏତ ନନ୍ଦା ମନରେ ଗଭୀର ଆଘାତ ଲାଗିଚି, ଆଉ ସେଇ ଆଘାତକୁ ଆରୋଗ୍ୟ କରିବା ପାଇଁ ନନ୍ଦା କୁଆଡ଼େ ହୁଏତ ଚାଲି ଯାଇଚି...।

ଏହି ସମୟରେ କାଗଜ ବଣ୍ଡାଏ ଧରି କାଳିପ୍ରସାଦ ପଶି ଆସିଲେ ଘର ଭିତରକୁ ।

ତାଙ୍କୁ ଦେଖି କେଜାଣି କାହିଁକି ହରପ୍ରତାପଙ୍କ ମନର ଅସାରତା ହଠାତ୍ କୁଆଡେ଼ ଉଭେଇଗଲା । ଏଇ କର୍ମଠ ଲୋକଟିକୁ ଅନେକ ଦିନ ଧରି ସେ ଶ୍ରଦ୍ଧା କରି ଆସିଚନ୍ତି । ଆଉ ବର୍ତ୍ତମାନ କାଳିପ୍ରସାଦଙ୍କୁ ଦେଖି ତାଙ୍କର ମନେ ହେଲା ନିଜ ମନର ଅଜାଣାରେ ସେ ହୁଏତ ତାଙ୍କର ସାନ୍ନିଧ୍ୟ ଆବଶ୍ୟକ କରୁଥିଲେ ।

ହରପ୍ରତାପ ପଚାରିଲେ—'କୁଆଡ଼େ ଚାଲି ଆସିଲ କାଳି, କ'ଣ ବିଶେଷ କିଛି କାମ ଅଛି···?'

କାଗଜ ବିଡ଼ାଟାକୁ ଟେବୁଲ ଉପରେ ରଖି ଦେଇ କାଳିପ୍ରସାଦ କହିଲେ—'ଅଜ୍ଞା ନା, ନନ୍ଦା ବିଷୟରେ ଖବର ନେବାକୁ ଚାଲିଆସିଲି । କାହିଁକି ସେ ଆସି ପାରିଲା ନାହିଁ କିଛି ଖବର ପାଇଲେ···?'

ହରପ୍ରତାପ କହିଲେ—'ନମିତା ଲେଖିଚି, ସକାଳୁ ଉଠି ସେମାନେ ନନ୍ଦାକୁ ଦେଖିବାକୁ ପାଇଲେ ନାହିଁ । ତା' କୋଠରୀରେ ସମସ୍ତ ଜିନିଷପତ୍ର ସଜଡ଼ା ସଜଡ଼ି ହୋଇ ଥୁଆ ହୋଇଥିଲା । ସେ ସବୁକୁ ନେଇ ଡ୍ରାଇଭର୍ ଚାଲିଆସିଚି । ଅବଶ୍ୟ କିଛିଦିନ ଆଗରୁ ନନ୍ଦା ମୋତେ ଏକ ଚିଠିରେ ସୂଚନା ଦେଇଥିଲା ଯେ—ତା'କୁ କଟକ ଆଉ ଭଲ ଲାଗୁନାହିଁ, ସେ ଅନ୍ୟ କୁଆଡ଼େ ବୁଲି ଯିବାକୁ ଚାହେଁ । କିନ୍ତୁ କାହାକୁ କିଛି ନ ଜଣେଇ ସେ ହଠାତ୍ କୁଆଡ଼େ ବାହାରିଗଲା କିଛି ଜଣା ପଡ଼ୁନାହିଁ···।'

ବେଶ୍ ଗମ୍ଭୀର ହୋଇ କାଳିପ୍ରସାଦ କହିଲେ—'ଏଇ ଘଟଣାକୁ କେନ୍ଦ୍ର କରି ଆଜି ଏଇ ଗାଁ ଭିତରେ ନାନାପ୍ରକାର ଗୁଜବ ଚାଲିଚି । କିଛିଦିନ ଆଗରୁ ମାଲିମକଦ୍ଦମା ସଂକ୍ରାନ୍ତରେ ଲୋକମାନେ କଟକ ଯାଇ, ସେଠାରେ ନନ୍ଦାକୁ ଦେଖି ଆସିଚନ୍ତି ଏବଂ ବେଶ୍ ଶ୍ରୁତିକଟୁ ମନ୍ତବ୍ୟ ଦେବାରେ ଲାଗିଚନ୍ତି । ସମସ୍ତ କଥାର ଭିତରୁ ଏତିକି ପରିଷ୍କାର ହୋଇପଡ଼ୁଚି ଯେ ନନ୍ଦାର ଯଥେଷ୍ଟ ଅଧଃପତନ ହୋଇଚି ।'

ଅଲଟିକିଏ ହସି ହରପ୍ରତାପ କହିଲେ—'ତମେ ଯାହା କହିବାକୁ ଚାହୁଁଚ, ମୋ ଆଗରେ ନିଃସଙ୍କୋଚରେ କହିଯାଅ କାଳି··· ! ଏଇ ଅଧଃପତନ ଦ୍ୱାରା ତମେ କ'ଣ ବୁଝେଇବାକୁ ଚାହୁଁଚ···?'

କାଳିପ୍ରସାଦ କହିଲେ—'ମୋତେ ଭୁଲ୍ ବୁଝିବେ ନାହିଁ ଅଜ୍ଞା—ନନ୍ଦାକୁ ମୁଁ ନିଜ ଝିଅଠୁ ବଳି ସ୍ନେହକରେ । କିନ୍ତୁ ତା'ବିଷୟରେ ମିଳିଥିବା ଅଶ୍ରାବ୍ୟ ଖବରଗୁଡ଼ାକ ହସି ଉଡ଼େଇ ଦେବାର ଉପାୟ ନାହିଁ । ଯୁବକମାନଙ୍କ ସହିତ ଏପରି ଅବାଧ ମିଳାମିଶା···କ'ଣ କେବେହେଲେ ଭଲ ହୋଇପାରେ ବୋଲି ଆପଣ ଭାବୁଚନ୍ତି ?

କାଳିପ୍ରସାଦଙ୍କ କଥାରେ ବାଧାଦେଇ ଖୁବ୍ କୋମଳ ସ୍ୱରରେ ହରପ୍ରତାପ କହିଲେ—'କାଳି···, ଧର ନିଆପାଉ ଅବାଧ ମିଳାମିଶା କରିବା ଫଳରେ ଦୁଇଜଣ ଯୁବକ ଯୁବତୀ ସେତେବଡ଼ ଖରାପ କାମ କରିବାର କଥା, ସେଇ ମାତ୍ରିମ୍ନଙ୍କ ଖରାପ କାମଟା ନନ୍ଦା ଉପର ଦେଇ ଘଟିଯାଇଚି, ତା'ପରେ··· ଆଉ କିଛି କହିବାକୁ ଅଛି ତୁମର···?'

ଆଶ୍ଚର୍ଯ୍ୟ ହୋଇ କାଳିପ୍ରସାଦ ହରପ୍ରତାପଙ୍କ ମୁହଁକୁ ଚାହିଁଲେ, ବେଶ୍ ସ୍ୱାଭାବିକ ଅବସ୍ଥାରେ ଯଥେଷ୍ଟ ସ୍ନିଗ୍ଧ କୋମଳ ସ୍ୱରରେ ହରପ୍ରତାପ କଥାଟା କହିପାରିଲେ କେମିତି ? ସତକୁ ସତ ନନ୍ଦାର ଯଦି ଏହିଭଳି ଅଧଃପତନ ହୋଇଥାଏ, ତା'କୁ କ'ଣ ଏଇମିତି ସାଧାରଣ ଭାବରେ ଗ୍ରହଣ କରିନେବାକୁ ପ୍ରସ୍ତୁତ ଅଛନ୍ତି ହରପ୍ରତାପ···?

ଖୁବ୍ ଧୀର ସ୍ୱରରେ କାଳିପ୍ରସାଦ କହିଲେ—'ଆଜ୍ଞା ନା···, ଆଉ କିଛି କହିବାର ନାହିଁ । କିନ୍ତୁ ଆଜି ସାରା ଗାଁ ଭିତରେ ନନ୍ଦା ବିଷୟରେ ଯେଉଁ ସମାଲୋଚନା ଚାଲିଚି···'

ହରପ୍ରତାପ କହିଲେ—'ସତୀତ୍ୱ ଓ ପାତିବ୍ରତ୍ୟ ଉପରେ ପରୋକ୍ଷ ଭାବରେ ତୁମେ ଜୋର ଦେବାକୁ ଯାଉଚ ! ସେଇ ଦୁଇଟି ଶବ୍ଦର କିଛି ମୂଲ୍ୟ ତୁମେ ହୁଏତ ବୁଝିଚ···, କିନ୍ତୁ ଆଜିକାଲିର ଯୁବକ ଯୁବତୀମାନେ ସେତିକି ଜାଣିଥିବେ ବୋଲି ତୁମେ ଯଦି ଆଶା କରୁଥାଅ, ତା'ହେଲେ ତୁମେ ଭୁଲ କରୁଚ···ବନ୍ଧୁ ପୂର୍ବକାଳରେ ଆମର କୌଣସି ଏକ ପୂର୍ବପୁରୁଷ ହୁଏତ ହୃଦୟଙ୍ଗମ କରି ପାରିଥିଲେ ଯେ ଜଣେ ସ୍ତ୍ରୀ 'ବହୁନାୟିକା' ହୋଇପଡ଼ିଲେ ତାକୁ ବଡ଼ ବିଷମୟ ଫଳ ଭୋଗ କରିବାକୁ ପଡ଼େ···। ଆମର ସେଇ ପୂର୍ବ ପୁରୁଷଙ୍କୁ ତୁମେ ମନୁ କୁହ ବା ପରାଶର କୁହ, ସମାଜ କଲ୍ୟାଣ ପାଇଁ ଅନେକ ଶୃଙ୍ଖଳିତ ନିୟମ ସେମାନେ ସୃଷ୍ଟି କରି ଯାଇଚନ୍ତି ଏବଂ ଉତ୍ତରାଧିକାରୀ ସୂତ୍ରରେ ଆମେ ସେ ସବୁକୁ ଅନ୍ଧଭାବରେ ମାନି ଚାଲି ଆସୁଚୁ···, କିନ୍ତୁ ଆଜିର ବିଜ୍ଞାନସମ୍ମତ ଯୁଗରେ କୌଣସି ଜିନିଷକୁ ଅନ୍ଧ ଭାବରେ ମାନିନେବାର ପ୍ରଶ୍ନ ଆଉ ଉଠୁନାହିଁ । ଆଜିର ମାନବ ପରୀକ୍ଷାମୂଳକ ଅନୁଶୀଳନ ପରେ, କେଉଁ ଜିନିଷକୁ ମାନିବ ବା ନ ମାନିବ, ତାହା ଠିକ୍

କରୁଚ । ସମାଜ କଲ୍ୟାଣ ଦୃଷ୍ଟିରୁ ବିଧବା ବିବାହ ଉପରେ ଥିବା, ସେଯୁଗର କଟକଣାକୁ ଆଜି ଶିଥିଳ କରାଯାଇଛି ।

ଠିକ୍ ସେହିପରି, ତଥାକଥିତ ସତୀତ୍ୱ ଆଉ ପାତିବ୍ରତ୍ୟ ଉପରେ ଏକ ପରୀକ୍ଷାମୂଳକ ଅନୁଶୀଳନୀ ପାଇଁ ନନ୍ଦା ଆଜି ଯଦି ଜୀବନର ଚରିତ୍ରକୁ ବଳି ଦେଇଥାଏ, ତେବେ ମୁଁ ଦୁଃଖିତ ହେବିନାହିଁ, କିମ୍ବା ଏହା ଫଳରେ ତାକୁ ଯଦି ନିଃସଙ୍ଗ ଭାବରେ ସାରାଜୀବନ କାଟିବାକୁ ପଡ଼େ, ତେବେ ବି ମୁଁ ଚିନ୍ତିତ ହେବି ନାହିଁ । ବରଂ ମୁଁ ଗର୍ବ ଅନୁଭବ କରିବି ଯେ ମୋ'ର ବଂଶର ଜଣେ ନାରୀ, ନିଜକୁ ବଳିଦେଇ ଦୁନିଆର ସ୍ତ୍ରୀ ଜାତିପାଇଁ ଯେଉଁ ଅମୂଲ୍ୟ ଦାନ ଦେଇଯିବ, ତା'ସହିତ ସମସ୍ତ ପୃଥିବୀର ଐଶ୍ୱର୍ଯ୍ୟ ମଧ୍ୟ ସମକକ୍ଷ ହେବନାହିଁ ।'

ଏତିକି କହି ହରପ୍ରତାପ ଏକ ସ୍ୱସ୍ତିର ନିଶ୍ୱାସ ମାରିଲେ । ତା'ପରେ କାଳିପ୍ରସାଦଙ୍କ ମୁହଁକୁ ଚାହିଁ ସେ କହିଲେ—'କାଳି, ସମସ୍ତ ଜ୍ଞାନପଠାକୁ 'ଧରନିଆଯାଉ' ବୋଲି କହି ଆମେ ଏକ ବିରାଟ ପ୍ରଶ୍ନର ସମାଧାନ କରିଦେଲେ । କିନ୍ତୁ ପ୍ରକୃତ ପକ୍ଷରେ କ'ଣ ଘଟିଚି, ସେ କଥା ତମେ ବି ଜାଣନାହିଁ, ଆଉ ମୁଁ ବି ଜାଣେ ନାହିଁ ।' ଏ କଥା ପରେ ପରେ ହୋ' ହୋ' ହୋଇ ଏକ ପ୍ରାଣଖୋଲା ହସରେ ହସିଉଠିଲେ ହରପ୍ରତାପ ଆଉ ଚେୟାର୍ ଛାଡ଼ି ଉଠୁ ଉଠୁ କାଳିପ୍ରସାଦ ଭାବିଲେ, ହରପ୍ରତାପ ମଣିଷ ନୁହନ୍ତି—ଏକ ଶାପଗ୍ରସ୍ତ ଦେବତା…।

ଅଥଚ କାଳିପ୍ରସାଦ ବାହାରିଯିବା ପରେ ପରେ ହରପ୍ରତାପଙ୍କର ମନ ପୁଣି ବିଷଣ୍ଣ ହୋଇ ଉଠିଲା । ଘର ଭିତରେ ବସିରହିବାକୁ ଆଉ ଜମାରୁ ମନହେଲା ନାହିଁ । କାନ୍ଧରେ କାଶ୍ମୀରି ଶାଲ ଖଣ୍ଡେ ପକାଇ, ହାତରେ ସୁଦୃଶ୍ୟ ଶିଙ୍ଗବାଡ଼ି ଖଣ୍ଡେ ଧରି ବାହାରେ ଟିକିଏ ବୁଲିଆସିବାକୁ ବାହାରି ପଡ଼ିଲେ ସେ ।

ବିରାଟ ପଲ୍ଲୀଗାଁଟି ହତଶ୍ରୀ ଦେଖାଯାଉଚି । କାହାରି ମୁହଁରେ ହସର ଚିହ୍ନ ନାହିଁ । ଗାଁର ସମସ୍ତ ଅଧିବାସୀ ପ୍ରାୟ କୃଷିଜୀବୀ—ବର୍ଷା ଅଭାବରୁ ସମସ୍ତଙ୍କର ଫସଲ ଅଳ୍ପେ-ବହୁତେ ନଷ୍ଟ ହୋଇଯାଇଚି । ଆଗାମୀ ଫସଲ ଉଠିବା ପର୍ଯ୍ୟନ୍ତ କଷ୍ଟରେ ସେମାନେ ଛୁଆପିଲା ନେଇ ବଞ୍ଚିବେ, ନୂଆବର୍ଷ

ପାଇଁ ଧାନ ଓ ବିହନ କେଉଁଠୁ ଯୋଗାଡ଼ କରିବେ, ସେଇ ଚିନ୍ତା ସମସ୍ତଙ୍କୁ ଅତିଷ୍ଠ କରି ତୋଳିଛି ।

ଗାଁ ଦାଣ୍ଡର ଗୋଟିଏ ପାଖରୁ କେତେକ ଯୁବକ ବୃତ୍ତାକାରରେ ବସି କ'ଣ ସେପରି ଆଲୋଚନା କରୁଥିଲେ । ହରପ୍ରତାପଙ୍କୁ ଦେଖି ସମସ୍ତେ ଉଠି ନମସ୍କାର କଲେ ।

ହସ ହସ ମୁହଁରେ ପ୍ରତିନମସ୍କାର ଜଣାଇ ହରପ୍ରତାପ ଜଣକୁ ଉଦ୍ଦେଶ୍ୟ କରି ପଚାରିଲେ—'ଏଠି କ'ଣ ହେଉଛି···?'

ତା' ଭିତରୁ ଜଣେ ଯୁବକ ହରପ୍ରତାପଙ୍କ ପାଖକୁ ଆଗେଇ ଆସି କହିଲେ—'ବର୍ତ୍ତମାନ ଆମେ ସବୁ ଆପଣଙ୍କ ପାଖକୁ ଯିବାକୁ ଠିକ୍ କରିଥିଲୁ ଆଜ୍ଞା···, ଆପଣଙ୍କର ଉପଦେଶ ଆଉ ସାହାଯ୍ୟ ବିନା, ସମସ୍ତ ଗାଁଟା ନଷ୍ଟ ହୋଇଯିବ, ଗତବର୍ଷର ଅପଳକ ପରେ, ଏ ଗାଁର ପ୍ରତ୍ୟେକ ଚାଷୀର ଅଣ୍ଟାଭାଙ୍ଗି ପଡ଼ିଛି । ଆଗାମୀ ବର୍ଷପାଇଁ କାହାରି ହାତରେ ଧାନ, ବିହନ କିଛି ନାହିଁ । ତେଣୁ ଆସନ୍ତା ବର୍ଷ ଚାଷୀ ପାଇଁ ମୂଳଧନ ଯୋଗାଡ଼ କରିବା ପୂର୍ବରୁ, ଏଇ କେତେଦିନ ବଞ୍ଚିରହିବାହିଁ ବଡ଼ ସମସ୍ୟା ହେଲାଣି । ସରକାର ହୁଏତ କିଛି ସାହାଯ୍ୟ ଦେବେ । ନିମ୍ନ ଶ୍ରେଣୀର ଲୋକେ ରାସ୍ତା କାମ, କୂଅ କାମ କରି ପେଟ ପୋଷି ପାରିବେ । କିନ୍ତୁ ଆମେ ନିମ୍ନ-ମଧ୍ୟବିତ୍ତ ଶ୍ରେଣୀ ଆପଣଙ୍କୁ ଭରସା କରି ବଞ୍ଚିବାକୁ ଚାହୁଁଚୁ···। ଆପଣ ଋଣ ସୂତ୍ରରେ ଆମ ଯୁବକ ସମିତିକୁ କିଛି ଧାନ ବିହନ ଓ କିଛି ଟଙ୍କା ଦେଲେ, ଆମେ ଆଗାମୀ ବର୍ଷ ପାଇଁ ପ୍ରସ୍ତୁତ ହୋଇ ପାରନ୍ତୁ । ଏ ଅସମୟରେ ଆପଣ ଆମ ପଛରେ ଠିଆ ନହେଲେ ଆମେ ବଞ୍ଚିପାରିବୁ ନାହିଁ···।'

ଏକ ନିଃଶ୍ୱାସରେ ଏତିକି କହି ଶ୍ରୀକାନ୍ତ ଚୁପ୍ ହେଲା । ତା'ର କଥା ଶୁଣି ଭା'ରି ଖୁସି ହୋଇ ହରପ୍ରତାପ ପଚାରିଲେ—'ତୁମର ନାମ କ'ଣ···?'

'ଶ୍ରୀକାନ୍ତ ।'

'ଆଚ୍ଛା ଶ୍ରୀକାନ୍ତ, ତୁମେ କାଲି ମୋ ସହିତ ଦେଖାକର, ମୁଁ ମୋର ମତାମତ ଜଣାଇବି···।'

ଏତିକି କହି ହରପ୍ରତାପ ବାହାରିଗଲେ । ସମସ୍ତ ପଲ୍ଲୀଗାଁଟିକୁ ଆଗାମୀ ଅନାଟନ ମୁହଁରୁ ବଞ୍ଚାଇବା ପାଇଁ ମନେ ମନେ ସେ ଦୃଢ଼ସଂକଳ୍ପ ହେଲେ ।

ସମସ୍ତ ପଲ୍ଲୀଟିର ବାତାବରଣ ଯେତେବେଳେ ନନ୍ଦା ଚରଣଙ୍କୁ କେନ୍ଦ୍ର କରି ଗରମ ହୋଇ ଉଠୁଛି···ସେତିକିବେଳେ ଟ୍ରେନ୍‌ର ଏକ ପ୍ରଥମ ଶ୍ରେଣୀ ଡବାର ଗୋଟାଏ ଆସନ ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ବସି ଗୋଟାଏ ମାସିକ ପତ୍ରିକା ପଢୁଥିଲା ନନ୍ଦା ।

ଷ୍ଟେସନ ପରେ ଷ୍ଟେସନ ଅତିକ୍ରମ କରି ଡାକଗାଡ଼ି ଛୁଟି ଚାଲିଛି··· । ହଠାତ୍ 'ସମୟ ନିର୍ଘଣ୍ଟ' ବାହାର କରି ନନ୍ଦା ଦେଖିଲା ନିର୍ଦ୍ଦିଷ୍ଟ ଷ୍ଟେସନ୍‌ରେ ପହଞ୍ଚିବାକୁ ଆହୁରି ଯଥେଷ୍ଟ ବିଳମ୍ବ ଅଛି । ପୁଣି ସେ ପତ୍ରିକାର ପୃଷ୍ଠା ଉପରେ ମନ ଦେଲା ।

କିଛିଦିନ ଧରି ତାର ମନ ଭଲ ନ ଥିଲା । ଏ କେତେଦିନ କେବଳ ଗାଡ଼ି ଉପରେହିଁ ତା'ର ସମୟ କଟି ଯାଇଛି । ଏଇ ଗାଡ଼ି ଉପରେ ବସି ବସି ସମସ୍ତ ଦକ୍ଷିଣ ଭାରତ ପରିଭ୍ରମଣ ତା'ର ଶେଷ ହୋଇଗଲା । ରାମେଶ୍ୱର, ପଣ୍ଡିଚେରୀ, ମହୀଶୂର, ସବୁ ସରିଯାଇଛି । ତା'ପରେ ହାଇଦରାବାଦ, ବମ୍ବେ ମଧ୍ୟ ପଛରେ ପଡ଼ିଗଲାଣି । ଏବେ ସେ ଦିଲ୍ଲୀ ହୋଇ ଯାଉଛି ବନାରସ୍······ ।

ଟ୍ରେନ୍ ଉପରେ କୌଣସି ଅସୁବିଧା ନାହିଁ । ସମୟ ମୁତାବକ 'ରେଷ୍ଟୁରାଣ୍ଟ୍ କାର୍'ରୁ ଜଳଖିଆ, ମଧ୍ୟାହ୍ନଭୋଜନ ଓ ରାତ୍ରୀଭୋଜନ ଆସୁଛି । ମଝିରେ ମଝିରେ କେତେ ସହଯାତ୍ରିଣୀ ଆସୁଚନ୍ତି, ପୁଣି ଓହ୍ଲେଇ ଯାଉଚନ୍ତି । ସେ ନିଜେ ମଧ୍ୟ କେତେଥର ଗାଡ଼ି ବଦଳ କଲାଣି । କିନ୍ତୁ କୌଣସି ସମୟରେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ସେ ହୋଇନାହିଁ··· ।

ବନାରସ୍‌କୁ ଟିକେଟ୍ କାଟିବା ପୂର୍ବରୁ ନିଜ ମନକୁ ମନ ନନ୍ଦା ଟିକିଏ ହସିଥିଲା··· । ଓଡ଼ିଶାର ଲୋକେ ସାଧାରଣତଃ ତୀର୍ଥ କରିବାକୁ କାଶୀ ବନାରସ ଆସନ୍ତି । କିନ୍ତୁ ସେ ଯାଉଛି କାହିଁକି··· ?

ସବୁ କଥାକୁ ଏକାଠି ମିଶେଇ ନନ୍ଦା ଚିନ୍ତା କରୁଥିଲା । ସେ ଭାବିଲା, ଅଜାଙ୍କୁ ଚିଠିପତ୍ର ନ ଦେଇ ସେ ଠିକ୍ କରିନାହିଁ କିନ୍ତୁ ଏତେ ଦିନ ତ ଏଇମିତି କଟିଗଲାଣି······ବାକି ଆଉ ଅଳ୍ପ କେତୋଟା ଦିନ ମାତ୍ର । ହଠାତ୍ ଦିନେ ଘରେ ପହଞ୍ଚି, ସମସ୍ତ ଭାରତ ପରିଭ୍ରମଣର ବୃତ୍ତାନ୍ତ ଶୁଣେଇ ସେ ସମସ୍ତଙ୍କୁ ମୁଗ୍ଧ ଚକିତ କରି ଦେବ ।

ବନାରସ ଷ୍ଟେସନରେ ଗାଡ଼ି ପହଞ୍ଚିଲାବେଳକୁ ନନ୍ଦା ଠିକ୍ କରି ନେଇଥିଲା ଯେ, ତାକୁ କିଛିଦିନ ଏଇ ବନାରସ୍‌ରେହିଁ ଅତିବାହିତ କରିବାକୁ ପଡ଼ିବ । ସମସ୍ତ ଆର୍ଯ୍ୟାବର୍ତ୍ତର ଧର୍ମ ଆଉ ଶିକ୍ଷାର ସର୍ବୋଚ୍ଚ ପୀଠ ବନାରସରେ, ସେ ଭବିଷ୍ୟତ ଜୀବନରେ କାମକୁ ଆସିବା ପରି, କୌଣସି ବିଶେଷ ଜ୍ଞାନପର ସନ୍ଧାନ କରିବ । ଲକ୍ଷ୍ୟହୀନ ଭାବରେ ଜୀବନର ଏକ ବଡ଼ ଅଂଶ ବିତି ଯାଇଛି । କିନ୍ତୁ ଏଣିକି ଜୀବନଟାକୁ ସେ ଆଉ ଖାପଛଡ଼ା କରି ତୋଳିବ ନାହିଁ··· ।

ତେଣୁ ଗାଡ଼ିରୁ ଓହ୍ଲାଇ ସେ ସିଧା ଯାଇ ଏକ ହୋଟେଲରେ ଆଶ୍ରୟ ନେଲା । ଅନେକ ଦିନପରେ, ମନପୂରେଇ ଗାଧୋଇ, ଖୁବ୍ ଦାମି ଭୋଜନ ଖାଇ ସେ ବିଛଣା ଉପରେ ଲମ୍ବ ହୋଇ ଶୋଇପଡ଼ିଲା ।

ଜୀବନରେ ପ୍ରଥମଥର ପାଇଁ ନନ୍ଦା ଆଜି ଭାବିଲା ଯେ—ଏକ ବିରାଟ ଦାୟିତ୍ୱପୂର୍ଣ୍ଣ ଜୀବନର ଅଧିକାରିଣୀ ସେ । ବିରାଟ ଏକ ଧନୀ ଆଉ ସ୍ୱାଧୀନଚେତା ପରିବାର ଭିତରେ ଜନ୍ମଗ୍ରହଣ ନକରି, ସେ ଯଦି କୌଣସି ସାଧାରଣ ଗୃହସ୍ଥର ଏକ କନ୍ୟା ହୋଇ ଜନ୍ମଗ୍ରହଣ କରିଥାନ୍ତା, ତା'ହେଲେ ତାକୁ ନିଜ ବିଷୟରେ ଏତେ ଚିନ୍ତା କରିବାକୁ ପଡ଼ନ୍ତା ନାହିଁ ।

ଅଜା ଚାହିଁ ବସିଛନ୍ତି ନନ୍ଦା କେବେ ବିବାହ କରିବ··· । ତାର ଶିକ୍ଷା, ତାର ସଂସ୍କୃତି ଆଉ ତାର ବଂଶ ମର୍ଯ୍ୟାଦାକୁ ଚାହିଁ, ସେ କିପରି ଏକ ଜୀବନସାଥୀକୁ ପସନ୍ଦ କରିବ । କୌଣସି କାରଣରୁ ନନ୍ଦାର ମନୋନୀତ ଜୀବନସାଥୀ ଯଦି ଅଜାଙ୍କର ବଂଶମର୍ଯ୍ୟାଦା ଆଉ ଆଭିଜାତ୍ୟ ସହିତ ତାଳ ଦେଇ ନ ପାରେ, ତେବେ କ'ଣ ମନେ କରିବେ ଅଜା ନନ୍ଦାକୁ ଆଉ ତା'ର ରୁଚିକୁ··· ?

ବିଶ୍ରାମ ପରେ ଜଳଖିଆ ଶେଷ କରି ଗୋଟାଏ ଟାକ୍ସି ଧରି ସେ ବାହାରି ପଡ଼ିଲା ଗଙ୍ଗା କୂଳକୁ । ଗଙ୍ଗା କୂଳରେ ଏକ ସୁବିଧା ଜାଗାରେ ବସିପଡ଼ି ସେ ଚାରିଆଡ଼କୁ ଚାହିଁଲା । ତା'ରି ଭଳି ଅନେକ ବସିଛନ୍ତି ସେଠି·· କେତେକ ନିକାଳି ସନ୍ଧ୍ୟା ଆଗ୍ରହୀ ଧାର୍ମିକ, ଅଣ୍ଟାଏ ଜଳଭିତରେ ପଶି ମନ୍ତ୍ର ଉଚ୍ଚାରଣ କରୁଛନ୍ତି । ସେମାନଙ୍କ ମନ୍ତ୍ରର ମନ୍ଦ୍ର ଆରବ ଗଗନପବନକୁ ମୁଖରିତ କରି ଦେଉଛି ।

ଏହିପରି ବାୟୁମଣ୍ଡଳ ଭିତରେ ନନ୍ଦା ଅନୁଭବ କଲା—ଧୀରେ ଧୀରେ ତାର ମନ ପ୍ରାଣ ଯେମିତି ପୁଲକିତ ହୋଇ ଉଠୁଛି । ଏକ ବଡ଼ ଯାଦୁକରର କଉଁରୀ କାଠି ପରଶରେ ସବୁକିଛି ବଦଳିଗଲାପରି, ସେ ଯେମିତି କ୍ରମେ କ୍ରମେ ସମ୍ମୋହିତ ହୋଇ ପଡ଼ୁଛି । ଅନୁଭୂତିଟା ବେଶ୍ ରୋମାଞ୍ଚକର ମନେହେଲା ନନ୍ଦାକୁ......।

କିଛି ସମୟ ପରେ ନନ୍ଦା ଦେଖିଲା, ତାର ଅତି ପାଖରେ ବୋଧହୁଏ ଏକ ଦମ୍ପତି ଆସି ଆସ୍ଥାନ ଜମେଇ ଗଙ୍ଗା ଉପରେ ଭାସମାନ କେତୋଟା ନୌକା ଆଡ଼କୁ ଚାହିଁ କଣ ସେସବୁ କଥାବାର୍ତ୍ତା କରୁଚନ୍ତି, ଆଉ କଥାର ଫାଙ୍କେ ଫାଙ୍କେ ଉଚ୍ଛ୍ୱସିତ ହସର ଏକ ମୁକ୍ତ ପ୍ରବାହ ଖେଳିଯାଉଚି ଦୁହିଁଙ୍କ ମୁହଁରେ ।

ଆଉ ଟିକିଏ ଭଲ କରି ସେମାନଙ୍କ ଆଡ଼କୁ ଚାହିଁଲା ନନ୍ଦା ।...... ବାଉ ବେଖାପ ଯୋଡ଼ିଟି ; ପୁରୁଷଟି ଲମ୍ବା, ମୁହଁରେ ପ୍ରଚୁର ବ୍ରଣ ଚିହ୍ନ—ସ୍ୱାସ୍ଥ୍ୟ ଅତି ଦୁର୍ବଳ । ମୁହଁ ଆଉ ଦେହର ଗଠନକୁ ପ୍ରଥମ ଦୃଷ୍ଟିରେ ଲକ୍ଷ୍ୟ କରି ହିଁ ଅସୁନ୍ଦର କୁହାଚଲେ··· । ଅନ୍ୟ ପକ୍ଷରେ ସ୍ତ୍ରୀଟି ସାଧାରଣ ସ୍ୱାସ୍ଥ୍ୟବତୀ । ଦୀର୍ଘ ପ୍ରସ୍ଥ ଦୃଷ୍ଟିରୁ ବାଛିବାକୁ କିଛି ନାହିଁ···ସାଧାରଣ ସୁନ୍ଦରୀ ।

ସେମାନଙ୍କର ପରସ୍ପର ପ୍ରତି ସମ୍ବୋଧନରୁ ନନ୍ଦାର ନିଶ୍ଚିତ ଧାରଣା ହେଲା ଯେ ସେମାନେ ସ୍ୱାମୀ ଆଉ ସ୍ତ୍ରୀ । ନନ୍ଦା ଆଶ୍ଚର୍ଯ୍ୟ ହେଲା, ଦୁଇଜଣଙ୍କ ଭିତରେ ସର୍ବତୋଭାବେ ସମାନ ହେଲାଭଳି ଜିନିଷ କିଛିନାହିଁ, ଅଥଚ ବେଶ୍ ସୁଖୀ ଦମ୍ପତିଟିତ ! କାହାକୁ ନେଇ ସେମାନଙ୍କ ମନରେ ଏତେ ସୁଖ ? ଏହିପରି ଏକ ଦମ୍ପତିର ସୁଖର କାରଣ ହେଲାଭଳି କୌଣସି ପାର୍ଥିବ ବସ୍ତୁର ପରିକଳ୍ପନା ନନ୍ଦା କରି ପାରିଲା ନାହିଁ ।

କିନ୍ତୁ ସେଇମାନଙ୍କୁ ଦେଖି ତା'ର ମନେହେଲା, ସୌନ୍ଦର୍ଯ୍ୟ, ଶିକ୍ଷା ବା ସମ୍ପତ୍ତି, ଦମ୍ପତିକୁ ସୁଖଦେବାର ମୂଳକାରଣ ନୁହେଁ । ତା' ଭିତରେ ହୁଏତ ଆଉ କିଛି କାରଣ ଅଛି ··, ନନ୍ଦା ଭାବିଲା ସେଇ ଜିନିଷଟା ତେବେ କ'ଣ ସ୍ୱାସ୍ଥ୍ୟ ? କିନ୍ତୁ କେବଳ ସ୍ୱାସ୍ଥ୍ୟକୁ ନେଇ ସ୍ୱାମୀ, ସ୍ତ୍ରୀ ତ ସୁଖୀ ହୋଇ ନ ପାରିବାର ଅନେକ ଦୃଷ୍ଟାନ୍ତ ସେ ଦେଖିଚି ।

ତା'ର ମନେ ପଡ଼ିଲା—ନିଜ ପଲ୍ଲୀଗାଁର ଏକ ହରିଜନ ପରିବାରର କଥା । ମାଳୀ ଆଉ ତା'ର ସ୍ତ୍ରୀ ରମଣୀ···ମାଳୀ···, ଚମତ୍କାର ସ୍ୱାସ୍ଥ୍ୟସମ୍ପନ୍ନ ହରିଜନ ଯୁବକ, ଗ୍ରାମରେ ତା'ର ହାତିଏ ବଳ ବୋଲି ଲୋକେ କୁହନ୍ତି । ସେ ଏକା ଗୃହସ୍ଥ ଲୋକର ପରିଶ୍ରମ କରିପାରେ । ଆଉ 'ରମଣୀ' ତା'ର ସ୍ତ୍ରୀ, ସୁନ୍ଦରୀ ଓ ସ୍ୱାସ୍ଥ୍ୟବତୀ···

କିନ୍ତୁ କିଛିଦିନ ପରେ ରମଣୀ ମାଳୀକୁ ଛାଡ଼ି ଦେଇ ଆଉ ଜଣେ କାହା ସହିତ କୁଆଡ଼େ ପଳେଇଗଲା ।

କାହିଁକି···? କେଉଁ ଅଭାବ ବୋଧ ହରିଜନ ଯୁବତୀ ରମଣୀକୁ ମାଳୀ ପାଖରୁ ଛଡେଇ ନେଲା···?

ଏ ପ୍ରଶ୍ନ—ସେଦିନ ମଧ୍ୟ ନିଜ ମନକୁ ମନ ପଚାରୁ ହେଉଥିଲା ନନ୍ଦା···ଆଉ ଆଜିବି ନିଜକୁ ନିଜେ ସେ, ସେଇ ପ୍ରଶ୍ନ ପଚାରିଲା, କିନ୍ତୁ କିଛି ଜବାବ ପାଇଲା ନାହିଁ···।

ନନ୍ଦା ହୋଟେଲକୁ ଫେରି ଆସିଲା···।

ନିଜ କୋଠରୀରେ ପହଞ୍ଚି କାନନ୍ ଡଏଲ୍‌ଙ୍କର ଇଂରାଜୀ ଉପନ୍ୟାସ ଉପରେ ସେ ଆଖି ପକେଇଲା । କିନ୍ତୁ ତାକୁ କିଛି ଭଲ ଲାଗୁ ନ ଥିଲା । ତେଣୁ, ରାତ୍ରୀଭୋଜନ ପରେ ପରେ ସେ ପୁଣି ବିଛଣାରେ ଶୋଇ ପଡ଼ିଲା ।

ଅଧରାତିରେ ହଠାତ୍ ତା'ର ନିଦ ଭାଙ୍ଗିଗଲା । ନିଜ ମୁଣ୍ଡ ଭିତରେ ଥିବା ଅମୀମାଂସିତ ଚିନ୍ତାର ସୂତ୍ରକୁ ନେଇ ସେ ଉଠି ପଡ଼ିଲା ବିଛଣାରୁ । ସେ ଭଲଭାବରେ ଉପଲବ୍ଧି କଲା ଯେ ତା'କୁ ଆଉ ନିଦ ହେବନାହିଁ । ଝରକା ପାଖକୁ ଖଣ୍ଡିଏ ଚେୟାର୍ ଟାଣିନେଇ ସେ ବାହାରକୁ ଚାହିଁ ରହିଲା···।

···ଅନେକ ବେଳପରେ ପାହାନ୍ତିର ଅସ୍ପଷ୍ଟ ଆଲୋକର ଆଭାସ ପାଇ ନନ୍ଦା ପ୍ରକୃତିସ୍ଥ ହେଲା । ତଳେ ରାଜପଥ ବେଶ୍ କର୍ମମୁଖର ହୋଇ ଉଠିଛି···। ଏତେବେଳକୁ ଅନେକ ପୁଣ୍ୟକାମୀ ହିନ୍ଦୁ ଗଙ୍ଗାସ୍ନାନ କରିବାକୁ ବାହାରନ୍ତି । ହଠାତ୍ ଗୋଟାଏ 'ଝୁଙ୍କି'ରେ ଦ'ମହଲାରୁ ଓହ୍ଲେଇ ନନ୍ଦା ଆଗେଇଗଲା ଗଙ୍ଗାକୂଳକୁ ।

ପାହାନ୍ତର ସେଇ ଅସ୍ପଷ୍ଟ ଆଲୋକରେ ମଧ୍ୟ ସେ ଦେଖିଲା, ଜନାରଣ୍ୟ ଭିତରେ ଗଙ୍ଗାର କୂଳ ଆଉ ସ୍ପଷ୍ଟ ବାରି ହେଉ ନାହିଁ । ମନ୍ତ୍ରୋଚ୍ଚାରଣରେ ବାୟୁମଣ୍ଡଳ ମୁଖରିତ ହୋଇ ଉଠିଛି । ସବୁଠୁ ଉପର ପଥର ପାହାଚର ଗୋଟାଏ କଡ଼କୁ ବସିରହି ନନ୍ଦା ସେଇ ଜନସମୁଦ୍ର ଆଡ଼କୁ ଚାହିଁ ରହିଲା ।

ଯେତେଦୂର ସମ୍ଭବ, ସମସ୍ତଙ୍କୁ ନିରୀକ୍ଷଣ କରି ଦେଖିବାକୁ ଆରମ୍ଭ କଲା ନନ୍ଦା । କୌଣସି ଜଣେ ପୂର୍ବପରିଚିତ ବ୍ୟକ୍ତି ବିଶେଷଙ୍କର ସାକ୍ଷାତ ମିଳିଗଲେ—ନନ୍ଦାର ମନ ବେଶ୍ ହାଲୁକା ହୋଇ ଯାଇ ପାରିଥାଆନ୍ତା । କିନ୍ତୁ କୌଣସି ଜଣାଶୁଣା ଲୋକଙ୍କୁ ସେ ଦେଖିବାକୁ ପାଇଲା ନାହିଁ । ତା’ ପରିବର୍ତ୍ତେ ତା’ର ଦୃଷ୍ଟି ସ୍ନାନରତ ଜଣେ ଋଷିପ୍ରତିମ ଲୋକଙ୍କ ଉପରେ ସ୍ଥିରହୋଇ ରହିଗଲା । ଆବକ୍ଷ ଜଳ ଭିତରେ ପଶି ସ୍ନାନ କରୁ କରୁ ସେ ମନ୍ତ୍ର ଉଚ୍ଚାରଣ କରୁଛନ୍ତି । ତାଙ୍କର ମନ୍ତ୍ରର ଧ୍ୱନି ନନ୍ଦାର ମନ ଆଉ ପ୍ରାଣକୁ ଶୀତଳ କରି ଦେଲା ।

ମୁହଁ ଉପରର ଶୁଭ୍ରଶ୍ମଶ୍ରୁ ତାଙ୍କୁ ଆହୁରି ଦେବୋପମ କରି ତୋଳିଛି ।

ନନ୍ଦା ମନେ ମନେ ତାଙ୍କୁ ଏକ ପ୍ରଣାମ ଜଣେଇଲା । ସେ ଠିକ୍ କଲା, ହୁଏତ ସେ ଜଣେ ସନ୍ନ୍ୟାସୀ, ସଂସାରର ସମସ୍ତ ମାୟା ବନ୍ଧନରୁ ମୁକ୍ତ ହୋଇ ଆଧ୍ୟାତ୍ମିକ ଜଗତରେ ବିଚରଣ କରୁଛନ୍ତି ।

ସ୍ନାନ ସମାପ୍ତ କରି କୂଳରେ ବସି ସନ୍ନ୍ୟାସୀ ସନ୍ଧ୍ୟା କଲେ—ତା’ପରେ କମଣ୍ଡଳୁରେ ଗଙ୍ଗୋଦକ ଭରି ଧୀରେ ଧୀରେ ଉଠି ଆସିଲେ ଉପରକୁ, ନନ୍ଦାକୁ ଅତିକ୍ରମ କରି ସେ ଆଗକୁ ପାଦ ବଢ଼ାଇଲେ । ଯନ୍ତ୍ରଚାଳିତ ପରି ନନ୍ଦା ତାଙ୍କର ଅନୁସରଣ କଲା ।

ଘାଟଠାରୁ ଅଳ୍ପ କିଛି ଦୂରରେ ଏକ କୁଟୀର ଭିତରକୁ ପ୍ରବେଶ କରି ହଠାତ୍ ପଛକୁ ମୁହଁ ବୁଲେଇ ନନ୍ଦାକୁ ଉଦ୍ଦେଶ୍ୟ କରି ସନ୍ନ୍ୟାସୀ ପଚାରିଲେ—‘ମୋ ପାଖରେ କୌଣସି କାମ ଅଛି ମା···?’

ନନ୍ଦା କିଛି କହିଲା ନାହିଁ, କେବଳ ଗୋଟିଏ ନୀରବ ପ୍ରଣାମ ଜଣେଇ ସେଇଠି ଠିଆ ହେଲା ।

ସନ୍ୟାସୀ ତାକୁ ଭିତରକୁ ଆସିବାକୁ କହିଲେ । ନନ୍ଦା ଭିତରକୁ ଯାଇ ସନ୍ୟାସୀଙ୍କ ନିର୍ଦ୍ଦେଶିତ ଖଣ୍ଡେ ତାଳପତ୍ରର ଆସନ ଉପରେ ବସି ପଡ଼ିଲା ।

ଆର୍ଦ୍ର ବସନ ପରିତ୍ୟାଗ କରି ସନ୍ୟାସୀ ଶୁଷ୍କ ବସନ ପରିଧାନ କଲେ । ତା'ପରେ ନନ୍ଦା ପାଖକୁ ଆସି କହିଲେ—'ମୁଁ ସନ୍ୟାସୀ ଲୋକ ମା···, ମିଠା କଥା ଦି'ପଦ ବ୍ୟତୀତ ତୋତେ ଆଉ କିଛି ଦୁଏତ ଦେଇ ପାରିବି ନାହିଁ । କୌଣସି ଆବଶ୍ୟକତା ଥିଲେ ମୋ ଆଗରେ ନିଃସଙ୍କୋଚରେ ପ୍ରକାଶ କର । ମୋ' କୁଟୀରରେ ଆଜିଦିନର ପ୍ରଥମ ଅତିଥି ତୁ···ତୋ ଆବଶ୍ୟକତା ମେଣ୍ଟେଇ ସାରିଲେ, ମୁଁ ମୋ ନିଜ କାମରେ ମନୋନିବେଶ କରିବି···।'

ନନ୍ଦା ଆଖିରୁ ଲୁହ ଝରୁଥିଲା । ସନ୍ୟାସୀଙ୍କ ଆଡ଼କୁ ଚାହିଁ ଖୁବ୍ ଅଧୀର ହୋଇ ସେ କହିଲା—'ଗଙ୍ଗାକୂଳରେ ଆପଣଙ୍କୁ ଦେଖି ମୁଁ ଆପଣଙ୍କର ଅନୁସରଣ କରିଛି । ମୋ ମନ ଭିତରେ ଯେଉଁ ଦ୍ୱନ୍ଦ୍ୱ ଦେଖା ଦେଇଛି, ତା'ର ସମାଧାନ ପାଇଁ ମୁଁ ଆପଣଙ୍କ ଦ୍ୱାରସ୍ଥ ହୋଇଛି ।'

ନନ୍ଦା ଆଡ଼କୁ କିଛି ସମୟ ଚାହିଁ ସନ୍ୟାସୀ କହିଲେ—'ତୋ ପରି ଭାଗ୍ୟବତୀ ଝିଅର ପୁଣି ଅଭିଯୋଗ କ'ଣ ମା ? ତୋତେ ଦେଖି ମୋର ମନେହେଉଛି—ଆବାଲ୍ୟରୁ ତୁ କେବଳ ପ୍ରାଚୁର୍ଯ୍ୟ ଭିତରେହିଁ ବଢ଼ିଆସିଛୁ, କିନ୍ତୁ ତୋ'ର ତ ବେଶ୍ ବୟସ ହୋଇଛି ମା'—ଅଥଚ ସୀମନ୍ତରେ ସିନ୍ଦୁର ରେଖା ତ ନାହିଁ···! ହିନ୍ଦୁ ଝିଅ ଏତେ ବୟସ ପର୍ଯ୍ୟନ୍ତ ଅବିବାହିତା ରହିଲେ, ପ୍ରକୃତିର ଧର୍ମ୍ମକୁ ଅବମାନନା କରାଯାଏ ମା'··· ଅନ୍ତତଃ ହିନ୍ଦୁ ସମାଜ-ପତିଙ୍କର ଏହାହିଁ ଅଭିମତ···।' ଟିକେ ରହି ପୁଣି ସେ କହିଲେ—'ଯାହାହେଉ, ଆଜି ତୁ ଯାହାକୁ ତୋ ଜୀବନର ଏକ ବିରାଟ ପ୍ରଶ୍ନ ମନେକରି ବିଚଳିତ ହୋଇ ପଡ଼ିଛୁ, ସେ କିଛି ନୁହେଁ ମା', ମୁଁ ସ୍ପଷ୍ଟ ଦେଖିପାରୁଛି, ବିବାହପରେ ତୋ ଜୀବନରେ ଏ ପ୍ରଶ୍ନର ସ୍ଥାନ ଆଉ ରହିବ ନାହିଁ ।'

ସନ୍ୟାସୀ ନୀରବ ହେଲେ । ଏକ ଦୃଷ୍ଟିରେ ତାଙ୍କ ମୁହଁକୁ କିଛି ସମୟ ଚାହିଁ ରହି ନନ୍ଦା କହିଲା—'କିନ୍ତୁ ବାବା···, ସେଇ ବିବାହ ବିଷୟକୁ କେନ୍ଦ୍ର କରି ମୋର ଚିନ୍ତାଧାରା ଯେତିକି ଗତିକରୁଛି, ମୁଁ ସେତିକି ଦେଖି

ବିବ୍ରତ ହେଉ ପଡୁଚ···ଅବଶିଷ୍ଟ ଜୀବନଟାକୁ ଏକ ନିର୍ଭରଶୀଳ ଆଶ୍ରୟ ଭିତରେ ରଖିଦେଇ ମୁଁ ନିଶ୍ଚିନ୍ତ ହେବାକୁ ଚାହୁଁଚି, କିନ୍ତୁ ଆଜିର ପୃଥିବୀରେ ପୁରୁଷର ବଡ଼ ଅଭାବ ବାବା···, ସମସ୍ତେ ଖାଲି ରକ୍ତମାଂସର ଏଇ ଦେହଟାକୁ ଚାହୁଁଚନ୍ତି—ରକ୍ତମାଂସର ଏଇ ଦେହ ଭିତରେ ଯେ ଏକ ଆଶ୍ରୟପ୍ରାର୍ଥୀ ଆତ୍ମା ଚିତ୍କାର କରୁଚି, ସେ ଖବର କେହି ରଖୁନାହାନ୍ତି । ଏହିପରି ସ୍ୱାର୍ଥପର ପୁରୁଷ ପାଖରେ ଠିଆ ହେବାକୁ ଯେ ଘୃଣା ଲାଗେ ବାବା···, ଅଥଚ ସାରା ଜୀବନ ଧରି, ଏହିପରି ଏକ ଘୃଣିତ ଅବସ୍ଥା ଭିତରେ ନାରୀକୁ ଜୀବନ କାଟିବାକୁ ପଡ଼ିବ···। ତା' ଭିତରେ ପ୍ରକୃତ ପାରିବାରିକ ଜୀବନର ସ୍ୱାଦ ତ ମିଳି ପାରିବ ନାହିଁ ବାବା···?'

ସନ୍ନ୍ୟାସୀ ଟିକିଏ ହସିଲେ । କହିଲେ—'ଇଏ ଏକ ଅବାନ୍ତର ପ୍ରଶ୍ନ ମା', ପାରିବାରିକ ସୌଖ୍ୟ, ସ୍ୱାମୀର ପ୍ରକୃତି ଉପରେ ଆଦୌ ନିର୍ଭରଶୀଳ ନୁହେଁ···ବରଂ ସ୍ତ୍ରୀର ତ୍ୟାଗ ଉପରେହିଁ ପରିବାର ତ୍ରିତି ମୁହୂର୍ତ୍ତିରେ ତିଷ୍ଠି ରହେ । ହିନ୍ଦୁ ବିବାହ ପରେ, କେବେ କୌଣସି ପରିବାରରେ ବଡ଼ ଧରଣର ଅଶାନ୍ତି ଘଟିବାର ତୁ ଶୁଣିଚୁ ମା ? ଅନେକ ଅନେକ ଯୁଗଧରି ହିନ୍ଦୁ କନ୍ୟା, ନିଜର ଗୁରୁଜନମାନଙ୍କ ଦ୍ୱାରା ମନୋନୀତ ପତିକୁ ସ୍ୱାମୀତ୍ୱ ଦେଇ ଆସୁଚି, କିନ୍ତୁ କେବେହେଲେ କୌଣସି ବିପ୍ଲବ ଦେଖା ଦେଇନାହିଁ, ବରଂ ଅନ୍ୟାନ୍ୟ ଦେଶମାନଙ୍କରେ, ଯେଉଁଠି କନ୍ୟା ନିଜର ମତାମତ ଉପରେ ସ୍ୱାମୀ ଗ୍ରହଣ କରୁଚି—ସେଇଠି ପାରିବାରିକ ଶାନ୍ତିଭଙ୍ଗର ଦୃଷ୍ଟାନ୍ତ ସେତିକି ତୀବ୍ର ଭାବରେ ଦେଖା ଦେଇଚି···।

କାରଣ କ'ଣ ଜାଣୁ ମା···? ସ୍ୱାମୀ ପାଇଁ ନିଜର ଜୀବନ ଉତ୍ସର୍ଗ କରିଦେଲେ ହିନ୍ଦୁ ନାରୀ ଲାଭକରେ ପରମ ଗୌରବ···ତା'ରି ତ୍ୟାଗ ଫଳରେ ପାରିବାରିକ ଜୀବନ ଉପରକୁ ସ୍ୱର୍ଗ ଓହ୍ଲେଇ ଆସେ···।'

ଟିକିଏ ଇତସ୍ତତଃ ହେଇ ନନ୍ଦା ପଚାରିଲା—'କିନ୍ତୁ ବାବା, ହିନ୍ଦୁ ନାରୀ କାହିଁକି ଏତେବଡ଼ ତ୍ୟାଗ କରିବାକୁ ବାଧ୍ୟ ହେବ ? ଯେ କୌଣସି ସ୍ୱାମୀ, ହେଉନା ସେ ଚରିତ୍ରହୀନ, ମଦ୍ୟପ କିମ୍ବା ବେଶ୍ୟାସକ୍ତ—ତା' ପାଖରେ ନିଜର ସବୁକିଛି ଉଜାଡ଼ି ଦେବ ସେ, କେଉଁ ଆଶାର ପ୍ରଲୋଭନରେ···?'

ସନ୍ନ୍ୟାସୀ ପୁଣି ଟିକିଏ ମୃଦୁ ହସିଲେ—'କିଛି ବୁଝିପାରିଲୁ ନାହିଁ ମା ? କର୍ମ ସବୁବେଳେ କାମନାବିହୀନ ହେବାହିଁ ଉଚିତ । କୌଣସି ଆଶାର ପ୍ରଲୋଭନରେ ନିଜର ସବୁକିଛି ତ୍ୟାଗ କରିଦେବା ଅପେକ୍ଷା, କୌଣସି ଆଶା ନରଖି, ଅନ୍ୟପାଇଁ ନିଜର ସବୁକିଛି ଅଜାଡ଼ି ଦେବାରେ ବିଶେଷ ଆନନ୍ଦ ମିଳିଥାଏ ମା...! ଏସବୁ ଅନୁଭବ ସାପେକ୍ଷ..., ଦାମ୍ପତ୍ୟ ଜୀବନରେ ତୁ ଏହି ସତ୍ୟ ଉପଲବ୍ଧି କରିପାରିବୁ ବୋଲି ମୁଁ ଆଶା କରୁଛି ।'

ନନ୍ଦା ମନରେ ହଠାତ୍ ନମିତାର କେତେକପଦ କଥା ଖେଳିଗଲା । ଖୁବ୍ ବ୍ୟଗ୍ରକଣ୍ଠରେ ସେ ପଚାରିଲା—'ଆଚ୍ଛା ବାବା, ଏଇ ସ୍ତ୍ରୀମାନଙ୍କ ଜୀବନର ସ୍ୱାଚ୍ଛନ୍ଦ୍ୟ ପାଇଁ ସ୍ୱାମୀର କ'ଣ କିଛି ଦାୟିତ୍ୱ ନାହିଁ...?'

ସେଇ ଶାନ୍ତ ଉଦାର କଣ୍ଠରେ ସନ୍ନ୍ୟାସୀ ପୁଣି କହିଲେ—'ଅଛି ମା', ଯଥେଷ୍ଟ ଅଛି, ସ୍ତ୍ରୀଠାରୁ ପୁରୁଷର ଦାୟିତ୍ୱ ହୁଏତ ଆହୁରି ବେଶି—କିନ୍ତୁ ପୁରୁଷର ଦାୟିତ୍ୱ ବିଷୟରେ, ସ୍ତ୍ରୀର ମୁଣ୍ଡ ଖେଳେଇବା ଆଦୌ ସଙ୍ଗତ ନୁହେଁ ମା...।'

ସନ୍ନ୍ୟାସୀ ଚୁପ୍ ରହିଲେ । କିନ୍ତୁ କିଛି ସମୟ ପର୍ଯ୍ୟନ୍ତ ନନ୍ଦା କିଛି କହି ପାରିଲା ନାହିଁ । ସେ ଭାବିଲା—ବାସ୍ତବିକ୍ ନାରୀତ୍ୱର ବଡ଼େଇ କରି କରି, ସେ ପ୍ରକୃତ ଦୁନିଆଠୁ ଅନେକ ଦୂର ଘୁଞ୍ଚିଯାଇଛି । ଏହିପରି ଜଣେ ସନ୍ନ୍ୟାସୀଙ୍କ ସହିତ, ଅନେକ ଦିନ ଆଗରୁ ତା'ର ଦେଖା ହେବା ଉଚିତ ଥିଲା । ତା'ହେଲେ ସେଦିନ ନମିତା ପ୍ରଶ୍ନର ଠିକ୍ ଜବାବ ସେ ଦେଇ ପାରିଥା'ନ୍ତା । ଖାଲି ସେତିକି ନୁହେଁ, ଏତିକି ଉପଦେଶ ପାଇଥିଲେ ସେ ଏକ ଯାଯାବର ଜୀବନ ନେଇ ଆଜି ଗୁରିଆଡ଼େ ଘୂରି ବୁଲୁ ନଥା'ନ୍ତା । ନିଜର ଜୀବନକୁ ସଠିକ ଭାବରେ ସେ ନିୟନ୍ତ୍ରଣ କରି ପାରିଥାନ୍ତା...ତା' ଜୀବନର ଗତିପଥ ବଦଳି ଯାଇଥା'ନ୍ତା...।

ଧୀରେ ଧୀରେ ନନ୍ଦା ଉଠି ଠିଆହେଲା । ଯେଉଁ ସତ୍ୟର ସନ୍ଧାନ କରି କରି ତା' ଅନ୍ତର ହାହାକାର କରି ଉଠୁଥିଲା, ଆଜି ସେଇ ସତ୍ୟ ସହିତ ତା'ର ଏକ ଶୁଭ୍ର ସାକ୍ଷାତ ହୋଇଗଲା । ଏଇ ଆନନ୍ଦ ନନ୍ଦାକୁ

ପାଗଳ କରି ଦେଉଥିଲା । ତା'ଆଖି ଲୁହରେ ଛଳଛଳ ହେଉଥିଲା । ହଠାତ୍ ସନ୍ନ୍ୟାସୀଙ୍କ ପାଦତଳେ ମୁଣ୍ଡ ଲଗାଇ ପ୍ରଣାମ କରି ସେ ପଦାକୁ ଗୋଡ଼ କାଢ଼ିଲା ।

ହୋଟେଲକୁ ଫେରି ପ୍ରାତଃଭୋଜନ ଶେଷକଲା ନନ୍ଦା । ଅଳ୍ପ ଟିକେ ବିଶ୍ରାମ ନେଇ ବେଡ଼ିଂ ପତ୍ର ବାନ୍ଧାବାନ୍ଧି କଲା ସେ । ଟାଇମ ଟେବୁଲ ଦେଖି ଠିକ୍ ସନ୍ଧ୍ୟା ପୂର୍ବରୁ ଷ୍ଟେସନ ଉଦ୍ଦେଶ୍ୟରେ ବାହାରି ପଡ଼ିଲା ଗୋଟାଏ ଟାକ୍ସିରେ ।

ଗଙ୍ଗାକୂଳର ଏକ ସଡ଼କ ଉପରେ ଟାକ୍ସିଟା ଅପେକ୍ଷାକୃତ ମନ୍ଥର ଗତିରେ ଗଡ଼ୁଥିଲା । ଟାକ୍ସି ଚାଳକ ଭିଡ଼ କମାଇବା ପାଇଁ ଘନଘନ ହର୍ଣ୍ଣ ବଜାଉଥିଲା । ହଠାତ୍ ଟାକ୍ସିଟାକୁ ଟିକିଏ ରଖିବାକୁ କହି ନନ୍ଦା ଓହ୍ଲାଇ ପଡ଼ିଲା ଓ ଗଙ୍ଗାନଦୀ ଭିତରେ ପଶି ଗୋଟାଏ ବୁଡ଼ପକେଇ ହାତଯୋଡ଼ି ସେଇ ସନ୍ନ୍ୟାସୀଙ୍କୁ ଏକ ନମସ୍କାର କରି କହିଲା—'ନିଜର ସୌନ୍ଦର୍ଯ୍ୟ ଗର୍ବରେ, ମୁଁ ମୋର ଦେହଟାକୁ କାହାରିକୁ ଛୁଇଁବାକୁ ଦେଇନାହିଁ ସନ୍ନ୍ୟାସୀ ବାବା···, କିନ୍ତୁ ମନ ଭିତରେ ସବୁବେଳେ କଳୁଷିତ ଚିନ୍ତାକୁ ନେଇ ଶରୀର ମୋର ଅପବିତ୍ର ହୋଇଯାଇଛି । ମା' ଗଙ୍ଗା ଭିତରେ ବୁଡ଼ପକେଇ ଅନେକ ବଡ଼ ବଡ଼ ପାପୀ ମୁକ୍ତି ଲାଭ କରୁଛନ୍ତି, ମୁଁ କ'ଣ ମୁକ୍ତ ହୋଇ ପାରିବି ନାହିଁ···?'

ତା'ପରେ ସେଇ ଓଦାଲୁଗା ସମେତ ଟାକ୍ସିରେ ବସିପଡ଼ି ସେ କହିଲା—'ଚଲେ···।'

ଷ୍ଟେସନରେ ପହଞ୍ଚି, ଏକ ପ୍ରଥମ ଶ୍ରେଣୀ ମହିଳା-ପ୍ରତୀକ୍ଷାଳୟ ଭିତରେ ନିଜର ଜିନିଷପତ୍ର ରଖିଦେଇ ନନ୍ଦା ହୁଇଲର୍ ଦୋକାନରୁ ତରତର କରି ଗଦାଏ ବହି କିଣିଲା ଓ ବୁକିଂ ଅଫିସ୍‌ରୁ ଖଣ୍ଡେ ଟିକେଟ୍ କିଣି ନିଜ ଜାଗାକୁ ଫେରି ଆସିଲା । ସେତେବେଳକୁ ମହିଳା ପ୍ରତୀକ୍ଷାଳୟରେ ଜଣେ ମଧ୍ୟ ବର୍ଷୀୟସୀ ମହିଳା ବସି ଖଣ୍ଡେ ଖବରକାଗଜ ଉପରେ ଆଖି ବୁଲଉଥିଲେ । ତାଙ୍କଠୁ ଟିକିଏ ଦୂରରେ ଗୋଟାଏ ବେଞ୍ଚାସନ ଉପରେ ନିଜର ଦେହକୁ ଅଜାଡ଼ି ଦେଇ, ଖଣ୍ଡେ ବହି ବାହାର କରି ପଢ଼ିବାରେ ମନ ଦେଲା ନନ୍ଦା ।

ପ୍ରତୀକ୍ଷାଳୟରେ ବସିଥିବା ଭଦ୍ରମହିଳା ନନ୍ଦାକୁ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର ବଡ଼ ହେତୁ ହେଲା ନନ୍ଦାର ଆଦ୍ର୍ର ବସନ । ଭଦ୍ରମହିଳା ଭାବୁଥିଲେ ଟ୍ରେନ୍‌ରେ କୁଆଡ଼େ ଯିବାକୁ ବାହାରି ମଣିଷ ଓଦାଲୁଗାରେ କିମିତି ଚାଲିପାରେ...?

ନନ୍ଦା ସହିତ ଆଳାପ ହେବାର ଇଚ୍ଛାଥିଲେ ହେଁ ତା'ର ଗାମ୍ଭୀର୍ଯ୍ୟ ଓ ଆଭିଜାତ୍ୟ ଭଦ୍ରମହିଳାଙ୍କୁ ହତୋତ୍ସାହିତ କରୁଥିଲା । କିନ୍ତୁ ନନ୍ଦାହିଁ ପ୍ରଥମେ କଥା କହିଲା, 'କେଉଁଆଡ଼କୁ ଯାଉଛନ୍ତି...?'

'ପୁରୀ ।' ଉତ୍ସୁକ ହୋଇ ଭଦ୍ରମହିଳା ଉତ୍ତର ଦେଲେ ।

'ପୁ...ରୀ...?' ଆଶ୍ଚର୍ଯ୍ୟ ହୋଇ ନନ୍ଦା ପୁଣି ପ୍ରଶ୍ନକଲା । ତା'ପରେ ସ୍ପଷ୍ଟ ଓଡ଼ିଆରେ ସେ ପଚାରିଲା, 'ଆପଣ ତେବେ ଓଡ଼ିଆ...?

ଭଦ୍ରମହିଳା ସମ୍ମତି ଜଣେଇଲେ ଓ ନନ୍ଦା କେଉଁଆଡ଼କୁ ଯିବ ବୋଲି ପଚାରିଲେ ।

ନନ୍ଦା କହିଲା—'କିଛି ଠିକ୍ ନାହିଁ—ହୁଏତ କଲିକତାରେ ରହିଯାଇପାରେ, କିମ୍ବା ସିଧା ଓଡ଼ିଶା ଯାଇପାରେ ।'

ଏକ ସ୍ୱସ୍ତିର ନିଶ୍ୱାସ ମାରି ଭଦ୍ରମହିଳା କହିଲେ, 'ଯା'ହେଉ—ଯାହାହେଉ ତା'ହେଲେ ବିରକ୍ତିକର ହେବନାହିଁ । ଦୂରବାଟକୁ ଗଲାବେଳକୁ ସାଙ୍ଗସାଥୀମାନଙ୍କ ସହିତ ଅଳ୍ପ ଗୁଳବ କଲେ ସମୟ ଜଣାପଡ଼େ ନାହିଁ...।'

କିଛି ସମୟ ପରେ ଭଦ୍ରମହିଳା ପୁଣି ପଚାରିଲେ—'ଆଚ୍ଛା ଭଉଣି, ବନାରସ୍‌ରେ କ'ଣ ତମେ ଅନେକ ଦିନ ଥିଲ...?'

ଅଳ୍ପଟିକିଏ ହସି ନନ୍ଦା କହିଲା—'ନା..., ବୁଲି ଆସିଥିଲି, କମାକୁ ଛବିଶ୍‌ଟି ଘଣ୍ଟା ବନାରସ୍‌ରେ କଟେଇଛି...।'

ତା'ପରେ ନାନାପ୍ରକାର କଥା ଚାଲିଲା ଏବଂ ପରିଚୟର ଆଦାନ ପ୍ରଦାନ ହେଲା । ମାତୃଭୂମିଠାରୁ ଖୁବ୍ ଦୂରରେ ଆକସ୍ମିକ ଭାବରେ ପରସ୍ପରର ସାନ୍ନିଧ ଲାଭ କରି ଦୁଇଜଣ ଓଡ଼ିଆ ଯେତିକି ସମୟରେ ବନ୍ଧୁ ହୋଇ ପଡ଼ନ୍ତି, ତାଠୁ ଯଥେଷ୍ଟ କମ୍ ସମୟରେ ସେମାନେ ଅନ୍ତରଙ୍ଗ ହୋଇ ଉଠିଲେ...।

ନନ୍ଦା ଜାଣିଲା ସେ ଜଣେ ଅଧ୍ୟାପିକା । ଉତ୍ତରାର କେଉଁ ଏକ କଲେଜ୍‌ରେ ଅଧ୍ୟାପନା କରି କରି, ଜୀବନର ବରିଷ୍ଠ ଅଂଶଟି ବଢେଇ ଦେଲେଣି । ମୁହଁରେ ପ୍ରଚୁର ଜ୍ଞାନ ଆଉ ଅଭିଜ୍ଞତାର ଛାପ···।

ନିଜର ପରିଚୟ ଦେବାକୁ ଯାଇ ନନ୍ଦା କହିଲା ଯେ ସେ ଉତ୍ତର ବାଲେଶ୍ୱରର ଜଣେକ ଜମିଦାରଙ୍କର ଉତ୍ତରାଧିକାରିଣୀ । ଗୋଟାଏ ଝୁଙ୍କିନେଇ ଭାରତ ପରିଭ୍ରମଣରେ ବାହାରି ସମ୍ପ୍ରତି ନିଜ ଗାଁକୁ ଫେରି ଯାଉଛି ।

ନନ୍ଦା ଆଡ଼କୁ ଚାହିଁ ଅଧ୍ୟାପିକା ହଠାତ୍ କହିଲେ—'ଉଦ୍ଭାନ୍ତିଗା ପିଲି ଏତେ ସମୟ ରହିଲେ, ଦେହ ଅସୁସ୍ଥ ହେବ, ଲୁଗାଟା ବଦଳି ପକାଅ···?'

ନନ୍ଦା ଟିକିଏ ହସିଲା । କହିଲା—'ସହଜରେ ମୋର ଦେହ ଖରାପ ହୁଏ ନାହିଁ ।'

ଅଗତ୍ୟା ସେ ବିଷୟ ବାଦ ଦେଇ ଅଧ୍ୟାପିକା ଅନ୍ୟ ବିଷୟ ଉତ୍ଥାପନ କଲେ···।

ଗାଡ଼ିରେ ଚଢ଼ିବା ପୂର୍ବରୁ ପରସ୍ପର ଭିତରେ ଯେଉଁ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା, ଗାଡ଼ିରେ ଚଢ଼ିବାପରେ ତାହା ଘନୀଭୂତ ହେବାକୁ ଲାଗିଲା । ନନ୍ଦା ଶୋଇବା ପାଇଁ ପ୍ରସ୍ତୁତ ହେଉ ହେଉ ଲକ୍ଷ୍ୟକଲା, ଅଧ୍ୟାପିକାଙ୍କ ସୀମନ୍ତରେ ସିନ୍ଦୁର ନାହିଁ । ସେ କଥା ପ୍ରସଙ୍ଗରେ ପଚାରି ବସିଲା—'ଆପଣ କ'ଣ ବିବାହ କରି ନାହାନ୍ତି ?'

ଅଧ୍ୟାପିକା ଏକ ସ୍ନେହ ଓ ମଳିନ ହସ ମୁହଁ ଉପରକୁ ଟାଣି କହିଲେ—'ନାଇଁ ଭଉଣି, ଏ ଜୀବନରେ ପାରିବାରିକ ଜୀବନର ସୌଖ୍ୟ ମୁଁ ଲାଭକରି ପାରିଲି ନାଇଁ···,'

ଅଧ୍ୟାପିକାଙ୍କ ସ୍ୱର ଭିତରେ ସତେ ଯେମିତି ମୂର୍ତ୍ତିମନ୍ତ କାରୁଣ୍ୟ ଜୀବନ୍ତ ହୋଇ ଉଠିଥିଲା । କେଉଁ ଏକ ଅନାଗତ ଭୟର ଆଶଙ୍କାରେ ନନ୍ଦାର ଲୋମମୂଳ ଟାଙ୍କୁରି ଉଠିଲା । ସେ ଭାବିଲା, କେଶ୍ ବିବାହ ନ ହୋଇଚନ୍ତି ନାଇଁ, ନମିତା ତ ବିବାହ କରିନାଇଁ, କିନ୍ତୁ ସେତ କହେ

ବିବାହ ନ କରି ମଧ୍ୟ ବିବାହୋତ୍ତର ଯୁଗର ସୁଖ-ସ୍ୱାଚ୍ଛନ୍ଦ୍ୟ ସେ ଲାଭ କରି ପାରିଚି ବୋଲି । ଅଧ୍ୟାପିକାଙ୍କ ଆଡ଼କୁ ସେ ଚାହିଁଲା । ପ୍ରଶ୍ନଟା ପଚାରିବ କି ନାହିଁ ଭାବୁ ଭାବୁ ତା’ ମୁହଁରୁ ହଠାତ୍ ବାହାରି ପଡ଼ିଲା—‘ଆଚ୍ଛା, ପ୍ରେମରେ ପଡ଼ିଲେ ମଣିଷ କୁଆଡ଼େ ବିବାହର ସମସ୍ତ ଜିନିଷକୁ ଉପଭୋଗ କରିପାରେ । ଆପଣ କ’ଣ କେବେ ପ୍ରେମରେ ବି ପଡ଼ି ନାହାନ୍ତି ?’ କିନ୍ତୁ ପ୍ରଶ୍ନଟା ପଚାରିଦେଇ ନନ୍ଦା ନିଜକୁ ନିଜେ ଗାଳିଦେଲା । ଅଧ୍ୟାପିକାଙ୍କ ମୁହଁକୁ ସେ ଆଉ ସିଧା ଚାହିଁ ପାରିଲା ନାହିଁ । ସେ ସଙ୍କୁଚିତ ହୋଇ ପଡ଼ିଲା ।

କିନ୍ତୁ ଅଧ୍ୟାପିକାଙ୍କର ଶାନ୍ତ ସଂଯତ ସ୍ୱରରେ ଏତିକି ଟିକିଏ ବ୍ୟତିକ୍ରମ ହେଲନାଇଁ । ସେ ସେହିମିତି କହୁଥିଲେ—‘ନାଇଁ ଭଉଣି, ଏତେବଡ଼ ଜୀବନଟା ଭିତରେ ମୁଁ କେବେ ପ୍ରେମରେ ତ ପଡ଼ିପାରିଲି ନାଇଁ, ତା’ଛଡ଼ା ନିଜ ତରଫରୁ ପ୍ରେମ କରିବା ପାଇଁ ମୋତେ ସମୟ ଆଉ ସୁଯୋଗ ବି ମିଳିଲା ନାଇଁ···।’ ଅଧ୍ୟାପିକାଙ୍କର ଛାତି ପଞ୍ଜରା ଥରାଇ ଗୋଟାଏ ଦୀର୍ଘନିଶ୍ୱାସ ବାହାରି ଆସିଲା ।

ଏଇଥର ସିଧାସଳଖ ଆଉ ନିର୍ନିମେଷ ଦୃଷ୍ଟିରେ ଅଧ୍ୟାପିକାଙ୍କ ମୁହଁକୁ କିଛି ସମୟ ପାଇଁ ଚାହିଁ ରହିଲା ନନ୍ଦା । ମନ ଭିତରେ ତା’ର ଜିଜ୍ଞାସା ବେଳକୁ ବେଳ ବଳବତୀ ହେଉଥିଲା । ହଠାତ୍ ନିଜ ବର୍ଥରୁ ଅଧ୍ୟାପିକାଙ୍କ ପାଖକୁ ଉଠିଯାଇ ସେ କହିଲା—‘ତମେ ମୋତେ ଭଉଣୀ ବୋଲି ସମ୍ବୋଧନ କରିଚ ଅପା···ସ୍ନେହ ଭଉଣୀର ଅଳି ନେଇ ମୁଁ ପଚାରୁଚି—ତମ ଜୀବନରେ ଏଇ ଯେ ବିରାଟ ଅଶୋଭନୀୟ ପରିସ୍ଥିତି ସୃଷ୍ଟି ହୋଇଚି, ତାର କ’ଣ କୌଣସି ପୃଷ୍ଠଭୂମି ନାହିଁ ? ମୋତେ ସତକରି କୁହ ଅପା···?’

ନନ୍ଦାର ଆବେଗପୂର୍ଣ୍ଣ ପ୍ରଶ୍ନ ଶୁଣି ଅଧ୍ୟାପିକା ବିଚଳିତ ହୋଇ ପଡ଼ିଲେ । ନିଜର ରକ୍ତସମ୍ପର୍କ ନ ଥାଇ, ଜଣେ କେହି ତାଙ୍କୁ ଆଜି ପର୍ଯ୍ୟନ୍ତ ଏତେ ନିକଟ ଆତ୍ମୀୟା ଆସନରେ ବସେଇ ନଥିଲା କି ତାର ହୃଦୟର ଏତେ ପାଖକୁ ଆସି ପାରି ନଥିଲା···। ନନ୍ଦା ମୁହଁ ଉପରେ ଏକ ସହାନୁଭୂତି ସୂଚକ ଦୃଷ୍ଟି ପକେଇ ନେଇ ସ୍ନିଗ୍ଧ କୋମଳ କଣ୍ଠରେ ସେ ଡାକିଲେ—‘ସ୍ନ···ନ···ନ୍ଦା’

ନିଜର ଡାହାଣ ହାତଟେ ଅଧ୍ୟାପିକାଙ୍କର କଟିବେଷ୍ଟନ କରି ଉଦ୍‌ଗ୍ରୀବ ହୋଇ ନନ୍ଦା କହିଲା—'ତମେ କୁହ ଅପା, ମୁଁ ଶୁଣିବି ।'

ନନ୍ଦାକୁ ଆଗ୍ରହରେ ଅନେଇ ରହିଥିବା ଦେଖି ଅଧ୍ୟାପିକା ଆସ୍ତେ ଆସ୍ତେ ନିଜର ଇତିହାସ କହିବାକୁ ଆରମ୍ଭ କଲେ—

'ସ୍କୁଲ ଜୀବନରେ ହିଁ ପ୍ରଥମ କରି ଯୌବନର ନୂତନ ତରଙ୍ଗ ଆସି ଲାଗିଲା ମୋ ଦେହ ଆଉ ମନରେ । ଏକ ଅଜଣା ପୁଲକରେ ଶରୀର ଭିତରେ ମୋର ଜାଗିଲା ନୂତନ ରୋମାଞ୍ଚ—ଫୁଟିଥିବା ମୋ ଆଖିକୁ ସୁନ୍ଦର ଦିଶିଲା—ସୁନ୍ଦର ଦେଖାଗଲା ସକାଳର ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ମୋ ଆଖିରେ ନୂତନ ରଙ୍ଗ ଦେଲା । ପୂର୍ଣ୍ଣିମା ଚନ୍ଦ୍ରର ଶୁଭ୍ରଜ୍ୟୋତ୍ସ୍ନା ଭିତରକୁ, ପଢ଼ାଘର ଝରକାର ଫାଙ୍କଦେଇ ଘଣ୍ଟା ଘଣ୍ଟା ଧରି ମୁଁ ଚାହିଁ ରହିଲି । କାନରେ ବାଜିଲା ଅଶ୍ରୁତପୂର୍ବ ବଂଶୀର ମଧୁର ମୂର୍ଚ୍ଛନା ···ପଠନକକ୍ଷ ଭିତରେ ସହପାଠୀମାନଙ୍କର କୋମଳ ଶ୍ମଶ୍ରୁମଣ୍ଡିତ ମୁଖ ମୋତେ ବିଚଳିତ କରି ଦୋଳିଲା । ସହପାଠୀମାନେ ମୋ ଆଡ଼କୁ ଚାହିଁ ପରସ୍ପର ଭିତରେ କେତେ କ'ଣ କୁହାକୁହି ହେଲେ ।

ସ୍କୁଲର ଶେଷ ପରୀକ୍ଷା ପରେ ମା' ଜିଦ୍ ଧରିଲେ, ଚାରୁ ଏଥର ବିବାହ କରୁ···। ବାପା ହଁ, ନାହିଁ କିଛି କହିଲେ ନାହିଁ । କିନ୍ତୁ ବଡ଼ଭାଇ ମା'ଙ୍କ କଥାକୁ ଉଡ଼େଇ ଦେଲେ । କହିଲେ, ତ' ଚାରିବର୍ଷ ପଢ଼ୁ, ବାହା ହେବାକୁ ବେଳ କ'ଣ କୁଆଡ଼େ ଚାଲି ଯାଉଛି··· ।

ଶେଷ ପର୍ଯ୍ୟନ୍ତ ଭାଇଙ୍କର କଥାହିଁ ରହିଲା । ମୁଁ କଲେଜ୍‌ରେ ନାଁ ଲେଖେଇଲି । ସେତେବେଳେ କଲେଜ୍‌ରେ ଆମେ ସତର ଜଣ ଝିଅ ପଢୁଥିଲୁ । କିନ୍ତୁ ପନ୍ଦରଶହ ସହପାଠୀ ମୋତେ ହିଁ କହିଲେ 'କଲେଜ୍ ବିଉଟି ।' ସହପାଠୀ କବି ବନ୍ଧୁମାନେ ମୋତେ କାବ୍ୟନାୟିକା କରି କବିତା ଲେଖିଲେ । ଗୀତଗୋବିନ୍ଦକୁ ଅନୁକରଣ କରି କେହି କେହି ଗାଇଲେ 'ପ୍ରିୟେ ଚାରୁଶୀଳେ···, ମୁଞ୍ଚମୟି ମାନମିଦାନଂ···' କଲେଜ୍‌ର କାନ୍ଥରେ କେତେ 'ଖଣ୍ଡ କବିତା' ମୋତେ କେନ୍ଦ୍ର କରି ଲେଖାଗଲା । କିନ୍ତୁ କଲେଜ୍ ଜୀବନରେ କେଜାଣି କାହିଁକି ମୁଁ ଭାରି ଗମ୍ଭୀର ହୋଇ ପଡ଼ୁଥିଲି । ଏତେସବୁ ଘଟଣାର କୌଣସି ପ୍ରଭାବ ମୋ ଉପରେ ପଡ଼ିଲା ନାହିଁ ।

ବି. ଏ. ପାଶ୍ କଲି ପରେ—ଅନେକ ଆଉ ଅନେକ ପ୍ରସ୍ତାବ ଆସିଲା । ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ, ବିଲାତ ଫେରନ୍ତା ତରୁଣ ପ୍ରଫେସର୍, ଇଞ୍ଜିନିୟର୍, ଡାକ୍ତର ଅନେକ ଚାହୁଁଥିଲେ ମତେ ଜୀବନ-ସଙ୍ଗିନୀ କରିବାକୁ···, କିନ୍ତୁ ଭାଇ କହିଲେ—ଇଏ ସବୁ କି ପ୍ରସ୍ତାବ ? ଆହୁରି ବଡ଼ ବଡ଼ ପ୍ରସ୍ତାବ ଆସୁ ··!

ମୋ ମନ ଭିତରେ ବି ଆଭିଜାତ୍ୟ ଜମାଟ ବାନ୍ଧି ଯାଇଥିଲା । ଭାଇଙ୍କ କଥା ଅନୁସାରେ ବିଚାର କରି ମୁଁ ଦେଖିଲି ଯେ ପୃଥିବୀ ଭିତରେ ମୋ ସମକକ୍ଷ ହେବାକୁ, ମୋ ହାତ ଧରିବାକୁ କେହି ଜଣେ ହେଲେ ନାହିଁ ।'

ଅଧ୍ୟାପିକାଙ୍କ କଥାକୁ ବେଶ୍ ମନଯୋଗ ଦେଇ ଶୁଣି ଯାଉଥିଲା ନନ୍ଦା । ହଠାତ୍ ଏଇ କେତେପଦ କଥାଶୁଣି ଚମକି ପଡ଼ି ସେ ଉଠି ବସିଲା ।

ଅଧ୍ୟାପିକା କଥା ବନ୍ଦକରି ଫ୍ଲାସ୍କ ଖୋଲି ଚା' ଖାଇବାକୁ ଚାହୁଁଛନ୍ତି । ରାତ୍ରୀର ଅନ୍ଧକାର ଭିତରେ ଟ୍ରେନ୍‌ଟା ମାଡ଼ିଚାଲିଚି ଆଗକୁ···ଆଗକୁ···।

ଅଧ୍ୟାପିକା ଟିକିଏ ଚା' ପିଇଲେ । କଣ୍ଠଟାକୁ ଟିକିଏ ଓଦାକରି ନେଇ ପୁଣି କହିବାକୁ ଆରମ୍ଭ କଲେ—'ସେଇଠୁ ମୁଁ ଏମ୍. ଏ. ପାଶ୍‌କଲି ଏବଂ ଯଥେଷ୍ଟ କୃତିତ୍ୱ ସହିତ ପାଶ କରି ସେଇ କଲେଜ୍‌ରେ ହିଁ ଅଧ୍ୟାପିକା ପଦରେ ନିଯୁକ୍ତି ପାଇଲି ।

ସେତିକିବେଳେ ମୋ ଜୀବନ ଉପରେ ଏକ ଝଡ଼ର ପ୍ରଭାବ ମୁଁ ଅନୁଭବ କଲି । ଆଗରୁ ପଢ଼ା ଆଉ ପରୀକ୍ଷା—ପରୀକ୍ଷା ଆଉ ପାଠପଢ଼ା ଭିତରେ ଜୀବନଟା ବିତି ଯାଇଚି—କିନ୍ତୁ ଏଣିକି ଅସରନ୍ତି ଅବସର ଭିତରେ ମନ ସବୁବେଳେ ଉଡ଼ି ବୁଲିଲା । ଛାତି ଭିତରେ ସବୁବେଳେ ଅସହ୍ୟ ଉତ୍ତାପ ଅନୁଭୂତ ହେଲା । ମୁଁ ଚାହିଁଲି ଦୁଇଟି ନିର୍ଭରଯୋଗ୍ୟ ବାହୁର ଏକ ନିରାଡ଼ମ୍ବର ଆଶ୍ରୟ···।

କିନ୍ତୁ ହଠାତ୍ ଆମ ଉପରେ ଅକାଳ ବଜ୍ର ପଡ଼ିଲା । ଦୁଇଟି ଦିନ ଜ୍ୱରରେ ପଡ଼ି, ଭାଇ ଆମକୁ ଛାଡ଼ି ଚାଲିଗଲେ । ବାପା ଆଉ ମା' ଭାଙ୍ଗି ପଡ଼ିଲେ । କିନ୍ତୁ ମୁଁ ଅଷ୍ଟା ରହିଲି । ସେମାନଙ୍କର ସମସ୍ତ ଦାୟିତ୍ୱକୁ ନିଜ ମୁଣ୍ଡ ଉପରକୁ ଉଠେଇନେଇ ମୁଁ କଠିନ ପରିଶ୍ରମରେ ଲାଗି ପଡ଼ିଲି ।

ହୁଏତ ସେତେବେଳକୁ ବି ସମୟ ଥିଲା । ଚାହିଁଥିଲେ ମୋତେ ଖାପଖାଇଲା ଭଳି ଜୀବନ ସାଥୀଟିଏ ମୁଁ ବରଣ କରି ପାରିଥା'ନ୍ତି । କିନ୍ତୁ ପରିବାରର ସମସ୍ତ ସୁବିଧା ଅସୁବିଧା ଭିତରେ ବୁଡ଼ିରହି ମୁଁ ନିଜର କଥାଟାକୁ ସମ୍ପୂର୍ଣ୍ଣ ଭୁଲିଗଲି ।'

ଅଧ୍ୟାପିକାଙ୍କର କଣ୍ଠସ୍ୱର ବାଷ୍ପାକୁଳ ହୋଇ ଉଠିଲା—ତୁମ ଲଜ୍ଜା ମୁହଁ ପାଖକୁ ନେଇ ନନ୍ଦାର ସମ୍ପୂର୍ଣ୍ଣ ଅଜ୍ଞାତରେ ବୋଧହୁଏ ପଡ଼ୁଥିବା ଲୁହ ବିନ୍ଦୁ ସେ ପୋଛି ପକେଇଲେ ।

ସ୍ୱା'ପରେ ଅଧ୍ୟାପିକାଙ୍କର ଅବଶିଷ୍ଟ ଜୀବନର କାହାଣୀ ଶୁଣିବାକୁ ନନ୍ଦା ମନରେ କୌତୁହଳ ବଢ଼ି ଚାଲିଥିଲା । କିନ୍ତୁ ତାଙ୍କର କରୁଣ ସ୍ୱର ଶୁଣି, ସେ ଆଉ ପ୍ରଶ୍ନ କରିବ କି ନାହିଁ ଭାବି ପାରିଲା ନାହିଁ । ଅଧ୍ୟାପିକାଙ୍କ ପାଖରେ ନିଜର ମନର ଅବସ୍ଥାକୁ ଲୁଚେଇ ରଖିବାକୁ, ଝରକା ଦେଇ ସେ ବାହାରର କ୍ରମବର୍ଦ୍ଧମାନ ଅନ୍ଧକାର ଆଡ଼କୁ ଚାହିଁ ରହିଲା ।

ନନ୍ଦାର ଅବସ୍ଥା ଲକ୍ଷ୍ୟକରି ଅଧ୍ୟାପିକା ଟିକିଏ ହସିଲେ । କହିଲେ—'ମୋ ଜୀବନର ବାକି ଇତିହାସଟୁକ ବାହାରର ସେଇ ଅନ୍ଧକାର ଅପେକ୍ଷା ଅଧିକ କଷ୍ଟପ୍ରଦ, ଅଧିକ ନୈରାଶ୍ୟଜନକ ସୁନନ୍ଦା ! ବାପା ମା'ଙ୍କୁ ହରେଇ ମୁଁ ନିଜଆଡ଼କୁ ଚାହିଁବାର ଅବସର ପାଇଲି । ଦେଖିଲି ସ୍ୱା' ଭିତରେ କେତେବେଳେ ମୋର ଯୌବନଟା ବି ହଜି ଯାଇଚି···, ବାପମା'ଙ୍କର ଚିନ୍ତାରୁ ମୁକ୍ତ ହୋଇ ସାରିଲା ପରେ, ମୋର ମନ ମୋର ଶରୀର ଉପରେହିଁ କେନ୍ଦ୍ରୀଭୂତ ହେଲା । ମୋ ହୃଦୟ ଭିତରେ ଥିବା ସୁପ୍ତ ପ୍ରବୃତ୍ତି ଜାଗି ଉଠିଲା । ଯେଉଁ ପ୍ରବୃତ୍ତିକୁ ମୁଁ ଜୀବନସାରା ଫାଙ୍କି ଦେଇ ଆସିଲି, ସେଦିନ ସେଇ ମୋର ବଡ଼ ଶତ୍ରୁ ହେଲା ।

···ଅନେକ ଦିନ ପରେ ମୁଁ ପୁଣି ବେଶ ରଚନା ଆରମ୍ଭ କଲି । ନିଜକୁ ସୁନ୍ଦର କରି ସଜେଇଲି । ସହକର୍ମୀମାନେ ଟିପ୍ପଣୀ କଲେ । ମନସ୍ତତ୍ତ୍ୱ ବିଭାଗର ଜଣେ ଅଧ୍ୟାପକ କହିଲେ, ମୋ ଶରୀରର ବସନ୍ତଋତୁ ଅନେକ ଦିନରୁ ଚାଲି ଯାଇଥିଲେହେଁ, ମନର ବସନ୍ତ ଏବେ କୁଆଡ଼େ ଆରମ୍ଭ ହେଉଚି ।

ସମସ୍ତ ବ୍ୟଙ୍ଗ ବିଦ୍ରୂପ ମୁଁ ନୀରବରେ ହଜମ କଲି । କିନ୍ତୁ ଅବଶିଷ୍ଟ ଜୀବନଟିକୁ ଜଣେ ଜୀବନସାଥୀ ହାତରେ ଛାଡ଼ିଦେଇ ବିଶ୍ରାମ ନେବାର କଳ୍ପନା ମୋର ବ୍ୟର୍ଥ ହୋଇଗଲା ।

ଦିନେ ଦର୍ପଣ ଆଗରେ ଠିଆହୋଇ ମୁଁ ଆବିଷ୍କାର କଲି—ମୋ କାନମୂଳପାଖରେ କେତୋଟି ବାଳ ଧଳା ହୋଇଯାଇଛି । ଆଖି ତଳେ କଳା ଗହ୍ୱରିଆ ଦାଗ ବେଶ୍ ସ୍ପଷ୍ଟ ହୋଇ ଉଠୁଛି । ଅଳ୍ପଟିକିଏ ହସିବାକୁ ଚେଷ୍ଟାକଲେ, ଆଖି ପାଖରେ ଏକ କ୍ରମସଙ୍କୁଚିତ କୁଞ୍ଚିତ ଚର୍ମ ମୋର ସମ୍ପୂର୍ଣ୍ଣ ଅଜଣାରେହିଁ ଆତ୍ମପ୍ରକାଶ କରୁଛି...।

ମୁଁ ହତାଶ ହୋଇ ପଡ଼ିଲି । ସେଇ ଦିନଠୁ ମୁଁ ସ୍ପଷ୍ଟ ଜାଣିପାରିଲି ଯେ ଏ ଜୀବନରେ ବିବାହର ମାଙ୍ଗଳିକ ଶଙ୍ଖଧ୍ୱନି ଶୁଣିବାର ସୁଯୋଗ ଆଉ ଘଟିବ ନାହିଁ ।'

ଅଧ୍ୟାପିକା ଚୁପ୍ ହେଲେ...। ତାଙ୍କ ଆଡ଼କୁ ଚାହିଁ ନନ୍ଦା ଦେଖିଲା, ତାଙ୍କ ମୁହଁ କେମିତି ଗମ୍ଭୀର ହୋଇ ଉଠିଛି । ସାରା ଜୀବନର ପୁଞ୍ଜୀଭୂତ ସମସ୍ତ ଦୀର୍ଘଶ୍ୱାସ ଆଜି ଯେମିତି ଗୋଟିକ ପରେ ଗୋଟିଏ ବାହାରି ଯାଉଛି...।

ଖୁବ୍ ଡରି ଡରି ନନ୍ଦା ପଚାରିଲା—'ଏ କାହାଣୀ କ'ଣ ଏଇଠି ସରିଗଲା ଅପା...?'

ଅଧ୍ୟାପିକା କହିଲେ—'ନା' ଭଉଣୀ, ସର୍ବହରାର ହା'ହୁତାଶ ଭରା କାହାଣୀ କ'ଣ ଏତେଶୀଘ୍ର ସରିଯାଇ ପାରେ—ଆହୁରି ସମ୍ପୂର୍ଣ୍ଣ ଗୋଟିଏ ଅଧ୍ୟାୟ ଅଛି...।'

'ଅନେକ ଦିନ ବିତିଗଲା—' ଅଧ୍ୟାପିକା ଆରମ୍ଭକଲେ—'ଏଇ ଅଳ୍ପଦିନ ତଳେ ହଠାତ୍ ଏକ ଅପରିଚିତ ହସ୍ତାକ୍ଷରର ଚିଠି ପାଇ ମୁଁ ଚମକି ପଡ଼ିଲି, ଚିଠିଟା ଲେଖିଥିଲା 'କିଶୋର', ମୋର ଛୁଆଦିନର ସହପାଠୀ । ସେ ଲେଖିଥିଲା—'ଜୀବନରେ ମୁଁ ତମର ସାନ୍ନିଧ୍ୟ ପାଇପାରିଲି ନାହିଁ ଗୁରୁ—କିନ୍ତୁ ଜୀବନ ମରଣର ଏଇ ସନ୍ଧିକ୍ଷଣରେ ତମେ ଯଦି ଆସି ମୋତେ ଟିକିଏ ଦେଖା ଦିଅନ୍ତ, ତା'ହେଲେ ମୁଁ ହସି ହସି ମରି ପାରନ୍ତି । କିନ୍ତୁ ସତେ କଣ ତମେ ଆସିବ... ?'

ଚିଠିଟା ବନାରସ୍‌ର ଏକ ଠିକଣାରୁ ଆସିଥିଲା । ସେଇଟାକୁ ହାତରେ ଧରିଥିବା ଅବସ୍ଥାରେ ମୋର ମନେପଡ଼ିଲା—ସେଇ କିଶୋର କଥା··· କ୍ଲାସରେ ସବୁଠାରୁ ଦୁର୍ଦ୍ଦାନ୍ତ ଥିଲା ସେ, ଏକ ବଡ଼ ସରକାରୀ କର୍ମଚାରୀଙ୍କର ପୁଅ ବୋଲି ତା ମନରେ ପ୍ରଚୁର ଗର୍ବ ବି ଥିଲା । ସପ୍ତମ ଶ୍ରେଣୀରେ ପଢ଼ୁଥିବାବେଳେ ସହପାଠୀମାନଙ୍କ ସହିତ ବାଜି ପକେଇ—ମୋ ହାତରେ ସେ ଧରେଇଦେଲା ଏକ ଅଶ୍ଳୀଳ ପ୍ରେମପତ୍ର । ···ସପ୍ତମ ଶ୍ରେଣୀର ଘଟଣା । ପ୍ରେମ ତ ଦୂରର କଥା, ଯୌବନର ଅସ୍ତିତ୍ୱ ବି ଆମେ ସେତେବେଳକୁ ଅନୁଭବ କରିନାହୁଁ—ଇଏ ଏକ ନିଛକ କୌତୁହଳ ।

ଏକ ଅଭିଯୋଗ ପତ୍ର ସହିତ ଚିଠିଟାକୁ ନେଇ ମୁଁ ପ୍ରଧାନ ଶିକ୍ଷକଙ୍କ ପାଖରେ ଦେଲି । ଆମର ପ୍ରଧାନ ଶିକ୍ଷକ ଜଣେ ଅତି ଖାଣ୍ଟି ମଣିଷ ଥିଲେ । ଛାତ୍ରଛାତ୍ରୀମାନଙ୍କୁ ଅତି କଠୋର ହୃଦୟରେ ସେ ଶାସନ କରୁଥିଲେ । କିଶୋରକୁ ଡାକି ନେଇ ସେ ନାନା ପ୍ରକାର କଠିନ ଦଣ୍ଡ ଦେଲେ ଏବଂ ଯଥାମତ ବେତାଘାତ ବି ହେଲା । କିନ୍ତୁ ସେତିକରେ ସେ କ୍ଷାନ୍ତ ହେଲେନାହିଁ । ଚିଠିଟାକୁ ସେ କିଶୋରର ବାପାଙ୍କ ପାଖକୁ ପଠେଇ-ଦେଲେ ।

କିଶୋରର ବାପା ସେତେବେଳେ ଜିଲ୍ଲା ଜଜ୍ କାମ କରୁଥାନ୍ତି । ଦୋଷୀକୁ ଦଣ୍ଡ ଦେବାରେ ତାଙ୍କ ମନରେ ମଧ୍ୟ କୌଣସି ଦୟାମାୟା ନଥିଲା ।

ସେଇଦିନରୁ ଅଉ କିଶୋର ଘରକୁ ଫେରିନାହିଁ ।

ଛାତ୍ର ଜୀବନରେ କିଶୋରକୁ ମୁଁ ହୁଏତ ସବୁଠୁ ବେଶି ଘୃଣା କରୁଥିଲି । କିନ୍ତୁ ଛବିଶ୍ ବର୍ଷପରେ ଏ ଚିଠି ପାଇ ମୋ ମନରେ ନୂତନ ଫଗୁଣର ରଙ୍ଗ ସଞ୍ଚିହଗଲା । ମୁଁ ମନେକଲି ଏଇ କିଶୋରକୁ ନେଇ, ସମସ୍ତଙ୍କର ଅଜ୍ଞାତରେ ମୁଁ ଏକ ନୂତନ ଜୀବନର ସ୍ୱାଦ ଅନୁଭବ କରିବି ।

······ବୋଧହୁଏ ଏମିତି ହୁଏ । ସହାୟ ସମ୍ବଳଶୂନ୍ୟ ମଣିଷ ସବୁ ହରେଇ ସାରିଲା ପରେ, ହାତ ପାଖରେ ଯାହାକୁ ପାଏ, ତାକୁଇ ନିଜର ସବୁକିଛି ଦେଇ ଆପଣାର କରିନେବାକୁ ମନେକରେ··· ।

କିନ୍ତୁ ହେତକ ବି ହୋଇପାରିଲା ନାହିଁ । କିଶୋର ଦେଇଥିବା ଠିକଣାରେ ଯାଇ ଦେଖିଲି—ଏକ ଅପରିଷ୍କାର ଅପରିଚ୍ଛନ୍ନ ଗଳିହିଁ ତାର ବାସସ୍ଥଳୀ ହୋଇଛି । ଲୋକଙ୍କ ପାଖରୁ ବୁଝିଲି ମଠରେ ମଜୁରିଆ କାମ କରି ସେ ନିଜର ଜୀବିକା ନିର୍ବାହ କରୁଥିଲା । କଠିନ ପରିଶ୍ରମ କରି କରି ତା'ର ଦେହ ଭାଙ୍ଗି ପଡ଼ିଥିଲା, ଆଉ ସେଇଥିରେ......'

ଅଧ୍ୟାପିକାଙ୍କ ଆଖିରୁ ପୁଣି ଲୁହ ବୋହିଲା...

ବ୍ୟାକୁଳ ହୋଇ ନନ୍ଦା ପଚାରିଲା—'ତା ସହିତ ତୁମର କ'ଣ ଦେଖା ହୋଇପାରିଲା ନାହିଁ ଅପା...?'

ଅଧ୍ୟାପିକା କହିଲେ—'ମୁଁ ଯିବା ପରେ ସେ ଜମାକୁ ଗୋଟିଏ ଘଣ୍ଟା ବଞ୍ଚିଥିଲା । କିନ୍ତୁ ତାର ବାକ୍‌ଶକ୍ତି ଲୋପ ପାଇ ଯାଇଥିଲା... ତା'ର ଶେଷକୃତ୍ୟ ମୋତେହିଁ କରିବାକୁ ପଡ଼ିଲା ।'

ଅଧ୍ୟାପିକା ଚୁପ୍ ହେଲେ...... ।

ରାତିର ଅନ୍ଧକାର ଭିତରେ ଟ୍ରେନ୍‌ଟା ସେଇମିତି ଚାଲିଥିଲା । ନନ୍ଦା ବାହାରକୁ ଚାହିଁଲା । ଝର ଝର ହୋଇ ତା' ଆଖିରୁ ଲୁହ ଝରୁଥିଲା । ଅଧ୍ୟାପିକା ବି କାନ୍ଦୁଥିଲେ । ସେଇମିତି କାନ୍ଦିଲା ସ୍ୱରରେ ସେ କହିଲେ—'ନିଜର ସୌନ୍ଦର୍ଯ୍ୟ, ନିଜର ଅଭିମାନ, ଆଉ ନିଜର ଆଭିଜାତ୍ୟର ଗର୍ବ ନେଇ ମୁଁ ପ୍ରକୃତ ନାରୀତ୍ୱ ପାଖରୁ ଅନେକ ପଛେଇଗଲି ସୁନନ୍ଦା ! ଆଜି ମୁଁ ଜଣେ ନାରୀ ଭାବରେ ବେଶି କିଛି ଚାହେଁ ନାହିଁ । କେବଳ କାୟମନୋବାକ୍ୟରେ ସେ ଚାହେଁ—ଏକ ସୁସ୍ଥ ସବଳ, କାର୍ଯ୍ୟକ୍ଷମ ପୁରୁଷର ଉଷ୍ମ ଛତ୍ରତଳେ ଟିକିଏ ଆଶ୍ରୟ ଓ ତାର ସୁନ୍ଦର ସୁନ୍ଦର ସନ୍ତାନ-ମାନଙ୍କର ମାତୃତ୍ୱ... । ନାରୀ ହୋଇ ଜନ୍ମଗ୍ରହଣ କରି, ଜୀବନରେ ଯେ ଏତିକି ପାଇନାହିଁ—ସେ କିଛି ପାଇନାହିଁ ।'

ଅଧ୍ୟାପିକାଙ୍କ ଆଖିରୁ ଗଙ୍ଗା ଯମୁନା ପରି ଧାର ଛୁଟିଥିଲା । ନନ୍ଦା ତାଙ୍କ ପାଖକୁ ଉଠିଯାଇ, ନିଜ ରୁମାଲରେ ତାଙ୍କ ଆଖିରୁ ଲୁହ ପୋଛିଦେଇ ଖୁବ୍ ନରମ ସ୍ୱରରେ କହିଲା—'ତମେ ଟିକିଏ ଶୋଇପଡ଼ ଅପା...ରାତି ଅନେକ ହେଲାଣି—ମୁଁ ବି ଟିକିଏ ଶୋଇ ପଡ଼ୁଛି ।'

ଅଧ୍ୟାପିକା ତାଙ୍କ ଦୀର୍ଘ ଜୀବନର କ୍ଳାନ୍ତି ଅନୁଭବ କରୁଥିଲେ । ସେହିପରି ବସିଲା ଅବସ୍ଥାରେ ଆଖି ବନ୍ଦ କରି ସେ ତନ୍ଦ୍ରାଚ୍ଛନ୍ନ ହୋଇ ପଡ଼ିଲେ ।

ଅବିରାମ ଗତିରେ ଡାକଗାଡ଼ି ଗୋଟିକ ପରେ ଗୋଟିଏ ଷ୍ଟେସନ ଅତିକ୍ରମ କରି ଛୁଟି ଚାଲିଥିଲା ଆଗକୁ । ନନ୍ଦା ଶୋଇପଡିବାକୁ ଚେଷ୍ଟା କରୁଥିଲା । କିନ୍ତୁ ଅଧ୍ୟାପିକାଙ୍କ କଥା ତା ପ୍ରାଣକୁ ଆନ୍ଦୋଳିତ କରି ତୋଳୁଥାଏ । ନାନା ଗୋଳମାଳିଆ ଚିନ୍ତା ଭିତରେ ନନ୍ଦା ଏକ ସମୟରେ ତନ୍ଦ୍ରାଚ୍ଛନ୍ନ ହୋଇପଡ଼ିଲା···

କାହାର କାଉଁଳ ପରଶରେ ନନ୍ଦା ଯେମିତି ଆଖି ମେଲିଲା । କିନ୍ତୁ ସେ କିଛି ଦେଖିପାରିଲା ନାହିଁ । ଏକ ଅଜଣା ପୁଲକରେ ତା ଦେହ ଆଉ ମନରେ ଜାଗିଉଠି ଅପୂର୍ବ ଶିହରଣ···ସେ ଖାଲି ଅନୁଭବ କଲା······

ସବୁଜ ରଙ୍ଗର ଚମତ୍କାର ଆଲୋକରେ କୋଠରିଟି ହସି ଉଠୁଛି··· ଘର ଭିତରେ ଖେଳି ବୁଲୁଛି ଏକ ଅନନୁଭୂତ ସୌରଭ, ଆଉ ଝରକା ବାଟଦେଇ ଭାସି ଆସୁଛି ଶ୍ରୁତିମଧୁର ସଙ୍ଗୀତର ମୂର୍ଚ୍ଛନା ।

···ଲୋକେ ପଚାରନ୍ତି ପଚାରିଲା ପିଆର୍···

ନନ୍ଦାର ଦେହ ଉପରେ କିଏ ଯେମିତି ହାତ ବୁଲାଉଛି—ଖୁବ୍ ନରମ କରି କିଏ ଯେମିତି ତା' ମୁହଁ ପାଖକୁ ମୁହଁ ନେଇ ଆସିଲା । କଠମଠ କରି ନନ୍ଦା ଆଖି ବନ୍ଦ କଲା···, ତା'ପରେ—ସେଇ ଧୀର ପରଶ—ନନ୍ଦାର ଗଣ୍ଡଦେଶରେ ଦୁଇଟି ଉଷ୍ମ ଅଧରର ସଂଯୋଗ—ଏକ ନିବିଡ ଚୁମ୍ବନ···ଆଃ··· ନନ୍ଦାର ଦେହସାରା ଖେଳିଗଲା ବିଜୁଳିର ଚମକ, ସାରା ଶରୀରରେ ରୋମାଞ୍ଚ ଆଉ ବେପଥୁ—ନନ୍ଦା ହଜିଗଲା—ହଜାଇଦେଲା ନିଜକୁ ସେଇ ଚିରବାଞ୍ଛିତ ବାତାବରଣ ଭିତରେ···

ତା'ପରେ ଖୁବ୍ ମୃଦୁ ସ୍ୱରରେ ନନ୍ଦାର କାନ ପାଖରେ ଗୋଟିଏ ପ୍ରଶ୍ନ—କିମିତି ଲାଗୁଛି ସୁନନ୍ଦା···?

କଥାର ଜବାବ ଦେବାକୁ ନନ୍ଦା ପାଟି ଖୋଲିଲା···, କିନ୍ତୁ ନା··· ସେ କିଛି କହିପାରିଲା ନାହିଁ । ଆନନ୍ଦର ଅତିଶଯ୍ୟରେ ବାକ୍‌ଶକ୍ତି ତା'ର



ଲେଉଟିପାରି ଯାଇଛି, ସାରା ଜୀବନ ଧରି ଯେଉଁ ମଧୁମୟ ସ୍ବର୍ଗର ପ୍ରତୀକ୍ଷା ପରେ, ଆଜି ସେ ତା'କୁ ପାଇଛି—କଥା [illegible] ସେ ମଧୁର ଲଗ୍ନକୁ ସେ ନଷ୍ଟ ହେବାକୁ ଦେବନାହିଁ—ଦେଇ ପାରିବ ନାହିଁ···।

କିଛି ସମୟ ବିତିଗଲା···

ପୁଣି ସେଇ ପ୍ରଶ୍ନ—କୁହନା ସୁନନ୍ଦା ? ଦୁଷ୍ଟାମୀ ହସର ଏକ କ୍ଷୀଣ ପ୍ରବାହ ନନ୍ଦାର କାନମୂଳକୁ ଲାଲ କରିଦେଲା । ନନ୍ଦା ମନେ ମନେ କହିଲା—ଦୁଷ୍ଟ··· ! କିନ୍ତୁ ଆଖି ଖୋଲି ସେ କିଛି କହିବା ପୂର୍ବରୁ ତା' ପ୍ରିୟକୁ ସ୍ପର୍ଶ କରିବା ପାଇଁ ସେ ହାତ ବଢ଼ାଇଲା ।

କିନ୍ତୁ ତା' ହାତଟା କୌଣସି ଟେହାଏ ଜାଗାରେ ଯେମିତି ଅଟକିଗଲା । ନନ୍ଦା ଆଖି ମେଲିଲା—ଦେଖିଲା ଅଧାଡିକ ତା' ହାତଟାକୁ ଧରି ମୁହଁ ଆଉ ଆଖିରେ ଯଥେଷ୍ଟ ଉତ୍କଣ୍ଠା ଭରି ପଚାରୁଛନ୍ତି—'କ'ଣ ହେଲା ସୁନନ୍ଦା ! ସ୍ବପ୍ନ ଦେଖିଲ···?'

ନନ୍ଦା ଶୂନ୍ୟଆଡ଼କୁ ଗୃହିଁଲ—ଟ୍ରେନ୍‌ଟା ଧୀରେ ଧୀରେ ପ୍ଲାଟ୍‌ଫର୍ମ ଭିତରକୁ ପଶିଯାଉଚି, କର୍ମମୁଖର ପ୍ଲାଟ୍‌ଫର୍ମର ଚହଳ କାନରେ ବାଜୁଚି—ଝରକାବାଟେ ବାହାରକୁ ମୁହଁ ଗଳେଇ ନନ୍ଦା ଦେଖିଲା—ପ୍ଲାଟ୍‌ଫର୍ମର ପଟା ଉପରେ ଗୃଇଟା ଭାଷାରେ ଲେଖା ହୋଇଚି 'ହାଓଡ଼ା···'

ତା'ପରେ ରୁମାଲରେ ନିଜ ଆଖିର ଲୁହକୁ ପୋଛି ପକେଇ ଅଧାପିକାଙ୍କ ଆଡ଼କୁ ଗୃହିଁ ସେ କହିଲା—'ହଁ, ଅପା—ମୁଁ ସ୍ୱପ୍ନ ଦେଖିଲି···'

ହାଓଡ଼ା ଷ୍ଟେସନ୍‌ର ପ୍ରତୀକ୍ଷାଳୟରେ କିଛି ସମୟ କଟେଇ, ସମସ୍ତ ଆବଶ୍ୟକୀୟ କାମ ସାରି ସେମାନେ ପୁଣି ଗାଡ଼ି ଧରିଲେ ।

କିନ୍ତୁ ନନ୍ଦାର ମାନସିକ ଅବସ୍ଥାର କୌଣସି ପରିବର୍ତ୍ତନ ହୋଇ ନାହିଁ । ସମ୍ପୂର୍ଣ୍ଣ ନିର୍ବାକ୍ ହୋଇ ସେ ବସିରହିଲା । ମଝିରେ ମଝିରେ ରୁମାଲ୍ ବାହାର କରି, ସେ ଆଖି ପୋଛି ନେଉଥିଲା ।

ଷ୍ଟେସନ୍ ପରେ ଷ୍ଟେସନ୍ ଅତିକ୍ରମ କରି ଡାକଗାଡ଼ି ଛୁଟି ଗୃଲିଚି । ବାହାରେ ଝିପିଝିପି ହୋଇ ବୃଷ୍ଟି ପଡ଼ିବାକୁ ଆରମ୍ଭ କରିଚି ଏ ଭିତରେ । କିନ୍ତୁ ନନ୍ଦାର ସେ ସବୁ ଆଡ଼କୁ ଦୃଷ୍ଟି ନାହିଁ, ସେ ଭାବୁଚି ସେଇ ସ୍ୱପ୍ନର କଥା···, କିଏ ଏଇ ସପନ-ପ୍ରିୟ, ହଠାତ୍ ତା' ପାଖକୁ ଆସି ଉଭେଇ ଗଲେ । ସ୍ୱପ୍ନର ସ୍ୱରଟା ତ ବେଶ୍ ଚହ୍ଲା ଚହ୍ଲା ମନେ ହେଉଥିଲା···।

ମନସ୍ତତ୍ତ୍ୱବିଦ୍‌ମାନେ କହନ୍ତି, ସ୍ୱପ୍ନ ହେଉଚି 'ମଣିଷର ଅସୀମ ଂସ୍ଥିତ ଚିନ୍ତାର ଏକ ଅସ୍ପଷ୍ଟ ପ୍ରକାଶ···। କିନ୍ତୁ—ନନ୍ଦା ତ କାହାରି ବିଷୟରେ ସେପରି ଚିନ୍ତା କରି ନଥିଲା···?

ଅନେକବେଳ ଏହିପରି ଚିନ୍ତା ଭିତରେ ବୁଡ଼ି ରହିଲା ନନ୍ଦା···।

ତା'ପରେ—ଏକ ସମୟରେ କୌଣସି ଏକ ଅଖ୍ୟାତ ଷ୍ଟେସନ୍‌ରେ ଗାଡ଼ି ରହିବାମାତ୍ରେ ନନ୍ଦା ବାହାରକୁ ଗୃହିଁ ଷ୍ଟେସନ୍‌ର ନାଁ ପଢ଼ିନେଲା । ତା'ପରେ ଟାଇମ୍ ଟେବୁଲ୍ ଖୋଲି ଖୋଲି ସେ କହିଲା—'ଅପା···, ଆଉ ଦୁଇଟା ଷ୍ଟେସନ୍ ପରେ ମୁଁ ଓହ୍ଲେଇପିବି । ମୋଟେ ଏଗାର ମାଇଲ୍ ବାଟ ରହିଲା ଆଉ···।'

ଅଧ୍ୟାପିକାଙ୍କ ମୁହଁରେ ହଠାତ୍ ବିଷଣ୍ଣତା ଛାଇଗଲା । ସେ ଥର ଥର ଗଳାରେ ପଚାରିଲେ—'କାଲି ଷ୍ଟେସନ୍‌ରେ ଓହ୍ଲାଇ ତମ ଗାଁକୁ ଯିବାକୁ ତ ଭାରି ଅସୁବିଧା ହେବ ସୁନନ୍ଦା···, ସେତିକି ବାଟ ତୁ ଯିବୁ କେମିତି ?'

ନନ୍ଦା କହିଲା—'ଆଜିକାଲି କିଛି ଅସୁବିଧା ନାହିଁ, ବର୍ଷା ପରେ ପରେ କମ୍ପାନୀ ଟ୍ରାନ୍ସପୋର୍ଟ ସର୍ଭିସ୍ ଅନେକ ଦିନରୁ ଆରମ୍ଭ ହୋଇ ଯାଇଛି । ସେଇଥିରେ ବସିଗଲେ, ଆମ ଗାଁ ପାଖରୁ ତିନି ମାଇଲ୍ ଦୂରରେ ଓହ୍ଲାଇବାକୁ ହୁଏ । ସେଇଠୁ ସେତିକି ବାଟ ଚାଲିଚାଲି ଯିବାକୁ ପଡ଼ିବ, ଆଉ ଅନ୍ୟ ଉପାୟ ନାହିଁ···।'

ତା'ପରେ ନନ୍ଦା ବେଡ଼ିଂ ବାନ୍ଧାବାନ୍ଧି କରି କମ୍ପାର୍ଟମେଣ୍ଟର ଦୁଆର ମୁହଁରେ ଆସି ଛିଡ଼ା ହେଲା । ତା' ଶାଢ଼ୀଟା ପବନରେ ଉଡ଼ିବାକୁ ଲାଗିଲା । ଚୂର୍ଣ୍ଣ କୁନ୍ତଳ କେଇଟି ଖେଳିବାକୁ ଲାଗିଲା ମୁହଁ ଉପରେ । ଖୋଲା ପବନର ସ୍ପର୍ଶରେ ନନ୍ଦାର ଦେହ, ମନ ସତେଜ ହୋଇ ଉଠିଲା । ଅନେକ ଦିନ କକ୍ଷଚ୍ୟୁତ ଗ୍ରହ ପରି ଘୂରି ଘୂରି ହଠାତ୍ ଘରକୁ ଫେରି ଆସିବାରେ କେତେ ଯେ ଆନନ୍ଦ, ସେ କଥା ନନ୍ଦା ଆଜି ଅନୁଭବ କଲା ।

···ଟ୍ରେନ୍‌ଟା ଆସି ପ୍ଲାଟ୍‌ଫର୍ମ ଭିତରେ ଠିଆ ହୋଇ ପଡ଼ିଲା । ନନ୍ଦା ଜଣେ କୁଲିକୁ ଡାକି, ଜିନିଷପତ୍ର ଓହ୍ଲାଇବାକୁ କହି ଅଧ୍ୟାପିକାଙ୍କୁ କହିଲା—'ଯାଉଛି ଅପା···!'

ତା'ପରେ ଅଧ୍ୟାପିକାଙ୍କ ପାଦରେ ହାତ ଦେଇ ସେ ତାଙ୍କୁ ପ୍ରଣାମ କଲା । ନିଜର ପାଦ ଉପରେ ଅଧ୍ୟାପିକା, ଦୁଇ ବିନ୍ଦୁ ତତଲା ଲୁହର ସ୍ପର୍ଶ ଅନୁଭବ କଲେ ! ନିଜର ଓଦା ଆଖିକୁ ପୋଛି ନେଇ ସେ କହିଲେ—'ଭୁଲି ଯିବୁନି ସୁନନ୍ଦା !'

ନନ୍ଦା ଆଖି ଲୁହ ପୋଛି ନେଇ ମୁହଁରେ ହସ ଫୁଟାଇ କହିଲା—'ହଉ ଗାଡ଼ି ଛାଡ଼ୁଛି, ତମେ ଯାଇ ବସ । ଚିଠି ଦେବ ଅପା !' କହି ନନ୍ଦା ଓହ୍ଲାଇ ପଡ଼ିବା ପରେ ପରେ ଗାଡ଼ି ଛାଡ଼ିଦେଲା ।

ଗୋଟାଏ କୁଲି ହାତରେ ନିଜର ଜିନିଷପତ୍ର ଧରାଇ, ନନ୍ଦା ଆସି ନିଜ ଗାଁ ପାଖରେ ପହଞ୍ଚିଲା ବେଳକୁ ଏକ ନରମ ଗୋଧୂଳି ଭିତରେ ଗାଁର

ଦୃଶ୍ୟ ଚମତ୍କାର ଦେଖାଯାଉଛି । ନନ୍ଦା ଚାଲୁଥିବା ରାସ୍ତାର ଦୁଇ କଡ଼େ, କର୍ଷିତ ଶସ୍ୟକ୍ଷେତ୍ର ଭିତରୁ କମିତ ଗୋଟାଏ ସାତ୍ତ୍ୱିକ ଗନ୍ଧ ଆସି ନାକରେ ବାଜୁଛି । କୌଣସି କୌଣସି ବିଲରେ ବୀଜବପନ କାମ ସରିଯାଇଥାଏ ହୁଏତ···।

ବିଲ ଭିତର ଦେଇ ଦୃଷ୍ଟିଟାକୁ ପହଁରେଇ ନେଲା ନନ୍ଦା । ତା'ପରେ ରାସ୍ତାରୁ ଟିକିଏ ଦୂରରେ ଦଣ୍ଡାୟମାନ ଶ୍ରୀକାନ୍ତ ଉପରେ ତା'ର ଦୃଷ୍ଟି ପଡ଼ିଲା । ନିଜର ସାଇକେଲ୍‌ଟି ଉପରେ ଦେହର ସମସ୍ତ ଭାର ଅଡ଼ାଇ ଦେଇ, ତନ୍ମୟ ହୋଇ ଶ୍ରୀକାନ୍ତ ଚାହିଁ ରହିଛି ସେଇ କର୍ଷିତ ଶସ୍ୟକ୍ଷେତ୍ର ଭିତରକୁ । ନନ୍ଦା କ୍ରମେ ଶ୍ରୀକାନ୍ତର ନିକଟବର୍ତ୍ତୀ ହେଉଥିଲା ।

ଶ୍ରୀକାନ୍ତ ଗାଁ ଭିତରକୁ ଫେରିଯିବାକୁ ସାଇକେଲ୍ ବୁଲେଇ ନେଉ ନେଉ ନନ୍ଦା ଉପରେ ତା'ର ଦୃଷ୍ଟି ପଡ଼ିଲା । ତା' ଆଡ଼କୁ ଚାହିଁ ଗୋଟାଏ ହାତ ଉଠେଇ ସେ କହିଲା—'ନମସ୍କାର ନନ୍ଦା ଦେବୀ—ଅନେକ ଦିନପରେ ଆପଣଙ୍କ ପାଦ ଏ ଗାଁ ଭୂଇଁରେ ପଡ଼ିଲା ଯେ···?'

ନନ୍ଦା ଶ୍ରୀକାନ୍ତକୁ ପ୍ରତିନମସ୍କାର କରି ଉତ୍ତରରେ ଟିକିଏ ହସିଲା ମାତ୍ର···, ତା'ପରେ ତା'ସହିତ ଗାଁ ଆଡ଼କୁ ଚାଲୁଚାଲୁ ପଚାରିଲା—'ଆଉ··· ଗାଁରେ ସବୁ ଭଲ ? ଆମ ଘରେ ସବୁ କମିତ ଅଛନ୍ତି ? ଅଜାଙ୍କର ଦେହ ଭଲ ଅଛି ତ··· ! ଆଉ ଆପଣ ?'

ଶ୍ରୀକାନ୍ତ କହିଲା—'ଆମକୁ କେବେ ଭୁଲି ନାହାଁନ୍ତି ଦେଖୁଛି, ଅବଶ୍ୟ ଅଜାଙ୍କୁ ବାଦ ଦେଇ···' କହି ଶ୍ରୀକାନ୍ତ ନନ୍ଦାର ହର୍ଷୋତ୍‌ଫୁଲ୍ଲ ମୁହଁକୁ ଚାହିଁବା ମାତ୍ରେ ଦୁହେଁ ପ୍ରାଣଖୋଲା ହସରେ ଭାଙ୍ଗି ପଡିଲେ । ଶ୍ରୀକାନ୍ତ ପୁଣି କହିବା ଆରମ୍ଭ କଲା, 'ହଁ—ସମସ୍ତେ ଭଲ ଅଛନ୍ତି, ଏ ଭିତରେ ସେପରି କୌଣସି ଦୁର୍ଘଟଣା ଅବଶ୍ୟ ଘଟିନାହିଁ । ଆଉ, ଅଜା ତ ଏ ଭିତରେ ପୁଣି ପିଲା ହୋଇଗଲେଣି । ଗାଁର ସମସ୍ତ ଉନ୍ନତିମୂଳକ କାମରେ ଯୁବକ କର୍ମୀମାନଙ୍କ ସହିତ ସେ ପ୍ରଥମେ ଅଣ୍ଟାଭିଡ଼ି ବାହାରୁଛନ୍ତି । ତାଙ୍କର ପ୍ରଚେଷ୍ଟାରେ ଗାଁରେ ଅନେକ ଲୋକହିତକର ଅନୁଷ୍ଠାନ ଗଢ଼ି ଉଠିଛି ।'

କଥାବାର୍ତ୍ତା ହେଇ ହେଇ ଗାଁ ଦାଣ୍ଡରେ ସେମାନେ ଅଗ୍ରସର ହେଉଥିଲେ । ସନ୍ଧ୍ୟାର ବହଳ ଅନ୍ଧାର ଭିତରେ ପଲ୍ଲୀଟି ଏକ ଘୁମନ୍ତ ଶିଶୁପରି ପଡ଼ି ରହିଥିଲା । ଗାଁ ଦାଣ୍ଡରେ ସେପରି କେହି ମଣିଷ ବି ନ ଥିଲେ ।

ଜମିଦାର ପ୍ରାସାଦର ଫାଟକ ଡେଇଁ ସେମାନେ ଭିତରକୁ ପଶିଲେ । ବଗିଚା ଭିତରର ରାସ୍ତାଟା ଉପରେ ଚାଲି ଚାଲି ଚାରିଆଡ଼କୁ ଚାହିଁ ନନ୍ଦା ଅନ୍ଧାର ଭିତରେ ନିଜର ପ୍ରିୟ ଫୁଲଗଛ ଗୁଡ଼ିକୁ ଆବିଷ୍କାର କରିବାକୁ ଚେଷ୍ଟା କରୁଥିଲା । ଏକ ଅଜଣା ଉତ୍ତେଜନାରେ ତା' ଛାତି ଉଠୁଥିଲା, ପଡ଼ୁଥିଲା ।

ସେତେବେଳକୁ ଶ୍ରୀକାନ୍ତ ଚିତ୍କାର ଆରମ୍ଭ କରି ଦେଇଚି—'ଅଜା··· ଅଜା···, ଆସନ୍ତୁ ଦେଖିବେ, କିଏ ଆସିଚନ୍ତି···?'

ଶ୍ରୀକାନ୍ତର ଡାକ ଶୁଣି ହରପ୍ରତାପ ଉପର ମହଲରୁ ଓହ୍ଲାଇ ଆସୁଥିଲେ । ସେଇ ଅବସରରେ ଶ୍ରୀକାନ୍ତକୁ ଉଦ୍ଦେଶ୍ୟ କରି ନନ୍ଦା କହିଲା—'ମୋ ଅଜାଙ୍କୁ ଏ ଭିତରେ ଆପଣ ବି ନିଜର ଅଜା କରିନେଲେଣି ନା କ'ଣ···?'

ଟିକିଏ ହସି ଶ୍ରୀକାନ୍ତ କହିଲା—'କେବଳ ମୋ ଅଜା ବୋଲି କାହିଁକି କହୁଚନ୍ତି ? ସେ ଏଣିକି ଏକ ସାର୍ବଜନୀନ ଅଜା ହେଇଗଲେଣି ।'

ହରପ୍ରତାପ ତଳେ ପହଁଚିବାପରେ ତାଙ୍କ ପାଦ ପାଖରେ ମୁଣ୍ଡ ଲଗେଇ ନନ୍ଦା ପ୍ରଣାମ କଲା । ତା'ପରେ ପଦଧୂଳି ମୁଣ୍ଡରେ ମାରି ସେ ଗୋଟିଏ କଡ଼କୁ ଠିଆ ହେଲା ।

ଲଣ୍ଠନଟାକୁ ଆଉ ଟିକିଏ ତେଜି ଦେଇ, ନନ୍ଦା ମୁହଁ ଉପରେ ପକେଇ ହରପ୍ରତାପ ଆନନ୍ଦରେ ବିହ୍ୱଳ ହେଇପଡ଼ିଲେ । ତା'ର ଶିରଶ୍ଚୁମ୍ବନ କରି ସେ କହିଲେ—'ଚାଲ···ଉପରକୁ ଚାଲ—କାହାକୁ କିଛି ନ କହି ମନଇଚ୍ଛା ଘୁରି ବୁଲିବାର ଉପଯୁକ୍ତ ଶାସ୍ତି, ତୋ ପାଇଁ ସଜାଡ଼ା ହେଇ ରହିଚି···।'

'ମୁଁ ତେବେ ବର୍ତ୍ତମାନ ଆସୁଚି ଅଜା···, ପଥପ୍ରଦର୍ଶକ ହେଇ ଏପର୍ଯ୍ୟନ୍ତ ଆସିଥିଲି । ନନ୍ଦା ଦେବୀଙ୍କୁ ଏତେଶୀଘ୍ର ଶାସ୍ତି ନ ଦେଇ—ପ୍ରଥମେ କିଛିଦିନ ବିଶ୍ରାମ ଦିଅନ୍ତୁ । ଅନେକ ଆଡ଼େ ଘୁରି ଘୁରି ହୁଏତ କ୍ଳାନ୍ତ ହୋଇ ପଡ଼ିଚନ୍ତି ସେ !' କହି ଶ୍ରୀକାନ୍ତ ସାଇକେଲ୍ ବୁଲେଇଲା ।

ଶ୍ରୀକାନ୍ତର କଥା ଶୁଣି ତା' ଆଡ଼କୁ ଚାହିଁ ନନ୍ଦା ଟିକିଏ ହସିଲା ! ନାଇଟ୍‌ବଲ୍‌ବ ଆଲୋକ ଭିତରେ ହରପ୍ରତାପ ନନ୍ଦାର ହସଟାକୁ ସ୍ପଷ୍ଟ ଅନୁଭବ କଲେ ।

ଉପର ମହଲାରେ ଥିବା ନନ୍ଦାର ଶୋଇବା ଘରେ ତାକୁ ଛାଡ଼ିଦେଇ ହରପ୍ରତାପ କହିଲେ—'ତୋତେ ମୁଁ ଅଧଘଣ୍ଟାଏ ସମୟ ଦେଉଛି ନନ୍ଦା..., ଯା' ଭିତରେ ତୁ ତୋ'ର ସମସ୍ତ ପ୍ରାଥମିକ କାମ ସାରିନେ । ତା'ପରେ ମୁଁ ତୋ'ର କୈଫିୟତ୍ ଶୁଣିବ ।'

ନନ୍ଦା କିଛି କହିବାପାଇଁ ଚେଷ୍ଟା କରୁଥିଲା । କିନ୍ତୁ ତା'କୁ କିଛି କହିବାର ସୁଯୋଗ ନ ଦେଇ ହରପ୍ରତାପ ବାହାରିଗଲେ ।

ଅଳ୍ପ ସମୟପରେ ଠାକୁରଘରୁ ଘଣ୍ଟି ବାଜିବାର ଶବ୍ଦ ଶୁଣାଗଲା । ନନ୍ଦା ଜାଣିଲା ଅଜା ସନ୍ଧ୍ୟାଳତି ସମାପନ କରିବାରେ ଲାଗିପଡ଼ିଛନ୍ତି ।

ସନ୍ଧ୍ୟାଳତି ଶେଷକରି ପୁଣି ଡରଡର ହେଇ ନନ୍ଦାର ଶୋଇବା କୋଠରୀ ଭିତରକୁ ପଶିଯାଇ ହରପ୍ରତାପ ଦେଖିଲେ, ସେ ସେଇମିତି ବସିଛି । ତାଙ୍କୁ ବେଶ୍ ଆଶ୍ଚର୍ଯ୍ୟ ଲାଗିଲା—ତାଙ୍କର ଉପସ୍ଥିତି ମଧ୍ୟ ନନ୍ଦା ଲକ୍ଷ୍ୟ କରି ପାରି ନାହିଁ...।

ତା'ପରେ ଧୀରେ ଧୀରେ ଯାଇ ନନ୍ଦା ପିଠି ଉପରେ ଗୋଟାଏ ହାତ ଥୋଇ, ମୃଦୁ କୋମଳ ସ୍ୱରରେ ସେ ପଚାରିଲେ, 'ତୋର କ'ଣ ହେଇଛି ନନ୍ଦା...?'

ସଙ୍ଗେ ସଙ୍ଗେ ଚମକି ଉଠି ସେ ପୁଣି କହିଲେ, 'ଆରେ ତୋ ଦେହରେ ଯେ ଭୀଷଣ ତାତି...। ଶେଷବେଳକୁ ଏ ବୁଢ଼ା ଉପରେ ତୁ ଦାଉ ସାଧିବୁ ନା କ'ଣ ?' ହରପ୍ରତାପଙ୍କ ଆଖି ଜକେଇ ଆସିଲା ।

ନନ୍ଦା ତାଙ୍କ ହାତ ଟାଣି—ତାଙ୍କୁ ବିଛଣା ଉପରେ ବସେଇ ଦେଇ କହିଲା—'ତୁମେ ବସ ଅଜା, ମୋର କିଛି ହେଇନାହିଁ । ଦେହ ସାମାନ୍ୟ ଟିକିଏ ତାତିଛି, ତା ଆପେ ଆପେ ଚାଲିଯିବ—ଗଙ୍ଗାରେ ବୁଡ଼ ପକେଇ ସେଇ ଓଦା ଲୁଗାରେହିଁ ଗଙ୍ଗାନଦୀର ପବିତ୍ରତା ନେଇ ମୁଁ ଏ ଘରେ ପ୍ରବେଶ କରିଛି । ଦେହ ମୋର କିଛି ହବନି । ତୁମେ ନିଶ୍ଚିନ୍ତ ଥାଅ ଅଜା ।'

ନନ୍ଦା'ର ଆଚରଣ ହରପ୍ରତାପଙ୍କୁ ବିବ୍ରତ କରି ଦେଲା। ଆଜି ନନ୍ଦା ଏମିତି କ'ଣ ହେଉଛି…,ଏମିତି କାହିଁକି ଦେଖା ଯାଉଛି…, ଏତେ ଅସଂଲଗ୍ନ କଥା ସବୁ କାହିଁକି କହୁଛି… ? ଦୀର୍ଘଦିନ ଧରି ନନ୍ଦାକୁ ସେ ଦେଖି ଆସିଛନ୍ତି। ପରିପୂର୍ଣ୍ଣ ଯୌବନ ଭିତରେ ବି ସେ ଥିଲା ଚିରଚଞ୍ଚଳା ଅନୂଢ଼ା କିଶୋରୀଟି ଭଳି। ଗତିରେ ତାର ଖେଳି ଯାଉଥିଲା ଉଚ୍ଛଳ ବନ୍ୟ ଝରଣାର ଉଲମ୍ଫନ, କଥା କହିଲାବେଳେ ମନେ ହେଉଥିଲା—ଛୋଟ ଝିଅଟିଏ ଅଳିକରି ଯେମିତି କିଛି ମାଗୁଛି…।

କିନ୍ତୁ ହଠାତ୍ ତା'ର ଏ ପରିବର୍ତ୍ତନ ହେଲା କାହିଁକି… ? ଗଙ୍ଗାନଦୀର ପବିତ୍ରତା ଉପରେ ଏତେ ଢେଠା ଆସ୍ଥା ରଖିବା ଭଳି ଆଧ୍ୟାତ୍ମିକ ଦୃଷ୍ଟିକୋଣ ନନ୍ଦା ପାଇଲା କେଉଁଠୁ ?

ହରପ୍ରତାପ କିଛି ନ କହି ଅନେକ ସମୟ ସେହିପରି ବସି ରହିଲେ। ଆଗରେ ତାଙ୍କର ବସି ରହିଛି ନନ୍ଦା… ସ୍ନେହମୟୀ ଦୌହିତ୍ରୀ…ନୀରବ, ନିଶ୍ଚଳ, ନିର୍ବାକ।

ରାତିର ପ୍ରଥମ ଯାମରେ ଅନେକ ସମୟ ଧରି ମାତାମହ ଆଉ ଦୌହିତ୍ରୀ ସେଇମିତି ମୁହାଁମୁହିଁ ବସି ରହିଲେ।

ଅନେକ ବେଳପରେ ହରପ୍ରତାପ ପ୍ରଥମେ ମୁହଁ ଖୋଲିଲେ। କିନ୍ତୁ କଥା କହିବାର ଶକ୍ତି ତାଙ୍କର ଯେମିତି ନଥିଲା। ଖୁବ୍ ଧୀରେ ଧୀରେ ସେ ପଚାରିଲେ—'ତା'ପରେ କ'ଣ କହିବାକୁ ଚାହୁଁଛୁ ତୁ… ?'

ଟିକିଏ ରହି ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇ ଖୁବ୍ ସହଜ କଣ୍ଠରେ ନନ୍ଦା କହିଲା—'ମୁଁ ଏଣିକି ବାହା ହେବି ଅଜା !'

ହରପ୍ରତାପ ଆଶ୍ଚର୍ଯ୍ୟ ହେଲେ ନାହିଁ, ବରଂ ନନ୍ଦା ମୁହଁରୁ ଏଇ ଧରଣର କଥା ଶୁଣିବାକୁ ସେ ଆଶା କରୁଥିଲେ। କଣ୍ଠକୁ ଟିକିଏ ପରିଷ୍କାର କରି ସେ କହିଲେ—'ବେଶ୍ ଭଲକଥା, କିନ୍ତୁ…କାହାକୁ ! ସେ ବିଷୟରେ ଚିନ୍ତାକରି କିଛି ଠିକ୍ କରିଛୁ… ?'

ଉତ୍ତରରେ ଅତି ଅସ୍ପଷ୍ଟ ସ୍ୱରରେ ନନ୍ଦା ଯାହା କହିଲା, ତାକୁ ହରପ୍ରତାପ ଠିକ୍ ଶୁଣି ପାରିଲେ।

ପୁଣି ଅଳି କରିବାର ଭଙ୍ଗୀରେ ନନ୍ଦା କହିଲା—'କିନ୍ତୁ ଅଜା ! କିଛି ଅସୁବିଧା ହେବନାହିଁ ତ ?'

ହରପ୍ରତାପ ସ୍ପଷ୍ଟ ଜାଣି ପାରିଲେ—ନନ୍ଦା ନୀରବରେ କାନ୍ଦିବାକୁ ଆରମ୍ଭ କରିଦେଇଛି ଏ ଭିତରେ ।

ସେ ଉଠି ଠିଆହେଲେ । ନନ୍ଦା ଆଡ଼କୁ ସହାନୁଭୂତି ଭରା ଦୃଷ୍ଟିରେ ଚାହିଁ ସେ କହିଲେ—'ଆଜି ପର୍ଯ୍ୟନ୍ତ ତୋର ମତାମତ ଉପରେ ମୁଁ କେବେ ପ୍ରତିବାଦ କରିନି ନନ୍ଦା···ଆଜି ମଧ୍ୟ ତୋର ମନମୁତାବକ ଯେ କୌଣସି ଜଣେ ଜୀବନସାଥୀକୁ ତୁ ବରଣ କରିନେଇଲୁ—ମୋର ଶତ ଅନିଚ୍ଛା ସତ୍ତ୍ୱେ ମୁଁ ସେଥିରେ ଆପତ୍ତି କରି ନ ଥାନ୍ତି । କିନ୍ତୁ ତୋ'ର ବର୍ତ୍ତମାନର ସିଦ୍ଧାନ୍ତ ମୋତେ ଆନନ୍ଦରେ ଅଭିଭୂତ କରି ଦେଉଛି । ଗତ କିଛିଦିନ ଧରି ମନେ ମନେ ମୁଁ ଯାହା କଳ୍ପନା କରି ଆସୁଥିଲି, ତୋ ମୁହଁରୁ ସେଇକଥା ଶୁଣି ମୋର ଆଜି ଖୁସିର ଅନ୍ତ ନାହିଁ । ତୁ ଆଉ କିଛି ଚିନ୍ତା କରନାହିଁ ନନ୍ଦା···ତୁ ଖାଲି ଦେଖ—ତୋର ସୁସ୍ଥ ହୋଇବା ପରେ ପରେ ଏ ବୁଢ଼ା ତୋ ପାଇଁ କ'ଣ କରି ପାରୁଛି··· !'

କିନ୍ତୁ ହରପ୍ରତାପଙ୍କର ଏତେ କଥା ଶୁଣିବାପରି ଅବସର ନନ୍ଦାର ନଥିଲା । ତା ଦେହରେ ଉତ୍ତାପ ସେତେବେଳକୁ ଖୁବ୍ ବଢ଼ି ଯାଇଥିଲା । ଭୀଷଣ ଜ୍ୱରର ଆତିଶଯ୍ୟରେ ଚେତନାଶୂନ୍ୟ ହୋଇ ବିଛଣା ଉପରେ ସେ ଢଳିପଡ଼ିଲା ।

ନନ୍ଦା ଦେହରେ ହାତ ଦେଇ ହରପ୍ରତାପ ପୁଣି ଥରେ ଚମକି ପଡ଼ିଲେ । ନନ୍ଦାର ସମସ୍ତ ଦେହ ଉପରେ ଖଇଫୁଟା ଦାଗ ଭରି ରହିଛି । ବିକଳ ହୋଇ ସେ ଡାକିଲେ—'ନନ୍ଦା, ନନ୍ଦା !' କିନ୍ତୁ ତାଙ୍କ ଡାକର କୌଣସି ଜବାବ ମିଳିଲାନାହିଁ । ହରପ୍ରତାପ ସତିଆକୁ ଡାକ ପକେଇଲେ । ତଳୁ ସତିଆ ଧାଇଁ ଆସିଲା ।

ଅଧୈର୍ଯ୍ୟ ହୋଇ ହରପ୍ରତାପ କହିଲେ—'ସତ୍ୟ ନନ୍ଦ, ଗାଁରୁ ଯାଇ ସେ ନୂଆ ଡାକ୍ତରବାବୁଙ୍କୁ ଡାକି ଆଣିଲ ? ଆଉ ଗାଁର ଯୁବକ ସମିତିର ଯେ କୌଣସି ଜଣେ କର୍ମୀକୁ ଯାଇ କୁହ, ପାଖ ସହରରୁ ବଡ଼ ଡାକ୍ତରଙ୍କୁ ଶୀଘ୍ର ଡାକି ଆଣିବେ ।'

ସବୁକଥା ହେଲା । କିନ୍ତୁ ନନ୍ଦାର ଚେତନା ଫେରି ଆସିଲା ନାହିଁ । ସହରର ବଡ଼ ଡାକ୍ତର, ପରୀକ୍ଷା ଶେଷ କରି ହରପ୍ରତାପଙ୍କୁ କହିଲେ—'ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ରୋଗ ଅତି ସାମାନ୍ୟ···ନନ୍ଦା ଦେବୀଙ୍କର ଦେହର ଯନ୍ତ୍ର ସବୁ ଠିକ୍ ଅଛି । ମୋର ମତରେ, କେବଳ ମାନସିକ କାରଣ ତାଙ୍କୁ ଅସୁସ୍ଥ କରି ପକାଇଛି । ତେଣୁ ତାଙ୍କର ଚେତନା ଫେରିଲେ ଦେଖିବାରେ ତାଙ୍କୁ ଯେପରି କୌଣସି ଅପ୍ରିୟ କଥା ଶୁଣିବାକୁ ନ ପଡ଼େ ।'

ନନ୍ଦାର ବିଛଣା ପାଖରେ ହରପ୍ରତାପ ବସି ରହିଲେ । କାଳୀପ୍ରସାଦ ଆସି କେତେକ ଆବଶ୍ୟକୀୟ କାମ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ପାଇ ଚାଲିଗଲେ । ଘରର ସମସ୍ତ କାମ ଛାଡ଼ିଦେଇ, ସେବକ ଆସି ତା ଦେହର ଗୋଡ଼ତଳେ ବସି ରହିଲା । ଖବର ପାଇ ଶ୍ରୀକାନ୍ତ ମଧ୍ୟ ଧାଇଁ ଆସିଲା ଗାଁରୁ । ସମସ୍ତେ ସଜାଗ ରହିଲେ ନନ୍ଦା ପାଖରେ ।

ଚବିଶଟି ଘଣ୍ଟା ବିତିଗଲା··· ।

ଏ ଚବିଶଟି ଘଣ୍ଟାର ପ୍ରତିମୁହୂର୍ତ୍ତଟି ହରପ୍ରତାପଙ୍କୁ ବିଚଳିତ କରି ତୋଳିଛି । ମନରେ କେତେ ଆଶଙ୍କା ଉଙ୍କି ମାରୁଛି, କିନ୍ତୁ ଶ୍ରୀକାନ୍ତର ସାନ୍ତ୍ୱନା ଓ ଅନୁରୋଧରେ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଜାଗ୍ରତ ରହି ସେ ପାଖ କୋଠରୀରେ ଯାଇଁ ବିଶ୍ରାମ ନେଲେ ।

ରାତିର ଶେଷ ଯାମରେ ନନ୍ଦାର ସଂଜ୍ଞା ଧୀରେ ଧୀରେ ଫେରି ଆସିଲା । ଆଖି ମେଲେଇବା ମାତ୍ରେ ସେ ଆଗରେ ଦେଖିବାକୁ ପାଇଲା ଶ୍ରୀକାନ୍ତକୁ । ଶ୍ରୀକାନ୍ତ ଅସ୍ପଷ୍ଟ ଆଲୁଅରେ ଗୋଟିଏ ବହି ଉପରେ ମନୋନିବେଶ କରିଛି । ଦୂରରେ ସେବକ କାନ୍ଥକୁ ଆଉଜି ଢୁଳାଉଛି । ସବୁ କଥା ତା'ର ଧୀରେ ଧୀରେ ମନେ ପଡ଼ିଲା । ତା' ମନରେ ଆଉ କୌଣସି ଅବସାଦ ନ ଥିଲା । ଅଚେତନ ମୁହୂର୍ତ୍ତଗୁଡ଼ିକ ଏକ ଦୁଃସ୍ୱପ୍ନ ପରି ମନେ ହେଲା ଯେପରି । ଶ୍ରୀକାନ୍ତକୁ ସେମିତି ପଠନରତ ଦେଖି ନନ୍ଦା ଓଠରେ ହସଟିଏ ଫୁଟି ମଉଳି ଗଲା । ତା'ପରେ ଧୀରେ ଧୀରେ ଉଠିବାକୁ ଚେଷ୍ଟା କଲା ପଲଙ୍କ ଉପରୁ । କିନ୍ତୁ ତଳେ ଗୋଡ଼ ଦେବା ମାତ୍ରେ ଶ୍ରୀକାନ୍ତ

ଜାଣିପାରି ଛୁଟି ଆସିଲି ନନ୍ଦା ପାଖକୁ—'ନନ୍ଦା ଦେବି ! କ'ଣ ହେଲା ?' ନନ୍ଦା ପଲଙ୍କରୁ ଓହ୍ଲାଇବା ଅବସରରେ ଖସି ପଡ଼ିଲା ତଳେ । ଶ୍ରୀକାନ୍ତ କିଂକର୍ତ୍ତବ୍ୟବିମୂଢ଼ ହୋଇ ଡାକ ପକେଇଲା—'ସେବା, ଅଜାଙ୍କୁ ଡାକ ତ !'

'ଅଜାଙ୍କୁ ଉଠାନି ସେବା, ଟିକେ ପାଣି ଆଣ !' ନନ୍ଦା ବିବ୍ରତ ହେବାପରି ଜଣାଗଲା । ସେବା ଭିତରକୁ ଯାଇଁ ପାଣି ଆଣିଲା । ପାଣି ପିଇସାରି ନନ୍ଦା ନିଜେ ଉଠିବାକୁ ଚେଷ୍ଟା କରୁ କରୁ ଗୋଟିଏ ହାତ ଶ୍ରୀକାନ୍ତ ଆଡ଼କୁ ବଢ଼ାଇ କହିଲା, 'ମତେ ଧର ଶ୍ରୀକାନ୍ତ...!'

ଶ୍ରୀକାନ୍ତ ନନ୍ଦାଙ୍କୁ ଦୁଇବାହୁରେ ଆଶ୍ରୟ ଦେଇ ପଲଙ୍କ ଉପରେ ଶୁଆଇ ଦେଲା, କିନ୍ତୁ ତା' ପୂର୍ବରୁ ଶ୍ରୀକାନ୍ତ ଅନୁଭବ କଲା ନନ୍ଦାର ବାହୁ ଦୁଇଟି ତାର ଗଳା ବେଷ୍ଟନ କରିଛି । ନନ୍ଦା ବିଛଣା ଉପରେ ଶାୟିତ ହେବା ସଙ୍ଗେ ସଙ୍ଗେ ଶ୍ରୀକାନ୍ତ ଆପେ ଆପେ ଝାଙ୍କି ହୋଇଗଲା ନନ୍ଦା ମୁହଁ ଉପରକୁ । ତା'ପରେ ଶ୍ରୀକାନ୍ତ ଘୁଞ୍ଚି ଆସୁଥିଲା । ନନ୍ଦା ଶ୍ରୀକାନ୍ତର ଗୋଟିଏ ହାତକୁ ନିଜ ହାତରେ ମୁଠିଧରି କହିଲା, 'ମୁଁ ହାରି ଯାଇଛି ଶ୍ରୀକାନ୍ତ ! ...ସେଦିନ ହୁଏତ ମୋର ପ୍ରଗଲ୍‌ଭତାରେ ତୁମେ ମନେ ମନେ ଉପହାସ କରିଥିବ ମତେ, ବିଦ୍ରୁପ କରିଥିବ ମୋର ନିର୍ଲଜତାକୁ, କିନ୍ତୁ ସେଥିରେ କ'ଣ ଟିକେ ହେଲେ ଆନ୍ତରିକତା ନଥିଲା ଶ୍ରୀକାନ୍ତ ? ଥିଲା, ତମେ ବରଂ ସାହସ କରି ନଥିଲ...ଜୀବନରେ ଏତେବଡ଼ ଆକାଂକ୍ଷା ତୁମର ହୁଏତ ନଥିଲା, ଏଣୁ ତମେ ପଛେଇ ଗଲ ! କିନ୍ତୁ ତମ ପ୍ରତି ଟିକେହେଲେ ଘୃଣାଭାବ ଆସି ନଥିଲା ମୋ ମନରେ; ଏଇଥିପାଇଁ, ଯେ ତମେ ସେଦିନ ସ୍ଖଳନରୁ ବଞ୍ଚେଇ ନେଇଥିଲ ମତେ, ପରୋକ୍ଷରେ ନାରୀର ନାରୀତ୍ୱକୁ ସମ୍ମାନ ଦେଇଥିଲ ତୁମେ ! ଆଜି ସାରା ଭାରତବର୍ଷ ଭ୍ରମଣ କରି ବିଭିନ୍ନ ଲୋକଙ୍କ ସହ ମିଶି ମୁଁ ଯେଉଁ ସିଦ୍ଧାନ୍ତ ନେଇ ଆସିଛି, ମତେ ତା' କରିବାକୁ ହିଁ ହେବ..., ମତେ ତମେ ସାହାଯ୍ୟ କରିବ ତ ଶ୍ରୀକାନ୍ତ ?'

'ଏ କ'ଣ କହୁଛନ୍ତି ନନ୍ଦା ଦେବି, ମୁଁ ତ ଆପଣଙ୍କୁ ସାହାଯ୍ୟ ଦେବାରେ କେବେ କୁଣ୍ଠିତ ହୋଇନି । ଆଜି ପୁଣି ଏ ଭୂମିକା କାହିଁକି ? କିନ୍ତୁ ଏ ସିଦ୍ଧାନ୍ତଟା କ'ଣ ନନ୍ଦା ଦେବି ?'

'ଓଃ…ଏତେ ପାଖରେ ଥାଇବି, କେତେ ଦୂରରୁ କଥା କହୁଚ ଶ୍ରୀକାନ୍ତ; ମତେ କ'ଣ ଖାଲି 'ନନ୍ଦା' ଡାକିବାକୁ ତମକୁ କିଏ ବାଧା ଦେଉଛି ?' ଟିକିଏ ରହି ଶ୍ରୀକାନ୍ତକୁ ଆପ୍ଲୁତ ନୟନରେ ଚାହିଁ ପୁଣି ନନ୍ଦା କହିଲା, 'ସନ୍ନ୍ୟାସୀ ବାବାଙ୍କ ଦୀକ୍ଷା ପରେହିଁ ମୁଁ ସେ ସିଦ୍ଧାନ୍ତରେ ଉପନୀତ ହୋଇଚି ଶ୍ରୀକାନ୍ତ, ଯାହା ନାରୀର ଚିରବାଞ୍ଛିତ, କାମ୍ୟମନୋଜକ୍ଷରେ ଯାହା ନାରୀ କାମନା କରେ, ଯାହା ପାଇଲେ ତା' ଜୀବନ ସାର୍ଥକ ହେବ, ସୁଖମୟ ହେବ, ମୋର ସେ ଆଶା ପୂରଣ କରିବାକୁ ଦିଅ ଶ୍ରୀକାନ୍ତ ! କିଛି ଦେବନା ?' ଛୋଟ ପିଲାଟି ପରି ଅଳି କଲା ନନ୍ଦା ଶ୍ରୀକାନ୍ତ ପାଖରେ । ସୁନନ୍ଦାର କଣ୍ଠ ବାଷ୍ପାକୁଳ ହୋଇ ଉଠିଥାଏ । ହୃଦୟର କୋହ, ପ୍ରାଣର ମମତା, ଅକୃତ୍ରିମ ଭାବେ ଆଖିବାଟେ ଆତ୍ମପ୍ରକାଶ କରୁଥାଏ ।

ଶ୍ରୀକାନ୍ତ ଭାବି ପାରୁ ନଥାଏ, କ'ଣ ଉତ୍ତର ଦେବ ଏଇ ପ୍ରଗଲ୍‌ଭା ଯୁବତୀଟିକୁ ? ନନ୍ଦା ଦେବୀ କାହିଁକି ତାକୁ ଥରକୁ ଥର ପରୀକ୍ଷା କରୁଛନ୍ତି ! ପରୀକ୍ଷା…ନା, ତା' ଦାରିଦ୍ର୍ୟ ପ୍ରତି ଉପହାସ ! ଶ୍ରୀକାନ୍ତର ପାପୁଲିଟି ନନ୍ଦାର କୋମଳ ପାପୁଲି ଦୁଇଟି ଭିତରେ ଆବଦ୍ଧ ଥାଏ । ହାଗୁର ମନ୍ତୁନ କରି ନପାରି ଶ୍ରୀକାନ୍ତ ଖୋଲା ବାତାୟନ ଦେଇ କ୍ରମବର୍ଦ୍ଧିଷ୍ଣୁ ପୂର୍ବାକାଶର ସିନ୍ଦୂରିତ ଶୋଭାକୁ ନିରୀକ୍ଷଣ କରୁଥାଏ ।

ନନ୍ଦା ପୁଣି କହିଲା—'ମତେ ବିଶ୍ୱାସ କର ଶ୍ରୀକାନ୍ତ …ଓଃ କେମିତି ବୁଝେଇବି ତମକୁ ଯେ, ତମ ଭିତରେ ମୋ ସତ୍ତାକୁ ମୁଁ ଯେ ଖୁବ୍ ଆଗରୁ ବିଲୀନ କରି ଦେଇଛି… ଶ୍ରୀକାନ୍ତ !'…କହି ଉଠି ପଡ଼ିଲା ନନ୍ଦା । ତା'ପରେ ପୂର୍ବାକାଶର ଲାଲ ସୂର୍ଯ୍ୟ ଆଡ଼କୁ ଅନାଇ କହିଲା—'ମତେ ବିଶ୍ୱାସ କର ଶ୍ରୀକାନ୍ତ ! ଏଇ ଉଦୀୟମାନ ସୂର୍ଯ୍ୟ ଆଗରେ ମୋର ଦେହ, ମନ, ପ୍ରାଣ, ମୋର ସର୍ବସ୍ୱ ତମ ପାଦତଳେ ମୁଁ ଅର୍ପଣ କରୁଛି !' କହି ଶ୍ରୀକାନ୍ତର ପାଦତଳେ ନଇଁ ପଡ଼ି ନନ୍ଦା ପ୍ରଣାମ କରୁ କରୁ ଶ୍ରୀକାନ୍ତ ଟେକିଧରିଲା ନନ୍ଦାକୁ ନିଜ ବକ୍ଷରେ । ପର ମୁହୂର୍ତ୍ତରେ ନନ୍ଦା ଛୋଟ ଶିଶୁଟି ପରି କହିଁ କହିଁ ହୋଇ କାନ୍ଦି ଉଠିଲା ଶ୍ରୀକାନ୍ତର ଛାତି ଉପରେ । ସେଇ ଅଶ୍ରୁରେ ତା'ର ସମସ୍ତ ପ୍ରଗଲ୍‌ଭତା ଯେପରି ଧୋଇ ହୋଇଗଲା । ଶ୍ରୀକାନ୍ତ ଅଭିଭୂତ ହୋଇଗଲା ନନ୍ଦାର

ଅଭୁତପୂର୍ବ ବ୍ୟବହାରରେ । ନନ୍ଦା କ'ଣ ପ୍ରକୃତରେ ଏତେବଡ଼ ତ୍ୟାଗ ପାଇଁ ପ୍ରସ୍ତୁତ, ସେ କ'ଣ ହୃଦୟ ଦେଇ ଗ୍ରହଣ ତାକୁ···କିନ୍ତୁ ଶ୍ରୀକାନ୍ତ···ଯାହାର ସାମାଜିକ ସ୍ତର ନନ୍ଦାଠୁ ବହୁତ ତଳେ, ସେ କ'ଣ ଯୋଗ୍ୟ ହୋଇ ପାରିବ ନନ୍ଦାର ସ୍ୱାମୀତ୍ୱ ଗ୍ରହଣ କରିବାକୁ ? ସେ ହଠାତ୍ କୌଣସି ସିଦ୍ଧାନ୍ତରେ ପହଞ୍ଚି ନପାରି ଆଶ୍ୱାସନା ଦେଲା ନନ୍ଦାକୁ ।

କହିଲା, 'ତମର ଏ ପରିବର୍ତ୍ତନରେ କେବଳ ମୁଁ ନୁହେଁ, ଯେ କେହି ବିସ୍ମିତ ହେବ···ତା' ଛଡ଼ା, କଥା ଅପେକ୍ଷା କାମରେ ଏତେଦୂର ଆଗେଇ ଯିବା ତମ ପରି ବୁଦ୍ଧିମତୀ ପକ୍ଷେ ଶୋଭନୀୟ ନୁହେଁ ନନ୍ଦା, ତମେ ଆଉଥରେ ଭବ, ଆମ ଦୁହିଁଙ୍କ ସାମାଜିକ ସ୍ଥିତି ସେଥିପାଇଁ କେତେଦୂର ଅନୁକୂଳ ! ପୁଣି ଅଜା, ତାଙ୍କର ଆଶା ଆକାଂକ୍ଷା ବଂଶ ମର୍ଯ୍ୟାଦା, ଆଭିଜାତ୍ୟ···ସେ କ'ଣ ଅନୁମୋଦନ କରିବେ ତମର ଏ ସିଦ୍ଧାନ୍ତକୁ···ଆଉଥରେ ଭବ ନନ୍ଦା··· ମୋର ଏକାନ୍ତ ଅନୁରୋଧ···'

ନନ୍ଦା ଆଉ କିଛି ନକହି ଶ୍ରୀକାନ୍ତ ମୁହଁକୁ ଅନେଇ ତା' ଦୃଷ୍ଟିରେ ଯେପରି କ'ଣ ଖୋଜୁଥାଏ । ଜୀବନରେ କେତେ ଯୁବକଙ୍କ ସାନିଧ୍ୟ ପାଇଛି ସେ, କିନ୍ତୁ ଶ୍ରୀକାନ୍ତର ସଂଯମତା ପାଖରେ ତା' ମଥା ନଇଁ ପଡ଼ୁଛି । ନାରୀ ଆଉ କ'ଣ ଚାହେ ? ଧନ, ମାନ, କୁଳୀନତା, ସବୁର ଉପରେ ପୁରୁଷର ପୌରୁଷତା କ'ଣ ବଡ଼ ନୁହେଁ···ଯୋଗ୍ୟ ପୁରୁଷକୁହିଁ ନାରୀ ସବୁ ଯୁଗରେ ହୃଦୟ ଦେଇ ଆସିଛି···କିନ୍ତୁ ଶ୍ରୀକାନ୍ତ ବିଶ୍ୱାସ କରୁନି କାହିଁକି···ଓଃ ସବୁ କିଛି ଦେଇ ଦେଲା ପରେ ଆଉ କ'ଣ ଦେଇ ସେ ବୁଝେଇବ ଏଇ ସରଳ ମଣିଷଟିକୁ··· !

'ନନ୍ଦା, ତମେ ଦ୍ୱନ୍ଦ୍ୱରେ ପଡ଼ିଛ, ଆସ ଅଜାଙ୍କୁ ଡାକିବା'···କହି ଦୁଆର ଆଡ଼କୁ ଅଗ୍ରସର ହେବା ପୂର୍ବରୁ ଦେଖିଲେ ହରପ୍ରତାପ ଘର ଭିତରକୁ ପଶି ଆସୁଛନ୍ତି—'ତାର ଆବଶ୍ୟକତା ନାହିଁ ଶ୍ରୀକାନ୍ତ ! ମୁଁ ବହୁ ଆଗରୁ ମୋର ଅନୁମୋଦନ ଦେଇ ସାରିଛି ।' କହୁ କହୁ ସେ ଆଖିରୁ ଲୁହ ପୋଛିଲେ ।

'କିନ୍ତୁ·· ଅଜା, ଆପଣ···'ଶ୍ରୀକାନ୍ତ କିଛି ସ୍ପଷ୍ଟ କହି ନପାରି ଦୃଷ୍ଟି ଆନତ କଲା ।

ହରପ୍ରତାପ କହିଲେ—'ତମ ଲୋକଙ୍କ ସମ୍ମତି ନେବା ଦାୟିତ୍ୱ ମୋର ! ତା' ଛଡ଼ା ସୁନନ୍ଦା ତରଫରୁ ମୁଁ ଏତିକି କହିପାରେ ଯେ ଐଶ୍ୱର୍ଯ୍ୟର ବଢ଼େଇଲେ ସେ କେବେ ତୁମର ସ୍ୱାମୀତ୍ୱକୁ କ୍ଷୁଣ୍ଣ କରିବନି, ସେ ଭରସା ତାଠି ମୋର ଅଛି । ଆଉ ତମକୁ ମଧ୍ୟ ପ୍ରତିଶ୍ରୁତି ଦେବାକୁ ହବ ଶ୍ରୀକାନ୍ତ, ବଂଶ ମର୍ଯ୍ୟାଦା, ଧନ ଦଉଲତର ଊର୍ଦ୍ଧ୍ୱରେ ଯେଉଁ ଭଲପାଇବା, ସେଥିରୁ କେବେ ଯେପରି ବଞ୍ଚିତ କରିବନି ନନ୍ଦାକୁ ! ମୋର ଏତିକି ଅନୁରୋଧ ଶ୍ରୀକାନ୍ତ···ହଁ, ଏଇ ମୋର ଶେଷ ଅନୁରୋଧ···'ପୁଣି ସେ ଲୁହ ପୋଛିଲେ ।

'ଆଶୀର୍ବାଦ କର ଅଜା ! ସେଥିପାଇଁ ମୁଁ ଯେପରି ଯୋଗ୍ୟ ହୁଏ !' ଶ୍ରୀକାନ୍ତ ଓ ନନ୍ଦା ହରପ୍ରତାପଙ୍କ ପଦାନ୍ତରେ ପଡ଼ି ଭୂମିଷ୍ଠ ପ୍ରଣାମ କଲେ ।

ହରପ୍ରତାପ ଦୁହିଁଙ୍କୁ ଆଶୀର୍ବାଦ ଦେଇ ତଳୁ ଉଠେଇ ନେଲେ । ତା'ପରେ ହୋ ହୋ ହୋଇ ହସି ଉଠିଲେ ଚପଳ ବାଳକ ପରି । ଟିକିଏ ପରେ କହିଲେ, 'ଆଉ ହଁ ଶ୍ରୀକାନ୍ତ, ନନ୍ଦାର ଅପରାଧ ପାଇଁ ତାକୁ ଯେଉଁ ଶାସ୍ତି ଦେବାକୁ ମୁଁ ଠିକ୍ କରିଥିଲି, ସେ ଦାୟିତ୍ୱ ମୁଁ ତୁମକୁ ଦେଉଛି । ଏଣିକି ମୋର ସେ ଅଧିକାର ନାହିଁ···ଯେତେହେଲେ ଏବେ ସେ ତୁମର ସୁଇଟ୍ ହାର୍ଟ !' ପୁଣି ହସ···ସେ ହସରେ ଶ୍ରୀକାନ୍ତ ଆଉ ନନ୍ଦାର ହସ ମିଶି ଆନ୍ତରିକତାର ଏକ ମଧୁର ମୂର୍ଚ୍ଛନା ସୃଷ୍ଟି କଲା ।

ବାହାଘର ସରିଲା । ଜମିଦାର ହରପ୍ରତାପଙ୍କର ଅତି ଆଦରଣୀ ଏକମାତ୍ର ଦୌହିତ୍ରୀର ବାହାଘର ଯେମିତି ହେବାର କଥା, ସେଥିରେ କୌଣସି ତ୍ରୁଟି ହୋଇ ନଥିଲା । ବାହାଘରର ମଙ୍ଗଳବାଦ୍ୟର ମୂର୍ଚ୍ଛନା ଭିତରେ ହରପ୍ରତାପ ବେଳେବେଳେ କାନ୍ଦି ଉଠୁଥିଲେ । ନନ୍ଦାର ସ୍ନେହରେ ଏଣିକି ଆଉ ତାଙ୍କର ଅଖଣ୍ଡ ଅଧିକାର ରହିବ ନାହିଁ । ଦୁଆଟି ଦନୁ ପାହାକୁ ସେ ନିଜ ଛାତି ଉପରେ ପକେଇ ମଣିଷ କଲେ—ସମସ୍ତ ମମତା ଢାଳି ସେ ଆଜି ନିଜର ନୀଡ଼ ରଚନା କରିବାକୁ ଚାଲିଯିବ···।

ପୁଣି ବେଳେବେଳେ ଆନନ୍ଦର ଆତିଶଯ୍ୟରେ ତାଙ୍କର ଅନ୍ତରାତ୍ମା ମୂର୍ଚ୍ଛିତ ହୋଇ ପଡୁଥିଲା । ସେ ଭାବୁଥିଲେ···'କେତେଦିନ ଆଉ ନନ୍ଦା ତାଙ୍କ ପାଖରେ ରହିପାରନ୍ତା ? ସମୟ ଆସିଯାଇଛି, ନିଜର ଭବିଷ୍ୟତ ଜୀବନସାଥୀ ସହିତ ଜୀବନର ଆଗାମୀ ଅଧ୍ୟାୟଗୁଡ଼ିକୁ ଏକତ୍ର କଟେଇ ନେବାର ସୁଯୋଗର ସୂଚନା ଏଇ ବିବାହ···, ଏତିକିବେଳେ ସେ ଲୁହ ଝରେଇବେ ନାହିଁ···, ଯାହା ସୃଷ୍ଟିର ଚିରନ୍ତନ ନିୟମ, ସେଥିରେ ସେ ପ୍ରତିବନ୍ଧକ ହେବେ କାହିଁକି···?'

ବରଂ ଏଇ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ, ସେ ଯେଉଁ ଦାୟିତ୍ୱ ମୁଣ୍ଡେଇ ବୁଲୁଥିଲେ, ଯେଉଁ କର୍ତ୍ତବ୍ୟର ଆହ୍ୱାନରେ, ନିଜର ପରକାଳ ବିଷୟରେ କୌଣସି ଚିନ୍ତା ସେ କରିପାରି ନଥିଲେ, ଆଜି ସେଇ କର୍ତ୍ତବ୍ୟର ଦାୟିତ୍ୱରୁ ସେ ମୁକ୍ତ ହୋଇଚନ୍ତି । ସମସ୍ତ ସମ୍ପତ୍ତି ନନ୍ଦା ନାମରେ ଅନେକ ଆଗରୁ ଲେଖା ହୋଇ ଯାଇଛି । ନନ୍ଦାକୁ ସେ ସମସ୍ତ ବୁଝେଇ ନିଜର ରାସ୍ତା ଦେଖିବେ ସେ

■ ■ ■ ■

ପ୍ରତୀକ୍ଷା କରିଛନ୍ତି ନନ୍ଦା, ନବବଧୂ ସୁନନ୍ଦା ରାଏ···ଦେହ ଭିତରେ ଖେଳୁଛି ଏକ ଶିହରଣ···ଜାଗୁଛି ଏକ ଅଭୂତପୂର୍ବ ଉତ୍ତେଜନା···ମନ ଭିତରେ ଫଗୁଣ ରାତ୍ରିର ମିଠା ଆଉ ସମ୍ମୋହନ ବାତାବରଣ ।

ସବୁଆଡ଼େ ସମସ୍ତେ ଶୋଇ ପଡ଼ିଲେଣି । ତଳ ମହଲରୁ ଚାକର-ମାନଙ୍କର ମୃଦୁଗୁଞ୍ଜନ କାନରେ ବାଜୁଛି···କେହି କୁଆଡ଼େ ନାହିଁ···ମଧୁଶଯ୍ୟା ଘରେ ସେ ଏକା···ସ୍ୱର୍ଣ୍ଣ ପ୍ରଦୀପର ନୀଳାଭ ଆଲୋକରେ ଈଷତ୍ ଆଲୋକିତ ହୋଇଛି କୋଠରୀଟି । ଜମିଦାର ବଂଶର ଅଭିଜାତ୍ୟର ସୂଚକ ଏଇ ସ୍ୱର୍ଣ୍ଣପ୍ରଦୀପ । ଏଇ ଘର ଭିତରେ ଯେତେ ବାସର ରାତି ବିତିଛି, ସବୁ ବେଳରେ ନବଦମ୍ପତିଙ୍କର ସାକ୍ଷ୍ୟ ଗ୍ରହଣ କରିଛି ଏଇ ସ୍ୱର୍ଣ୍ଣପ୍ରଦୀପ । ମନେ ମନେ ସେ ନିଜର ପ୍ରଣତି ଜଣାଇଲା ।

ଅନେକକ୍ଷଣ ଧରି ନୀରବ ନିଶ୍ଚଳ ଭାବରେ ମଧୁଶଯ୍ୟା ଘରର ଶୋଭା ଦେଖିଲା ନନ୍ଦା । ଫୁଲର ଆଧିକ୍ୟରେ ଯୋଡି ହୋଇ ପଡ଼ିଛି ଶେଯଟି ।

ଗୁବ୍ଦଅଢ଼େଇ ଫୁଲ । ଟେବୁଲ ଉପରେ ଥିବା ଏକ ଧୂପଦାନୀରୁ ଅଗରବତୀର ସୁଗନ୍ଧ ଘରସାରା ଖେଳି ବୁଲୁଛି । ନନ୍ଦା କାନ୍ଥ ଘଣ୍ଟାକୁ ଚାହିଁଲା—ବାରଟା ବାଜି ପାଞ୍ଚମିନିଟ ହୋଇଛି···

ଉତ୍ତେଜନାର ପ୍ରାଚୁର୍ଯ୍ୟ କ୍ରମେ ତା'ର ଦେହକୁ ଅବସନ୍ନ କରି ଦେଉଥିଲା । ପଲଙ୍କର ଗୋଡ଼କୁ ଆଉଜି ସେ ଘରର ଗାଲିଚା ଉପରେ ବସି ପଡ଼ିଲା । ଧୀରେ ଧୀରେ ତା'ର ଆଖିପତା ବନ୍ଦ ହୋଇ ଆସୁଥିଲା ।

ହଠାତ୍ ତା'ର ମନେହେଲା, କିଏ ଯେମିତି ତା'ଦେହ ଉପରେ ହାତ ବୁଲାଇ ପଚାରୁଛି—'କେମିତି ଲାଗୁଛି ନନ୍ଦା···?'

ନନ୍ଦା ଚମକି ପଡ଼ିଲା । ଘଟଣାଟା ସ୍ୱପ୍ନ କି ସତ ଜାଣିବା ପାଇଁ ସେ ଆଖି ମେଲିଲା । ଦେଖିଲା—ସତ କୁ ସତ ତା' ଦେହ ଆଉ ମୁଣ୍ଡ ଉପରେ ଗୋଟିଏ କମ୍ପିତ ହସ୍ତ ବାରମ୍ବାର ଘୂରି ବୁଲୁଛି । ଲଜ୍ଜାରେ ତା'ର ଆଖିପତା ବୁଜି ହୋଇଗଲା—ସେ ତଳକୁ ମୁହଁ ପୋତିଲା ।

ତା'ପରେ—ହଁ'ହଁ! ବଳିଷ୍ଠ ହାତ ତାକୁ ଭୂଇଁରୁ ଉଠେଇ ବିଛଣା ଉପରେ ବସେଇ ଦେଲା । ନନ୍ଦାର ସମସ୍ତ ଦେହଟା ଆଉ ଗୋଟିଏ ଦେହ ସହିତ ନିବିଡ଼ ଭାବରେ ମିଶି ଯାଇଥିବା ବେଳେ, ତା'ର ଅଧର ଉପରେ ଆଉ ଗୋଟିଏ ଓଷ୍ଠ-ଅଧରର ସଂଯୋଗ ହେଲା ।

ନନ୍ଦା ଥରି ଉଠିଲା···। ସମସ୍ତ ଜୀବନକାଳ ଭିତରେ ଏଇ ହେଉଛି ପ୍ରଥମ ସ୍ପର୍ଶ···ପ୍ରଥମ ଅଭିଜ୍ଞତା···।

ନନ୍ଦା କାନରେ ପୁଣି ସେଇ ପ୍ରଶ୍ନ ଗୁଞ୍ଜରି ଉଠିଲା—'ନନ୍ଦା ଦେବି··· !'

ବହୁ ଚେଷ୍ଟାରେ ନନ୍ଦା ନିଜର କମ୍ପିତ ହାତଟାକୁ ଉପରକୁ ଉଠେଇ, ଦୁଇଟି କମ୍ପିତ ଅଧର ଉପରେ ଚାପିଧରି କହିଲା—'ଛି···ନନ୍ଦା ଦେବୀ ନୁହେଁ, ମୋତେ ଖାଲି ନନ୍ଦାହିଁ ଡାକ··· ।'

ତା'ପରେ କ'ଣ ହେଲା, ନନ୍ଦା କିଛି ଜାଣି ପାରିଲା ନାହିଁ । ଅସହ୍ୟ ଆନନ୍ଦ ଭିତରେ ସେ ଆସ୍ତେ ଆସ୍ତେ ଚେତନାଶୂନ୍ୟ ହୋଇପଡ଼ିଲା···।

ପୁଣି ଅନେକ ବେଳ ପରେ ନନ୍ଦା ଯେତେବେଳେ ନିଜ ଭିତରକୁ ଫେରି ଆସିଲା, ସେ ଦେଖିଲା—ସ୍ୱର୍ଣ୍ଣଦୀପ ନିଷ୍ପ୍ରଭ ଦିଶୁଛି । ଝରକାବାଟେ ପାହାନ୍ତିର ନାତିଉଜ୍ଜ୍ୱଳ ଆଲୋକ ଘର ଭିତରକୁ ପଶି ଆସିଛି, ଆଉ ତା'ର ପାଖରେ ବିପର୍ଯ୍ୟସ୍ତ ଶଯ୍ୟାରେ ଗୋଟିଏ କଡ଼କୁ ଶୋଇ ରହିଛନ୍ତି—ତା'ର ଇହଜୀବନର ଦେବତା···, ସ୍ୱାମୀ···।

ପୁଣି ତାଙ୍କର ପାଦ ଛୁଇଁ ମୁଣ୍ଡରେ ଲଗେଇ ସେ ପ୍ରଣାମ କଲା । ତା'ପରେ ଖୁବ୍ ସନ୍ତର୍ପଣରେ ବିଛଣାରୁ ଉଠି ଆସିଲା ।

କବାଟ ଖୋଲି ପଦାକୁ ବାହାରିଯିବା ପୂର୍ବରୁ, ଦର୍ପଣରେ ପ୍ରତିଫଳିତ ନିଜର ପ୍ରତିବିମ୍ବ ଦେଖି ସେ ଚମକି ପଡ଼ିଲା । ଲାଜରେ ତା' ମୁଣ୍ଡ ତଳକୁ ନଇଁ ପଡ଼ିଲା । ଅଳ୍ପ ହସି ସେ ବିଛଣା ଉପରକୁ ଖୁବ୍ ସନ୍ତର୍ପଣରେ ଚାହିଁ ମନେ ମନେ ଭାବିଲା—'ସମସ୍ତଙ୍କର ବୋଧହୁଏ ଏହିପରି ହୁଏ···।'

ଧୀରେ ଧୀରେ ସେ କବାଟ ଖୋଲି ଅଳସ ପଦକ୍ଷେପରେ ଘରୁ ବାହାରି ଆସିଲା ।



ନଂ..........
'ରୂପିକା'ରେ

## ଜନ-ସାହିତ୍ୟ ଗ୍ରାହକମାନଙ୍କ ଜାଣିବା ପାଇଁ

୧। 'ଜନ-ସାହିତ୍ୟ'ର ବାର୍ଷିକ ମୂଲ୍ୟ ଟ ୬।, ଷାଣ୍ମାସିକ ଟ ୪। ଖଣ୍ଡି ଟ୦।୵ । ରେଜେଷ୍ଟ୍ରି ଡାକରେ ଅଧିକା ବାର୍ଷିକ ଟ୬।୯ ଅଗ୍ରୀମ ଦେୟ ।

୨। ଜନ-ସାହିତ୍ୟ ପ୍ରତି ମାସ ପ୍ରଥମ ସପ୍ତାହରେ ପ୍ରକାଶ ପାଏ ।

୩। ଗ୍ରାହକମାନଙ୍କ ପାଖକୁ ସାର୍ଟିଫିକେଟ ଅଫ୍ ପୋଷ୍ଟିଂରେ ପଠା ଯାଉଥିବାରୁ ଡାକଘରେ ହଜିବା କପି ବଦଳରେ ବିନା ଦାମରେ ଅନ୍ୟ କପି ଦିଆଯାଏ ନାହିଁ ।

୪। ଯେଉଁ ସ୍ଥାନରେ ଜନ-ସାହିତ୍ୟର ଏଜେଣ୍ଟ ଥିବେ ସେଠାରେ ଗ୍ରାହକମାନେ ଏଜେଣ୍ଟଙ୍କଠାରୁ ନିଜ କପି ନେଇ ପାରନ୍ତି ।

## ଏଜେଣ୍ଟମାନଙ୍କ ଜାଣିବା ପାଇଁ

୧। ଏଜେଣ୍ଟମାନେ ଅନ୍ୟୂନ ୧୦ ଖଣ୍ଡ କପି ନେବେ ।

୨। ଦଶଖଣ୍ଡ ବା ସେଥିରୁ କମ କପି ନେବା ଏଜେଣ୍ଟ ଖଣ୍ଡ ପିଛା ଟ୦।୵୬ କମିଶନ ପାଇବେ । ଦଶ ଖଣ୍ଡରୁ ଊର୍ଦ୍ଧ୍ୱ କପି ନେବା ଏଜେଣ୍ଟ ଶତକଡ଼ା ୨୫ କମିଶନ ପାଇବେ ।

୩। ପ୍ରତି ଖଣ୍ଡ ପିଛା ଟ୦।୵ ଜମା ଦେଲା ପରେହିଁ ଏଜେଣ୍ଟ ଶ୍ରେଣୀଭୁକ୍ତ ହୋଇ ପାରିବେ ।


୪। ପ୍ରତି ମାସର ବିକ୍ରୀ ଟଙ୍କା କମିଶନ ବାଦ ଉକ୍ତ ମାସର ୨୫ ତାରିଖ ସୁଦ୍ଧା ନ ପାଇଲେ ପରବର୍ତ୍ତୀ ସଂଖ୍ୟା ପଠାଯିବ ନାହିଁ ।

## ଲେଖକମାନଙ୍କ ଜାଣିବା ପାଇଁ

୧। ଜନ-ସାହିତ୍ୟରେ ରାଜନୈତିକ, ସାମାଜିକ ଐତିହାସିକ ଓ ରହସ୍ୟମୂଳକ ଉପନ୍ୟାସ ପ୍ରକାଶ ପାଏ । ଏହାଛଡ଼ା ଉତ୍କୃଷ୍ଟ ଅନୁବାଦ ସାହିତ୍ୟ ମଧ୍ୟ ପ୍ରକାଶ ପାଏ ।

୨। ଜନ-ସାହିତ୍ୟରେ ପ୍ରକାଶ ପାଇଁ ଯେଉଁ ଲେଖକମାନେ ଲେଖା ପଠାଇବେ, ସେଗୁଡ଼ିକ ପେପର ୧୦୦ପୃଷ୍ଠା ଭିତରେ ହେବ, ସେଥିପ୍ରତି ଦୃଷ୍ଟି ଦେବେ । ନୂତନ ଲେଖକମାନଙ୍କ ଲେଖା ଗ୍ରହଣ କରାଯାଏ ଏବଂ ମନୋନୀତ ହେଲେ ପ୍ରକାଶ କରାଯାଏ ।

—*—


ଆହାର ପରେ
ଦିନରେ ଦିଥର ..
ସବୁ ଋତୁରେ
ସ୍ୱାସ୍ଥ୍ୟ ଲାଭର
ଶ୍ରେଷ୍ଠ ଉପାୟ
ସୁଦୃଢ଼ ସ୍ୱାସ୍ଥ୍ୟଗଠନ ପାଇଁ ସାଧନାର ଅବଦାନ
ଦୁଇ ଡ୍ରାମସ୍ ମୃତସଞ୍ଜୀବନୀ ସଙ୍ଗେ ୪ ଡ୍ରାମସ୍ ମହାଦ୍ରାକ୍ଷାରିଷ୍ଟ (୬ବର୍ଷ ପୁରୁଣା) ସେବନରେ ଆପଣଙ୍କ ସ୍ୱାସ୍ଥ୍ୟର ଦ୍ରୁତ ଉନ୍ନତି ହେବ । ପୁରାତନ ମହାଦ୍ରାକ୍ଷାରିଷ୍ଟ ଫୁସ୍‌ଫୁସ୍‌କୁ ଶକ୍ତିଶାଳୀ ଏବଂ ସର୍ଦ୍ଦି, କାସ, ଶ୍ୱାସ ପ୍ରଭୃତି ରୋଗ ନିବାରଣ ପକ୍ଷରେ ଅତ୍ୟଧିକ ଫଳପ୍ରଦ । ମୃତସଞ୍ଜୀବନୀ କ୍ଷୁଧା ଓ ହଜମଶକ୍ତି ବର୍ଦ୍ଧକ ଓ ବଳକାରକ ଟନିକ । ୨ଟି ଔଷଧ ଏକତ୍ର ସେବନରେ ଆପଣଙ୍କ ଓଜନ ଓ ଶକ୍ତି ବୃଦ୍ଧି ପାଇବ, ମନରେ ଉତ୍ସାହ ଓ ଉଦ୍ଦୀପନାର ସଞ୍ଚାରହୋଇ ନବଲବ୍ଧ ସ୍ୱାସ୍ଥ୍ୟ ଓ କର୍ମଶକ୍ତି ଦୀର୍ଘକାଳ ସ୍ଥାୟୀହେବ ।
Mritusanjibani
ମହାଦ୍ରାକ୍ଷାରିଷ୍ଟ
(୬ବର୍ଷର ପୁରାତନ)
ମୃତସଞ୍ଜୀବନୀ
ସାଧନା ଔଷଧାଳୟ • ଢାକା
କଲିକତା କେନ୍ଦ୍ର—ଡାଃ ନରେଶ ଚନ୍ଦ୍ର ଘୋଷ, ଏମ-ବି, ବି-ଏସ, ଆୟୁର୍ବେଦ-ଆଚାର୍ଯ୍ୟ, ୩୬, ଗୋୟାବ ବଗା ରୋଡ୍, କଲିକତା—୬
ଅଧ୍ୟକ୍ଷ ଡାଃ ଯୋଗେଶ ଚନ୍ଦ୍ର ଘୋଷ, ଏମ-ଏ, ଆୟୁର୍ବେଦଶାସ୍ତ୍ରୀ, ଏଫ. ସି. ଏସ. ( ଲଣ୍ଡନ ) ଏମ, ସି, ଏସ, ( ଆମେରିକା ), ଭାଗଲପୁର କଲେଜର ରସାୟନ ଶାସ୍ତ୍ରର ଭୂତପୂର୍ବ ଅଧ୍ୟାପକ ।